

ଛାତ୍ର ଆନ୍ଦୋଳନ ନେଇ ମୁହଁ ଖୋଲିଲେ ସଲମାନ ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




Vol. 34 | ISSUE 123 ଭାଗ ୩୪ | ସଂଖ୍ୟା ୧୨୩ | Friday 24 July 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର, ୨୪ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ଶିଳ୍ପାୟନ ସଫଳତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଶିଳ୍ପ ସଂଘର ପ୍ରଶଂସା

# ଅର୍ଥନୈତିକ ଅଭିବୃଦ୍ଧିରେ ଶ୍ରେଷ୍ଠତା ଲକ୍ଷ୍ୟ



ଅର୍ଥନୀତି ସୂଚକାଙ୍କରେ ବି ଟପ୍ ପରଫର୍ମର ହେବ ଓଡ଼ିଶା

ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଶିଳ୍ପପତି ଓ ଶିଳ୍ପ ସଂଘ

ଶିଳ୍ପ କ୍ଷେତ୍ରରେ ରାଜ୍ୟ ଫୁଟ୍‌ପ୍ରିଣ୍ଟ ଛାଡୁଛି: ଶିଳ୍ପ ପ୍ରତିନିଧି

ନିବେଶକଙ୍କ ଭଲ ପାଇବାର ନିଦର୍ଶନ: ସମ୍ପଦ

**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ନୀତି ଆୟୋଗ ଦ୍ୱାରା ପ୍ରକାଶିତ ଇନ୍‌ଭେଷ୍ଟମେଣ୍ଟ ଫ୍ରେଣ୍ଡ୍‌ଲିନେସ୍ ଇଣ୍ଡେକ୍ସ-୨୦୨୬ରେ ଓଡ଼ିଶା ଦେଶର ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜି ଲୋକସେବା ଭବନଠାରେ ରାଜ୍ୟର ବିଭିନ୍ନ ଶିଳ୍ପପତି, ଶିଳ୍ପ ପ୍ରତିନିଧି ଓ ଶିଳ୍ପ ସଂଘର କର୍ମକର୍ତ୍ତାମାନେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ ଯେ ଏଥିରେ ଗୁଜରାଟ ୫୬.୬ ପଏଣ୍ଟ ପାଇ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶା ୫୨.୪ ପଏଣ୍ଟ ସହ ପଞ୍ଚମ ସ୍ଥାନ ଅଧିକାର କରିଛି। ଦ୍ୱିତୀୟ ସ୍ଥାନରେ ମହାରାଷ୍ଟ୍ର, ତୃତୀୟରେ ତାମିଲନାଡୁ ଓ ଚତୁର୍ଥରେ ଗୋଆ ରହିଛି। ବୃହତ ରାଜ୍ୟମାନଙ୍କ ମଧ୍ୟରେ ଦେଖିବାକୁ ଗଲେ ଓଡ଼ିଶାର ସ୍ଥାନ ଚତୁର୍ଥରେ ରହିଛି। ଶ୍ରେଷ୍ଠ ୫ଟିରେ ପଶ୍ଚିମ ଭାରତର ଗୁଜୁରାଟ, ଗୋଆ ଓ ମହାରାଷ୍ଟ୍ର ସ୍ଥାନ ପାଇଥିବା ବେଳେ ଦକ୍ଷିଣ ଭାରତରୁ ତାମିଲନାଡୁ ସ୍ଥାନ ପାଇଛି। ଦେଶର ଉତ୍ତର ଓ ପୂର୍ବ ରାଜ୍ୟମାନଙ୍କ ➪ ପୃଷ୍ଠା-୬

ନିଟ୍ ପ୍ରଶ୍ନପତ୍ର ମାମଲା

# ବିଚାର ପାଇଁ ଫାଷ୍ଟ୍‌ଟ୍ରାକ୍ କୋର୍ଟ ପ୍ରତିଷ୍ଠା ନିଷ୍ପତ୍ତି



ଛାତ୍ରଛାତ୍ରୀଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇ ମୋଦିଙ୍କ ଘୋଷଣା

**ନୂଆଦିଲ୍ଲୀ,୨୩।୭:** ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ, ଜାତୀୟ ପରୀକ୍ଷଣ ସଂସ୍ଥା (ଏନଟିଏ)ରେ ସଂସ୍କାର ଭଳି ଏକାଧିକ ସମ୍ବେଦନଶୀଳ ଘଟଣାକୁ ନେଇ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆହ୍ୱାନରେ ସମଗ୍ର ଦେଶରେ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିବା ସହ ଜନ୍ତର ମନ୍ତରରେ ଛାତ୍ରଙ୍କ ଉପରେ ପୁଲିସର ବର୍ବରୋଚିତ ଆକ୍ରମଣକୁ ପ୍ରସଙ୍ଗ କରି ବିରୋଧୀଦଳ ଲଗାତାର ଗୃହକୁ ଅଚଳ କରିବା ଘଟଣା ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପାଇଁ ପ୍ରଚଣ୍ଡ ମୁଣ୍ଡବ୍ୟଥା ସୃଷ୍ଟି କରିଛି। ସମଗ୍ର ଦେଶରେ ସୃଷ୍ଟି ହୋଇଥିବା ଛାତ୍ର ଅଶାନ୍ତିରେ ପୂର୍ଣ୍ଣଚ୍ଛେଦ ଟାଣିବାର ପ୍ରୟାସ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ନିଟ୍-ପ୍ରଶ୍ନପତ୍ର ମାମଲାର ବିଚାର ଲାଗି ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିବାକୁ ଘୋଷଣା କରିଛନ୍ତି। ଛାତ୍ରମାନଙ୍କ କଲ୍ୟାଣକୁ ବାଦ୍‌ଦେଲେ ତାଙ୍କ ସରକାର ପାଇଁ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ କରୁଥିବା ବ୍ୟକ୍ତିବିଶେଷଙ୍କୁ କଠୋର ଓ ତ୍ୱରିତ ଦଣ୍ଡ ମିଳିବ ବୋଲି କହିଛନ୍ତି।

ଗୁରୁବାର ପ୍ରଧାନମନ୍ତ୍ରୀ ତାଙ୍କର ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଘୋଷଣା କରିଛନ୍ତି ଯେ ସରକାର ପ୍ରାଥମିକତା ଭିତ୍ତିରେ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ଭଳି ମହାପାପ କରି ଯେଉଁମାନେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଖେଳିଛନ୍ତି ସେମାନଙ୍କୁ ସରକାର କଠୋରରୁ କଠୋର ଦଣ୍ଡ ପ୍ରଦାନ କରିବେ। ସର୍ବୋପରି ଛାତ୍ରଙ୍କ ଭବିଷ୍ୟତ ସୁରକ୍ଷା ହେଉଛି ସରକାରଙ୍କର ପ୍ରାଥମିକତା। 'ଏକ୍ସ'ରେ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ ନିମନ୍ତେ ପ୍ରାଥମିକ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଏ ବାବଦରେ ଆବଶ୍ୟକ ପଦକ୍ଷେପ ନେବା ଲାଗି ସମ୍ପୃକ୍ତ ଅଧିକାରୀ ଓ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ରାଜ୍ୟରେ ୩ କୋଭିଡ ସଂକ୍ରମିତ ଚିହ୍ନଟ

ସଂକ୍ରମଣ ନିୟନ୍ତ୍ରଣରେ, ଆତଙ୍କିତ ନ ହେବାକୁ ପରାମର୍ଶ



**ଭୁବନେଶ୍ୱର,୨୩।୭ (ସଂଚାର ବ୍ୟୁରୋ):** ଓଡ଼ିଶାରେ ପୁଣି ଡରାଇଲାଣି କରୋନା। ଆନ୍ଧ୍ରପ୍ରଦେଶ ପରେ ଏବେ ଓଡ଼ିଶାରେ କରୋନା ବ୍ୟାପିବା ଆଶଙ୍କା ଦେଖାଦେଇଛି। ଗଞ୍ଜାମ ଜିଲ୍ଲାରେ ଜଣେ ୫୦ ବର୍ଷିୟ ମହିଳା କୋଭିଡ ପଜିଟିଭ ରହିଥିବା ବେଳେ ଆଜି ଆଉ ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏନେଇ ସ୍ପଷ୍ଟ କଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରବିନ୍ଦ୍ର ନାଥ ମିଶ୍ର। ୨ ଜଣ କ୍ୱାରେନଷ୍ଟାଇନରେ ଅଛନ୍ତି। ଜଣେ ସଂକ୍ରମିତ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି। ସମସ୍ତ ଆକ୍ରାନ୍ତ ଏବେ ସୁରକ୍ଷିତ ଅଛନ୍ତି। କୋଭିଡ ସ୍ଥିତି ଗୁରୁତର ନୁହେଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ମଙ୍ଗଳବାର ଏମ୍‌କେସିଜି ମେଡିକାଲରେ ୩ଜଣ ମହିଳା (୨ଜଣ ରୋଗୀ ଓ ଜଣେ ମେଡିକାଲ କର୍ମଚାରୀ) କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ କୋଭିଡ-୧୯ ସଂକ୍ରମଣ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ଏବଂ ଜନସାଧାରଣଙ୍କୁ ଆତଙ୍କିତ ନହେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପରାମର୍ଶ ଦେଇଛି। ବିଭାଗର ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ଇଣ୍ଟିଗ୍ରେଟେଡ୍ ଡିଜିଜ୍ ସର୍ଭେଲାନ୍ସ ପ୍ରୋଗ୍ରାମ୍ ଏବଂ ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ ସ୍ୱାଧୀନ ଭାବେ କୋଭିଡ୍-୧୯ ସ୍ଥିତିର ମୂଲ୍ୟାଙ୍କନ କରିଛନ୍ତି।

ଏହି ମୂଲ୍ୟାଙ୍କନରେ ସଂକ୍ରମଣର ସ୍ତର ବହୁତ କମ୍ ଥିବା ଜଣାପଡ଼ିଛି। ତେଣୁ ଏହି ପରିସ୍ଥିତିକୁ ନେଇ ଲୋକମାନେ ଆତଙ୍କିତ ନ ହେବାକୁ ବିଭାଗ ଅନୁରୋଧ କରିଛି। କୋଭିଡ୍-୧୯ ରୋଗୀଙ୍କ ନିୟମିତ ନିରୀକ୍ଷଣ, ଚିକିତ୍ସା ଏବଂ କ୍ଲିନିକାଲ୍ ସତର୍କତା ଭାରତ ସରକାରଙ୍କ ପ୍ରୋଟୋକଲ୍ ଅନୁଯାୟୀ ଜାରି ରହିଛି। ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ଆବଶ୍ୟକ ପ୍ରସ୍ତୁତି ବଜାୟ ରଖିବା ସହ କୌଣସି ଅସ୍ୱାଭାବିକ ସ୍ଥିତି ଦେଖାଦେଲେ ତୁରନ୍ତ ରିପୋର୍ଟ କରିବାକୁ କୁହାଯାଇଛି।

ସ୍ୱାସ୍ଥ୍ୟ ସେବାରେ ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ

# ସରକାରୀ ମେଡିକାଲରେ ନୂଆ ପଦବୀକୁ ମଞ୍ଜୁରୀ

- ସୁପର ସ୍ପେଶାଲିଟି ବିଭାଗରେ ୧୫୨ ଡାକ୍ତର ନିଯୁକ୍ତି ପାଇବେ
- ୫୧୯୭ ମେଡିକାଲ ଅଫିସର ଓ ପାରାମେଡିକସ୍ ନିଯୁକ୍ତ



**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ନିମନ୍ତେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୧୫୨ଟି ପ୍ରଫେସର, ଆସୋସିଏଟ୍ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ସିନିୟର ରେସିଡେଣ୍ଟ ପଦବୀଗୁଡ଼ିକ ବିଭିନ୍ନ ସରକାରୀ ମେଡିକାଲ କଲେଜ ପାଇଁ ଅନୁମୋଦିତ ହୋଇଛି। ଏସବୁ ପଦବୀ ସୁପର ସ୍ପେଶିଆଲିଟି ବିଭାଗ ଅନ୍ତର୍ଗତ। ମଞ୍ଜୁର ପଦବୀଗୁଡ଼ିକ ମଧ୍ୟରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ, ହୃତ୍‌ପିଣ୍ଡ ଓ ରକ୍ତନଳୀ ଶଲ୍ୟ ଚିକିତ୍ସା ବିଭାଗ, କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ,ବସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ, ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ, ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ➪ ପୃଷ୍ଠା-୬

ରାଜ୍ୟ ସରକାରୀ କର୍ମଚାରୀଙ୍କୁ ଉପହାର

## ୫% ବଢ଼ିଲା ଡିଏ

**ଭୁବନେଶ୍ୱର,୨୩।୭ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଆଜି ସରକାର ଏକ ଉପହାର ଘୋଷଣା କରିଛନ୍ତି। ଆଜି ରାଜ୍ୟ ସରକାରୀ କର୍ମଚାରୀଙ୍କ ଡିଏ ଅର୍ଥାତ୍ ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି। ପ୍ରାକ୍-ସଂଶୋଧିତ ବେତନ ସ୍କେଲରେ ଥିବା କର୍ମଚାରୀଙ୍କ ଡିଏରେ ୫ ପ୍ରତିଶତ ବୃଦ୍ଧି ଘଟିଛି। ଫଳତଃ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ପରିମାଣ ୨୫୭ରୁ ବୃଦ୍ଧି ପାଇ ୨୬୨ ପ୍ରତିଶତରେ ପହଞ୍ଚିଛି। ରାଜ୍ୟ ସରକାର ଓଆରଏସପି-୨୦୦୮ ଅନୁଯାୟୀ ପ୍ରାକ୍-ସଂଶୋଧିତ ବେତନ ସ୍କେଲରେ ବେତନ ପାଉଥିବା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା ୫ ପ୍ରତିଶତ ବୃଦ୍ଧି ଘୋଷଣା କରିଛନ୍ତି। ସଦ୍ୟ ବୃଦ୍ଧି ୨୦୨୬ ଜାନୁଆରୀ ୧ରୁ ପିଛିଲା ଭାବେ ଲାଗୁ ହେବ। ଅର୍ଥ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ପୂର୍ବରୁ ଗତ ୨୦୨୫ ଡିସେମ୍ବର ୩୦ ତାରିଖରେ ରାଜ୍ୟ ସରକାର ଏହି ବର୍ଗର କର୍ମଚାରୀଙ୍କ ଡିଏକୁ ୨୫୨ ପ୍ରତିଶତରୁ ୨୫୭ ପ୍ରତିଶତକୁ ବୃଦ୍ଧି କରିଥିଲେ। କେନ୍ଦ୍ର ସରକାର ଷଷ୍ଠ କେନ୍ଦ୍ରୀୟ ବେତନ କମିଶନ ଅଧୀନରେ ଥିବା କର୍ମଚାରୀଙ୍କ ପାଇଁ ସମାନ ହାରରେ ଡିଏ ବୃଦ୍ଧି କରିବା ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।



## କାନ ଡେରିଥା

ଫାଇଲ୍ ଚୋରିରେ ନୋଟିସ ହୋଇଲା
ପାଣ୍ଡିଆନ ଏବେ ଯିବେ
ଯେଉଁ ପୁଲିସକୁ ନଚାଉଥିଲେ ସେ
ତାଙ୍କଠୁ ପ୍ରଶ୍ନ ଶୁଣିବେ
ସମୟକୁ ଦୋଷ ଦେବେ...
ଫାଇଲଟା ଏବେ ମିଳିଯିବ ବୋଲି
ସରକାର ଭାବି ନେବେ।

■ ଦେବାଶିଷ

ଅଘଟଣର ଦିନ

# ଦୁର୍ଘଟଣାରେ ଗଲା ୧୦ ଜୀବନ

## ୫ ବରଯାତ୍ରୀଙ୍କ ଶେଷ ଯାତ୍ରା



**ଢେଙ୍କାନାଳ, ଯୋଡ଼ା, ଭଦ୍ରକ,୨୩।୭ (ସଂଚାର ବ୍ୟୁରୋ):** ଅଶୁଭ ସାବ୍ୟସ୍ତ ହୋଇଛି ଗୁରୁବାର। ରାଜ୍ୟର ବିଭିନ୍ନ ସ୍ଥାନରେ ଅଘଟଣ ଘଟିବାରୁ ୧୦ଟି ନିରୀହ ଜୀବନ ଅକାଳରେ ଝରିପଡ଼ିଛି। କେଉଁଠି ବରଯାତ୍ରୀ ଶେଷ ଯାତ୍ରାରେ ଯାଇଛନ୍ତି ତ ଆଉ କେଉଁଠି ରୋଗୀ ନେଇ ହସ୍ପିଟାଲ୍ ଯାଉଥିବା ଲୋକେ ହସ୍ପିଟାଲ୍ ବଦଳରେ ଶ୍ମଶାନରେ ପହଞ୍ଚିଛନ୍ତି। ଢେଙ୍କାନାଳ, କେନ୍ଦୁଝରର ଯୋଡ଼ା ଓ ଭଦ୍ରକରେ ଘଟିଥିବା ତିନିଟି ପୃଥକ୍ ଦୁର୍ଘଟଣାରେ ମୋଟ ୧୦ ଜଣ ମୃତ୍ୟୁବରଣ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଇନ୍ଦିରା-ଛାଟିଆ ଗାଁ ନିକଟରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ବରଯାତ୍ରୀ ଦଳ ବାଙ୍ଗୁରସିଂହ ଗ୍ରାମରୁ ଇନ୍ଦୁପୁର ଛାଟିଆ ଗାଁକୁ ଆସୁଥିଲା। କିନ୍ତୁ ବାଟରେ ସେମାନଙ୍କୁ ନେଇ ଆସୁଥିବା କାର୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ପୋଖରୀ ଭିତରେ ପଶିଯାଇଥିଲା। ଫଳରେ କାର୍‌ରେ ଥିବା ମୋଟ ୭ ଜଣ ବରଯାତ୍ରୀଙ୍କ ମଧ୍ୟରୁ ୫ ଜଣଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିଲେ। ଖବର ପାଇ ଢେଙ୍କାନାଳ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର ଭିତରୁ ସମସ୍ତଙ୍କୁ ଉଦ୍ଧାର କରିଥିଲା। ସେତେବେଳକୁ ୫ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇସାରିଥିବା ବେଳେ ➪ ପୃଷ୍ଠା-୬

# ୱାଇବି ଖୁରାନିଆଙ୍କୁ ଅବସର ଅନୁମତି

ଅଗଷ୍ଟ ୧୬ରେ ନେବେ ଅବସର

ନୂଆ ପୁଲିସ ମୁଖିଆଙ୍କୁ ନେଇ ଚର୍ଚ୍ଚା



**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ରାଜ୍ୟ ପୁଲିସ ଡିଜି ୱାଇବି ଖୁରାନିଆ ଆସନ୍ତା ଅଗଷ୍ଟ ୧୬ ତାରିଖରେ ଅବସର ନେବେ। ତାଙ୍କୁ ଅବସର ନେବା ପାଇଁ ରାଜ୍ୟ ସରକାର ଆଜି ଅନୁମତି ପ୍ରଦାନ କରିଛନ୍ତି ଓ ଏନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

୧୯୯୦ ବ୍ୟାଚର ଆଇପିଏସ ଅଫିସର ଶ୍ରୀ ଖୁରାନିଆ ଗତ ମାର୍ଚ୍ଚରେ ୬୦ ବର୍ଷ ପୂରଣ କରି ସରକାରୀ ଚାକିରିରୁ ଅବସର ନେବାର ଥିଲେ ମଧ୍ୟ ପୁଲିସ ଡିଜି ଭାବେ ୨ ବର୍ଷ କାର୍ଯ୍ୟକାଳ ପୂରଣର ପ୍ରାବଧାନ ପାଇଁ ତାଙ୍କୁ ୨୦୨୬ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବାର ଅନୁମତି ମିଳିଥିଲା। ତେବେ କିଏ ହେବ ନୂଆ ଡିଜି, ତାକୁ ନେଇ ଚର୍ଚ୍ଚା ଆରମ୍ଭ ➪ ପୃଷ୍ଠା-୬

## ଅନ୍ନାଙ୍କ ମୌନବ୍ରତ

**ଅହିଲ୍ୟାନଗର, ୨୩।୭:** ସାମାଜିକ କାର୍ଯ୍ୟକର୍ତ୍ତା ଅନ୍ନା ହଜାରେ ମହାରାଷ୍ଟ୍ରର ଅହିଲ୍ୟାନଗରରେ ଦିଲ୍ଲୀରେ ବିରୋଧ ପ୍ରଦର୍ଶନ କରୁଥିବା ଛାତ୍ରଙ୍କ ସମର୍ଥନରେ ଗୁରୁବାର ୨ ଘଣ୍ଟା ମୌନ ବ୍ରତ କରିଛନ୍ତି। ହଜାରେ ଅହିଲ୍ୟାନଗରସ୍ଥିତ ମହାତ୍ମା ଗାନ୍ଧିଙ୍କ ପ୍ରତିମା ନିକଟରେ ପୂର୍ବାହ୍ନ ୧୧ଟା ବେଳେ ତାଙ୍କ ମୌନ ବିରୋଧ ଆରମ୍ଭ କରି ମଧ୍ୟାହ୍ନ ଗୋଟାଏ ବେଳେ ସମାପ୍ତ କରିଛନ୍ତି। ଏହା ପରେ ସେ ନିଜ ଗାଁ ରାଲେଗନ ସିଦ୍ଧି ବାହାରି ଯାଇଛନ୍ତି। ଏହା ପୂର୍ବରୁ ହଜାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି 'ହିଂସା ଓ ପୋଲିସ କାର୍ଯ୍ୟାନୁଷ୍ଠାନ ଖବର ଅତ୍ୟନ୍ତ ଦୁଃଖଦ' ବୋଲି ଉଲ୍ଲେଖ କରିଥିଲେ।

## ଏଫ୍‌ବିଆଇ ୱାଣ୍ଟେଡ୍ ଗିରଫ

**କାଲିଫର୍ଣ୍ଣିଆ, ୨୩।୭:** ଅନ୍ତର୍ଜାତୀୟ ନିଶା କାରବାର ମାମଲାରେ ଆମେରିକୀୟ ଗୁଇନ୍ଦା ସଂସ୍ଥା (ଏଫ୍‌ବିଆଇ) ୱାଣ୍ଟେଡ୍ ସନ୍ଦିଗ୍ଧ ହରମନବୀର ସିଂହଙ୍କୁ କାଲିଫର୍ଣ୍ଣିଆରେ ଗିରଫ କରାଯାଇଛି। ଅଧିକାରୀଙ୍କ ଅନୁଯାୟୀ, ହରମନବୀର ସିଂହ ଆମେରିକା, କାନାଡ଼ା ଓ ମେକ୍ସିକୋରେ କାର୍ଯ୍ୟରତ ନିଶା କାରବାର ସଂଗଠନ ପାଇଁ ବିପୁଳ ପରିମାଣରେ କୋକେନ୍ ଓ ମେଥାମ୍ଫେଟାମାଇନ୍ ଚୋରା ଚାଲାଣର ଷଡ଼ଯନ୍ତ୍ରରେ ସାମିଲ ଥିବା ଅଭିଯୋଗ ହୋଇଛି। ଆମେରିକୀୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ତାଙ୍କୁ ଦୀର୍ଘଦିନ ଧରି ଖୋଜୁଥିଲେ।

## ହଟିଲେ କେନ୍ଦ୍ର ଶିକ୍ଷା ସଚିବ

**ନୂଆଦିଲ୍ଲୀ,୨୩।୭:** ସମ୍ପ୍ରତି ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ପ୍ରତିବାଦରେ ଜନ୍ତର ମନ୍ତର ସମେତ ଦେଶର ବିଭିନ୍ନ ସ୍ଥାନରେ ବ୍ୟାପକ ଆନ୍ଦୋଳନ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଆଜି କେନ୍ଦ୍ର ଶିକ୍ଷା ସଚିବ ବିନୀତ ଯୋଶୀଙ୍କୁ ତାଙ୍କ ପଦରୁ ହଟାଇ ଦେଇଛନ୍ତି। ତାଙ୍କ ସ୍ଥାନରେ ନୂତନ ଶିକ୍ଷା ସଚିବ ଭାବେ ୧୯୯୪ ବ୍ୟାଚ୍ ରାଜସ୍ଥାନ କ୍ୟାଡର୍ ଆଇଏଏସ୍ ନରେଶ ପାଲ୍ ଗଙ୍ଗୱାର୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଶ୍ରୀ ଯୋଶୀଙ୍କୁ ପଞ୍ଚାୟତିରାଜ ବିଭାଗର ସଚିବ ଭାବେ ବଦଳି କରାଯାଇଛି।

ଜଗନ୍ନାଥ ଧାମ ଓ ମହାପ୍ରସାଦକୁ ଜିଆଇ ପେଟେଣ୍ଟ

# ଶ୍ରୀମନ୍ଦିର ସହ ଜଡ଼ିତ ୫ ଶବ୍ଦକୁ ଜିଆଇ ଟ୍ୟାଗ୍

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସୂଚନା

ଚୂଡ଼ାନ୍ତ ପର୍ଯ୍ୟାୟରେ ବାହୁଡ଼ା ଯାତ୍ରା ପ୍ରସ୍ତୁତି

ଶବ୍ଦକୁ ଆଉ କେହି ନେଇପାରିବେନି



**ପୁରୀ,୨୩।୭(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ପରମ୍ପରା ସହ ଜଡ଼ିତ ୫ଟି ବିଶେଷ ଶବ୍ଦର ସୁରକ୍ଷା ପାଇଁ ଏକ ଐତିହାସିକ ସଫଳତା ମିଳିଛି। 'ଜଗନ୍ନାଥ ଧାମ', 'ଶ୍ରୀକ୍ଷେତ୍ର', 'ମହାପ୍ରସାଦ', 'କୋଇଲି ବୈକୁଣ୍ଠ' ଓ 'ନୀଳଚକ୍ର' ଏହି ୫ଟି ପବିତ୍ର ଶବ୍ଦର ଜିଆଇ ପେଟେଣ୍ଟ ପାଇଁ କରାଯାଇଥିବା ଆବେଦନ ଗୃହୀତ ହୋଇଛି। ଆସନ୍ତା ୩ ମାସ ମଧ୍ୟରେ ଏହାର ଆନୁଷ୍ଠାନିକ ସାର୍ଟିଫିକେଟ୍ ମିଳିଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

ଏହି ପେଟେଣ୍ଟ ମିଳିବା ପରେ ଏଣିକି ଆଉ କେହି ବ୍ୟାବସାୟିକ କିମ୍ବା ଆଇନଗତ ଭାବେ ଅନଧିକୃତ ଭାବେ ଏହି ଶବ୍ଦଗୁଡ଼ିକୁ ବ୍ୟବହାର କରିପାରିବେ ନାହିଁ। ଅନ୍ୟପଟେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ନବମୀ ସନ୍ଧ୍ୟା ଦର୍ଶନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୀର୍ଘ ୧୨ ଘଣ୍ଟା ଧରି ଲକ୍ଷାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନବମୀ ସନ୍ଧ୍ୟା ୫ଟା ପରେ ବ୍ୟାରିକେଡ୍ ଭିତରକୁ ନୂଆ ଭକ୍ତଙ୍କ ପ୍ରବେଶ ବନ୍ଦ କରାଯାଇଥିଲା, କେବଳ ପୂର୍ବରୁ ଲାଇନ୍‌ରେ ଥିବା ଭକ୍ତମାନେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦର୍ଶନ ସୁଯୋଗ ପାଇଥିଲେ। ବାହୁଡ଼ା ପହଣ୍ଡି ପୂର୍ବରୁ ଆଜି ରାତିରେ ମହାପ୍ରଭୁଙ୍କ ବିଶେଷ 'ସେନାପଟା ଲାଗି' ସହ ଅନ୍ୟାନ୍ୟ ଗୁପ୍ତ ନୀତିକାନ୍ତି ସମ୍ପାଦିତ ହେବ। ଧାର୍ଯ୍ୟ ହୋଇଥିବା ନୀତି ଅନୁସାରେ ସମସ୍ତ ନୀତିକାନ୍ତି ସମାପିତ ହେବ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ବର୍ଷା ହେଲେ ତାକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା ନିଆଯିବ। ଆସନ୍ତାକାଲି ବାହୁଡ଼ା ଯାତ୍ରାରେ ବଡ଼ଦାଣ୍ଡସ୍ଥିତ ମାଉସୀ ମନ୍ଦିର ନିକଟରେ ପୋଡ଼ ପିଠା ଭୋଗ ଓ ଶ୍ରୀନଅର ସମ୍ମୁଖରେ ନନ୍ଦିଘୋଷ ରଥ ଅଟକିବା ପରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି କରାଯିବ।

# ହଁରେ ହଁ ମାରୁଥିବା ନେତାଙ୍କ ପଟ୍ଟ ପରିବର୍ତ୍ତନ



ନିଜ ସୁରକ୍ଷା ପାଇଁ କରୁଛନ୍ତି କି ବାର୍ଗେନ ?

**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ଦୀର୍ଘ ୨୫ ବର୍ଷ ଧରି ବିଜେଡି ସହ ଯୋଡ଼ିହୋଇ ରହିଥିବା ବିଜେଡି ସଭାପତି ନବୀନଙ୍କ ସ୍ୱର ହଠାତ୍ ବଦଳିଲା କାହିଁକି? ଭୁବନେଶ୍ୱରରେ ସଂସଦୀୟ ବୈଠକରେ ସାମାନ୍ୟ ସୁରାକ ଦେଇ ନ ଥିବା ନବୀନ ପଟ୍ଟନାୟକ ଦିଲ୍ଲୀରେ ସିଧାସଳଖ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କରିବା ସହ ତାଙ୍କର ବିଜେପିବିରୋଧି ଆଭିମୁଖ୍ୟକୁ ନେଇ ଦଳ ଭିତରେ ଓ ବାହାରେ ଚର୍ଚ୍ଚା ଜୋରଦାର ହୋଇଛି। ଏହା ପଛର କ'ଣ କାରଣ ରହିଛି ତାହା ଖୋଜିବାରେ ଏବେ ସମସ୍ତେ ଲାଗି ପଡିଛନ୍ତି। ସଂସଦ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ନବୀନ ନିବାସରେ ବସିଥିଲା ବିଜେଡିର ସଂସଦୀୟ ଦଳ ବୈଠକ। ବୈଠକ ପରେ ସୂଚନା ଦିଆଗଲା ଏଥର ଅଧିବେଶନରେ ବିଜେଡି ଓଡ଼ିଶାର ସ୍ୱାର୍ଥ ପ୍ରସଙ୍ଗ ଉଠାଇବ। କୋଇଲା ରୟାଲଟିଠାରୁ ଆରମ୍ଭ କରି ସାଂସଦ ହାତପାଣ୍ଠି କଥା ଉଠିବ ବୋଲି କୁହାଗଲା। ପରଦିନ ନବୀନ ଲମ୍ବା ସମୟ ପାଇଁ ଦିଲ୍ଲୀ ଗଲେ। ସାଂସଦମାନେ ମଧ୍ୟ ଅଧିବେଶନରେ ଯୋଗଦେବାକୁ ଗଲେ। ଅଧିବେଶନ ଆରମ୍ଭ ସହ ଦିଲ୍ଲୀରେ ଆରମ୍ଭ ହୋଇଥିଲା କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନ। ଏହି ଆନ୍ଦୋଳନରେ ବିଜେଡି ସାମିଲ ହେବାର ସୂଚନା ଦେବା ସହ ଓଡ଼ିଶାରୁ ଦଳର ଛାତ୍ର ଓ ଯୁବ ନେତାଙ୍କୁ ଦିଲ୍ଲୀ ଡାକରା ହେଲା। ସେମାନେ ବି ଦିଲ୍ଲୀରେ ପହଞ୍ଚିଲେ। ହଠାତ୍ ନିଷ୍ପତ୍ତି ବଦଳିଲା। ବିଜେଡି ନେତାମାନେ ଆନ୍ଦୋଳନସ୍ଥଳକୁ ଗଲେ ନାହିଁ। ସମସ୍ତେ ଭାବିଲେ ବିଜେଡି ପୂର୍ବଭଳି ବିଜେପି ସହ ରହିଲା।

ହେଲେ ଓଡ଼ିଶା ମିଡିଆରେ ସମାଲୋଚନା ପରେ ଆହତ ଛାତ୍ରଙ୍କୁ ଭେଟିବାକୁ ସାଂସଦମାନଙ୍କୁ ହସ୍ପିଟାଲ ପଠାଇଲେ ଆଉ ନବୀନ ଜାତୀୟ ଗଣମାଧ୍ୟମରେ ଦାବି କଲେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଦୃଷ୍ଟିରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ଆବଶ୍ୟକ। ନବୀନଙ୍କ ଏଭଳି ଘୋଷଣାକୁ ତାଙ୍କରି ଦଳର କିଛି ନେତା ବି ବୁଝିପାରିଲେ ନାହିଁ। ନବୀନଙ୍କ ଦିଲ୍ଲୀ ବୟାନ ପରେ ➪ ପୃଷ୍ଠା-୬

# ବିପର୍ଯ୍ୟସ୍ତ ହୋଇପଡ଼ିଛି ଗରଦପୁର-ନୂଆପଡ଼ା ରାସ୍ତା



ଗରଦପୁର, ୨୩।୭(ସଂଚାର ବ୍ୟୁରୋ)ଃ ବର୍ଷେ ବିତିଲାନି ଆରଡ଼ି ବିଭାଗର ପିଚୁ ରାସ୍ତା। ଏହି ରାସ୍ତା ନିର୍ମାଣର ମାତ୍ର କେଇଟା ଦିନ ନଜାଉଣୁ ଏହି ସମସ୍ୟା ଦେଖାଦେଲା। ଖାଲିଯେ ପିଚୁ ଉଠିଯାଇଛି ତାହା ନୁହେଁ ଯେଉଁଠି ସବୁ କଂକ୍ରିଟ ରାସ୍ତା ପୂର୍ବରୁ ଥିଲା ଠିକାଦାର ତାକୁ ତାଡ଼ି ଦେଇ ଅଧାରେ ରହିଗଲା ଯାହାକି ଏବେ ସମ୍ପୂର୍ଣ୍ଣ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପାଖାପାଖି ୯ କିଲୋମିଟର ରୁ ଉର୍ଦ୍ଧ୍ୱ ଥିବା ଏହି ରାସ୍ତା ମଧ୍ୟରେ ଗୋଟେ ଗୋଟେ ସ୍ଥାନରେ ବିପଦପୂର୍ଣ୍ଣ ଭାବେ ଗାତ ସୃଷ୍ଟି ହୋଇଛି। ବାଟୋଇ ଙ୍କ ଅଜାଣତରେ ଦୁର୍ଘଟଣାର ସମ୍ମୁଖୀନ ମଧ୍ୟ ହେଉଥିବା ନଜିର ଆସିଛି। ଏବେ ଲଘୁଚାପ ଜନିତ ବର୍ଷା ଲାଗିରହିଥିବାରୁ ରାସ୍ତା ଉପରେ ଲହଡ଼ି ମାରୁଛି ବର୍ଷା ପାଣି। ଲୋକେ ଏହି ବିପଦପୂର୍ଣ୍ଣ ରାସ୍ତାରେ ଯାତାୟାତ କରି ନାନା ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏବେ ଏହି ରାସ୍ତାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଏ ସମସ୍ୟା ସୃଷ୍ଟି ହୋଇଛି ବୋଲି ଲୋକେ ସିଧାସଳଖ ଅଭିଯୋଗ କରିଛନ୍ତି। ରାସ୍ତାର ଅବସ୍ଥା ଏମିତି ହୋଇଛି ଯାହା ଯାତାୟତ ପାଇଁ ମୁଣ୍ଡବ୍ୟଥାର କାରଣ। ରାସ୍ତା ଫାଟି ସେଥିରୁ ଗୋଡି ଉଠିଥିବା ବେଳେ ଦୁଇପଟ ରାସ୍ତା ଦବିଯାଇ ଖାଲ ଖମା ହୋଇଛି। ଏବେ ବର୍ଷାରେ ସେହି ସ୍ଥାନରେ ବର୍ଷାପାଣି ଜମି ରହି କୃତିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଯାହାଫଳରେ ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ ସମେତ ଅନ୍ୟାନ୍ୟ ପଞ୍ଚାୟତର ଲୋକେ ଏହି ମୁଖ୍ୟ ରାସ୍ତା ଉପରେ ନିର୍ଭର କରୁଛନ୍ତି। ସବୁଠୁ ବଡ଼ କଥା ହେଲା ରାସ୍ତା ନିର୍ମାଣକୁ ମାତ୍ର ବର୍ଷେ ପୂରିନି କି ନିର୍ମାଣ କାର୍ଯ୍ୟ ଶେଷ ହୋଇନି କିନ୍ତୁ ରାସ୍ତା ସମ୍ପୂର୍ଣ୍ଣ ବେହାଲ ହୋଇପଡ଼ିଛି। ନିମ୍ନ ମାନର କାର୍ଯ୍ୟ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଅବ୍ୟବସ୍ଥା ଥିବାବେଳେ ମରାମତି ପାଇଁ ବିଭିନ୍ନ ସମୟରେ ଲୋକେ ଦାବି କରିଥିଲେ ସୁଦ୍ଧା ସେଥିପାଇଁ ଆରଡ଼ି ବିଭାଗ ଅଧିକାରୀ ଦୃଷ୍ଟି ଦେଇ ନାହାନ୍ତି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖରାଦିନେ ତ ଅବସ୍ଥା ଯାହା ଥିଲା, ଏବେ ବର୍ଷାରେ ଲୋକେ ସେହି ରାସ୍ତାରେ ଯାଇ ଖଣ୍ଡିଆ ଖାବରା ହେଉଛନ୍ତି। ଏକବର୍ଷ ରୁ ଉର୍ଦ୍ଧ୍ୱ ହେବ ରାସ୍ତା ଏମିତି ଅବସ୍ଥାରେ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅହେତୁକ ନିରବତା ପାଇଁ ଏବେ ସାଧାରଣ ଲୋକେ ସମସ୍ୟା ଭୋଗୁଛନ୍ତି। ତେବେ ଘଟଣାରେ ଜିଲ୍ଲାପାଳ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ପତ୍ରପୁର ଦ୍ୱିତୀୟ ସେତୁ ପାଇଁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

# ୫ ଘର ସହ ୧୦ରୁ ଉର୍ଦ୍ଧ୍ୱ ଦୋକାନ ଉଚ୍ଛେଦ କଲା ପ୍ରଶାସନ



ଆଳି, ୨୩।୭(ସଂଚାର ବ୍ୟୁରୋ)ଃ ଆଳି ପତ୍ରପୁର ଠାରେ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ନିମନ୍ତେ ଗୋପାଳପୁର ଗ୍ରାମରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଳି ତହସିଲଦାର ସୁମନ ଘୋଷ ପୋଲିସ ଫୋର୍ସ ନେଇ ଗୋପାଳପୁର ଗ୍ରାମରେ ଯେଉଁ ମାନଙ୍କୁ ନୋଟିସ ଜାରି ହୋଇଥିଲା ସେହି ଘର ଗୁଡିକ ସହ ଦୋକାନ ଘରକୁ ଉଚ୍ଛେଦ କରିଛନ୍ତି। ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ବେଳେ ଜନବସତି କରି ବସବାସ କରୁଥିବା ପରିବାର ପକ୍ଷରୁ ସେମାନଙ୍କୁ ଥଇଥାନ ନକରି ଉଚ୍ଛେଦ କରିବାରୁ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ଯେଉଁ ଲୋକ ମାନଙ୍କ ଘର ଭଙ୍ଗା ଯାଉଛି ସେମାନେ ସଂପୂର୍ଣ୍ଣ ଭାବେ ବାସହରା ହୋଇ ପଡ଼ିଛନ୍ତି। ସେମାନେ ହେଲେ ଯଶୋଦା ମଲିକ, ଲତା ମଲିକ, ରଶ୍ମିରେଖା ମଲିକ, ବୀଣା ମଲିକ, ଅଞ୍ଜନା ମଲିକ, ସୁମିତ୍ରା ମଲିକ, ପ୍ରଶାସନ ପକ୍ଷରୁ ସେମାନଙ୍କୁ କୌଣସି କ୍ଷତିପୂରଣ କିମ୍ବା ଥଇଥାନ ନକରି ଘର ସେମାନଙ୍କ ଘର ଭାଙ୍ଗି ଦେଉଥିବା ନେଇ ଅଭିଯୋଗ କରିଛନ୍ତି କ୍ଷତିଗ୍ରସ୍ତ ପରିବାର ଲୋକ। ସେମାନେ ଏ ନେଇ ପୂର୍ବରୁ ଜିଲ୍ଲାପାଳଙ୍କୁ ଭେଟିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା କହିଛନ୍ତି। ସେମାନଙ୍କୁ ଯେଉଁ ସ୍ଥାନରେ ରହିବା ପାଇଁ କହୁଛନ୍ତି ସେହି ସ୍ଥାନ ଏବେ ବର୍ଷା ପାଣିରେ ବୁଡି ରହିଥିବା ବେଳେ ସେମାନେ ବେସାହାରା ହୋଇ ପଡ଼ିଛନ୍ତି। ଏ ନେଇ ତହସିଲଦାର ସୁମନ ଘୋଷ ଙ୍କୁ ପଚାରିବାରୁ କହିଛନ୍ତି ଯୋଉ ମାନେ ଭୂମି ହିନ ରହିଛନ୍ତି ସେମାନଙ୍କୁ ଜମି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆ ଯାଇଛି।

## ପୁରାତନ ଛାତ୍ର ସଂସଦ ପକ୍ଷରୁ କଲେଜ ଅଧ୍ୟକ୍ଷଙ୍କୁ ସ୍ୱାଗତ



କେନ୍ଦ୍ରାପଡ଼ା, ୨୩।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ନୂତନ କଲେଜ ଅଧ୍ୟକ୍ଷ ପ୍ରଫେସର ଚିରଞ୍ଜନ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂସଦର ସମ୍ପାଦକ ପ୍ରାଧ୍ୟାପକ ଡ. ପ୍ରମୋଦ କୁମାର ଦାସ, ଉପଦେଷ୍ଟା ପ୍ରଫେସର ନନ୍ଦ କିଶୋର ପରିଡା, ପ୍ରାଧ୍ୟାପକ ଡ. ପ୍ରଭାକର ମଲ୍ଲିକ, ବିଶ୍ୱଜିତ ଦାସ, ଚିରଞ୍ଜନ ଦାସ ପ୍ରମୁଖ ଅଧ୍ୟକ୍ଷ ପ୍ରଫେସର ଦାସଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହିତ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ।

### ଜଳସେଚନ ବିଭାଗର ନାଳ ସଫେଇ

# ସଫେଇ ବଦଳରେ ବନ୍ଧକୁ ଦୁର୍ବଳ କରୁଛି ଜେସିବି



ଡେରାବିଶ, ୨୩।୭ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ଜଳସେଚନ ବିଭାଗ ପକ୍ଷରୁ କେନାଲ୍‌ରେ ପାଣି ଆସିବା ପରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଗତ ଦୁଇଦିନ ହେବ କେନ୍ଦ୍ରାପଡ଼ା କେନାଲର ୧୨ ଶାଖାନାଳର ସଫେଇ ଜନୈକ ଠିକାଦାରଙ୍କ ମାଧ୍ୟମରେ ଜେସିବି ମେସିନ୍ ଲଗାଇ ର' ଠ' ଭାବେ ଆରମ୍ଭ ହୋଇଛି। ଏହି ଜେସିବି ମେସିନ୍ ଲୁହା ଚେନ୍ ପୁଲିଦ୍ୱାରା ଚାଲୁଥିବା ବେଳେ ନାଳର ଉଭୟ ପଟ ରାସ୍ତାକୁ ଏହି ଚେନ୍‌ପୁଲି ନଷ୍ଟ କରିବାରେ ଲାଗିଛି। ନାଳର ଗୋଟିଏ ପଟେ ଚାନ୍ଦୋଳ ବଜାରରୁ କେନ୍ଦ୍ରାପଡ଼ା ମୁଖ୍ୟକେନାଲ୍ ପର୍ଯ୍ୟନ୍ତ ଯାଇଥିବା ପିଚୁରାସ୍ତାରେ ଦୈନିକ ଶହଶହ ଯାନବାହାନ ଚଳଚଳ କରୁଥିବା ବେଳେ ଚେନ୍‌ପୁଲି ମେସିନ୍‌ଟି ଚାଲିବା ଦ୍ୱାରା ପିଚୁ ନଷ୍ଟ ହେବା ରାସ୍ତା ଫାଟି ଯିବାରେ ଲାଗିଛି। ଏଥିସହିତ ନାଳର ଅଳିହା ରାସ୍ତା ଉପରେ ରାସ୍ତା ଉପରେ ଗଦା କରିବା ଦ୍ୱାରା ଚଳପ୍ରଚଳରେ ବାଧକ ସାଜିବା ସହିତ ପରିବେଶ ପ୍ରଦୂଷିତ ହେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏଥିସହିତ ଜେସିବି ଚାଳକ ଜଣକ ଜେସିବି ବକେଟରେ ନାଳ ମଧ୍ୟରେ ଥିବା ଉଭୟ ପାର୍ଶ୍ୱ ବନ୍ଧକୁ ତାଡ଼ିବା ଦ୍ୱାରା ବନ୍ଧ ଦୁର୍ବଳ ହେବାରେ ଲାଗିଛି। ଏପରିକି କିଛି ସ୍ଥାନରେ ନାଳରେ ସମ୍ପୂର୍ଣ୍ଣ ପାଣି ଆସିଲେ ବନ୍ଧ ଭାଙ୍ଗିଯିବାର ଆଶଙ୍କା ମଧ୍ୟ ଦେଖାଇଛି। ଯେଉଁ ସ୍ଥାନରେ ମେସିନ୍ ନାଳ ମଧ୍ୟକୁ ପଶୁଛି ଓ ଯେଉଁ ସ୍ଥାନରେ ନାଳ ବନ୍ଧ ଉପରକୁ ଉଠୁଛି ସେହି ସ୍ଥାନର ବନ୍ଧଟି ଅଧିକ ମାତ୍ରାରେ ଦୁର୍ବଳ ହୋଇଯାଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ନାଳ ସଫେଇ କାର୍ଯ୍ୟ ସମୟରେ ନା ଠିକାଦାର ନାଁ ବିଭାଗୀୟ କର୍ମଚାରୀ କେହି ଉପସ୍ଥିତ ରହୁଥିବା ନଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ଯଦି ଏହିପରି ଭାବେ ଜେସିବିମେସିନ୍ ଦ୍ୱାରା ସଫେଇ କରାଯାଏ ତେବେ କେନାଲ୍‌ର ବିଭିନ୍ନ ଘାଇ ସୃଷ୍ଟି ହୋଇ ଅଞ୍ଚଳରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ଚାଷୀମାନେ କହିଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚକର୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳଚାଷୀମାନେ ଅନୁରୋଧ କରିଛନ୍ତି।

## ଲୋକଙ୍କ ସମସ୍ୟା ନେଇ ବିଡିଓଙ୍କୁ ଭେଟିଲେ ରାଜଲକ୍ଷ୍ମୀ



ମାର୍ଶାଘାଇ, ୨୩।୭(ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ବ୍ଲକର ବିଭିନ୍ନ ଜନ ସମସ୍ୟା ଓ ସରକାରୀ ଯୋଜନାର କାର୍ଯ୍ୟକାରିତାକୁ ନେଇ ବିଜେପି ମହିଳା ମୋର୍ଚ୍ଚା ସମ୍ପାଦିକା ରାଜଲକ୍ଷ୍ମୀ ଦାସ ଗୁରୁବାର ବ୍ଲକ ଉନ୍ନୟନ ଅଧିକାରିଣୀ ତୃପ୍ତି ମହାନ୍ତିଙ୍କୁ ସାକ୍ଷାତ କରି ଅଞ୍ଚଳର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ସାକ୍ଷାତକାର ବେଳେ ସେ କହିଥିଲେ ଯେ, ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ଆବଶ୍ୟକ। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୌଣସି ପ୍ରକାର ପକ୍ଷପାତ କିମ୍ବା ଅନିୟମ ନ ହୋଇ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ଯୋଗ୍ୟତାକୁ ଆଧାର କରି ଘର ବଣ୍ଟନ କରିବାକୁ ସେ ଦାବି କରିଥିଲେ। ଯୋଗ୍ୟ ପରିବାର ମାନେ ଯେପରି ସରକାରୀ ସୁବିଧାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ। ଏହାଛଡ଼ା ଅଞ୍ଚଳର ଅନ୍ୟାନ୍ୟ ମୌଳିକ ସମସ୍ୟା ଓ ବିକାଶମୂଳକ ପ୍ରସଙ୍ଗ ଉପରେ ମଧ୍ୟ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଡିଓ ଶ୍ରୀମତୀ ତୃପ୍ତି ମହାନ୍ତି ସମସ୍ତ ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରି ନିୟମାନୁସାରେ ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଥିବା ଜଣାପଡ଼ିଛି। ଜନସ୍ୱାର୍ଥ ପ୍ରସଙ୍ଗକୁ ନେଇ ଏହି ସାକ୍ଷାତକାର ମାର୍ଶାଘାଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଖଡ଼ିଅଣ୍ଟା ବାତ୍ୟା ଆଶ୍ରୟସ୍ଥଳୀ ଛାତରୁ ଖସିଲା ପ୍ଲାଷ୍ଟର, ଅଳ୍ପକେ ବର୍ତ୍ତିଲେ ସ୍କୁଲ ପିଲା



ପଟ୍ଟାମୁଣ୍ଡାଇ, ୨୩।୭(ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଡ଼ିଅଣ୍ଟା ପଞ୍ଚାୟତର ଖଡ଼ିଅଣ୍ଟା ସ୍କୁଲ ନିକଟରେ ଜରାଜୀର୍ଣ୍ଣ ଓ ବିପଦ ପୂର୍ଣ୍ଣ ଅବସ୍ଥାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଆଜି ସକାଳେ ଏକ ଅଘଟଣ ଘଟିଯାଇଛି ଓ ବାତ୍ୟା ଆଶ୍ରୟସ୍ଥଳୀ କୋଠାର ଛାତରୁ ହଠାତ୍ ସିମେଣ୍ଟ ପ୍ଲାଷ୍ଟର ଖସି ପଡ଼ିଥିଲା ଓ ମାତ୍ର ସେଠାରେ ଖେଳୁଥିବା କୁନିକୁନି ସ୍କୁଲ ଛାତ୍ର ଛାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ହଠାତ ସିମେଣ୍ଟ ଖଣ୍ଡ ଖସିଲା ବେଳେ ପିଲାମାନେ ସେଠାରୁ କିଛି ଦୂରକୁ ଚାଲି ଯାଇଥିବାରୁ କୌଣସି କ୍ଷତି ଘଟିନାହିଁ। ଏହି ଘଟଣା ପରେ ସ୍କୁଲ ଛାତ୍ରଛାତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଭୟ ର ବାତାବରଣ ଦେଖାଦେଇଛି। ଏହି ଘଟଣାରେ ସ୍ଥାନୀୟ ଗ୍ରାମବାସୀ ଓ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣ ଓ ଗୃହ ପାଳିତ ପଶୁ ମାନଙ୍କୁ ନିରାପଦ ଆଶ୍ରୟ ଦେବା ନିମନ୍ତେ ୧୯୯୯ ମହାବାତ୍ୟା ପରେ ଏହି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିଲା। ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି ବାତ୍ୟା ଆଶ୍ରୟସ୍ଥଳୀଟି ସଂପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ଓ କୋଠାର କାନ୍ଥ ଓ ଛାତରୁ ଲୁହା ରଡ଼ ଗୁଡ଼ିକ ବାହାରକୁ ଦିଶୁଥିବା ବେଳେ କବାଟ-ଝରକା ଗୁଡିକ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ବର୍ଷା ଦିନେ ଛାତରୁ ପାଣି ଗଳୁଥିବାରୁ ବାତ୍ୟା ଆଶ୍ରୟ ସ୍ଥଳୀ ଗୃହଟି ସମ୍ପୂର୍ଣ୍ଣ ଅସୁରକ୍ଷିତ ଓ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ବାତ୍ୟା ଆଶ୍ରୟ ସ୍ଥଳୀ ନିକଟରେ ଥିବା ଖଡ଼ିଅଣ୍ଟା ସ୍କୁଲର ଶହ ଶହ ଛାତ୍ରଛାତ୍ରୀ ପ୍ରତିଦିନ ଏହି ବାତ୍ୟା ଆଶ୍ରୟସ୍ଥଳୀ ଦେଇ ଯାତାୟାତ କରିଥାନ୍ତି ଓ ସ୍କୁଲ ପିଲାମାନେ କ୍ରୀଡ଼ା ଓ ଖେଳକୁଦ ସମୟରେ ଏହି ବିପଦପୂର୍ଣ୍ଣ କୋଠା ନିକଟକୁ ଚାଲିଯାଉଥିବା ଦେଖାଯାଉଛି ଯେକୌଣସି ସମୟରେ ବାତ୍ୟା ଆଶ୍ରୟସ୍ଥଳୀ କୋଠାର କଂକ୍ରିଟ୍ ଅଂଶ ଖସିପଡ଼ି ସ୍କୁଲ ପିଲାଙ୍କର ବଡ଼ ଧରଣର କ୍ଷତି ଘଟାଇବାର ଆଶଙ୍କା ସୃଷ୍ଟି ହୋଇଛି ଓ ତେବେ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଦାବି କଲେ ମଧ୍ୟ ପ୍ରଶାସନ ପକ୍ଷରୁ ବାତ୍ୟା ଆଶ୍ରୟସ୍ଥଳୀର ଆବଶ୍ୟକ ମରାମତି ଓ ପୁନଃ ନିର୍ମାଣ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଆଜି ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି।

### ସାମାଜିକ ସୁରକ୍ଷା ଅଧିକାରୀଙ୍କ ୮ ଦଫା ଦାବି

# ସମାଧାନ ନହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ



କେନ୍ଦ୍ରାପଡ଼ା, ୨୩।୭(ସଂଚାର ବ୍ୟୁରୋ)ଃ ବିଭିନ୍ନ କ୍ୟାଡରଭୁକ୍ତ ସମସ୍ୟାର ତୁରନ୍ତ ସମାଧାନ ଦାବିରେ ଅଖିଳ ଓଡ଼ିଶା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପରିଷଦର କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ୮ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଜୁନିୟର ଆସିଷ୍ଟାଣ୍ଟ ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଟଙ୍କ ବେତନ ବିସଙ୍ଗତି, କ୍ୟାଡର ପୁନର୍ଗଠନ, ପଦୋନ୍ନତି, ବକେୟା ଏମ୍‌ଏସିପି (ଗଇଉଚ) ପ୍ରଦାନ ଏବଂ ଗ୍ରାମପଞ୍ଚାୟତ ସ୍ତରରେ ସାମାଜିକ ସୁରକ୍ଷା ସହାୟକ ପଦ ସୃଷ୍ଟି ସମେତ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀମାନେ ନିଜ ବିଭାଗର ଦାୟିତ୍ୱ ସହ ପର୍ଯ୍ୟଟନ, କ୍ଷୁଦ୍ର ସଞ୍ଚୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡ଼ା ଓ ଯୁବସେବା ଭଳି ଏକାଧିକ ବିଭାଗର ନୋଡାଲ୍ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ସମକକ୍ଷ ପଦବୀ ଅନୁରୂପ ବେତନ ମିଳୁନାହିଁ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ମହାକାଳପଡ଼ା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ାଙ୍କ ସମେତ ବିଭିନ୍ନ ବ୍ଲକର ଅଧିକାରୀ ଓ କର୍ମଚାରୀମାନେ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ସଂଘ ପକ୍ଷରୁ ଦୁଇ ସପ୍ତାହ ମଧ୍ୟରେ ଦାବିଗୁଡ଼ିକ ଉପରେ ସରକାର ସକାରାତ୍ମକ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏହା ନହେଲେ ପ୍ରଥମେ କଳା ବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ପ୍ରତିବାଦ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଖାଉଟି ସାମଗ୍ରୀରୁ ବାଦ ପଡ଼ିଛନ୍ତି ଦଳିତ ମହିଳା

ଡେରାବିଶ, ୨୩।୭(ସଂଚାର ବ୍ୟୁରୋ)ଃ ଜଣେ ଦଳିତ ବର୍ଗର ମହିଳାଙ୍କୁ ଖାଉଟି ସାମଗ୍ରୀ ପ୍ରଦାନରୁ ବାଦ୍ କରାଯାଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅଧିନ ବାରିମୂଳ ଗ୍ରାମ ପଞ୍ଚାୟତର ଖଣ୍ଡସାହି ଗ୍ରାମର ଗୌମ ମଳିକଙ୍କ ପତ୍ନୀ ଭଗବତୀ ମଳିକ ଅଭିଯୋଗ କରିଛନ୍ତି ଯେ ତାଙ୍କ ନାମରେ ରାସନକାର୍ଡ ରହିଛି। କିନ୍ତୁ ଖାଉଟି ଡିଲର କିଛିମାସ ହେବ ତାଙ୍କ ଫିଙ୍ଗର ପ୍ରିଣ୍ଟ ନେଉଥିଲେ ମଧ୍ୟ ଖାଉଟି ସାମଗ୍ରୀ ଅର୍ଥାତ ଚାଉଳ ତାଙ୍କୁ ଦେଉନାହାନ୍ତି। ଏସମ୍ପର୍କରେ ସେ ଡେରାବିଶ ବ୍ଲକରେ ହୋଇଥିବା ଜନ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତା'ପରେ ସେହି ବ୍ଲକର ମାର୍କେଟିଂ ଇନସପେକ୍ଟର ତାଙ୍କ ଘରକୁ ଯାଇ ତାଙ୍କୁ ଧମକାଇ ଏକ କାଗଜରେ ତାଙ୍କ ଠାରୁ ଦସ୍ତଖତ ନେଇଆସିଥିଲେ। ଏହାପରେ ଡିଲର ଆଉ ତାଙ୍କୁ ଖାଉଟି ସାମଗ୍ରୀ ଦେଉନାହିଁ। ତାଙ୍କ ସ୍ୱାମୀ ଓ ସେ ନିଜେ ଦିନମଜୁରିଆ ହୋଇଥିବାରୁ ଏହି ରାସନ ଚାଉଳ ଉପରେ ନିର୍ଭର କରି ସେମାନେ ଚଳିଥାନ୍ତି। କିନ୍ତୁ ସେଥିରୁ ସେମାନଙ୍କୁ ବାଦ୍ କରାଯାଇଥିବାରୁ ବହୁ ଦୁଃଖ କଷ୍ଟରେ ସେମାନେ କାଳାତିପାତ କରୁଥିବା କହିଛନ୍ତି। ତେଣୁ ଯଥା ଶୀଘ୍ର ତାଙ୍କ ବକେୟା ରାସନ ସାମଗ୍ରୀ ତାଙ୍କୁ ପ୍ରଦାନ କରାଯିବାକୁ ସେ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରି ନିବେଦନ କରିଛନ୍ତି। ଏହି ଅଭିଯୋଗର ନକଲ ମୁଖ୍ୟମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଶାସନ ସଚିବଙ୍କୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି।

## ବାହୁଡା ପାଇଁ ୨ଦିନ ବନ୍ଦ ରହିବ ପରିବା ହାଟ



କେନ୍ଦ୍ରାପଡ଼ା, ୨୩।୭(ସଂଚାର ବ୍ୟୁରୋ)ଃ ଓଡ଼ିଶା ପ୍ରସିଦ୍ଧ ବିଶ୍ୱର ସର୍ବବୃହତ୍ତମ ରଥଯାତ୍ରା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରାର ପବିତ୍ର ବାହୁଡା ଯାତ୍ରା ଥିବାରୁ ଏ ଉପଲକ୍ଷେ ରଥଦାଣ୍ଡରେ ଦୈନିକ ପରିବା ହାଟକୁ ପ୍ରଶାସନ ତରଫରୁ ବନ୍ଦ କରାଯାଇଛି। ଭକ୍ତଙ୍କ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ଏ ପରିବା ହାଟକୁ ଶୁକ୍ରବାର ଓ ଶନିବାର ଦୁଇଦିନ ବନ୍ଦ ରହିବ ବୋଲି ଜଣାପଡ଼ିଛି। ପରିବା ବ୍ୟବସାୟୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଭେଟି ବନ୍ଦ ନ କରିବା ପାଇଁ ଦାବି କରିଥିଲେ। କିନ୍ତୁ ବ୍ୟବସାୟୀ ସଂଘ ସହିତ ଆଲୋଚନା କଲାପରେ ଦୁଇଦିନ ପରିବା ହାଟକୁ ବନ୍ଦ ରଖିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଆଞ୍ଚଳିକ ଓଁକାର ସଙ୍ଗୀତ ସରଣୀର ବାର୍ଷିକୋତ୍ସବ



କେନ୍ଦ୍ରାପଡ଼ା, ୨୩।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଆଞ୍ଚଳିକ ଓଁକାର ସଙ୍ଗୀତ ସରଣୀର ବାର୍ଷିକୋତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ନାରାୟଣ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଅଧ୍ୟକ୍ଷ ଗୌରାଙ୍ଗ ଚରଣ ଜେନା, ସମ୍ପାଦକ ଶରତ ଚନ୍ଦ୍ର ଧଳ, ସଙ୍ଗୀତ ନିର୍ଦ୍ଦେଶକ ବିପିନ୍ ବିହାରୀ ସ୍ୱାଇଁ, ଅମରେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ସଙ୍ଗୀତ ଗାନ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ଅନୁଷ୍ଠାନର ଉତ୍ତର କାମନା କରିଥିଲେ। ଉତ୍ସବରେ ସରୋଜକାନ୍ତ ସ୍ୱାଇଁ, ଶ୍ୟାମସୁନ୍ଦର ସାହୁ, ଗୋଲଖ ଚନ୍ଦ୍ର ମିଶ୍ର, ଅରକ୍ଷିତ ନାୟକ, ଗୌରାଙ୍ଗ ଚରଣ ନାୟକ, ମନୋରଞ୍ଜନ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସଭା ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ମାଈଁ ଆଲୁମନି ଆସୋସିଏସନ ପକ୍ଷରୁ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ



କେନ୍ଦ୍ରାପଡ଼ା, ୨୩।୭(ସଂଚାର ବ୍ୟୁରୋ)ଃ ମାଈଁ ଆଲୁମନି ଆସୋସିଏସନ ପକ୍ଷରୁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ପ୍ରଫେସର ଚିରଞ୍ଜନ ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉରୀୟ ପ୍ରଦାନ ପୂର୍ବକ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ଆଲୁମନି ଗାର୍ଡେନରେ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଇ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ଦାସଙ୍କ କରକମଳରେ ଏକ ବୃକ୍ଷର ଚାରା ରୋପଣ କରାଯାଇଥିଲା। ଉପସ୍ଥିତ ସଦସ୍ୟମାନେ ବିଭିନ୍ନ ବୃକ୍ଷର ଚାରା ରୋପଣ କରି ପରିବେଶ ସଂରକ୍ଷଣ ପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ। ଏହି ଉତ୍ସବରେ ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ବିଶ୍ୱରଞ୍ଜନ ପୁହାଣ, ଏନସିସି ବାଳିକା ବିଭାଗ ଏଏନଓ କ୍ୟାପଟେନ ସୀମା ମହାନ୍ତି, ଏନସିସି ବାଳକ ବିଭାଗ ଏଏନଓ ରଜନୀକାନ୍ତ ତ୍ରିପାଠୀ, ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ପୂର୍ବାଶା ପ୍ରିୟଦର୍ଶିନୀ, ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ତୁଷାରକାନ୍ତି ଭୂୟାଁ, ମାଈଁ ଆଲୁମନି ଆସୋସିଏସନ ସଭାପତି ପୂର୍ଣ୍ଣିମା ବିଶ୍ୱାଳ, ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ, ଏନସିସିର ବାଳକ ଓ ବାଳିକା ବିଭାଗର କ୍ୟାଡେଟ୍‌ମାନଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ପ୍ରଫେସର ଦାସ ମହାବିଦ୍ୟାଳୟର ସାମଗ୍ରିକ ବିକାଶରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

### ଭାତ ହାଣ୍ଡିକୁ ପାହାର ଗୋବରୀ କଟକୀ ଦଳ

# ଜମିରୁ ହୋଇପାରୁନି ଜଳ ନିଷ୍କାସନ, ଚିନ୍ତାରେ ଚାଷୀ



ଡେରାବିଶ, ୨୩। ୭(ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକଦେଇ ଯାଇଥିବା ଗୋବରୀ ନଦୀ ଏବେ କଟକି ଦଳରେ ପରିପୂର୍ଣ୍ଣ ହୋଇଯାଇଛି। ଡ୍ରେନେଜ ବିଭାଗର ଅପାରଦର୍ଶିତା ଯୋଗୁଁ ବର୍ଷା ପୂର୍ବରୁ ଦଳ ସଫେଇ ହୋଇ ପାରିଲା ନାହିଁ। ଏବେ ବର୍ଷା ହୋଇଯିବା ଦ୍ୱାରା ଦଳରେ ନଦୀ ପରିପୂର୍ଣ୍ଣ ହୋଇଯାଇଛି। ଫଳରେ ଜଳ ନିଷ୍କାସନ ହୋଇ ପାରୁନାହିଁ। ଏହି ନଦୀ କୂଳରେ ଥିବା ହଜାର ହଜାର ହେକ୍ଟର ଜମିରେ ଧାନ ଚାଷ ପାଇଁ ତଳି ପଡ଼ିଛି। କିନ୍ତୁ ଜମିରେ ଅଣ୍ଠାଏ ପାଣି ଦେଖାଦେଇଛି। ଯାହା ଫଳରେ ଜମିରୁ ଜଳ ବାହାରି ପାରୁନାହିଁ। କାରଣ ଜଳ ନିଷ୍କାସନରେ ଏହି କଟକି ଦଳ ସମସ୍ୟା ସୃଷ୍ଟି କରୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଜମିରୁ ଜଳ ନିଷ୍କାସନ ହୋଇ ପାରୁ ନଥିବାରୁ ଶହ ଶହ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଚାଷୀମାନେ ଅଭିଯୋଗ କରିଛନ୍ତି ବର୍ଷା ପୂର୍ବରୁ ନଦୀରୁ ଦଳ ସଫା କରାଯାଇଥାଏ। ହେଲେ ଡ୍ରେନେଜ ବିଭାଗର ଅଧିକାରୀମାନଙ୍କ ଅପାରଦର୍ଶିତା ଯୋଗୁଁ ବର୍ଷା ପୂର୍ବରୁ ଦଳ ସଫା ହେଲା ନାହିଁ। ଯାହା ଫଳରେ ଏବେ ନଦୀରେ କଟକି ଦଳ ମାଡି ଯାଇଛି। ଏହାଦ୍ୱାରା ପାଟରୁ ଜଳ ନିଷ୍କାସନ ହୋଇ ପାରୁନାହିଁ। ପାଟରେ ଜଳ ଜମିବା ଦ୍ୱାରା ଧାନ ଚାଷ ପ୍ରଭାବିତ ହୋଇଛି। ଆଉ କିଛି ଦିନ ଗଲେ ତଳି ପଚିବା ନିଶ୍ଚିତ ବୋଲି ଚାଷୀ ଆଶଙ୍କା ପ୍ରକାଶ କରିଛନ୍ତି। ଫଳରେ ଚାଷୀର ଭାତହାଣ୍ଡିରେ ପ୍ରହାର ହେବ। ଯାହା ଚାଷୀକୂଳର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେବ। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ନଦୀରୁ ଦଳ ସଫା କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଡେରାବିଶ ବ୍ଲକର ଚାଷୀ ମନୋରଞ୍ଜନ ଜେନା ଏ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମନୋରଞ୍ଜନ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଡେରାବିଶ ବ୍ଲକରେ କନ୍ଦା ପାଟ, ନୋଳ ପାଟ ଓ ବେଲ ପାଟରେ ହଜାର ହଜାର ଚାଷ ଜମି ରହିଛି। ହେଲେ ଏହି ଚାଷ ଜମିରେ ଧାନ ଚାଷ ପାଇଁ ତଳି ପଡ଼ିଛି। କିନ୍ତୁ ଚାଷ ଜମିରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ କିଛି ଦିନ ପରେ ତଳି ପଚିଯିବ। ଏହାଦ୍ୱାରା ଧାନ ଚାଷ ହେଇପାରିବ ନାହିଁ। ଚାଷୀମାନେ ଧାନ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ଏବେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହା ଦ୍ୱାରା ଚାଷୀମାନଙ୍କ ବର୍ଷକର ଭାତ ହାଣ୍ଡି ମାଡ ଖାଇଯିବ। ଫଳରେ ଚାଷୀମାନେ ଦେବାଳିଆ ହୋଇଯିବେ ବୋଲି ସେ କହିଛନ୍ତି। ଏନେଇ ସେ ଡ୍ରେନେଜ ବିଭାଗ ଅଧିକାରୀ ଓ ଅତିରିକ୍ତ ଜିଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। ନହଙ୍ଗ, ବେଣୀପୁର, ଛୋଟି, ମଙ୍ଗଳପୁର, ନିକିରାଇ ପ୍ରମୁଖ ପଞ୍ଚାୟତର ଶହ ଶହ ଚାଷୀ ଏହାଦ୍ୱାରା ପ୍ରଭାବିତ ହେବେ ବୋଲି ସେ କହିଛନ୍ତି। ସେହିପରି ଗୋବରୀ ନଦୀର ନୀଳକଣ୍ଠପୁରରେ ଏକ ପୋଲ ନିର୍ମାଣ ଚାଲିଛି। ଏହି ପୋଲ ନିର୍ମାଣ ପଇଁ ମାଟି ବନ୍ଧ ତିଆରି ହୋଇଥିଲା। ହେଲେ ବର୍ଷା ପୂର୍ବରୁ ଏହି ପୋଲ ନିର୍ମାଣ କାମ ଶେଷ କରିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ଦୂରଦୃଷ୍ଟି ଅଭାବରୁ ପୋଲ ନିର୍ମାଣ ଶେଷ ହୋଇ ପାରିଲା ନାହିଁ। ଠିକାଦାରଙ୍କୁ ବିଭାଗୀୟ ଅଧିକାରୀମାନେ ତାଗିଦ କଲେ ନାହିଁ।

# ବଢ଼ିଲା ପୌରସଂସ୍ଥାର ଆର୍ଥିକ କ୍ଷମତା

ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ): ସହରାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ସହଜ କରିବା ଓ ପୌରାଞ୍ଚଳ ଗୁଡ଼ିକରେ ଶାସନ ବ୍ୟବସ୍ଥାରେ ସୁଧାର ଆଣିବା ଲକ୍ଷ୍ୟରେ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ସଂସ୍କାର ସ୍ୱରୂପ ପୌରସଂସ୍ଥା ଏବଂ ସ୍ମାର୍ଟ ସିଟି ଲିମିଟେଡ୍‌ଗୁଡ଼ିକର ଆର୍ଥିକ କ୍ଷମତା ପରିସରକୁ ସଂଶୋଧିତ କରିଛନ୍ତି। ନଗର ଉନ୍ନୟନ ବିଭାଗ ଦ୍ୱାରା ବିଜ୍ଞାପିତ ଏହି ସଂଶୋଧିତ ବ୍ୟବସ୍ଥା ତୁରନ୍ତ ଲାଗୁ ହେବ। ଏହି ସଂଶୋଧିତ କ୍ଷମତା ଅନୁଯାୟୀ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଏବଂ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ଏମ୍‌ଡିମାନଙ୍କ ଆର୍ଥିକ କ୍ଷମତାକୁ ମହାନଗର ନିଗମର କମିଶନରମାନଙ୍କ ସହ ସମାନ କରାଯାଇଛି। କାର୍ଯ୍ୟ ବିଲ୍, କ୍ରୟ ବିଲ୍ ଓ କାର୍ଯ୍ୟାଳୟର ଆନୁଷଙ୍ଗିକ ଖର୍ଚ୍ଚ ମଞ୍ଜୁର ପାଇଁ କମିଶନରମାନଙ୍କ ଆର୍ଥିକ ସୀମାକୁ ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ସୀମା ଭୁବନେଶ୍ୱର ମହାନଗର ନିଗମ ପାଇଁ ୫୦ ଲକ୍ଷ ଟଙ୍କା ଓ ଅନ୍ୟାନ୍ୟ ମହାନଗର ନିଗମ ପାଇଁ ୧୫ ଲକ୍ଷ ଟଙ୍କା ଥିଲା। ୧ କୋଟି ଟଙ୍କାରୁ ଅଧିକ ବିଲ୍‌କୁ ମହାନଗର ନିଗମର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ। କମିଶନରମାନଙ୍କୁ ଦରମା ଏବଂ ପେନ୍‌ସନ୍ ବିଲ୍ ପ୍ରଦାନ ପାଇଁ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି। ସେହିପରି ବିଭିନ୍ନ କାର୍ଯ୍ୟ ଓ ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ଦେବାର ସୀମା ୨ରୁ ୩ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ୩ରୁ ୪ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ ଚୁକ୍ତି ସମ୍ପର୍କିତ ସ୍ଥାୟୀ କମିଟି, ୪ରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ମହାନଗର ନିଗମ ଓ ୫ କୋଟି ଟଙ୍କାରୁ ଅଧିକ ପ୍ରସ୍ତାବ ପାଇଁ ପ୍ରାଶାସନିକ ବିଭାଗ ର ଅନୁମୋଦନ ଆବଶ୍ୟକ ହେବ। ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ନିର୍ବାହୀ ଅଧିକାରୀ ମାନଙ୍କ ପ୍ରଦାନ କ୍ଷମତା ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ୨୦ ଲକ୍ଷ ଟଙ୍କାରୁ ଅଧିକ ବିଲ୍ ପାଇଁ ନିର୍ବାହୀ ଅଧିକାରୀ ଏବଂ ପୌର ଅଧ୍ୟକ୍ଷଙ୍କ ଯୁଗ୍ମ ସ୍ୱାକ୍ଷର ଆବଶ୍ୟକ ହେବ। ନିର୍ବାହୀ ଅଧିକାରୀମାନଙ୍କୁ ମଧ୍ୟ ଦରମା ଏବଂ ପେନ୍‌ସନ୍ ବିଲ୍ ପ୍ରଦାନ ପାଇଁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଛି। ପ୍ରକଳ୍ପଗୁଡ଼ିକର ପ୍ରଶାସନିକ ଅନୁମୋଦନ ସୀମା ୧୦ ଲକ୍ଷରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ୨୦ ଲକ୍ଷରୁ ୩ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ ପୌର ପରିଷଦ ଦ୍ୱାରା ଅନୁମୋଦିତ ହେବ ଓ ୩ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ପାଇଁ ପ୍ରାଶାସନିକ ବିଭାଗର ଅନୁମୋଦନ ଆବଶ୍ୟକ ହେବ।

● ଭୋଟର୍ ତାଲିକାର ଏସ୍‌ଆଇଆର୍ କାର୍ଯ୍ୟର ସମୀକ୍ଷା

# ଜିଲ୍ଲା ଗସ୍ତ କରି ସମୀକ୍ଷା କଲେ ସିଇଓର ବରିଷ୍ଠ ଅଧିକାରୀ



ଭୁବନେଶ୍ୱର, ୨୩।୭ (ସଂଚାର ବ୍ୟୁରୋ): ରାଜ୍ୟରେ ୦୧.୦୭.୨୦୨୬କୁ ଯୋଗ୍ୟତା ସୂଚକ ତାରିଖ ଭାବେ ଗ୍ରହଣ କରି ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମର ଅଗ୍ରଗତି ପରଖିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ନିଶ୍ଚିତ କରିବା ଲକ୍ଷ୍ୟରେ ନିର୍ବାଚନ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଜୁଲାଇ ୨୦, ୨୦୨୬ରୁ ଜୁଲାଇ ୨୯, ୨୦୨୬ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲା ଗସ୍ତ କରି କ୍ଷେତ୍ରସ୍ତରୀୟ ସମୀକ୍ଷା କରୁଛନ୍ତି।

ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ଆଦେଶ ପତ୍ର ଅନୁଯାୟୀ, ସିଇଓ କାର୍ଯ୍ୟାଳୟର ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ, ସୁନ୍ଦରଗଡ଼; ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ, କେନ୍ଦୁଝର; ସହାୟକ(ଆସିଷ୍ଟାଣ୍ଟ) ସିଇଓ ପ୍ରେମାନନ୍ଦ ଜେନା, କଳାହାଣ୍ଡି; ଆସିଷ୍ଟାଣ୍ଟ ସିଇଓ ପ୍ରଦୀପ ମୁର୍ମୁ, ଅନୁଗୋଳ ଓ ଡେପୁଟି ସେକ୍ରେଟାରୀ ଦିନମଣି ନାଏକ ଆଜି ଯାଜପୁର ଜିଲ୍ଲା ଗସ୍ତ କରି ଚିଠା ଭୋଟର ତାଲିକା ପ୍ରକାଶନ ପରବର୍ତ୍ତୀ କାର୍ଯ୍ୟକ୍ରମ ବିଶେଷକରି ଦାବି ଓ ଆପତ୍ତି, ପଞ୍ଜୀକରଣ, ନୋଟିସ୍ ପ୍ରଦାନ ଓ ମାମଲା ଫଇସଲା ପ୍ରକ୍ରିୟାର ଅଗ୍ରଗତି ପ୍ରତ୍ୟକ୍ଷ ଭାବେ ଅଧିକାରୀମାନେ ତଦାରଖ କରିଥିଲେ। ସେହିପରି ଗସ୍ତ ସମୟରେ ଅଧିକାରୀମାନେ ଜିଲ୍ଲା ନିର୍ବାଚନ ଅଧିକାରୀ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ବିଏଲ୍‌ଓ ସୁପରଭାଇଜର ଓ ବିଏଲ୍‌ଓମାନଙ୍କ ସହ ଆଲୋଚନା କରି କାର୍ଯ୍ୟକ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ବୁଝିଥିଲେ।

ଯେଉଁ ବୁଥ୍ କିମ୍ବା ନିର୍ବାଚନମଣ୍ଡଳୀଗୁଡ଼ିକରେ ଫର୍ମ ପ୍ରସେସିଂ ଓ ଶୁଣାଣି ତ୍ୱରିତ ହୋଇନାହିଁ, ସେଠାରେ ସ୍ୱତନ୍ତ୍ର ଧ୍ୟାନ ଦେଇ ବୁଥ୍ ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ କାର୍ଯ୍ୟାଳୟଗୁଡ଼ିକର ନମୁନା ଯାଞ୍ଚ ମଧ୍ୟ କରିଥିଲେ। ଗସ୍ତ ଶେଷ ହେବା ପରେ ସମସ୍ତ ଅଧିକାରୀ ନିଜ ନିଜର ଅନୁଧ୍ୟାନ ଓ ଫିଲ୍ଡ ଗ୍ରାଉଣ୍ଡ ରିପୋର୍ଟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଚୂଡ଼ାନ୍ତ ସମୀକ୍ଷା ପାଇଁ ଦାଖଲ କରିବେ, ଯାହାଦ୍ୱାରା ଯେକୌଣସି ପ୍ରଶାସନିକ କିମ୍ବା ବୈଷୟିକ ସମସ୍ୟାର ତୁରନ୍ତ ସମାଧାନ କରାଯାଇପାରିବ।

# ଗୁଣ୍ଡିଚା ମନ୍ଦିରରେ ନବମୀ ସନ୍ଧ୍ୟା ଦର୍ଶନ



ଯୋବ୍ରା, ୨୩।୭ (ସଂଚାର ବ୍ୟୁରୋ): ଚତୁର୍ଦ୍ଧାମୂର୍ତ୍ତିଙ୍କର ପବିତ୍ର ରଥଯାତ୍ରା ଉପଲକ୍ଷେ ଗୁରୁବାର ଯୋବ୍ରା ନୂଆସାହିସ୍ଥିତ ଗୁଣ୍ଡିଚା ମନ୍ଦିରରେ ବଡ଼ ଠାକୁରମାନଙ୍କର ନବମୀ ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହୋଇଯାଇଅଛି। ମନ୍ଦିରର ପୂଜାରୀମାନଙ୍କ ଦ୍ୱାରା ସମସ୍ତ ନୀତିକାନ୍ତି ସମ୍ପୂର୍ଣ୍ଣ ହେଲା ପରେ ସନ୍ଧ୍ୟା ୬ ଘଟିକା ସମୟରେ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ପବିତ୍ର ସନ୍ଧ୍ୟା ଦର୍ଶନ ଆରମ୍ଭ ହୋଇଥିଲା। ତତ୍‌ପଶ୍ଚାତ ଗୌରୀଶ୍ୱରର ଭକ୍ତି ଅର୍ଘ୍ୟ, ପୁଷ୍ପାଞ୍ଜଳି ପକ୍ଷରୁ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହିତ ଅଞ୍ଚଳବାସୀ ସନ୍ଧ୍ୟା ଦର୍ଶନକରି ବଡ଼ ଠାକୁରମାନଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ଜାଭଅର ଟ୍ରଷ୍ଟର ଚେୟାରମ୍ୟାନ ପ୍ରଭୁ ମହାନ୍ତି, ସୁବାସ ଇଞ୍ଜିନିଅରିଂ କଲେଜର ଚେୟାରମ୍ୟାନ ସୁବାସ ମଲ୍ଲିକ, ଆଇନଜୀବୀ କୃଷ୍ଣ ମଲ୍ଲିକ, ବିଜେଡି ନେତା ପ୍ରଫୁଲ୍ଲ ସିଂ ପ୍ରମୁଖ ଉପସ୍ଥିତ ରହିବା ସହିତ ଚତୁର୍ଦ୍ଧାମୂର୍ତ୍ତିଙ୍କର ସନ୍ଧ୍ୟା ଦର୍ଶନ ଲାଭକରି ଆଶୀର୍ବାଦ ଭିକ୍ଷା କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ସମ୍ପାଦକ ଅମ୍ବିକା ସାମଲ, ଅଧିକାରୀ କାଶୀନାଥ ନାୟକ, ମହନ୍ତ ସିବେନ୍ଦ୍ର ନାୟକଙ୍କ ସହିତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସାଂସଦ ଦିଲ୍ଲୀପ ରାୟଙ୍କ ପ୍ରଶ୍ନର ଉତ୍ତରରେ ଆଇନ୍‌ମନ୍ତ୍ରୀଙ୍କ ସୂଚନା

# ଅଦାଲତରେ ବିଚାର ପ୍ରତୀକ୍ଷାରେ ୫.୬୪ କୋଟି ମାମଲା



ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ): ଦେଶର ବିଭିନ୍ନ ଅଦାଲତଗୁଡ଼ିକରେ ଏବେ ୫ କୋଟି ୬୪ ଲକ୍ଷରୁ ଅଧିକ ମାମଲା ବିଚାରାଧୀନ ରହିଛି। ଏହିମଧ୍ୟରେ ସୁପ୍ରିମକୋର୍ଟରେ ୯୨,୦୨୫ଟି ଓ ବିଭିନ୍ନ ହାଇକୋର୍ଟରେ ୬୪ ଲକ୍ଷ ୭୨ ହଜାରରୁ ଅଧିକ ମାମଲା ଅନ୍ତର୍ଭୁକ୍ତ। ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଆଇନ ଓ ନ୍ୟାୟ ବ୍ୟାପାର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଓଡ଼ିଶା ହାଇକୋର୍ଟରେ ୧୬.୦୭.୨୦୨୬ ସୁଦ୍ଧା ୧,୬୯,୩୨୦ଟି ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ସେଥିମଧ୍ୟରୁ ୩୭୬୨ଟି ୩୦ ବର୍ଷରୁ ୨୦୩୧୫ଟି ୨୦ ବର୍ଷରୁ ଓ ୩୮,୮୬୬ଟି ୧୦ ବର୍ଷରୁ ଅଧିକ ପୁରୁଣା ଥିବା ବେଳେ ୬୯,୬୮୪ଟି ୫ ବର୍ଷରୁ ଅଧିକ ପୁରୁଣା। ସେହିଭଳି ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ଅଧସ୍ତନ ନ୍ୟାୟାଳୟଗୁଡ଼ିକରେ ଏହି ସମୟ ସୁଦ୍ଧା ମୋଟ ୧୮, ୬୮,୩୨୩ଟି ମାମଲା ବିଚାର ପ୍ରତୀକ୍ଷାରେ ଥିବା ବେଳେ ସେଥିମଧ୍ୟରୁ ୪୪୧୧ଟି ୩୦ ବର୍ଷରୁ ଅଧିକ ପୁରୁଣା। ଏହାଛଡ଼ା ଓଡ଼ିଶାର ୪୪,୩୩୩ଟି ୨୦ ବର୍ଷ ତଳର ୩,୦୭,୨୧୬ଟି ୧୦ ବର୍ଷ ତଳର ଓ ୭,୬୬,୧୭୭ଟି ମାମଲା ୫ ବର୍ଷରୁ ଅଧିକ ଧରି ବିଚାର ପ୍ରତୀକ୍ଷାରେ ରହିଛି। ସୁପ୍ରିମକୋର୍ଟରେ ବିଚାର ପ୍ରତୀକ୍ଷାରେ ଥିବା ୯୬,୦୨୪ଟି ମାମଲା ମଧ୍ୟରୁ ୨୪,୬୧୧ଟି ୫ ବର୍ଷରୁ ଅଧିକ ପୁରୁଣା ହୋଇଥିବା ବେଳେ ୧୦,୦୯୪ଟି ୧୦ ବର୍ଷରୁ ଅଧିକ, ୫୫୮ଟି ୨୦ ବର୍ଷରୁ ଅଧିକ ଓ ୨୬ଟି ୩୦ ବର୍ଷରୁ ଅଧିକ ପୁରୁଣା। ଦେଶର ୨୫ଟି ହାଇକୋର୍ଟ ମଧ୍ୟରୁ ସର୍ବାଧିକ ୧୨,୨୮,୩୫୩ଟି ମାମଲା ଆହ୍ଲାବାଦ୍ ହାଇକୋର୍ଟରେ ବିଚାର ପାଇଁ ଥିବା ବେଳେ ୬,୫୭,୮୧୩ଟି ବମ୍ବେ ହାଇକୋର୍ଟ, ୬,୦୬,୩୪୮ଟି ରାଜସ୍ଥାନ ହାଇକୋର୍ଟ, ୫,୬୭,୮୧୪ଟି ମାଡ୍ରାସ ହାଇକୋର୍ଟ ଓ ୪,୯୦,୩୬୩ଟି ମଧ୍ୟ ପ୍ରଦେଶ ହାଇକୋର୍ଟରେ ବିଚାର ପ୍ରତୀକ୍ଷାରେ ରହିଛି। ହାଇକୋର୍ଟଗୁଡ଼ିକରେ ୮୦,୬୬୦ଟି ମାମଲା ୩୦ ବର୍ଷରୁ ଉର୍ଦ୍ଧ୍ୱ ଧରି ବିଚାର ପ୍ରତୀକ୍ଷାରେ ଥିବା ବେଳେ ୪,୫୯,୧୫୫ଟି ୨୦ ବର୍ଷ, ୧୨,୧୪,୬୬୭ଟି ୧୦ ବର୍ଷ ଓ ୨୯,୯୬,୧୬୧ଟି ୫ ବର୍ଷରୁ ଅଧିକ ପୁରୁଣା ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି। ବିଳମ୍ବ କାରଣରୁ ଆଇନ୍ ଅଦାଲତଗୁଡ଼ିକରେ ମାମଲା ପଡ଼ିରହିଥିବା ବେଳେ ଏଗୁଡ଼ିକର ଫଇସଲା ବିଚାର ବ୍ୟବସ୍ଥା ଉପରେ ନିର୍ଭର କରେ। ତେବେ କେନ୍ଦ୍ର ସରକାର ମାମଲାଗୁଡ଼ିକର ତ୍ୱରିତ୍ ଫଇସଲା ସହ ବକେୟା ମାମଲାର ସଂଖ୍ୟା ହ୍ରାସ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଇ-କୋର୍ଟ ପ୍ରକଳ୍ପର ତୃତୀୟ ପର୍ଯ୍ୟାୟରେ ଏଥିଲାଗି ୭,୨୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି।

■ ଯୁକ୍ତ ଦୁଇ ପ୍ରଥମ ପର୍ଯ୍ୟାୟ ନାମଲେଖା

# ଦ୍ୱିତୀୟ ମେଧା ତାଲିକା ପ୍ରକାଶିତ

ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ): ୨୦୨୬-୨୭ ଶିକ୍ଷାବର୍ଷ ଯୁକ୍ତ ଦୁଇ ଫେଜ୍ ୧ ନାମଲେଖାର ଦ୍ୱିତୀୟ ମେଧା ତାଲିକାରେ ମୋଟ ୪୬,୫୭୦ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି। ଚୟନ ପ୍ରକ୍ରିୟା ସମୟରେ ୮୭,୫୪୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମୋଟ ୪୬,୫୭୦ ଜଣଙ୍କୁ ଚୟନ କରାଯାଇଛି। ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରୁ ୨୫,୮୭୪ ଜଣ ସ୍ଲାଇଡ-ଅପ୍ ଅନୁରୋଧ ମାଧ୍ୟମରେ ନାମ ଲେଖାଇଛନ୍ତି। ମନୋନୀତ ଛାତ୍ରଛାତ୍ରୀଙ୍କ ମଧ୍ୟରେ କଳାରେ ସର୍ବାଧିକ ୩୨,୭୮୨ ଜଣ ନାମ ଲେଖାଇଛନ୍ତି। ସେହିପରି ବିଜ୍ଞାନରେ ୧୧,୨୯୭ ଜଣ, ବାଣିଜ୍ୟରେ ୨,୦୮୩ ଜଣ, ଧନ୍ଦାମୂଳକରେ ୨୬୧ ଜଣ ଓ ସଂସ୍କୃତରେ ୧୪୭ ଜଣ ନାମ ଲେଖାଇଛନ୍ତି। ଫଳତଃ ମୋଟ ୨୩,୨୩୧ ଜଣ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ପ୍ରଥମ ପସନ୍ଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇବାର ସୁଯୋଗ ମିଳିଛି। କଟକର ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାରେ ସର୍ବାଧିକ କଟ୍‌ଅଫ୍ (୭୮%), ବାଣିଜ୍ୟରେ (୭୮.୨୦%) ଓ ବିଜ୍ଞାନରେ (୯୦%) ହାସଲ କରିଛି। ବାଲେଶ୍ୱରର ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲେଶ୍ୱରର ଏଫଏମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୬୭.୬୭% କଟ୍‌ଅଫ୍ ସହ ଧନ୍ଦାମୂଳକ ଷ୍ଟ୍ରିମରେ ଶୀର୍ଷରେ ରହିଛି। ଉପଶାସ୍ତ୍ରୀ ଷ୍ଟ୍ରିମରେ ପାରଳାଖେମୁଣ୍ଡିର ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୬୬.୦୦% ସହ ସର୍ବାଧିକ କଟଅଫ୍ ରେକର୍ଡ କରିଛି।

# ଡିଭାଇଡରକୁ ଧକ୍କା ଦେଇ ବିଲକୁ ଓଲଟିଲା ବସ୍: ୧୫ ଯାତ୍ରୀ ଆହତ

ନବରଙ୍ଗପୁର,୨୩।୭(ସଂଚାର ବ୍ୟୁରୋ): ଦ୍ରୁତ ଗତିରେ ଯାଉଥିବା ଏକ ଯାତ୍ରୀ ବସ୍ ଭାରସାମ୍ୟ ହରାଇ ରାସ୍ତାକଡ଼ ବିଲକୁ ଓଲଟି ପଡ଼ିଛି। ସେତେବେଳେ ବସ୍‌ରେ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। କୋରାପୁଟ ଜିଲ୍ଲା ଆଉଁଳି ଗାଁ ନିକଟରେ ଏହି ଦୁର୍ଘଟଣାଟି ଘଟିଛି। ମିଳିଥିବା ସୂଚନାନୁସାରେ, ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡିରୁ ଗୁଣୁପୁର ଅଭିମୁଖେ ଯାଉଥିଲା 'ଜଗନ୍ନାଥ' ନାମକ ବସ୍। ବିଳମ୍ବ ହୋଇଥିବାରୁ ବସ୍‌ଟି ବେଶ୍ ଦ୍ରୁତ ଗତିରେ ଜୟପୁର ଅଭିମୁଖେ ଯାଉଥିଲା। ତେବେ ଆଉଁଳି ଗାଁ ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ପ୍ରଥମେ ରାସ୍ତା କଡ଼ରେ ଥିବା ଡିଭାଇଡରକୁ ଧକ୍କା ଦେଇ ପରେ ବିଲ ଭିତରକୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରେ ଭୟ ଖେଳିଯାଇଥିଲା। କେହି ବସ୍ ଭିତରେ ଫସି ରହିଥିବା ବେଳେ କେହି ନିଜେ ବାହାରକୁ ଆସିବାରେ ସକ୍ଷମ ହୋଇଥିଲେ। ନିକଟସ୍ଥ କ୍ଷେତରେ କାମ କରୁଥିବା ଲୋକେ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ନବରଙ୍ଗପୁର ଓ ବୋରିଗୁମ୍ମା ଅଗ୍ନିଶମ ବାହିନୀ ପହଞ୍ଚି ବସ୍‌ରେ ଫସିଥିବା ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣାରେ ୧୫ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି।

# ଆଡ଼ପ ମଣ୍ଡପରେ ଶ୍ରୀଜିଉଙ୍କ ସନ୍ଧ୍ୟା ଦର୍ଶନ କଲେ ଭକ୍ତ

ପୁରୀ, ୨୩।୭ (ସଂଚାର ବ୍ୟୁରୋ): କାଲି ବାହୁଡ଼ା, ଆଜି ସନ୍ଧ୍ୟା ଦର୍ଶନ। ଆଜି ନବମୀ ତିଥିରେ ସନ୍ଧ୍ୟା ଦର୍ଶନ କରିଛନ୍ତି ଭକ୍ତ। ଏଥିପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଆଧାରରେ ଆଜି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆଡ଼ପ ମଣ୍ଡପରେ ସନ୍ଧ୍ୟା ଦର୍ଶନ କରିଥିଲେ ଭକ୍ତ। ଭକ୍ତଙ୍କ ଭିଡ଼ ଓ ଶୃଙ୍ଖଳିତ ଦର୍ଶନକୁ ଦୃଷ୍ଟିରେ ରଖି ବ୍ୟାରିକେଡ୍‌କୁ ମଧ୍ୟ ସମ୍ପ୍ରସାରଣ କରାଯାଇଛି। ଆସନ୍ତାକାଲି ବାହୁଡ଼ାଯାତ୍ରାର ସମସ୍ତ ନୀତିକାନ୍ତିକୁ ସୁଗମ କରିବା ପାଇଁ ଆଜି ସଂଧ୍ୟା ୬ଟାରୁ ପରଠୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ମହାପ୍ରଭୁଙ୍କ ଅନେକ ନୀତିକାନ୍ତି କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଆଜି ବିଳମ୍ବିତ ରାତିରେ ଦଇତାପତି ସେବାୟତଙ୍କ ଦ୍ୱାରା ଶ୍ରୀମୁଖ ଖଣ୍ଡୁଆ, ବାହୁଟକଣ୍ଟ, କୁସୁମିଲାଗି କରାଯିବା ସହ କୋଠସୁଆଁସିଆ ସେବାୟତଙ୍କ ଦ୍ୱାରା ଚାରମାଳ ବନ୍ଧାଯିବ। ତା'ପରେ କୁସୁମି ଲାଗି ହେବ। ଆସନ୍ତାକାଲି ପବିତ୍ର ଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ସକାଳୁ ସମସ୍ତ ନୀତି ଗୋପାଳବଲ୍ଲଭ ଓ ସକାଳ ଧୂପ ପରେ ସେନାପଟା ଲାଗି ହେବ। ଆସନ୍ତାକାଲି ଶ୍ରୀମନ୍ଦିରକୁ ବାହୁଡ଼ିବେ ଶ୍ରୀଜିଉ।

# ୪୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ



ମାଲକାନଗିରି,୨୩।୭(ସଂଚାର ବ୍ୟୁରୋ): ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଅବକାରୀ ଅଧିକ୍ଷକ ମାଲକାନଗିରି ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଅବକାରୀ ବିଭାଗ ପକ୍ଷରୁ ପେପରମେଟଲା ଥାନା ଅନ୍ତର୍ଗତ ସିଲିଗୁମ୍ମା ଗ୍ରାମ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଉକ୍ତ ଚଢ଼ାଉ ସମୟରେ ଜଙ୍ଗଲ ମଧ୍ୟରେ ଲୁଚାଇ ରଖାଯାଇଥିବା ପାଖାପାଖି ୪ କ୍ୱିଣ୍ଟାଲ୍ ଓଜନର ଗଞ୍ଜେଇ ଜବତ କରାଯାଇଛି, ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୪୦ ଲକ୍ଷ ଟଙ୍କା ହେବ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଉକ୍ତ ଗଞ୍ଜେଇକୁ ବାହାର ରାଜ୍ୟକୁ ଚାଲାଣ କରାଯିବା ଉଦ୍ଦେଶ୍ୟରେ ଜଙ୍ଗଲରେ ଲୁଚାଇ ରଖାଯାଇଥିଲା। ଏହି ଘଟଣାରେ ଏକ ଦାବିହୀନ ମାମଲା ରୁଜୁ କରାଯାଇ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ ଓ ଗିରଫ କରିବା ସହ ଅଧିକ ତଦନ୍ତ ଜାରି ରହିଛି। ଚଢ଼ାଉରେ ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ବଳ, ବିଙ୍ଗରାଜ ଦାମୀ, ଅବକାରୀ ଉପନିରୀକ୍ଷକ ବ୍ରଜ ବିହାରୀ ନାୟକ, ଦୀନବନ୍ଧୁ ସିରା, ଏଏସଆଇ ରାମଚନ୍ଦ୍ର ହନ୍ତାଲ, କନଷ୍ଟେବଲ ନାଗେଶ ପଣ୍ଡା, ସରିତା ନାୟକ ଓ ଜୁଲି ସା ଉପସ୍ଥିତ ଥିଲେ।

● ପୌର ଓ ପଞ୍ଚାୟତରେ ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଶ୍ରୀକାନ୍ତ



ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ): ପୌର ଓ ପଞ୍ଚାୟତ ନିର୍ବାଚନରେ ପଛୁଆବର୍ଗ ପାଇଁ ସଂରକ୍ଷଣ ଦାବି କରି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ନିକଟରେ ରାଜ୍ୟ ସରକାର ଏନଏସି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ କରିଛନ୍ତି। କିନ୍ତୁ ଏଥିରେ ପଛୁଆ ବର୍ଗ ପାଇଁ ସଂରକ୍ଷଣ ଘୋଷଣା କରାଯାଇନାହିଁ। ଶ୍ରୀ ଜେନା କହିଛନ୍ତି ଯେ ଦେଶର ପ୍ରାୟ ସବୁ ରାଜ୍ୟମାନଙ୍କରେ 'ପଛୁଆବର୍ଗ'ଙ୍କ ପାଇଁ ପଞ୍ଚାୟତ/ପୌର ନିର୍ବାଚନରେ ସଂରକ୍ଷଣ ରଖାଯାଇଛି। ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠାରେ ପଛୁଆବର୍ଗଙ୍କ ସଂଖ୍ୟା ୫୪ ପ୍ରତିଶତ ହେବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ପଞ୍ଚାୟତ/ପୌର ନିର୍ବାଚନରେ ଆଦୌ ସଂରକ୍ଷଣ ଦିଆଯାଇନାହିଁ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପଛୁଆବର୍ଗଙ୍କ ସଂଖ୍ୟା ଏକ ବିଶେଷ କମିଶନ ଦ୍ୱାରା ନିରୂପିତ କରାଯାଇଥାଏ। ପୂର୍ବ ସରକାର ଏଥିପାଇଁ ଜଷ୍ଟିସ୍ ରଘୁନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ପଛୁଆବର୍ଗ କମିଶନ ଗଠନ କରିଥିଲେ। ମାତ୍ର ସେହି କମିଶନଙ୍କ କାର୍ଯ୍ୟକାଳ ମଧ୍ୟରେ ରାଜ୍ୟରେ ପଛୁଆବର୍ଗଙ୍କ ସଂଖ୍ୟା ନିରୂପଣ କରାଯାଇନାହିଁ। ଇତିମଧ୍ୟରେ ଉକ୍ତ କମିଶନଙ୍କ କାର୍ଯ୍ୟକାଳ ସରିଯାଇଛି। ରାଜ୍ୟର ସମୁଦାୟ ଜନସଂଖ୍ୟାର ୫୪ ପ୍ରତିଶତ ପଛୁଆବର୍ଗ ସେମାନଙ୍କ ସାମ୍ବିଧାନିକ ଅଧିକାର ପ୍ରଦାନ କରାଯାଇନାହିଁ। ତେଣୁ ସରକାର ତୁରନ୍ତ ପଛୁଆବର୍ଗ କମିଶନ କାର୍ଯ୍ୟକାରୀ କରାଇ ଘର-ଘର ବୁଲି ସେମାନଙ୍କ ସଂଖ୍ୟା ନିରୂପଣ କରାଇ ପଛୁଆବର୍ଗଙ୍କୁ ପଞ୍ଚାୟତ/ପୌର ନିର୍ବାଚନରେ ସଂଖ୍ୟାନୁପାତିକ ସଂରକ୍ଷଣ ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି। ସେହିଭଳି ଗତ ୨୦୧୭ରୁ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କ ନିଷ୍ପତ୍ତି (୫୦ ପ୍ରତିଶତ ସଂରକ୍ଷଣ ସୀମା)କୁ ବରଖାସ୍ତ କରି ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଲିଭ ପିଟିସନ ଦାଖଲ କରାଯାଇଥିଲା। ମାତ୍ର ଏହାକୁ ପୂର୍ବ ସରକାର ସୁପ୍ରିମ୍‌କୋର୍ଟରେ ଓକିଲ ଦେଇ ମାମଲାକୁ ଚୂଡ଼ାନ୍ତ ପର୍ଯ୍ୟାୟକୁ ନ ନେଇ ଚୁପ୍ ରହିଥିଲେ, ଯାହା ରାଜ୍ୟର ପଛୁଆବର୍ଗ ଯୁବକଯୁବତୀମାନଙ୍କ ପାଇଁ ଏକ ଧୋକ୍କା ବୋଲି ଶ୍ରୀ ଜେନା କହିଛନ୍ତି।

# ପଲ୍ସ ପୋଲିଓ ଅଭିଯାନକୁ ବେଦାନ୍ତର ସହଯୋଗ




୧୬ ବୁଥରେ ଦେଢ଼ ହଜାର ଶିଶୁଙ୍କୁ ଦିଆଗଲା ଟିକା

ଝାରସୁଗୁଡ଼ା,୨୩।୭(ସଂଚାର ବ୍ୟୁରୋ): ସମୁଦାୟ ସ୍ୱାସ୍ଥ୍ୟ ଓ ଶିଶୁ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃଦୃଢ଼ କରି ଦେଶର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ମିଳିତ ଭାବେ ଝାରସୁଗୁଡ଼ାର ୧୬ଟି ନିର୍ଦ୍ଧାରିତ ବୁଥରେ ପଲ୍ସ ପୋଲିଓ ଟିକାକରଣ ଅଭିଯାନରେ ସହଯୋଗ କରିଛି। କେନ୍ଦ୍ର ସରକାରଙ୍କ ଦେଶବ୍ୟାପୀ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଅଧୀନରେ ପରିଚାଳିତ ଏହି ଅଭିଯାନରେ ୫ ବର୍ଷରୁ କମ୍ ବୟସର ପାଖାପାଖି ଦେଢ଼ ହଜାର ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରାଯାଇଥିଲା। ସମୟୋପଯୋଗୀ ଟିକାକରଣ, ଜନସଚେତନତା ଓ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ମାଧ୍ୟମରେ ଏହି ପଦକ୍ଷେପ ପୋଲିଓ ନିରାକରଣ ପ୍ରୟାସକୁ ଅଧିକ ସୁଦୃଢ଼ କରିଛି। ପଲ୍ସ ପୋଲିଓ ଅଭିଯାନ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଯାହାର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଶିଶୁଙ୍କୁ ମୌଖିକ ପୋଲିଓ ଟିକା ପ୍ରଦାନ କରି ଏହି ରୋଗରୁ ସୁରକ୍ଷିତ ରଖିବା। ନିଜର କାର୍ଯ୍ୟକ୍ଷେତ୍ରରେ ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି ପାଇଁ ବେଦାନ୍ତ ଆଲୁମିନିୟମ ସରକାରୀ ସଂସ୍ଥା ଓ ସ୍ଥାନୀୟ ଅଂଶୀଦାରମାନଙ୍କ ସହ ସକ୍ରିୟ ଭାବେ କାର୍ଯ୍ୟ କରୁଛି।

ଝାରସୁଗୁଡ଼ାରେ ଆୟୋଜିତ ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମଚାରୀ, କ୍ଷେତ୍ରସ୍ତରୀୟ ସ୍ୱେଚ୍ଛାସେବୀ ଓ ସମୁଦାୟ ପ୍ରତିନିଧି ସାମିଲ ହୋଇ ସମସ୍ତ ବ୍ଲକ୍‌ରେ ଟିକାକରଣ ସୁନିଶ୍ଚିତ କରିଥିଲେ। ବେଦାନ୍ତ ଆଲୁମିନିୟମ ପକ୍ଷରୁ ଲଜିଷ୍ଟିକ୍ ସହଯୋଗ, ଜନସଚେତନତା ଓ କ୍ଷେତ୍ର ସ୍ତରରେ ସମନ୍ୱୟ ପ୍ରଦାନ କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ଏକ ଉଚ୍ଚସ୍ତରୀୟ ପର୍ଯ୍ୟବେକ୍ଷଣ ଦଳ ବିଭିନ୍ନ ବୁଥ୍ ପରିଦର୍ଶନ କରି ଟିକାର କୋଲ୍ଡ-ଚେନ୍ ବ୍ୟବସ୍ଥାପନା, ସଠିକ୍ ରେକର୍ଡ ସଂରକ୍ଷଣ ଓ ଉତ୍କୃଷ୍ଟ ସମନ୍ୱୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି ଯେ ଶିଶୁମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ହିଁ ଏକ ସୁଦୃଢ଼ ଓ ସକ୍ଷମ ସମାଜ ଗଠନର ମୂଳ ଆଧାର। ଏହି ସହଭାଗିତା ମାଧ୍ୟମରେ ଆମେ ଜିଲ୍ଲା ପ୍ରଶାସନକୁ ପ୍ରତ୍ୟେକ ଶିଶୁଙ୍କ ନିକଟରେ ଆବଶ୍ୟକ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ସହଯୋଗ କରୁଛୁ। ଝାରସୁଗୁଡ଼ାର ପରିବାରମାନଙ୍କ ସକ୍ରିୟ ଅଂଶଗ୍ରହଣ ଏହି ଅଭିଯାନର ସଫଳତାକୁ ପ୍ରତିଫଳିତ କରୁଛି ଓ ଅର୍ଥପୂର୍ଣ୍ଣ ସହଭାଗିତା ମାଧ୍ୟମରେ ସୁଲଭ ସ୍ୱାସ୍ଥ୍ୟସେବାକୁ ଆଗେଇ ନେବାକୁ ଆମେ ପ୍ରତିବଦ୍ଧ ବୋଲି ସେ କହିଛନ୍ତି।

# ଉପନ୍ୟାସ 'ଅପର ପକ୍ଷ' ଲୋକାର୍ପିତ



ସତ୍ୟବାଦୀ,୨୩।୭(ସଂଚାର ବ୍ୟୁରୋ): ବିଶିଷ୍ଟ ଔପନ୍ୟାସିକା ତଥା ରାଜନେତା କାଳିନ୍ଦୀ ସାମଲଙ୍କ ଦ୍ୱାରା ରଚିତ ଉପନ୍ୟାସ 'ଅପର ପକ୍ଷ' ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରକୋଷ୍ଠରେ ଲୋକାର୍ପିତ ହୋଇଛି। ଉତ୍ସବକୁ ବିଶିଷ୍ଟ ସ୍ଥପତି ପଦ୍ମଶ୍ରୀ ପ୍ରଭାକର ମହାରଣା ଉଦଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡକ୍ଟର ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ ଡକ୍ଟର ଚନ୍ଦ୍ରଶେଖର ହୋତା ମୁଖ୍ୟ ବକ୍ତା, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ପ୍ରୀତିରାଜ ଶତପଥୀ ସମ୍ମାନିତ ଅତିଥି, ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ ସଭାପତି ସମୀର ମହାନ୍ତି ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ବିଶିଷ୍ଟ କଥାଶିଳ୍ପୀ ଡକ୍ଟର ଅରବିନ୍ଦ ରାୟ ଓ ଆୟୋଜକ ପ୍ରତିଷ୍ଠାନ 'ସାରଳା ଭାଷା ସାହିତ୍ୟ ଓ ପୁରାତତ୍ତ୍ୱ ଗବେଷଣାନ୍ୟାସ'ର ନିର୍ଦ୍ଦେଶକ ଅଜିତ ଦାଶ 'ଅପର ପକ୍ଷ' ଉନ୍ମୋଚନର ବିଶେଷତ୍ୱ ଉପରେ ବର୍ଣ୍ଣନା କରିଥିଲେ। ପୁସ୍ତକର ସମୀକ୍ଷା କରିଥିଲେ ଆଦିବାସୀ ଗବେଷଣା ବିକାଶ କେନ୍ଦ୍ରର ନିର୍ଦ୍ଦେଶ ଡକ୍ଟର ବିକ୍ରମ ଜେନା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୀତିକାର ପଞ୍ଚାନନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଭକ୍ତିସଙ୍ଗୀତ ଆସର ମନମୁଗ୍ଧ କରିଥିଲା। ଡକ୍ଟର ରାଧାଗୋବିନ୍ଦ କୋଇଲା ଓ ଡକ୍ଟର ଶର୍ମିଷ୍ଠା ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପୁସ୍ତକର ପ୍ରକାଶକ ବିଭୁ ପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ପଦ୍ମଶ୍ରୀ ପ୍ରଭାକର ମହାରଣା ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ।

# ମା' ଦୁର୍ଗାଙ୍କ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ): ସ୍ଥାନୀୟ ସହିଦ ନଗର ଦୁର୍ଗାପୂଜା ସମିତି ପକ୍ଷରୁ ମା' ଦୁର୍ଗାଙ୍କ ପ୍ରତିଷ୍ଠା ଉତ୍ସବ ଓ ତିନିଦିନ ବ୍ୟାପି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ସହ ଶେଷ ହୋଇଛି। ସନ୍ଧ୍ୟାରେ ସ୍ମୃତିସୁଧା ଭଜନ ଗ୍ରୁପ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଖାପାଖି ୫ ହଜାର ଭକ୍ତ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ। ପୂର୍ଣ୍ଣାହୁତି ସମୟରେ ଶଙ୍ଖ, କର୍ତ୍ତାଳ, ମର୍ଦ୍ଦଳା, ଘଣ୍ଟ, ହରିବୋଲ, ହୁଳହୁଳିରେ ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ବିଜେପି ନେତା ଜଗନ୍ନାଥ ପ୍ରଧାନ, ଗୋଲେଖ ମହାପାତ୍ର, ପ୍ରିୟଦର୍ଶୀ ମିଶ୍ର ଅତିଥି ରୂପେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ବିଶ୍ୱପ୍ରସାଦ ମହାନ୍ତି, କାର୍ଯ୍ୟକାରୀ ସଭାପତି, ସରୋଜ କୁମାର ପାତ୍ର, ସଚିନନ୍ଦନ ନାୟକ, ସମ୍ପାଦକ ହରିଶ ପ୍ରସାଦ ରଥ, କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ତ୍ରିପାଠୀ, ସହଉପଦେଷ୍ଟା ମନୋରଞ୍ଜନ ଦାଶ, ସୁଧୀର କୁମାର ଶତପଥୀ, ସୁରେଶ ଦାସ, ମନୋରଞ୍ଜନ ଦାଶ, ଦିଲ୍ଲୀପ ଦାସ, ଚନ୍ଦନ ପାଳିତ, ବିଶ୍ୱରଞ୍ଜନ ରାୟ, ଉପସଭାପତି ଅଚ୍ୟୁତ ପ୍ରସାଦ ବେହେରା, ରାଜକିଶୋର ଦାସ, ବିଭୁଦତ୍ତ ଦାସ, ସହ ସମ୍ପାଦକ ଦୀପଙ୍କର ମହାପାତ୍ର, ରଞ୍ଜନ ମହାପାତ୍ର, ଗୋପାଳକୃଷ୍ଣ ମହାନ୍ତି, ସ୍ମୃତିରଞ୍ଜନ ଜେନା, ଆଦର୍ଶ ପଟ୍ଟନାୟକ,ଲଳିତ କୁମାର ଖୁଣ୍ଟିଆ,ହେମନ୍ତ କୁମାର ମଲ୍ଲିଆ, ରଞ୍ଜନ ସାମଲ, ସନ୍ଦୀପ ବେହେରା, ସୋନୁ ଜି, ବିଭୁ ପଦାରବିନ୍ଦ, ସନ୍ତୁ ଅଭିମନ୍ୟୁ, ବିଜୁ, କାଳିଆ, ମୁନା ଉପସ୍ଥିତ ଥିଲେ।

# ଏକଲବ୍ୟ ବିଦ୍ୟାଳୟ, ୪୭ରେ ପାଠପଢ଼ା

ଭୁବନେଶ୍ୱର,୨୩।୭: ଓଡ଼ିଶା ପାଇଁ ୧୧୪ଟି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ମଞ୍ଜୁର ହୋଇଥିବା ବେଳେ ଏଥିରୁ ମାତ୍ର ୪୭ରେ ପାଠପଢ଼ା ହେଉଛି। ୬୨ଟି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ କରିଥିବା ବେଳେ ଆଉ ୫୨ଟି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ବିଭିନ୍ନ ସ୍ତରରେ ରହିଛି। ରାଜ୍ୟରେ ଏକଲବ୍ୟ ବିଦ୍ୟାଳୟର ନିର୍ମାଣର ଅବସ୍ଥିତି ସଂକ୍ରାନ୍ତରେ ବିଜେପି ସାଂସଦ ସୁଜିତ କୁମାର ପଚାରିଥିବା ପ୍ରଶ୍ନର ଉତ୍ତରରେ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାଶ ଉଇକେ।

କେନ୍ଦ୍ରମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ଓଡିଶାର ୧୮ଟି ଜିଲ୍ଲା ପାଇଁ ୧୧୪ଟି ଏକଲବ୍ୟ ଆବାସିକ ବିଦ୍ୟାଳୟ ମଞ୍ଜୁର ହୋଇଥିବା ବେଳେ ସର୍ବାଧିକ ୨୩ଟି ବିଦ୍ୟାଳୟ ମୟୂରଭଞ୍ଜ ଜିଲ୍ଲା ପାଇଁ ରହିଛି। ବର୍ତ୍ତମାନ ସୁଦ୍ଧା ଏଥିରୁ ୧୩ଟି ବିଦ୍ୟାଳୟରେ ପାଠପଢ଼ା ଚାଲିଥିବା ବେଳେ ୧୭ଟି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ସରିଛି ଓ ୬ଟି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ରହିଛି। ସେହିଭଳି ସୁନ୍ଦରଗଡ଼ ଜିଲ୍ଲା ପାଇଁ ୧୬ଟି ବିଦ୍ୟାଳୟ ମଞ୍ଜୁର ହୋଇଥିବା ବେଳେ କୋରାପୁଟ ପାଇଁ ୧୨ଟି ଏବଂ କେନ୍ଦୁଝର ଓ କନ୍ଧମାଳ ପାଇଁ ୧୦ଟି ଲେଖାଏଁ ବିଦ୍ୟାଳୟ ରହିଛି।

ମାଲକାନଗିରି ଜିଲ୍ଲା ପାଇଁ କେନ୍ଦ୍ର ସରକାର ୬ଟି ଏକଲବ୍ୟ ବିଦ୍ୟାଳୟ ମଞ୍ଜୁର ହୋଇଥିବା ବେଳେ ଗଜପତି ପାଇଁ ୫ଟି, ରାୟଗଡ଼ା ପାଇଁ ୯ଟି, ନବରଙ୍ଗପୁର ପାଇଁ ୮ଟି, ସମ୍ବଲପୁର ପାଇଁ ୪ଟି, କଳାହାଣ୍ଡି, ଯାଜପୁର ଓ ଝାରସୁଗୁଡ଼ା ପାଇଁ ୨ଟି ଲେଖାଏଁ, ନୂଆପଡ଼ା, ବଲାଙ୍ଗୀର, ବାଲେଶ୍ୱର, ଦେବଗଡ଼ ଓ ଢେଙ୍କାନାଳ ପାଇଁ ଗୋଟିଏ ଲେଖାଏଁ ବିଦ୍ୟାଳୟ ମଞ୍ଜୁର ହୋଇଛି।

ସମସ୍ତ ୧୮ଟି ଜିଲ୍ଲା ମଧ୍ୟରୁ କେବଳ ଢେଙ୍କାନାଳକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଜିଲ୍ଲାରେ ନିର୍ମାଣ ସରିଥିବା ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ଚାଲୁଛି। ସେହିପରି ଢେଙ୍କାନାଳ ଜିଲ୍ଲାକୁ ମିଳିଥିବା ଗୋଟିଏ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଜାରି ରହିଛି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ସମେତ ଦେଶର ଅନ୍ୟ ରାଜ୍ୟରେ ଥିବା ସମସ୍ତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ୯୧୧୧ ଜଣ ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୭୨୬୭ଟି ପଦବୀ ପାଇଁ ପରୀକ୍ଷା ଅନୁଷ୍ଠିତ ହୋଇଛି। ତେବେ ବିଦ୍ୟାଳୟଗୁଡ଼ିକରେ ଯେଭଳି ପାଠପଢ଼ା ସୁରୁଖୁରୁରେ ଚାଲିବ, ସେଥିପାଇଁ ଖାଲି ଥିବା ପଦବୀ ପୂରଣ ପାଇଁ ଡେପୁଟେସନରେ କର୍ମଚାରୀ ଆଣିବା କିମ୍ବା ଠିକାରେ ନିଯୁକ୍ତି ଦେବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ କୁହାଯାଇଛି।

ଏହିସବୁ ବିଦ୍ୟାଳୟରେ ପାଠପଢ଼ା ସଂକ୍ରାନ୍ତରେ ଅବଗତ ପାଇଁ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଜାତୀୟ ଶିକ୍ଷା ସମିତି ପକ୍ଷରୁ ରାଜ୍ୟ ଏକଲବ୍ୟ ଆବାସିକ ବିଦ୍ୟାଳୟ ସମିତି ସହ ସମନ୍ୱୟ ରକ୍ଷା କରାଯାଇ ନିୟମିତ ଭାବେ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା, ପ୍ରଦର୍ଶନ ଆଦି ସଂକ୍ରାନ୍ତରେ ସମୀକ୍ଷା କରାଯିବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆଉ ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live



# ବାଜିରେ ଲାଗିଛି ଛାତ୍ରଙ୍କ ଭବିଷ୍ୟତ

ସାମ୍ପ୍ରତିକ ସମୟରେ ଦେଶର ଶିକ୍ଷା ବ୍ୟବସ୍ଥା ଏକ ଗଭୀର ସଙ୍କଟର ସମ୍ମୁଖୀନ ହୋଇଛି। ଏନ୍‌ଇଇଟି, ସିବିଏସ୍‌ଇ ଏବଂ ଅନ୍ୟାନ୍ୟ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତା ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନାମକ ଏକ ଯୁବ ଆନ୍ଦୋଳନ ଜନ୍ତର ମନ୍ତରରେ ପ୍ରତିବାଦ କରି କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରୁଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଛାତ୍ର ଆନ୍ଦୋଳନ ହୋଇପାରେ, କିନ୍ତୁ ଏହାର ରାଜନୀତିକରଣ ସମସ୍ୟାକୁ ଆହୁରି ଜଟିଳ କରି ଦେଇଛି। କକ୍ରୋଚ୍ ଜନତା ପାର୍ଟି ପ୍ରଥମେ ଏକ ଡିଜିଟାଲ୍ ସ୍ୟାଟାୟାରିକାଲ୍ ଗ୍ରୁପ୍ ଭାବରେ ଆରମ୍ଭ ହୋଇଥିଲା। ମୁଖ୍ୟ ନ୍ୟାୟାଧୀଶଙ୍କ ଏକ ମନ୍ତବ୍ୟକୁ ନେଇ ଏହା ଯୁବକମାନଙ୍କ ମଧ୍ୟରେ ଏକ ଆନ୍ଦୋଳନର ରୂପ ନେଇଥିଲା। ଏହାର ନେତା ଅଭିଜିତ ଦୀପକେ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ପରୀକ୍ଷା ଅନିୟମିତତା, ଛାତ୍ର ଆତ୍ମହତ୍ୟା ଏବଂ ଶିକ୍ଷା ବ୍ୟବସ୍ଥାର ବ୍ୟର୍ଥତା ବିରୋଧରେ ସ୍ୱର ଉଠାଇଛନ୍ତି। ସେମାନେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନୈତିକ ଦାୟିତ୍ୱ ନେବାକୁ ଏବଂ ଇସ୍ତଫା ଦେବାକୁ ଦାବି କରୁଛନ୍ତି। ଏହି ଆନ୍ଦୋଳନରେ ସୋନାମ୍ ୱାଙ୍ଗଚୁକ ପରି ବ୍ୟକ୍ତିତ୍ୱଙ୍କ ସମର୍ଥନ ମଧ୍ୟ ମିଳିଛି, ଯାହା ଏହାକୁ ଏକ ବଡ଼ ଆକାର ଦେଇଛି।

କିନ୍ତୁ ଏହି ଛାତ୍ର ଓ ଯୁବ ଆନ୍ଦୋଳନକୁ ବିରୋଧୀ ଦଳଗୁଡ଼ିକ ବିଶେଷ କରି କଂଗ୍ରେସ ଏବଂ ଇଣ୍ଡିଆ ବ୍ଲକ୍ ରାଜନୈତିକ ଲାଭ ପାଇଁ ବ୍ୟବହାର କରୁଛନ୍ତି। ମଲ୍ଲିକାର୍ଜୁନ ଖଡ଼ଗେ, ରାହୁଲ ଗାନ୍ଧୀ ଏବଂ ଅନ୍ୟାନ୍ୟ ନେତାମାନେ ଏହାକୁ ସରକାର ବିରୋଧୀ ପ୍ରଚାରର ଏକ ହାତିଆର କରିଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କୁ 'ଆତଙ୍କବାଦୀ' ମନ୍ତବ୍ୟ ଦେବା ଏବଂ ଛାତ୍ରଙ୍କ ପ୍ରତିବାଦକୁ ରାଜନୈତିକ ଭାବେ ଉତ୍ତେଜିତ କରିବା ଏହି ପ୍ରକ୍ରିୟାକୁ ଆହୁରି ଖରାପ କରିଛି। ଏହା ସ୍ପଷ୍ଟ ଯେ, ବିରୋଧୀମାନେ ଛାତ୍ରଙ୍କ ବେଦନାକୁ ନିଜର ରାଜନୈତିକ ଏଜେଣ୍ଡା ପାଇଁ ବ୍ୟବହାର କରୁଛନ୍ତି ବୋଲି ମନେ ହୁଏ।

ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ଏକ ପ୍ରମୁଖ ନେତା ଏବଂ କେନ୍ଦ୍ରୀୟ ମନ୍ତ୍ରୀ ଭାବରେ ଦେଶର ଶିକ୍ଷା କ୍ଷେତ୍ରରେ ଅନେକ




ପଦକ୍ଷେପ ନେଇଛନ୍ତି। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)ର କାର୍ଯ୍ୟାନ୍ୱୟନ, ଡିଜିଟାଲ ଶିକ୍ଷା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ତାଙ୍କ ନେତୃତ୍ୱରେ ଆଗକୁ ବଢ଼ିଛି। କିନ୍ତୁ ପରୀକ୍ଷା ବ୍ୟବସ୍ଥାର ତ୍ରୁଟି ଏକ ଗମ୍ଭୀର ସମସ୍ୟା। ଏନ୍‌ଟିଏ (ନ୍ୟାସନାଲ୍ ଟେଷ୍ଟିଙ୍ଗ୍ ଏଜେନ୍ସି)ର ଅନିୟମିତତା ଏବଂ ଲିକ୍ ଘଟଣା ସରକାରଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଏହାର ଦାୟିତ୍ୱ ନେଇ ତଦନ୍ତ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। କିନ୍ତୁ ଏକ ମନ୍ତ୍ରୀଙ୍କ ଇସ୍ତଫା ସବୁ ସମସ୍ୟାର ସମାଧାନ ନୁହେଁ। ଏହା ଏକ ରାଜନୈତିକ ସ୍ଲୋଗାନବାଜୀ ହୋଇଯାଇଛି।

ଓଡ଼ିଶାର ପ୍ରସଙ୍ଗରେ ଏହି ଆନ୍ଦୋଳନର ପ୍ରଭାବ ଦେଖାଯାଉଛି। ଧର୍ମେନ୍ଦ୍ର ପ୍ରଧାନଙ୍କ ରାଜ୍ୟରେ ମଧ୍ୟ ବିରୋଧର ସମ୍ମୁଖୀନ ହେବାକୁ ପଡୁଛି। ଓଡ଼ିଶା କଂଗ୍ରେସ ସିଜେପି ଦାବିକୁ ସମର୍ଥନ କରୁଛି। କିନ୍ତୁ ଏହା ଓଡ଼ିଶାର ଯୁବକମାନଙ୍କ ପାଇଁ କେତେ ଲାଭଦାୟକ? ରାଜ୍ୟରେ ନିଯୁକ୍ତି, ଶିକ୍ଷା ଏବଂ ଉନ୍ନୟନର ଅନେକ ସମସ୍ୟା ରହିଛି। ଜାତୀୟ ସ୍ତରର ଏହି ଆନ୍ଦୋଳନକୁ ରାଜ୍ୟ ରାଜନୀତିର ଅଂଶ କରିବା ଦ୍ୱାରା ସ୍ଥାନୀୟ ସମସ୍ୟାଗୁଡ଼ିକ ଆଉ ଅଧିକ ଅଣଦେଖା ହୋଇପାରେ।

ଏହି ଆନ୍ଦୋଳନର ରାଜନୀତିକରଣ ଛାତ୍ର ସମାଜକୁ ବିଭାଜିତ କରୁଛି। ଏକ ପକ୍ଷରେ ସ୍ୱଚ୍ଛ ପରୀକ୍ଷା ବ୍ୟବସ୍ଥାର ଦାବି ଯଥାର୍ଥ, ଅନ୍ୟ ପକ୍ଷରେ ଏହାକୁ ସରକାର ବିରୋଧୀ ରାଜନୀତିର ହାତିଆର କରିବା ଦୁର୍ଭାଗ୍ୟଜନକ। ସରକାର ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବା ଉଚିତ, ଯେମିତି ସ୍ୱାଧୀନ ତଦନ୍ତ, ସୁରକ୍ଷା ପ୍ରୋଟୋକଲ୍ ଉନ୍ନତିକରଣ ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ। ବିରୋଧୀମାନେ ମଧ୍ୟ ରାଜନୈତିକ ଲାଭ ପାଇଁ ଏହାକୁ ବ୍ୟବହାର ନ କରି ନିର୍ମାଣାତ୍ମକ ଭୂମିକା ଗ୍ରହଣ କରନ୍ତୁ।

ଛାତ୍ରଙ୍କ ଭବିଷ୍ୟତ ରାଜନୀତିର ଖେଳ ନୁହେଁ। ଏହି ଆନ୍ଦୋଳନ ଯଦି ସତ୍ୟକୁ ଉପଯୁକ୍ତ ଦିଗ ଦେଇ ଶିକ୍ଷା ବ୍ୟବସ୍ଥାର ସୁଧାର ଆଣିପାରେ ତେବେ ଏହା ସଫଳ ହେବ। ଅନ୍ୟଥା ଏହା କେବଳ ଏକ ରାଜନୈତିକ ନାଟକ ହୋଇ ରହିଯିବ। ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏକ ପ୍ରତୀକାତ୍ମକ ଦାବି ହୋଇପାରେ, କିନ୍ତୁ ପ୍ରକୃତ ସମାଧାନ ହେଉଛି ବ୍ୟବସ୍ଥାଗତ ସୁଧାର ଏବଂ ଦାୟିତ୍ୱବୋଧ। ଓଡ଼ିଶା ସମେତ ସମଗ୍ର ଦେଶର ଯୁବକମାନେ ଏହି ସଙ୍କଟରୁ ଉତ୍ତରଣ ପାଇବା ଉଚିତ, ନଚେତ ଏହା ଆହୁରି ଅନେକ ପିଢ଼ିର ସ୍ୱପ୍ନ ଭାଙ୍ଗିବ।

# ପବିତ୍ର ବାହୁଡ଼ା ଯାତ୍ରା

**ସୁକାନ୍ତ ଛାଟୋଇ**



ମହାପ୍ରଭୁଙ୍କ ଅନନ୍ୟ, ଅପୂର୍ବ ଲୀଳା ଭିତରେ ଅନେକ ତତ୍ୱ ରହିଛି ଯାହା ଆମ ନିତିଦିନିଆ ଜୀବନକୁ ଯୁଗବତ୍ ଅନେକ ଶିକ୍ଷା ପ୍ରଦାନ କରିଛି। ମହାପ୍ରଭୁ ଜନ୍ମବେଦୀରେ ଗୋଟିଏ ସପ୍ତାହ ଅବସ୍ଥାନ କଲାପରେ ବାହୁଡ଼ା ଦଶମୀରେ ଶ୍ରୀମନ୍ଦିରକୁ ଆଗମନ କରିଥାନ୍ତି। ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ତଥ୍ୟ ଅନୁଯାୟୀ 'ଶ୍ରୀଗୁଣ୍ଡିଚା ମନ୍ଦିରସ୍ଥ ଜନ୍ମବେଦୀ ବା ମହାବେଦୀରେ ସେ ମହାଦାରୁର ରୂପବନ୍ତ ହୋଇଥିବାରୁ ତାହା ତାଙ୍କର ଜନ୍ମସ୍ଥାନ ତଥା ଅତି ପ୍ରିୟ ପୀଠ'।

ବାହୁଡ଼ା ଯାତ୍ରାର ନୀତିକାନ୍ତି ଯାହା, ଦକ୍ଷିଣାଭିମୁଖୀ ହୋଇ ରଥରେ ଫେରନ୍ତି ମହାପ୍ରଭୁ। ଏଥିପାଇଁ ସକାଳୁ ସକାଳୁ ଆନୁସଙ୍ଗିକ ନୀତି ବଢ଼ିଥାଏ। ମହାପ୍ରଭୁ ସଜ ହୋଇ ଟାହିଆ ଲଗେଇ ବାହାରନ୍ତି ବଡ଼ ଦେଉଳ ଅଭିମୁଖେ। ପୂର୍ବରୁ ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ନିକଟରେ ପ୍ରସ୍ତୁତ ଥାଆନ୍ତି। ଏହି ଦ୍ୱାରବାଟେ ଠାକୁରମାନେ ଧାଡ଼ି ପହଣ୍ଡିରେ ଆସନ୍ତି। ପ୍ରଥମେ ସୁଦର୍ଶନ ତା'ପରେ ବଳଭଦ୍ର, ପୁଣି ପଛକୁ ଥାନ୍ତି ଦେବୀ ସୁଭଦ୍ରା ଓ ଜଗନ୍ନାଥ।

ଏହି ବାହୁଡ଼ା ଯାତ୍ରା ରଥଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। କାରଣ ଏହା ଠାକୁରଙ୍କ ପ୍ରଥମ ରଥଯାତ୍ରାର ସ୍ମାରକୀ। ଇତିହାସ କହେ, ଶ୍ରୀଜିଉଙ୍କ ପ୍ରଥମ ରଥଯାତ୍ରା ହୋଇଥିଲା ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ। ରଥଯାତ୍ରା ଭଳି ବାହୁଡ଼ା ଯାତ୍ରାରେ ବି ଗଜପତି ଛେରାପହଁରା କରନ୍ତି। ତା'ପରେ ରଥ ଗଡ଼େ ଶରଧାବାଲିରେ, ବଡ଼ଦାଣ୍ଡରେ ବାଟରେ ବିଭିନ୍ନ ମଠ ପକ୍ଷରୁ ପନ୍ତି ଭୋଗ ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରା କାଳରେ ଠାକୁରେ ତିନି ଜାଗା ଅଟକିଥାନ୍ତି। ତାଙ୍କ ରଥ ଟିକେ ରହିଯାଏ ଭକ୍ତ ସାଲବେଗଙ୍କ ସମାଧି ମନ୍ଦିର ଆଗରେ। ଦିନେ ସାଲବେଗ ଏହି ରଥଯାତ୍ରା ଦେଖିଲେ ଆଶା ପୋଷଣ କରି ୭୫୦ କୋଷ ଦୂରରୁ ମହାପ୍ରଭୁଙ୍କୁ ଆକୁଳ କରିଥିଲେ, ମହାପ୍ରଭୁ ମଧ୍ୟ ରଥରେ ଅଟକିଥିଲେ। ଏହାପରେ ମହାପ୍ରଭୁ ଅଟକନ୍ତି ତାଙ୍କ ମାଉସୀଙ୍କ ମନ୍ଦିର ଆଗରେ। ବାଟରେ ଏହି ମନ୍ଦିର ପଡ଼ିଥାଏ। ଏହି ମନ୍ଦିରରେ ପୂର୍ବରୁ ପୋଡ଼ପିଠା ପ୍ରସ୍ତୁତ ହୋଇଥାଏ ଏବଂ ମହାପ୍ରଭୁଙ୍କୁ ଭୋଗ ଲାଗେ। ଏହି ବାହୁଡ଼ାଯାତ୍ରାରେ ଗଜପତିଙ୍କ ନଅର ଆଗରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି କରାଯାଏ। ଏଥିପାଇଁ ନନ୍ଦିଘୋଷରେ ଅଟକିଥାନ୍ତି ପ୍ରଭୁ।

ବିମାନବଡୁମାନେ ଲକ୍ଷ୍ମୀଙ୍କୁ ଆଣି ସିଂହଦ୍ୱାରର ଉତ୍ତର ପାର୍ଶ୍ୱସ୍ଥିତ ଚାହାଣି ମଣ୍ଡପରେ ରହି ନନ୍ଦିଘୋଷ ରଥ ଆଡ଼କୁ ମୁହଁ କରାଇଥାନ୍ତି। ଗଜପତି ମହାରାଜାଙ୍କ ଆମନ୍ତ୍ରଣ ପାଇବା ପରେ ଲକ୍ଷ୍ମୀଙ୍କୁ ଶ୍ରୀନଅର ନିକଟରେ ଥିବା ନନ୍ଦିଘୋଷ ରଥ ନିକଟକୁ ନିଆଯାଏ। ଗଜପତି ମହାରାଜା ଲକ୍ଷ୍ମୀ ନାରାୟଣ ଭେଟ କରାନ୍ତି। ଶ୍ରୀଜଗନ୍ନାଥଙ୍କର ବନ୍ଦାପନା ପରେ ଲକ୍ଷ୍ମୀଙ୍କୁ ନନ୍ଦିଘୋଷ ରଥ ଚାରିପାଖେ ପରିକ୍ରମା କରାଇ ଶ୍ରୀମନ୍ଦିରକୁ ପ୍ରତ୍ୟାଗମନ କରନ୍ତି। ପୂର୍ବରୁ ଦୁଇ ରଥ ତାଳଧ୍ୱଜ ଓ ଦେବଦଳନ ସିଂହଦ୍ୱାରରେ ପହଞ୍ଚି ଯାଇଥାନ୍ତି। ଲକ୍ଷ୍ମୀନାରାୟଣ ଭେଟ ପରେ ନନ୍ଦିଘୋଷ ଟଣା ହୋଇ ସିଂହଦ୍ୱାରକୁ ଯାଏ। ବାହୁଡ଼ାଯାତ୍ରା ଦିନ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ପବିତ୍ର ବାହୁଡ଼ାଯାତ୍ରାରେ ଅଗଣିତ ଭକ୍ତଜନଙ୍କୁ ଯେଉଁ କୃପାର ବାରି ପ୍ରଦର୍ଶନ କରିଥାନ୍ତି ତାହା ଆମ ସମସ୍ତଙ୍କ ପାଇଁ ଧ୍ୟେୟ ହେଉ ଏହା ହିଁ କାମନା।

**ପୋପରଡ଼ା, ନୂଆ ବଜାର, କଟକ**
**ମୋବାଇଲ୍:୮୨୪୯୨୬୦୬୨୧**



# ବାହୁଡ଼ାରେ ଜଗନ୍ନାଥଙ୍କୁ ପୋଡ଼ପିଠା



**ଡକ୍ଟର ଲକ୍ଷ୍ମଣ ସାହୁ**

'କଦାଚିତ୍-କାଳିଂଦୀ ତଟୱିପିନ ସଂଗୀତକରଓ୍ୱେ
ମୁଦାଭୀରୀ ନାରୀବଦନ କମଲାସ୍ୱରଦମଧୁପଃ।
ରମା ଶଂଭୁ ବ୍ରହ୍ମାମରପତି ଗଣେଶାର୍ଚ୍ଚିତ ପଦୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭୱ୍ୱତୁ ମେ ॥'

ଗୋଟିଏ ବର୍ଷର ବହୁ ପ୍ରତୀକ୍ଷାର ନୀରବତା ପରେ ନ'ଟି ଦିନ ଚଳଚଞ୍ଚଳ ହୋଇ ଉଠିଥିଲା ଜନ୍ମସ୍ଥଳୀ ଗୁଣ୍ଡିଚା ମନ୍ଦିର। ଜଗତର ନାଥ ଜଗନ୍ନାଥ କେବଳ ଭକ୍ତଙ୍କ ଦୁଃଖ, ପାପ ନିବାରଣ ପାଇଁ ନୁହେଁ କି ପତିତମାନଙ୍କ ନିବାରଣ ପାଇଁ ନୁହେଁ ନିଜର ମାଉସୀ ଘରକୁ, ନିଜର ଜନ୍ମ ପୀଠକୁ, ମାଉସୀ ମା ' ପୋଡ଼ ପିଠା ଖାଇବାକୁ ଆଗ୍ରହ ସହ ବଡ଼ ଭାଇ ଓ ଭଉଣୀକୁ ସାଙ୍ଗରେ ଧରି ବୁଲି ଆସିଥିଲେ।

ହେଲେ ମାଉସୀ ପୁଣି ବାହୁନିବେ ସେହି ଚତୁର୍ଦ୍ଧାମୂରତୀଙ୍କୁ , ସେହି ଦାରୁବ୍ରହ୍ମଙ୍କୁ ଆଉ ଥରେ କୋଳେଇ ନେଇ ମାତୃ ସୁଖ ଲଭିବାକୁ।କିନ୍ତୁ ସେତ ବାହୁଡ଼ାବ୍ରହ୍ମ , ବାହୁଡି ଯିବାକୁ ହେବ। ଦ୍ୱାପରେ ମା ଯଶୋଦା ନିଜ ପଣତ କାନିରେ ଅଟକେଇ ପାରିନଥିଲେ। ଗୁଣ୍ଡିଚା ମନ୍ଦିରତ ଭାଗ୍ୟବତୀ ଯିଏ ସେହି ଭରଷାରେ ଅପେକ୍ଷା କରି ରୁହେ ପୁଣି ଆରବର୍ଷକୁ କାଳିଆ ଆସିବ ତାଙ୍କ କୋଳ ପୁରି ଉଠିବ। କିନ୍ତୁ ସେହି ପ୍ରତିଶ୍ରୁତି ସେଦିନ ମା' ଯଶୋଦା ମା ପାଖରେ ନଥିଲା। ବରଂ ତାଙ୍କ ଅଶ୍ରୁରେ ଯମୁନାରେ ଲହରୀ ଆସିଗଲା କଥା ଦେଇ କାହ୍ନା ଗୋପପୁର ବାହୁଡ଼ି ନଥିଲେ।

ଆଜି କିନ୍ତୁ ଓଲଟା। ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ା। ଆଷାଢ଼ ଶୁକ୍ଳପକ୍ଷ ଦଶମୀ ବାହୁଡ଼ା। ଶାସ୍ତ୍ରୀୟ ମତେ ଦଶମୀ ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁ ରଥରେ ଗୁଣ୍ଡିଚା ଘରୁ ବଡ଼ ଦେଉଳକୁ ଫେରନ୍ତି, ଏହି ଫେରନ୍ତା ଯାତ୍ରାକୁ ବାହୁଡ଼ା ଯାତ୍ରା କୁହାଯାଏ। ଶ୍ରୀବିଗ୍ରହମାନଙ୍କର ଫେରନ୍ତା ରଥଯାତ୍ରାକୁ ବାହୁଡା ବା ଦକ୍ଷିଣାଭିମୁଖୀ ଯାତ୍ରା ମଧ୍ୟ କୁହାଯାଏ। ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଉଲ୍ଲେଖ ଅଛି - " ନବମ୍ୟା ବାସୟେଦ୍ଦେବାନ୍ ତେଷୁ ପ୍ରାତଃ ସମୃଦ୍ଧିମତ୍ / ଦକ୍ଷିଣାଭିମୁଖୀ ଯାତ୍ରା ବିଷ୍ଣୋରେଷା ସୁଦୁର୍ଲଭା ॥ "

ଅର୍ଥାତ ନବମ ଦିବସରେ ଦେବତାମାନଙ୍କୁ ରଥରେ ଅଧିଷ୍ଠିତ କରାଇବେ। ଉକ୍ତ ଦିନ ପ୍ରାତଃ କାଳ ଅତ୍ୟନ୍ତ ସମୃଦ୍ଧିବାନ୍। ସେଦିନ ବିଷ୍ଣୁଙ୍କର ପାଳିତ ଦକ୍ଷିଣାମୁଖୀ ଯାତ୍ରା ଅତ୍ୟନ୍ତ ଦୁର୍ଲଭ। ବାହୁଡ଼ା ଯାତ୍ରା ପୂର୍ବରୁ ଅଷ୍ଟମୀ ଦିନ ଶରଧାବାଲିଠାରେ ରଖାଯାଇଥିବା ତିନୋଟି ଯାକ ରଥକୁ ଦକ୍ଷିଣମୋଡ଼ କରାଯାଇ ଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ସମ୍ମୁଖରେ ରଖାଯାଇଥାଏ। ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ପାରମ୍ପରିକ ରୀତିମତେ ଲକ୍ଷ୍ମୀ-ନାରାୟଣଙ୍କୁ ଭେଟ କରାଯାଇଥାଏ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଅସମ୍ପୂର୍ଣ୍ଣ ହୋଇ ମଧ୍ୟ ସ୍ୱୟଂ ସମ୍ପୂର୍ଣ୍ଣ। ସେ ହେଉଛନ୍ତି ସମଗ୍ର ମୂର୍ତ୍ତିତତ୍ତ୍ୱର ପ୍ରତୀକ ସର୍ବଧର୍ମର ମୂଳାଧାର। ସର୍ବକର୍ମ ସ୍ୱରୂପ। ସର୍ବଜୀବ ସ୍ୱରୂପ। ସେହିଁ ସିଦ୍ଧିଦାତା ଓ ସକଳର ମୁକ୍ତିଦାତା। ସମଗ୍ର ବିଶ୍ୱରେ ସେ ଏକ ପ୍ରତିରୂପ। ତାଙ୍କର ରୂପ, ରଙ୍ଗ, ଆକାର, ବେଶ, ପୋଷାକ, ପୂଜା, ପାର୍ବଣ, ଯାତ୍ରା, ଉତ୍ସବ ଅନୁଷ୍ଠାନ, ମନ୍ଦିର ତଥା କ୍ଷେତ୍ର ବିଷୟକ ସମଗ୍ର ତତ୍ତ୍ୱ ଓ ତଥ୍ୟ ରହସ୍ୟମୟ। ସେ ରହସ୍ୟମୟ ବଡ଼ ଠାକୁର। ଏହି ରହସ୍ୟ ମଧ୍ୟରେ ଅପୌରୁଷେୟ ରହସ୍ୟର କେନ୍ଦ୍ରବିନ୍ଦୁ ତଥା ସମଗ୍ର ତତ୍ତ୍ୱର ପ୍ରତୀକ ହେଉଛନ୍ତି ସ୍ୱୟଂ ଜଗନ୍ନାଥ। ଯାହାଙ୍କର କେହି ପିତା ବା ମାତା ନାହାନ୍ତି 'ନୀଳମଣି'ରେ ଲେଖାଅଛି-

"ନ ମାତା ଜନକ ଜନ୍ମ ନିରୂପା ବୟବ ସ୍ତଥା / ସର୍ବ ତତ୍ତ୍ୱ ମୟେ ସାକ୍ଷାତ୍ ବ୍ରହ୍ମାଣ୍ଡଂ ପୁରୁଷୋତ୍ତମ।"

ମାଉସୀ ମା' , ଏପରି ନାମକରଣର ନେଇ ମନରେ ସ୍ୱତଃ ଅନେକ ପ୍ରଶ୍ନ ଉଙ୍କି ଉଠେ। ଲୋକ କଥାନୁସାରେ ରାଜ୍ୟ ତଥ୍ୟ ଅନ୍ୟପ୍ରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ଜଗନ୍ନାଥ ପ୍ରେମୀ ଶ୍ରୀଗୁଣ୍ଡିଚା ଘରକୁ ଜଗନ୍ନାଥଙ୍କ ମାଉସୀ ଘର ବୋଲି ଧାରଣା ରଖିଥାନ୍ତି। ଅଦ୍ୟାବଧି ଆସୁଥିବା ଭକ୍ତଙ୍କ ମନରେ ଦ୍ୱନ୍ଦ୍ୱ ରହିଥାଏ। ସୂଚେଇ ଦିଏ ବଙ୍ଗୀୟ ପର୍ଯ୍ୟଟକମାନେ ଗୁଣ୍ଡିଚା ଘରକୁ 'ମାସୀର ବାଡି' ବୋଲି କହିଥା'ନ୍ତି। ପୁରୀ ବଡଦାଣ୍ଡ ମଧ୍ୟ ଭାଗରେ ମାଉସୀ ମା ମନ୍ଦିର ରହିଛି। ସମୁଦ୍ରର ପ୍ରଳୟ କାଳରେ ଶୋଷଣ କରି ଶ୍ରୀକ୍ଷେତ୍ରକୁ ରକ୍ଷା କରିଥିବା ଅର୍ଦ୍ଧାସନୀ ବା ଅର୍ଦ୍ଧଶୋଷଣୀ ମାଉସୀ ମା' ମନ୍ଦିରରେ ପୂଜା ପାଇଥାନ୍ତି। ପୁରୀ ବଡଦାଣ୍ଡର ବଳଗଣ୍ଡି ଛକ ନିକଟରେ ଥିବା ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କ ରଥ ରହିଥାଏ। ଏଠାରେ ପୋଡ ପିଠା ଭୋଗ ଲାଗି ହୋଇଥାଏ।



ଏକ ପ୍ରସଙ୍ଗରୁ ସ୍ପଷ୍ଟ ହୁଏ ମହାପ୍ରଳୟ କାଳରେ ପୁରୁଷୋତ୍ତମ କ୍ଷେତ୍ରସ୍ଥ ରୋହିଣୀକୁଣ୍ଡରୁ କାରଣୋଦକ ନିଃସୃତ ହୋଇ ମହାପ୍ରଳୟ ଘଟାଇବା ପରେ ପୁଣି ସେହି କୁଣ୍ଡରେ ଲୀନ ହୋଇଯାଇଥାଏ। ଏହି ଜଳପ୍ରଳୟ ଯୁଗାବର୍ତ୍ତନ କାଳରେ ଘଟିଥାଏ। ଥରେ ପ୍ରଳୟ ପରେ ସେ ଜଳ କୁଣ୍ଡ ମଧ୍ୟରେ ଲୀନ ହେଲା ନାହିଁ। ତେଣୁ ମା' ଲକ୍ଷ୍ମୀ ବିଷ୍ଣୁପ୍ରିୟା, ସକଳଲୋକ ଜନନୀ ଯୋଗମାୟା ସୁଭଦ୍ରିକାଙ୍କ ନିକଟରେ କହିବାରୁ ଯୋଗମାୟା ସ୍ୱ-ଗାତ୍ରରୁ ଏକ ଶକ୍ତି ଜାତକରି ପ୍ରଳୟଜଳକୁ ଶୋଷଣ ପ୍ରକ୍ରିୟା ମାଧ୍ୟମରେ ନିଃଶେଷ କରିବାକୁ ଆଦେଶ ଦେଲେ। ସୃଷ୍ଟିଦେବୀ ଚଳୁକଲାପରି ପ୍ରଳୟଜଳକୁ ଶୋଷଣ କରିବାରୁ କ୍ଷେତ୍ର ରକ୍ଷା ହେଲା। ଯାହା ଫଳରେ କ୍ଷେତ୍ରବାସୀମାନେ ଆଶ୍ୱସ୍ତ ହେଲେ। ଏହି ଦେବୀ, କ୍ଷେତ୍ରର ଆରାଧ୍ୟା ଶକ୍ତି ମଧ୍ୟରେ ଅନ୍ୟତମା। 'ଇନ୍ଦ୍ର ନୀଳମଣି ପୁରାଣ'ରେ ରୋହିଣୀକୁଣ୍ଡ ପ୍ରଶସ୍ତିରେ ଉଲ୍ଲେଖ ଅଛି -

"ଯୋଗମାୟାଙ୍ଗ ସମ୍ଭୂତାଂ ପ୍ରଳୟୋଦକ
ଶୋଷିଣୀ ଅର୍ଦ୍ଧାଶନୀ ମହାଦେବୀ କ୍ଷେତ୍ର ରକ୍ଷା ବିଧାୟିନୀ।"

ମହାପ୍ରଳୟ ସମୟରେ ବର୍ଦ୍ଧିତ ଜଳର ଅର୍ଦ୍ଧଭାଗ ସୃଷ୍ଟିର ଆଦ୍ୟକାଳରେ ସେ ଅଶନ ବା ଭକ୍ଷଣ କରନ୍ତି ବୋଲି ସ୍କନ୍ଦ ପୁରାଣରେ ମଧ୍ୟ ଉଲ୍ଲେଖ ଅଛି। ପ୍ରଳୟ ଜଳକୁ ଶୋଷଣ କରିଥିବାରୁ ତା'ଙ୍କୁ ଅର୍ଦ୍ଧାଶନୀ ଆଖ୍ୟା ଦିଆଯାଇଛି। ବଡ଼ଦାଣ୍ଡ ଦେଇ ପ୍ରବାହିତ ଲୁପ୍ତନଦୀର ପାଶ୍ୱର୍ରେ ରହି କ୍ଷେତ୍ର ମଧ୍ୟକୁ ବନ୍ୟାଜଳ ପ୍ରବେଶ କରାଇ ନଦେବା ଓ କ୍ଷେତ୍ରକୁ ଜଗି ରହିବାର ଏକ ସଂକେତ ମଧ୍ୟ ଅର୍ଦ୍ଧାଶନୀ ନାମ ମଧ୍ୟରେ ଅନୁମାନ କରାଯାଇପାରେ। ଜଗନ୍ନାଥ ଉପାସନାର ମାନବୀକରଣ ପ୍ରକ୍ରିୟା ଅର୍ଦ୍ଧାଶନୀଙ୍କୁ ମାଉସୀମା'ରେ ପରିଣତ କରିଛି। ପୁଣି ଦେବୀ ଯୋଗମାୟାଙ୍କ ସ୍ୱ-ଗାତ୍ରରୁ ରୂପ ନେଇଥିବା ହେତୁ ତାଙ୍କ ଭଗ୍ନୀଭାବେ ମାଉସୀ ମା' ହେବା ବିଧେୟ ନିଶ୍ଚିତ। ଦେବୀ ଅଷ୍ଟାଶନୀ ପ୍ରଳୟୋଦକକୁ ଶୋଷଣ କରି କ୍ଷେତ୍ରକୁ ରକ୍ଷା କରିବା ସହିତ ଶବରମାନଙ୍କ ନିବାସସ୍ଥଳକୁ ସୁରକ୍ଷା କରିଥିବାରୁ ଦଇତା ବା ଶବରହର୍କମାନେ ଏହାଙ୍କୁ ଇଷ୍ଟଦେବୀଙ୍କର ମାନ୍ୟତା ପ୍ରଦାନ କରି ପୂଜନ କରିବା 'ପୁରୁଷୋତ୍ତମ ମାହାତ୍ମ୍ୟ'ରେ ବର୍ଣ୍ଣିତ ଅଛି।

ଶବର ସାମନ୍ତମାନେ ଇନ୍ଦ୍ରନୀଳମଣି ମୂର୍ତ୍ତିକୁ ଲୁଚାଇ ରଖିଲା ପରି ଅର୍ଦ୍ଧାଶନୀଙ୍କ ଅର୍ଦ୍ଧଅଙ୍ଗକୁ ସୁଭଦ୍ରାଙ୍କ ମୁଖମଣ୍ଡଳ ରୂପରେ ଲୁଚାଇ ରଖିଛନ୍ତି ଓ ଏହାକୁ ଗୁହ୍ୟଦେବୀ ରୂପେ ପୂଜା କରନ୍ତି। ଶବରମାନେ ଉତ୍ତରପୂର୍ବ ପାର୍ଶ୍ୱରେ ବସତି ସ୍ଥାପନ କଲାବେଳେ ଏହି ମୂର୍ତ୍ତି ସ୍ଥାପନା କରି ଦେବୀ ସୁଭଦ୍ରାଙ୍କ ଅଙ୍ଗସମ୍ଭୂତା ବୋଲି ପ୍ରମାଣ କରିବାକୁ ବା ରହସ୍ୟକୁ ଗୁପ୍ତ ରଖିବାକୁ ଉକ୍ତ ମୂର୍ତ୍ତିର ଉର୍ଦ୍ଧ୍ୱଭାଗକୁ ଲେପ ସଂସ୍କାର କର୍ମ ଅନୁସାରେ ଦେବୀ ସୁଭଦ୍ରାଙ୍କ ମୁଖାରବିନ୍ଦ ପରି କରିଛନ୍ତି। ଏହି ଲେପ ମୂର୍ତ୍ତିର ଦୁଇଗୋଟିଏ କାରଣରୁ ସ୍ପଷ୍ଟ ଜଣାପଡ଼େ। ପ୍ରଥମତଃ ସେ ହେଲେ ଯୋଗମାୟାଙ୍କ ଭଗିନୀ। ତେଣୁ ସୁଭଦ୍ରାଙ୍କ ପରି ହେବା ବିଧେୟ। ଦ୍ୱିତୀୟତଃ ଶୈଳ ନିର୍ମିତ ମୂର୍ତ୍ତିକୁ ଶାବର ସଭ୍ୟତା ମଧ୍ୟରେ ସୀମିତ ରଖିବା ପାଇଁ ଲେପ ଦ୍ୱାରା ଢାଙ୍କି ଦିଆଯାଇଛି। ସମ୍ଭବତଃ ଯୋଗମାୟା ସୁଭଦ୍ରାଙ୍କ ଭଗିନୀ ରୂପରେ ଅର୍ଦ୍ଧାଶନୀଙ୍କୁ ମାତୃଭଗ୍ନୀ ମାଉସୀ ମା' ବୋଲି କୁହାଯାଏ ଓ ସେହି ନାମ ହିଁ ଖ୍ୟାତ ହୋଇଛି।

କିମ୍ବଦନ୍ତୀରୁ ଜଣାଯାଏ ବହୁବର୍ଷ ପୂର୍ବରୁ ପୁରୀ ବଡ଼ଦାଣ୍ଡ ମାଳିନୀ ନଦୀ ଦ୍ୱାରା ଦୁଇ ଭାଗରେ ବିଭକ୍ତ ହୋଇଥିଲା। ତେଣୁ ରଥଯାତ୍ରା ସମୟରେ ୬ଟି ରଥ ନିର୍ମାଣ ହେଉଥିଲା। ଶ୍ରୀମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତି ୩ଟି ରଥରେ ଆସି ନଦୀ ନିକଟରେ ଓହ୍ଲାଉଥିଲେ। ତାଙ୍କୁ ନଦୀ ପାର କରାଯାଇ ପୁନଶ୍ଚ ଆରପଟେ ଥିବା ୩ରଥରେ ବିଜେ କରା ଯାଉଥିଲା। ଏହି ନବଦିନାତ୍ମକ ଯାତ୍ରା ମଧ୍ୟରୁ ରଥ ଅଦଳ ବଦଳରେ ୬/୭ଦିନ ଚାଲି ଯାଉଥିଲା। ସେହି ଅସୁବିଧା ଦେଖି ମହାପ୍ରଭୁଙ୍କ ମାଉସୀ ମାଳିନୀ ନଦୀକୁ ଶୋଷି ଦେବାରୁ ତା'ଙ୍କୁ ଅର୍ଦ୍ଧଶୋଷିନୀ ବା ଅର୍ଦ୍ଧାଶିନୀ କୁହାଯାଏ। ଯାହା ଫଳରେ ଶ୍ରୀଜଗନ୍ନାଥ କଥା ରକ୍ଷା କରି ବାହୁଡିବା ବେଳେ ମାଉସୀ ମା' ମନ୍ଦିରରେ ପୋଡପିଠା ଖାଇ ଫେରିଥାନ୍ତି ବୋଲି କିମ୍ବଦନ୍ତୀ ରହିଛି।

ବାହୁଡ଼ା ଯାତ୍ରା ପାଇଁ ମାଉସୀ ମା' ପ୍ରସ୍ତୁତ କରନ୍ତି ପୋଡ଼ ପିଠା। ଜଗନ୍ନାଥଙ୍କ ନିକଟରେ ଲାଗି ହେବ ଏହି ପୋଡ଼ପିଠା। ଶ୍ରୀମନ୍ଦିର ଫେରିବା ସମୟରେ ମହାପ୍ରଭୁଙ୍କ ନିକଟରେ ପୋଡ଼ପିଠା ତିନୋଟି କୁଡୁଆରେ ରଖି ଅର୍ପଣ କରାଯାଇଥାଏ। ବିଭିନ୍ନ ପ୍ରକାରର ସୁବାସିତ ଦ୍ରବ୍ୟକୁ ମିଶାଇ ପୋଡ଼ ପିଠା ପ୍ରସ୍ତୁତ କରାଯାଇଥାଏ। ଅଟା, ଚିନି, ଛେନା, ଲବଙ୍ଗ, ପିସ୍ତା ବାଦାମ, କିସମିସ ଓ ଘିଅରେ ପ୍ରସ୍ତୁତ ହୁଏ ଏହି ପୋଡ଼ପିଠା। ଚୁଲୀରେ ବସାଯାଇ ବାମ୍ଫରେ ପୋଡ଼ପିଠାକୁ ରାତିସାରା ସିଝିବାକୁ ଛାଡି ଦିଆଯାଏ। ସିଝିବା ପରେ ଏହାକୁ ଥଣ୍ଡା କରାଯାଇ ଖଣ୍ଡ ଖଣ୍ଡ କରି କାଟି ଦେଶୀ ଘିଅରେ ଛଣା ଯାଇଥାଏ। ପରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ରଥରେ ପୋଡ଼ପିଠା ଭୋଗଲାଗିବା ପରେ ପରେ ରଥ ଗଡ଼େ। ଏହାକୁ 'ସର୍ପମଣୋହୀ ଭୋଗ' କୁହାଯାଇଥାଏ।

ବାସ୍ତବରେ ଜଗନ୍ନାଥଙ୍କ ଏହି ଯାତ୍ରାକୁ ତିନୋଟି ଅଙ୍ଗ ରୂପେ ଧରାଯାଏ। ସେଥିମଧ୍ୟରୁ ରଥଯାତ୍ରା ଗୋଟିଏ ଅଙ୍ଗ, ଗୁଣ୍ଡିଚା ମଣ୍ଡପରେ ବାସ ଦ୍ୱିତୀୟ ଅଙ୍ଗ ଓ ବାହୁଡା ଯାତ୍ରା ପୂର୍ବକ ଶ୍ରୀମନ୍ଦିରକୁ ବାହୁଡା ବିଜେ ପର୍ଯ୍ୟନ୍ତ ତୃତୀୟ ଅଙ୍ଗ। ଶାସ୍ତ୍ରୀୟ ବର୍ଣ୍ଣନାନୁସାରେ ରଥଯାତ୍ରା ସମୟରେ ପ୍ରଭୁମାନେ ଉତ୍ତରାଭିମୁଖୀ ହୋଇ ଯାତ୍ରା କରୁଥିବା ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କଚର୍ତୁଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ, ବାହୁଡା ଯାତ୍ରାରେ ଦକ୍ଷିଣାଭିମୁଖ ହୋଇ ଯାତ୍ରା କରୁଥିବା ବେଳେ ଠାକୁରମାନଙ୍କୁ ଦର୍ଶନ କଲେ ଠିକ୍ ସେହିପରି ଫଳ ପ୍ରାପ୍ତ ହୁଏ। " ରଥେ ତୁ ବାମନଂ ଦ୍ରଷ୍ଟା ପୁର୍ନଜନ୍ମ ନ ବିଦ୍ୟତେ "। ତେଣୁ ଭକ୍ତମାନେ ଏହି ଦୁର୍ଲଭ ଦର୍ଶନରେ ଅଶ୍ୱମେଧ ଯଜ୍ଞର ଫଳ ଲାଭ କରି ଅନ୍ତକାଳରେ ବୈକୁଣ୍ଠ ପ୍ରାପ୍ତି ହେବାର ଗଭୀର ଦୃଢ଼ ବିଶ୍ୱାସ ରହିଛି...!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ- ୪**
**ମୋବାଇଲ୍:୯୦୪୦ ୧୫୧୪୭୫**

# ସମସ୍ୟା ପାଇଁ ସମସ୍ୟା



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଦିନେ ଚାଟଶାଳୀ ଥିଲା ସଂସ୍କୃତ ଶିକ୍ଷା ଟୋଲ ଥିଲା, ଯାହା ଏବେ ବିଲୁପ୍ତ ହୋଇନାହିଁ। ମଦରସା ଉର୍ଦ୍ଦୁ, ଆରବୀ, ପାର୍ଶୀ ପାଇଁ ଏବେ ବି ଶିକ୍ଷା ଦାନ କରୁଛନ୍ତି। ଯାହା ମୌଳିକ ଶିକ୍ଷା ଓ ସାକ୍ଷରତାର ପ୍ରଥମ ଭିତ୍ତି। ଦେଶରେ ଶିକ୍ଷା ଏକ ମନ୍ତ୍ରଣାଳୟ। ଯେ ଭାଗିଦାର ହୋଇ ଉନ୍ନତ ଶିକ୍ଷାନୀତି ପ୍ରଣୟନ ପାଇଁ ଅନେକ ଉନ୍ନତ ଶିକ୍ଷା ପ୍ରଣାଳୀ ବେଳକୁ ବେଳ ଲଗାଇବା ଜଣାଯାଉଛି ହେଲେ ମୌଳିକ ବର୍ଣ୍ଣମାଳା ପାଠକୁ କଣ ବଦଳାଇଛନ୍ତିକି? ଅକ୍ଷର ଗୁଡ଼ିକୁ ଶବ୍ଦରେ ଶବ୍ଦମାଳା ବାକ୍ୟରେ ଯାହା ଭାବ ପ୍ରକାଶ କରିଥାଏ ଏ ପାଇଁ ବ୍ୟାକରଣର କାନୁନ ଆବଶ୍ୟକ ପଡୁଛି, ଭାବର ପ୍ରକାଶରେ ସଙ୍ଗୀତ, ନୃତ୍ୟ ଶିଳ୍ପ ଚିକିତ୍ସା ଆଦି ପାଇଁ କିଛି ଲୌକିକ କଥିତ ଭାଷା, ଇଙ୍ଗିତ, ମୁଦ୍ରା ବି ଲାଗେ, କାବ୍ୟ କବିତା ପାଇଁ ରାଗ, ସଂସ୍କୃତ କାବ୍ୟ ପାଇଁ ଛନ୍ଦ, ଭାଷ୍ୟ ପାଇଁ ରହିଛି ଧାରା। ଏହାକୁ ମନୋଜ୍ଞ କରାଯାଇନପାରେ। ମା ସରସ୍ୱତୀ ତାଙ୍କର କଳା ଏକ ବିଶେଷ ଜଞ୍ଜିର ପ୍ରକ୍ରିୟାରେ ଏକରୁ ଅନେକ କରାଇ ଅନନ୍ତ ଅତୀତରୁ ଏବ ସମୟ ଦେଇ ପୁନଃ ଆଗାମୀ ଅନନ୍ତ ସମୟ ଯାଏ ଚାଲୁ ରଖିବେ। ଆଗ ଜନ୍ମାଙ୍କୁ ଯେଉଁ ବିଦ୍ୟାର କଳା ଦାନ କରିଥିବେ ତାହା ତାଙ୍କପର ସମୟରେ ଅନ୍ତତଃ ୨୦-୨୫ ବର୍ଷ ପର ବ୍ୟବଧାନରେ ଗୁରୁ ଶିଷ୍ୟ ପରମ୍ପରାରେ ସରସ୍ୱତୀଙ୍କ କଳାରବିକାଶ କ୍ରିୟା ଚାଲୁଛି। କିଛି ବିନ୍ଦୁ ବିକଶିତ ବା ସୂକ୍ଷ୍ମ ମଞ୍ଜିଟିଏ ଏକ ବିରାଟ ତରୁରେ ପରିଣତ ହେବାପରି ଏକ ବିଦ୍ୟା ଏପରି ବିଦ୍ୟା ତରୁ ହୋଇ ଏହାର ଗଣ୍ଡି, ଡାଳ, ପତ୍ର, ଫୁଲ, ଫଳ, ରସରେ ପରିଣତ ହେବା ବୁଝାପଡୁଛି। ଅ ଆ ବା ଏ ବି ବା ଅଲିଫରୁ ଆରମ୍ଭ କରିବା ପାଠର ବିଦ୍ୟାର୍ଥୀ ଗଣ ନିରନ୍ତର ଉଦ୍ୟମୀ ୨୦ବର୍ଷ ପରେ ପାଠ ଗଛର ଫଳ ଉପଭୋକ୍ତା ହୋଇ ଆସୁଛନ୍ତି। ପାଠ ଏକ ସ୍ରୋତସ୍ୱିନୀ ଧାରା ଏହାର ପାରିପାର୍ଶ୍ୱିକରେ ବନ୍ଧ ଅଛି ନଦୀ ବନ୍ଧକୁ ଜଳର ପ୍ରାବଲ୍ୟ କମିବା ସମୟରେ ଯଦି ବନ୍ଧରେ ମୂଷାଗର୍ତ୍ତ କରିବା



ଜଣାପଡ଼େ ତାହା ମୂଳ ଚେଷ୍ଟାରେ ରୁଦ୍ଧ ନକରା ଗଲେ ଜଳପ୍ରାବଲ୍ୟରେ ଘଳିଆ ପଡ଼ି ଘାଇ ହୋଇ ଏକ ଶାଖା ନଦୀ ପୁଣି ହୋଇଯିବା ଓ ଏ ପାଇଁ ଅନେକ ଶସ୍ୟ କ୍ଷେତ୍ର, ଭୂମିବାସସ୍ଥାନ ହରାଇବାକୁ ପଡ଼େ।

କୌଣସି ବିଦ୍ୟାକୁ କେବେ ବିକୃତ କରିଲେ ଏପରି ହାନୀ ବିଦ୍ୟାର ଅଧିକାରୀ ଦିଅଁ ଗଡୁ ଗଡୁ ମର୍କଟ ବାନିବେ। ଏ ସମୟରେ କେହି ପୂର୍ଣ୍ଣାଙ୍ଗ ବିଦ୍ୱାନ ନୁହଁନ୍ତି, ଏକଏକ ବିଦ୍ୟାରେ ଖଞ୍ଜା ରହିଛନ୍ତି। ସେଥିରେ ପୁଣି ଅନେକ ଖଇଚାରେ ଅଛନ୍ତି। ଶିକ୍ଷା ସମାପ୍ତି ପ୍ରମାଣ ପତ୍ରଧାରୀ ଯେ ଦାୟିତ୍ୱ ଠିକ ତୁଲାଇ ପାରିବେ ଏ ପାଇଁ ପୁନଃ ପରୀକ୍ଷା, କର୍ମଯୋଗାଣକାରୀ ସଂସ୍ଥାମାନେ କରୁଛନ୍ତି। ସବୁଠି ଏବେ ଘଳିଆ, ଗଳାବାଟା ଧନୀ ହେବା ମୋହ ପ୍ରବଳ। ଲୋକେ ଚାହୁଁଛନ୍ତି ସ୍ୱର ଟା ନେତାଏ ସଭାରେ ବୟାନ କରୁଛନ୍ତି, ସେ ମେଡ଼ିଆରୁ ଏହା ଅନେକ ସମୟରେ କୁହାଯିବ ଦର୍ଶାଉଛନ୍ତି। କୌଣସି ନେତା ପ୍ରକାଶ୍ୟ ପ୍ରଚାର କରି କାମେରା ଆଗରେ ଗସ୍ତ ବିବରଣୀ ବା ଲୋକଙ୍କୁ ଦେଖାଇବା ଗସ୍ତ କରୁଛନ୍ତି, ନେତାଙ୍କ ଗସ୍ତର ଖର୍ଚ୍ଚା ଡୁବିଯାଉନାହିଁ ମାତ୍ର ଯେଉଁ ଦଲିଲ ଦସ୍ତଖତ କରି ଯୋଜନା ଚାଲୁ ହେଉଛି ସେଥିରେ ତ୍ରୁଟି ରିହଲେ ବା ଧାର୍ଯ୍ୟ କାର୍ଯ୍ୟ ଯଦି ଠିକ ରୂପରେ ନହେଲା ଏଥିରେ ହାନୀ ହେଲେ ସେ ଅପୂରଣୀୟ କ୍ଷତି ପ୍ରଜାଙ୍କର ପୁଣି ଦେଶର ହେଉଛି ଦଲିଲ ଦସ୍ତଖତ କରି କାର୍ଯ୍ୟଗ୍ରାହୀଙ୍କ ଏଥିରେ ଲଗା ନାହିକି ପଘା ନାହିଁ। କମ୍ପାନୀକା ମାଲ ଦରିଆମେ ଡାଲ। ଏକ ସରକାର ସର୍ବୋଚ୍ଚ ପାଞ୍ଚ ବର୍ଷ ରହିବାବେଳେ ଯେଉଁ ଦୀର୍ଘ ମେୟାଦ ନିର୍ମାଣ ଯୋଜନା କରୁଛନ୍ତି ଯଦି ତାହା ସମ୍ପୂର୍ଣ୍ଣତାଙ୍କ ସମୟ ମଧ୍ୟରେ ନହେଉଛି ପରବର୍ତ୍ତୀ ଭିନ୍ନଦଳ ସରକାର ତହିଁକୁ ପୂର୍ଣ୍ଣାଙ୍ଗ ପାଇଁ ଅନେକ ବେଳେ ନକରି ତାର ଦୋଷ ବାହାର କରି ବା ଅର୍ଥ ଅଭାବ ଦର୍ଶାଇ ସେମିତି ଅପୂର୍ଣ୍ଣ ରଖି ଦେବା ଦେଖାଯାଉଛି। ଭୁବନେଶ୍ୱରରୁ କଟକ ମେଟ୍ରୋ ପ୍ରକଳ୍ପ ଏମିତି ପୂର୍ବସରକାର ଅନେକ ଆଗେଇ ବହୁ ତହବିଲ ଖର୍ଚ୍ଚା କଲେ ବି ଚଳିତ ସରକାର ତାକୁ ଚାହିଁଲେ ନାହିଁ। ଏଥିରେ ଯେଉଁ ହାନୀହେଲା ତାହାକଣ ରାଜ୍ୟର ପ୍ରଜାଙ୍କ ପାଇସା ନୁହେଁ? ରାଜନେତା ସିନା ବଦଳିଲେ କଣ ସଚିବାଳୟର ସଚିବ ମାନେ ହାନୀଲାଭ ତାଙ୍କୁ ଅବଗତ କରାଇ ପାରିଲେ ନାହିଁ। ଯୋଜନା ଆରମ୍ଭବେଳେ ସେହିମାନେ କାହିଁକି ଅର୍ଥ ଅଭାବ ହୋଇପାରେ ଦର୍ଶାଇ କାର୍ଯ୍ୟକୁ ମୂଳରୁ ବନ୍ଦ କଲେ ନାହିଁ। ପ୍ରଜାଙ୍କ ପଇସା କାହିଁକି ବର୍ବାଦ ହେଉଛି, କାହାର ଦୋଷ? ଏପରି ଶାସନ କଳରେ ମୂଳରୁ ଚୂଳ ଯାଏ କୌଣସି କାର୍ଯ୍ୟ କଲାବେଳେ ଆଗକୁ ପରିଣାମ କଳନା ନକରି ପୁଣି ଅଭିଜ୍ଞ, ଅନୁଭବୀଙ୍କ ପରାମର୍ଶ ନ ନେଇ କାମ ଆରମ୍ଭ କରି ପଛରେ ହାନୀ କରୁଛନ୍ତି।

ଠିକାଦାର ମାର୍ଫତ ସବୁକାର୍ଯ୍ୟ ସରକାର କରାଉଛନ୍ତି। ଟେଣ୍ଡର ଯୁକ୍ତି ଯୁକ୍ତ ମୂଲ୍ୟାୟନ କେମିତିକା କରାଯାଉଛି, କାର୍ଯ୍ୟ ପାଇଁ ସମୟ କେମିତିକା ଧାର୍ଯ୍ୟ ହେଉଛି ମଧ୍ୟରେ ଅର୍ଥ ବାଟମାରଣା ହେଲେ ଦେଖୁଛି କିଏ? ଏସବୁରେ ଢ଼ିଲୁମ ଢିଲା ଧନ, ବର୍ବାଦ କଣ ବିଜ୍ଞମାନେ ବୁଝିବା ହେଉ ନାହିଁ। ଆମ ଭାଷାର ପୁସ୍ତକ ପ୍ରସ୍ତୁତି ପର୍ବ ପଦ୍ଧତିର ଢ଼ାଞ୍ଚା ବଦଳ କାହିଁକି କରାଗଲା। ତଦାରଖ ବିଭିନ୍ନ ପର୍ଯ୍ୟାୟରେ କାହିଁକି କରାଯାଇନାହିଁ। ଏଥିରେ ଯେଉଁ ହାନୀ ହୋଇଛି ତାହା କେଉଁଠୁ ଭରିଣା ହେବ? ଆମ ଅସ୍ମିତା କେମିତି ରକ୍ଷା ହେବ ପାଠକେ ଚିନ୍ତା କରନ୍ତୁ।

**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ**
**ମୋବାଇଲ୍:୯୪୩୭୧୦୩୧୨୫୩**

# ଆମେରିକା ମୁତୟନ କଲା ବି-୧ ଲାନ୍ସର ବୋମାବର୍ଷୀ ବିମାନ



### ଆଇଆରଜିସି ଘାଟି ଉପରେ ଆଖିବୁଜା ବୋମାମାଡ଼

ୱାଶିଂଟନ, ୨୩।୭: ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ଏକ ଅତ୍ୟନ୍ତ ବିନାଶକାରୀ ମୋଡ଼ରେ ପହଞ୍ଚିଛି। ଆମେରିକା ବାୟୁସେନା ପ୍ରଥମଥର ପାଇଁ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ଘାଟି ଉପରେ ଏକ ବଡ଼ ଆକ୍ରମଣ କରିବା ପାଇଁ ଏହାର ସବୁଠାରୁ ଘାତକ ବି-୧ ଲାନ୍ସର ଦୂରଗାମୀ ବୋମାବର୍ଷୀ ବିମାନ ବ୍ୟବହାର କରିଛି। ୧୨ ଦିନ ପୂର୍ବେ ପୁଣି ଆରମ୍ଭ ହୋଇଥିବା ଏହି ନୂଆ ଯୁଦ୍ଧରେ ପ୍ରଥମଥର ପାଇଁ ଆମେରିକା ନିଜର ଶକ୍ତିଶାଳୀ ବୋମାବର୍ଷୀ ବିମାନକୁ ମିଶନରେ ପଠାଇଛି। ରିପୋର୍ଟ ଅନୁଯାୟୀ, ଏହି ଆକ୍ରମଣରେ ଇରାନର ସାମରିକ ଅପରେସନ୍ କେନ୍ଦ୍ର, ସାମୁଦ୍ରିକ କ୍ଷମତା କେନ୍ଦ୍ର, ବିମାନ ହ୍ୟାଙ୍ଗର, ଡ୍ରୋନ୍ ଷ୍ଟୋରେଜ୍ ସାଇଟ୍ ଏବଂ ସାମରିକ ଲଜିଷ୍ଟିକ୍ସ ବେସ୍ ଟାର୍ଗେଟ କରାଯାଇଛି। ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍‌ର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ହର୍ମୁଜ୍ ପ୍ରଣାଳୀରେ ଜାହାଜକୁ ଟାର୍ଗେଟ କରିବାର ଇରାନର କ୍ଷମତାକୁ ସମ୍ପୂର୍ଣ୍ଣ ନଷ୍ଟ କରିବା। ବୋମା ବିସ୍ଫୋରଣକାରୀ ବିମାନଟି ବ୍ରିଟେନର ଏକ ଏୟାରବେସ୍‌ରୁ ଉଡ଼ାଣ କରିଥିଲା।

ବି-୧ ଲାନ୍ସର ବୋମାବର୍ଷୀ ବିମାନକୁ ଆମେରିକୀୟ ବାୟୁସେନାର ସବୁଠାରୁ ଶକ୍ତିଶାଳୀ ଏବଂ ଓଜନିଆ ବିମାନ ଭାବରେ ବିବେଚନା କରାଯାଏ। ଏହା ଶବ୍ଦର ବେଗ ଅପେକ୍ଷା ଦ୍ରୁତ ଗତିରେ ଉଡ଼ିବା ସହ ୨୪ଟି ୨ ହଜାର ପାଉଣ୍ଡ ଓଜନର ବୋମା କିମ୍ବା ବହୁ ସଂଖ୍ୟକ କ୍ରୁଜ୍ ମିସାଇଲ ମଧ୍ୟ ବହନ କରିପାରିବାକୁ ସକ୍ଷମ। ଯୁଦ୍ଧକ୍ଷେତ୍ରରେ ବି-୧ ଲାନ୍ସକୁ ନିୟୋଜିତ କରିବା ସ୍ପଷ୍ଟ ଭାବେ ସୂଚିତ କରୁଛି ଯେ, ଆମେରିକା ଏବେ ଏହି ସାମରିକ ଅଭିଯାନକୁ ଜୋରଦାର୍ କରୁଛି।

## ଇରାନ ତେଲ ନ ବିକିଲେ କେହି ବିକି ପାରିବେନି: ଗାଲିବାଫ୍



ତେହରାନ, ୨୩।୭: ଇରାନ୍ ସଂସଦର ବାଚସ୍ପତି ମହମ୍ମଦ ବାକର ଗାଲିବାଫ୍ ଆମେରିକାକୁ ଖୋଲା ଧମକ ଦେଇଛନ୍ତି। ଗାଲିବାଫ୍ କହିଛନ୍ତି ଯେ, ଯଦି ଇରାନକୁ ତେଲ ବିକ୍ରୟ କରିବାରୁ ବାରଣ କରାଯାଏ, ତେବେ ଅନ୍ୟ କେହି ମଧ୍ୟ ତେଲ ବିକ୍ରି କରିପାରିବେ ନାହିଁ। ସେ ଚେତାବନୀ ଦେଇଛନ୍ତି, ହର୍ମୁଜ୍ ପ୍ରଣାଳୀ ଯୁଦ୍ଧ ପୂର୍ବ ପରିସ୍ଥିତିକୁ ଆଉ କେବେ ମଧ୍ୟ ଫେରିବ ନାହିଁ। ଇରାନର ସେତୁ ଏବଂ ଶକ୍ତି କେନ୍ଦ୍ରକୁ ଟାର୍ଗେଟ କରିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଗାଲିବାଫ୍‌ଙ୍କ ଏହି ଚେତାବନୀ ଆସିଛି। ଗାଲିବାଫ୍‌ଙ୍କ ଚେତାବନୀକୁ ଟ୍ରମ୍ପଙ୍କ ଧମକର ପ୍ରତିକ୍ରିୟା ଭାବରେ ଦେଖାଯାଉଛି। ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଏହି ଯୁଦ୍ଧର ସମୀକରଣ ସ୍ପଷ୍ଟ। ସମସ୍ତେ କିମ୍ବା କେହି ନୁହେଁ। ଯେଉଁ ଅଞ୍ଚଳରେ ଆମେ ତେଲ ବିକ୍ରୟ କରୁନାହୁଁ, ସେଠାରେ ଅନ୍ୟ କେହି ତେଲ ବିକ୍ରି କରିପାରିବେ ନାହିଁ। ଯଦି ଆମର ସୁରକ୍ଷା ସୁନିଶ୍ଚିତ ନହୁଏ, ତେବେ କୌଣସି ଭିତ୍ତିଭୂମି ସୁରକ୍ଷିତ ରହିବ ନାହିଁ। ହର୍ମୁଜ୍‌ର ସୁରକ୍ଷା ଆମେରିକୀୟ ସେନାକୁ ଏହି ଜଳମାର୍ଗଠାରୁ ଦୂରେଇ ରଖିବାରେ ନିହିତ ରହିଛି।

## ଆମେ ଆଖି ବଦଳରେ ଆଖି ତାଡ଼ି ନେବୁ



### କଡ଼ା ଚେତାବନୀ ଦେଲା ଇରାନ

ତେହରାନ, ୨୩।୭: ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଇରାନ ଆମେରିକା ଓ ଏହାର ସହଯୋଗୀମାନଙ୍କୁ ଏକ କଡ଼ା ଚେତାବନୀ ଦେଇଛି। ଇରାନ ସ୍ପଷ୍ଟ ଭାବରେ କହିଛି ଯେ, ଆମ ବିରୋଧରେ କିମ୍ବା ଆମର ଯେକୌଣସି ଭିତ୍ତିଭୂମି ଉପରେ ଆକ୍ରମଣ ହେଲେ, ତାହାର ଶକ୍ତିଶାଳୀ ଓ ନିର୍ଣ୍ଣାୟକ ଜବାବ ଦିଆଯିବ। ଇରାନର ବୈଦେଶିକ ମନ୍ତ୍ରୀ ସୈୟଦ ଆବାସ୍ ଆରାଘଚି ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଇରାନର ପ୍ରତିରକ୍ଷା ନୀତି ସ୍ପଷ୍ଟ। ଆମେ ଆଖି ବଦଳରେ ଆଖି ତାଡ଼ି ନେବୁ। ସେ ଚେତାବନୀ ଦେଇଛନ୍ତି, ଯଦି କୌଣସି ଦେଶ ଆକ୍ରମଣରେ ଆମେରିକାକୁ କୌଣସି ପ୍ରକାରର ସମର୍ଥନ ପ୍ରଦାନ କରନ୍ତି ତେବେ ସେମାନଙ୍କୁ ମଧ୍ୟ ଆମର ଟାର୍ଗେଟ ଭାବରେ ବିବେଚନା କରାଯିବ। ସହାୟତା ଯୋଗାଇ ଦେଉଥିବା ଦେଶମାନଙ୍କୁ ମଧ୍ୟ କଡ଼ା ଜବାବ ଦିଆଯିବ। ସେମାନଙ୍କ ଉପରେ ପ୍ରତିଶୋଧମୂଳକ ଆକ୍ରମଣ କରାଯିବ ବୋଲି ଆରାଘଚି ତାଗିଦ୍ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାତାର ବଡ଼ ଧରଣର ଆକ୍ରମଣ କରିବାକୁ ଧମକ ଦେଉଥିବାରୁ ଆରାଘଚି ଏଭଳି ପ୍ରତିକ୍ରିୟା ଦେଇଥିବା କୁହାଯାଉଛି।

## ମହିଳାଙ୍କୁ ଚାପୁଡ଼ା ମାରି ଦାୟିତ୍ୱରୁ ହଟିଲେ ଅତିରିକ୍ତ ଡିସିପି



ନୂଆଦିଲ୍ଲୀ, ୨୩।୭: ଜନ୍ତର ମନ୍ତରରେ କକ୍ରୋଚ୍ ଜନତା ପାର୍ଟି(ସିଜେପି)ପ୍ରତିବାଦ ସମୟରେ ଜଣେ ମହିଳା ପ୍ରତିବାଦକାରୀଙ୍କୁ ଚାପୁଡ଼ା ମାରିବାର ଏକ ଭିଡିଓ ଭାଇରାଲ ହେବା ପରେ ଦିଲ୍ଲୀ ପୁଲିସର ଅତିରିକ୍ତ ଡିସିପି(ଉତ୍ତର-ପୂର୍ବ) ସନ୍ଦୀପ ଲାମ୍ବାଙ୍କୁ ପ୍ରତିବାଦ ସ୍ଥଳରେ ତାଙ୍କ ଦାୟିତ୍ୱରୁ ହଟାଇ ଦିଆଯାଇଛି। ପୁଲିସ ସୂତ୍ର ଅନୁଯାୟୀ, ତାଙ୍କୁ ତାଙ୍କର ମୂଳ ପୋଷ୍ଟିଂ ସ୍ଥାନକୁ ଫେରାଇ ଦିଆଯାଇଛି। ତେବେ ଏହି ମାମଲାରେ ପୁଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଜାରି କରାଯାଇ ନାହିଁ। ସୋମବାର ସଂସଦ ମାର୍ଚ୍ଚ ସମୟରେ ପୁଲିସ ଭିଡ଼କୁ ଘଉଡ଼ାଇବା ପାଇଁ ଲାଠିଚାର୍ଜ ଏବଂ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ଏହି ମଧ୍ୟରେ ସୋସିଆଲ ମିଡିଆରେ ଏକ ଭିଡିଓ ପ୍ରକାଶ ପାଇଛି ଯେଉଁଥିରେ ଅତିରିକ୍ତ ଡିସିପି ସନ୍ଦୀପ ଲାମ୍ବା ଜଣେ ପ୍ରତିବାଦକାରୀ ଯୁବତୀଙ୍କୁ ଚାପୁଡ଼ା ମାରୁଥିବାର ଦେଖାଯାଇଛି।

## ଲୋହିତ ସାଗରରେ ଆକ୍ରମଣ କଲା ହୁତି



ସାନା, ୨୩।୭: ୟେମେନର ହୁତି ବିଦ୍ରୋହୀମାନେ କହିଛନ୍ତି ଯେ ସେମାନେ ଲୋହିତ ସାଗରରେ ସାଉଦି ଆରବର ଦୁଇଟି ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରିଛନ୍ତି। ସୋମବାର ସାଉଦି ଆରବ ଜାହାଜ ଉପରେ ସାମୁଦ୍ରିକ ଅବରୋଧ ଘୋଷଣା ପରେ ଇରାନ ସମର୍ଥିତ ୟେମେନି ସିଆ ବିଦ୍ରୋହୀ ଗୋଷ୍ଠୀ ହୁତିଙ୍କ ଦ୍ୱାରା ଜାହାଜ ଉପରେ ଏହା ପ୍ରଥମ ଆକ୍ରମଣ। ହୁତି ବିଦ୍ରୋହୀମାନେ କହିଛନ୍ତି ଯେ ସେମାନେ ବାବ୍ ଅଲ୍-ମାଣ୍ଡେବ ନିକଟରେ ବାଲିଷ୍ଟିକ୍, କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଦ୍ୱାରା ସାଉଦି ଆରବର ଦୁଇଟି ତୈଳ ଟ୍ୟାଙ୍କର ଏନସେଲିଆ ଏବଂ ଲୈଲା ଉପରେ ଆକ୍ରମଣ କରିଛନ୍ତି। ସେମାନେ ଦାବି କରିଛନ୍ତି ଯେ, ଆକ୍ରମଣ ପରେ ଉଭୟ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା। ତେଲ ଟ୍ୟାଙ୍କରଗୁଡ଼ିକ ସାମୁଦ୍ରିକ ଅବରୋଧ ଉଲ୍ଲଂଘନ କରିଥିବା ଅଭିଯୋଗ ସେମାନେ କରିଛନ୍ତି।

## ଜେନେରିକ୍ ଔଷଧ ଉପରେ ୨୦୦% ଶୁଳ୍କ

ୱାଶିଂଟନ, ୨୩।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ଲଗାଇବା ନୀତି ବଜାୟ ରଖି ଜେନେରିକ୍ ଔଷଧ ଉପରେ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗିବ ବୋଲି କହିଛନ୍ତି। ସୋସିଆଲ୍ ମିଡିଆ 'ଟ୍ରୁଥ୍'ରେ ସୂଚନା ଦେଇ ସେ କହିଛନ୍ତି ଯେ ୨୦୨୬ ଅଗଷ୍ଟ ୧ ପରଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଜେନେରିକ୍ ଔଷଧ ଉପରେ ଶୁଳ୍କ ଶୂନ୍ୟ ରହିବ। କିନ୍ତୁ ୨୦୨୮ ଅଗଷ୍ଟ ୧ରୁ ତାହା ଉପରେ ୧୦୦ ପ୍ରତିଶତ ଓ ୨୦୨୯ ଅଗଷ୍ଟରୁ ୨୦୦ ପ୍ରତିଶତ ଶୁଳ୍କ ଲାଗିବ। ଆମେରିକାରେ ଜେନେରିକ୍ ଔଷଧ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଟ୍ରମ୍ପ ଏଭଳି ପଦକ୍ଷେପ ଘୋଷଣା କରିଛନ୍ତି। ଯେଉଁ କମ୍ପାନି ଆମେରିକାରେ ଉତ୍ପାଦନ କରିବେ ନାହିଁ, ସେମାନେ ଅଧିକ ଶୁଳ୍କ ଗଣିବାକୁ ବାଧ୍ୟ ହେବେ।

## ୨ ଆତଙ୍କବାଦୀଙ୍କ ଘରେ ଚାଲିଲା ବୁଲଡୋଜର

ଶ୍ରୀନଗର, ୨୩।୭: ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲାରେ ଆତଙ୍କବାଦୀ ଆକ୍ରମଣରେ ଜଣେ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ହେବାର କିଛି ଘଣ୍ଟା ପରେ, କର୍ତ୍ତୃପକ୍ଷ ଲସ୍କର-ଇ-ତୋଏବାର ଦୁଇ ଆତଙ୍କବାଦୀଙ୍କ ଘର ଭାଙ୍ଗି ଦେଇଛନ୍ତି। ବୁଧବାର ଏବଂ ଗୁରୁବାର ରାତିରେ ଆତଙ୍କବାଦୀ ଆଦିଲ ଠୋକର ଏବଂ ହାରୁନ ରସିଦ ଗଣାଇଙ୍କ ଘର ବୁଲଡୋଜର ଚଲାଇ ଭାଙ୍ଗି ଦିଆଯାଇଛି ବୋଲି ଅଧିକାରୀମାନେ କହିଛନ୍ତି। ବୁଧବାର ଅପରାହ୍ନରେ ଅନନ୍ତନାଗର ଲାଲ ଚୌକରେ ଅମରନାଥ ଯାତ୍ରା ପାଇଁ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଥିବା ହେଡ୍ କନଷ୍ଟେବଲ୍ ଆଶିକ୍ ହୁସେନ କ୍ୟୁରେଶୀଙ୍କୁ ଜଣେ ଆତଙ୍କବାଦୀ ଗୁଳି କରି ହତ୍ୟା କରିବାର କିଛି ଘଣ୍ଟା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ଛାତ୍ର ଆନ୍ଦୋଳନକୁ ନେଇ ମୁହଁ ଖୋଲିଲେ ସଲମାନ ଖାନ୍



ନୂଆଦିଲ୍ଲୀ, ୨୩।୭: ବଲିଉଡ୍ ସୁପରଷ୍ଟାର୍ ସଲମାନ ଖାନ୍ ଛାତ୍ର ଆନ୍ଦୋଳନକୁ ନେଇ ପ୍ରଥମ ଥର ପାଇଁ ଖୋଲାଖୋଲି ଭାବେ ନିଜର ମତ ରଖିଛନ୍ତି। ସେ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, ଏହି ଆନ୍ଦୋଳନ ଆରମ୍ଭରୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କିଛି ଲୋକ ଏହାକୁ ରାଜନୈତିକ ରୂପ ଦେବାକୁ ଚେଷ୍ଟା କଲେ, ଯାହା ଫଳରେ ପରିସ୍ଥିତି ବିଗିଡ଼ିଗଲା। ସଲମାନ ହିଂସା ଘଟଣାରେ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ଏହି ସମୟରେ ଯେଉଁ ଛାତ୍ର ଏବଂ ସେମାନଙ୍କ ପରିବାର ଆହତ ହୋଇଛନ୍ତି, ସେମାନଙ୍କ ପ୍ରତି ତାଙ୍କର ସମ୍ପୂର୍ଣ୍ଣ ସମବେଦନା ରହିଛି। ସେ ପ୍ରଶ୍ନପତ୍ର ଲିକ୍‌କୁ ଏକ ଅତ୍ୟନ୍ତ ଗମ୍ଭୀର ମୁଦ୍ଦା ବୋଲି କହିବା ସହ ଏହା ବିରୋଧରେ ଛାତ୍ରମାନେ ସ୍ୱର ଉତ୍ତୋଳନ କରିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ବୋଲି ପ୍ରକାଶ କରିଛନ୍ତି। ଅଭିନେତା କହିଛନ୍ତି ଯେ, ସାରା ଦେଶର ଛାତ୍ରଛାତ୍ରୀମାନେ ଶ୍ରେଷ୍ଠ ଶିକ୍ଷା ବ୍ୟବସ୍ଥାର ଦାବି ନେଇ ଯେପରି ଏକଜୁଟ୍ ହୋଇ ସ୍ୱର ଉଠାଇଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ।

## ସୋନମ୍ ରଘୁବଂଶୀଙ୍କ ଜାମିନ ଖାରଜ

### ୩ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ ନିର୍ଦ୍ଦେଶ




ନୂଆଦିଲ୍ଲୀ, ୨୩।୭: ଇନ୍ଦୋରର ବହୁ ଚର୍ଚ୍ଚିତ ରାଜା ରଘୁବଂଶୀ ହନିମୁନ୍ ମର୍ଡର ମାମଲାରେ ନୂଆ ମୋଡ଼ ଆସିଛି। ହତ୍ୟା ମାମଲାରେ ଅଭିଯୁକ୍ତ ଥିବା ତାଙ୍କ ପତ୍ନୀ ସୋନମ ରଘୁବଂଶୀଙ୍କୁ ସୁପ୍ରିମକୋର୍ଟ ଏକ ବଡ଼ ଝଟକା ଦେଇଛନ୍ତି। ସୁପ୍ରିମକୋର୍ଟ ତାଙ୍କ ଜାମିନକୁ ଖାରଜ କରି ତିନି ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋନମଙ୍କ ଜାମିନକୁ ଚ୍ୟାଲେଞ୍ଜ କରି ମେଘାଳୟ ସରକାରଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ଉପରେ ଜଷ୍ଟିସ୍ ଏମଏମ ସୁନ୍ଦରେଶ ଏବଂ ପିବି ଭାରାଲେଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ସୋନମଙ୍କ ବିରୋଧରେ ଅଭିଯୋଗ ବହୁତ ଗମ୍ଭୀର। ଶୁଣାଣି ସମୟରେ, ସୁପ୍ରିମକୋର୍ଟ ଟ୍ରାଏଲ୍ କୋର୍ଟକୁ ଛଅ ମାସ ମଧ୍ୟରେ ମାମଲାର ଶୁଣାଣି ସାରିବାକୁ ନିର୍ଦ୍ଦେଶ ଦେଇ ସ୍ପଷ୍ଟ କରିଛନ୍ତି ଯେ, ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମାମଲାର ଶୁଣାଣି ସମାପ୍ତ ନହୁଏ, ତେବେ ସୋନମ ରଘୁବଂଶୀ ପୁଣି ଥରେ ଜାମିନ ପାଇଁ ଆବେଦନ କରିପାରିବେ। ବର୍ତ୍ତମାନ, ତାଙ୍କୁ ତିନି ସପ୍ତାହ ମଧ୍ୟରେ ସମ୍ପୃକ୍ତ କୋର୍ଟରେ ଆତ୍ମସମର୍ପଣ କରିବାକୁ ପଡିବ।

## ଆକାଶରେ ୧୦,୦୦୦ କିମି ଲମ୍ବା ମେଘ

### ଭଲ ବର୍ଷା ଅନୁମାନ କଲା ପାଣିପାଗ ବିଭାଗ



ନୂଆଦିଲ୍ଲୀ, ୨୩।୭: ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏବେ ଏପରି ଏକ ରୂପ ନେଇଛି ଯାହା ପାଣିପାଗ ବିଜ୍ଞାନୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ସାମ୍ପ୍ରତିକ ସାଟେଲାଇଟ୍ ଚିତ୍ରଗୁଡ଼ିକରେ ୭,୦୦୦ରୁ ୧୦,୦୦୦ କିଲୋମିଟର ଲମ୍ବା ମେଘ ଦେଖିବାକୁ ମିଳିଛି। ଏହି ବିଶାଳ ମେଘ ଉତ୍ତର ଭାରତରୁ ହିମାଳୟ, ଚୀନ୍ ଏବଂ ଦକ୍ଷିଣ କୋରିଆ ପର୍ଯ୍ୟନ୍ତ ବିସ୍ତୃତ ହୋଇଛି। ବିଶେଷଜ୍ଞମାନେ ଏହାକୁ ଚଳିତ ବର୍ଷର ସବୁଠାରୁ ସକ୍ରିୟ ମୌସୁମୀ ଋତୁର ଏକ ସଙ୍କେତ ବୋଲି ବିବେଚନା କରୁଛନ୍ତି। ଫଳସ୍ୱରୂପ, ଆଗାମୀ ଦିନରେ ଉତ୍ତର ଏବଂ ମଧ୍ୟ ଭାରତର ବହୁ ଅଞ୍ଚଳରେ ଭଲ ବର୍ଷା ତଥା କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ଆଶା କରାଯାଉଛି। ପାଣିପାଗ ବିଜ୍ଞାନୀଙ୍କ ମତରେ, ଏହା ଏକ ମୌସୁମୀ ଅଭିସରଣ କ୍ଷେତ୍ର ବା ମେଘ ଖଣ୍ଡ ଏକାଠି ମିଶିବା ଅବା ଏକତ୍ରିତ ହେବା କ୍ଷେତ୍ର। ଭାରତ ମହାସାଗରରୁ ଆର୍ଦ୍ରତାଯୁକ୍ତ ମୌସୁମୀ ପବନ ଏସିଆର ବିଭିନ୍ନ ପାଣିପାଗ ପ୍ରଣାଳୀ ସହିତ ଧକ୍କା ଖାଇବା ଯୋଗୁଁ ଏହା ସୃଷ୍ଟି ହୋଇଥିଲା। ଏହି ପ୍ରକ୍ରିୟା ଦ୍ୱାରା ହଜାର ହଜାର କିଲୋମିଟର ଲମ୍ବା ମେଘ ସୃଷ୍ଟି ହୋଇଥିଲା। ଏହା ଯୋଗୁଁ ଅନେକ ଦେଶରେ ମୌସୁମୀ ବର୍ଷା ଭଲ ହେବାର ପୂର୍ବାନୁମାନ ପାଣିପାଗ ବିଭାଗ ପକ୍ଷରୁ କରାଯାଇଛି।

### ଦିଲ୍ଲୀରେ ମେଟ୍ରୋ ବନ୍ଦ ମାମଲା

## ସିଜେଆଇ କହିଲେ ଲଞ୍ଚ୍ ପରେ ଦେଖିବା



ନୂଆଦିଲ୍ଲୀ, ୨୩।୭: ଦିଲ୍ଲୀର ଜନ୍ତର-ମନ୍ତରରେ ଛାତ୍ର ଆନ୍ଦୋଳନ ମଧ୍ୟରେ ସୁରକ୍ଷା କାରଣରୁ ୧୬ଟି ମେଟ୍ରୋ ଷ୍ଟେସନକୁ ବନ୍ଦ କରାଯାଇଛି। ଏହି ମାମଲା ଏବେ ସୁପ୍ରିମ୍ କୋର୍ଟରେ ପହଞ୍ଚିଛି। ସୁପ୍ରିମ୍ କୋର୍ଟ ବାର୍ ଆସୋସିଏସନ୍ ସଭାପତି ବିକାଶ ସିଂହ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ବେଞ୍ଚ୍ ସାମ୍ନାରେ ଏହି ମାମଲା ରଖିଛନ୍ତି। ସେ କହିଛନ୍ତି ଯେ ମେଟ୍ରୋରେ ଓକିଲ କିମ୍ବା ରେଜିଷ୍ଟ୍ରି ଷ୍ଟାଫଙ୍କ ସ୍କ୍ରିନିଂ କରାଯାଇପାରିବ। ଏହାଦ୍ୱାରା ଆମ କାର୍ଯ୍ୟରେ ପ୍ରଭାବ ପଡୁଛି। ଏହା ଉପରେ ସିଜେଆଇ କହିଛନ୍ତି ଯେ ଯଦି ଲଞ୍ଚ୍ ସମୟ ସୁଦ୍ଧା ଏହାକୁ ଖୋଲିବା ପାଇଁ କିଛି କରା ନଯାଏ, ତେବେ ଆମେ ହସ୍ତକ୍ଷେପ କରିବୁ। ସିଜେଆଇ କହିଛନ୍ତି ଯେ ଆମେ ନିର୍ଦ୍ଦେଶ ଜାରି କରିଛୁ ଯେ ଆଜି ହାଜର ନ ହେବା କାରଣରୁ କୌଣସି ପ୍ରତିକୂଳ ଆଦେଶ ପାରିତ କରାଯିବ ନାହିଁ। ବିକାଶ ସିଂହ କହିଛନ୍ତି ଯେ ନ୍ୟାୟିକ ପକ୍ଷରୁ ହସ୍ତକ୍ଷେପର ଆବଶ୍ୟକତା ପଡ଼ିପାରେ। ସିଜେଆଇ କହିଛନ୍ତି, "ହଁ, ଯଦି ଲଞ୍ଚ୍ ପର୍ଯ୍ୟନ୍ତ ସେମାନେ କିଛି ନକରନ୍ତି, ତେବେ ଆମେ ଏହା ଉପରେ ବିଚାର କରିବୁ।"

ସୂଚନାଯୋଗ୍ୟ ଯେ ରାଜୀବ ଛକ, କେନ୍ଦ୍ରୀୟ ସଚିବାଳୟ, ମଣ୍ଡି ହାଉସ, ଆଇଟିଓ ଏବଂ ଖାନ ମାର୍କେଟ ସମେତ ଦିଲ୍ଲୀ ମେଟ୍ରୋର ୧୬ଟି ଷ୍ଟେସନକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସୁରକ୍ଷା କାରଣରୁ ଗୁରୁବାର ସକାଳୁ ବନ୍ଦ କରିଦିଆଯାଇଛି। ଦିଲ୍ଲୀ ମେଟ୍ରୋ ରେଲ କୋର୍ପୋରେସନ ଏହି ସୂଚନା ଦେଇଛି। ଜନ୍ତର-ମନ୍ତରରେ କାକରୋଚ ଜନତା ପାର୍ଟିର ଜାରି ରହିଥିବା ପ୍ରଦର୍ଶନରେ ଭିଡ଼ ବଢ଼ୁଥିବା ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି।

### ରାମ ମନ୍ଦିର ଚାର୍ଜସିଟ୍ ପ୍ରସଙ୍ଗ

## ସଫେଇ ଦେଲା ସିବିଆଇ




ନୂଆଦିଲ୍ଲୀ, ୨୩।୭: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଏନଇଇଟି (ୟୁଜି) ୨୦୨୪ ପ୍ରଶ୍ନପତ୍ର ଲିକ୍ ମାମଲା ସମ୍ପର୍କରେ ଏକ ବଡ଼ ସ୍ପଷ୍ଟୀକରଣ ଜାରି କରିଛି। ସିବିଆଇ କହିଛି ଯେ ଅଭିଯୁକ୍ତ ମାଷ୍ଟରମାଇଣ୍ଡ ସଞ୍ଜୀବ କୁମାର ଓରଫ ସଞ୍ଜୀବ ମୁଖିଆଙ୍କ ବିରୋଧରେ ତଦନ୍ତ ସମୟରେ ପ୍ରଶ୍ନପତ୍ର ଚୋରି କିମ୍ବା ବଣ୍ଟନରେ ତାଙ୍କର ସମ୍ପୃକ୍ତି ନେଇ କୌଣସି ପ୍ରମାଣ ମିଳିନାହିଁ। ଏହି ମାମଲାରେ ତାଙ୍କୁ ଜାଣିଶୁଣି ସୁରକ୍ଷା ପ୍ରଦାନ କରାଯାଉଛି କିମ୍ବା ଚାର୍ଜସିଟ୍‌ରୁ ବାଦ ଦିଆଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ମିଥ୍ୟା। ସିବିଆଇ ଅନୁଯାୟୀ, ୨୦୨୪ ମସିହାରେ ବିହାର ପୁଲିସ ପ୍ରଶ୍ନପତ୍ର ଚୋରି ଘଟଣାର ପର୍ଦ୍ଦାଫାସ କରିଥିଲା ଏବଂ ଏହି ସମ୍ପର୍କରେ ଏକ ଏଫଆଇଆର ରୁଜୁ କରିଥିଲା। ପ୍ରାରମ୍ଭିକ ତଦନ୍ତରେ ସଞ୍ଜୀବ କୁମାର ଓରଫ ସଞ୍ଜୀବ ମୁଖିଆଙ୍କୁ ଚିହ୍ନଟ କରାଯାଇଥିଲା କାରଣ ତାଙ୍କ ନାମ ପୂର୍ବରୁ ଅନେକ ପ୍ରତିଯୋଗିତାମୂଳକ ପରୀକ୍ଷା ପତ୍ର ଲିକ୍ ଏବଂ ଚୋରି ମାମଲାରେ ସାମ୍ନାକୁ ଆସିଥିଲା। ଏହାକୁ ଆଧାର କରି, ବିହାର ପୁଲିସ ତାଙ୍କୁ ଏହି ଏଫଆଇଆରରେ ଅଭିଯୁକ୍ତ ଭାବରେ ନାମିତ କରିଥିଲା।

### ଛାତ୍ର ଆନ୍ଦୋଳନ ସପକ୍ଷରେ ବିକ୍ଷୋଭ

## ୪୦୦ ଜଣଙ୍କ ବିରୋଧରେ ୧୩ ଏଫଆଇଆର୍



ମୁମ୍ବାଇ, ୨୩।୭: ନୂଆଦିଲ୍ଲୀରେ 'କୋକରୋଚ୍ ଜନତା ପାର୍ଟି' (ସିଜେପି)ର ନେତୃତ୍ୱରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ସମର୍ଥନ ଜଣାଇ ମୁମ୍ବାଇର ବିଭିନ୍ନ ସ୍ଥାନରେ ବିନା ଅନୁମତିରେ ପ୍ରଦର୍ଶନ କରାଯିବା ପ୍ରସଙ୍ଗରେ ମୁମ୍ବାଇ ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗତ ୫ ଦିନ ମଧ୍ୟରେ ସହରର ବିଭିନ୍ନ ପୁଲିସ ଷ୍ଟେସନରେ ପ୍ରାୟ ୪୦୦ ଜଣଙ୍କ ବିରୋଧରେ ୧୩ଟି ମାମଲା ରୁଜୁ କରାଯାଇଛି। ବେଆଇନ ସଭାସମିତି, ଜନସାଧାରଣଙ୍କ ଗମନାଗମନରେ ବାଧା ସୃଷ୍ଟି କରିବା ଏବଂ ସରକାରୀ ଆଦେଶ ଅମାନ୍ୟ କରିବା ଅଭିଯୋଗରେ ଏହି ମାମଲାଗୁଡ଼ିକ ରୁଜୁ କରାଯାଇଛି। ଏଫଆଇଆରରେ ନାମିତ ବ୍ୟକ୍ତିମାନଙ୍କୁ ନୋଟିସ୍ ଜାରି କରାଯାଇ ଛାଡ଼ିଦିଆଯାଇଛି। ଶିବାଜୀ ପାର୍କ, ଚୈତ୍ୟଭୂମି, ଚେମ୍ବୁର ଓ ଶିବସେନା ଭବନ ସମେତ ସହରର ଏକାଧିକ ସ୍ଥାନରେ ପୁଲିସର ବିନା ଅନୁମତିରେ ଏହି ସଭା ଓ ଶୋଭାଯାତ୍ରା କରାଯାଇଥିଲା।

## ପୁଣି ପ୍ରଶ୍ନପତ୍ର ଲିକ୍, ୨ ପରୀକ୍ଷା ବାତିଲ

ନୂଆଦିଲ୍ଲୀ, ୨୩।୭: ଉତ୍ତରାଖଣ୍ଡ ବୈଷୟିକ ବିଶ୍ୱବିଦ୍ୟାଳୟରେ ଦୁଇଟି ଇଞ୍ଜିନିୟରିଂ ପେପର ଲିକ ହୋଇଥିବା ଅଭିଯୋଗ ହୋଇଛି। ଏହା ପରେ ଉତ୍ତରାଖଣ୍ଡ ବୈଷୟିକ ବିଶ୍ୱବିଦ୍ୟାଳୟ ଉଭୟ ବିଷୟର ପରୀକ୍ଷା ବାତିଲ କରିଛି। ରିପୋର୍ଟ ଅନୁଯାୟୀ, ଅଭିଯୁକ୍ତ ଶିକ୍ଷକ ଆଶିଷ କୁମାର ଶିବାଲିକ କଲେଜରେ ପ୍ରଫେସର ଏବଂ ପ୍ରଶ୍ନପତ୍ର ପ୍ରସ୍ତୁତ କରି ପେପର ସେଟର ଭାବରେ କାମ କରୁଥିଲେ। ତାଙ୍କ ଉପରେ ଏକ କଲେଜ ହ୍ୱାଟସଆପ ଗ୍ରୁପରେ ଛାତ୍ରମାନଙ୍କୁ ସମାନ ପରୀକ୍ଷା ପ୍ରଶ୍ନ ପଠାଇବାର ଅଭିଯୋଗ ହୋଇଛି। ଏହା ପରେ ଉଭୟ ପେପର ବାତିଲ କରାଯାଇଛି ଏବଂ ତଦନ୍ତ ଆରମ୍ଭ କରାଯାଇଛି। ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। ବୀର ମାଧୋ ସିଂହ ଭଣ୍ଡାରୀ ଉତ୍ତରାଖଣ୍ଡ ବୈଷୟିକ ବିଶ୍ୱବିଦ୍ୟାଳୟର ଭାଇସ ଚାନ୍ସେଲର ତୃପ୍ତା ଠାକୁର କହିଛନ୍ତି, ଏହି ଶିକ୍ଷକ ଯେଉଁ କଲେଜର ଅଟନ୍ତି ସେହି କଲେଜ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଆମେ ଶିକ୍ଷକଙ୍କୁ ଆଗାମୀ ୭ ବର୍ଷ ପାଇଁ ଆଗାମୀ ପରୀକ୍ଷା କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାରୁ ନିଲମ୍ବିତ କରିଛୁ। ଏହି ଶିକ୍ଷକ ତାଙ୍କ ୨୨ ଜଣ ଛାତ୍ରଙ୍କ ଜୀବନକୁ ବିପଦରେ ପକାଇଛନ୍ତି।

## ଗୋଟିଏ ପୁଅକୁ ବାହା ହେଲେ ତିନି ଭଉଣୀ



ଲକ୍ଷ୍ନୌ, ୨୩।୭: ଉତ୍ତର ପ୍ରଦେଶର ଆମରୋହା ଜିଲ୍ଲା ହସନପୁର ଅଞ୍ଚଳର ଧୌରିଆ ଗାଁର ତିନି ଭଉଣୀ ଚାମୁଣ୍ଡା ମାତା ମନ୍ଦିରରେ ଜଣେ କ୍ୟାମେରାମ୍ୟାନଙ୍କୁ ବିବାହ କରିଛନ୍ତି। ତିନିଜଣଙ୍କ ବୟସ ୧୮ ରୁ ୨୦ ବର୍ଷ ମଧ୍ୟରେ। ବୁଧବାର ସନ୍ଧ୍ୟାରେ ବିବାହର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ହିନ୍ଦୁ ସଂଗଠନଗୁଡ଼ିକ ଏହାକୁ ସନାତନ ଧର୍ମ ଓ ସାମାଜିକ ଚଳଣିର ଉଲ୍ଲଂଘନ ବୋଲି କହି ତୀବ୍ର ବିରୋଧ କରିଛନ୍ତି।

ରିପୋର୍ଟ ଅନୁଯାୟୀ, ଧାଉରିଆ ଗାଁର ସରୋଜ, ସାବିତ୍ରୀ ଏବଂ ସନ୍ତୋଷ ଜୁଲାଇ ୧୭ ତାରିଖରେ ଚାମୁଣ୍ଡା ମାତା ମନ୍ଦିରରେ ଅଗ୍ନିକୁ ସାକ୍ଷୀ ରଖି ବିବାହ କରିଥିଲେ। ଶ୍ୟାମପୁରୀ ଗାଁର କ୍ୟାମେରାମ୍ୟାନ୍ ବିକାଶ ଓରଫ ଭିକୁ ତିନି ଭଉଣୀଙ୍କ ମଥାରେ ସିନ୍ଦୁର ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବିବାହ ସମୟରେ ଉଭୟ ପକ୍ଷର ପରିବାର ଲୋକ ଉପସ୍ଥିତ ନଥିଲେ। ମନ୍ଦିର ପରିଚାଳକ ଡକ୍ଟର ଶିବଚରଣ ଦାସ ସ୍ପଷ୍ଟ କରିଛନ୍ତି ଯେ ସେତେବେଳେ ମନ୍ଦିରରେ ମରାମତି କାର୍ଯ୍ୟ ଚାଲୁଥିଲା ଏବଂ କୌଣସି ପୁରୋହିତ ସେଠାରେ ନଥିଲେ। ବିବାହ କରିଥିବା ତିନି ଭଉଣୀ ଓ ଯୁବକ ଜଣକ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବହୁତ ଆକଟିଭ ରହୁଥିଲେ। ତିନି ଭଉଣୀ ଇନଷ୍ଟାଗ୍ରାମ ଓ ଫେସବୁକରେ ରିଲ୍ସ କରୁଥିଲେ। ଏମାନଙ୍କର ଇନଷ୍ଟାଗ୍ରାମରେ ୪,୬୯,୦୦୦ ଏବଂ ଫେସବୁକରେ ୮୪,୦୦୦ ରୁ ଅଧିକ ଫଲୋଅର୍ସ ଅଛନ୍ତି। ବଡ଼ ଭଉଣୀ ସରୋଜ ଦ୍ୱିତୀୟ ବର୍ଷର ବି.ଟେକ୍ ଛାତ୍ରୀ ଥିବା ବେଳେ ଅନ୍ୟ ଦୁଇଜଣ ଭଉଣୀ ଦ୍ୱାଦଶ ଶ୍ରେଣୀ ସମାପ୍ତ କରିଛନ୍ତି। ବର ବିକାଶ ମଧ୍ୟ ଏହି ବର୍ଷ ଦ୍ୱାଦଶ ଶ୍ରେଣୀ ପାସ୍ କରିଛନ୍ତି ଓ ଆଇନ ପଢ଼ିବାକୁ ପାଇଁ ପ୍ରସ୍ତୁତ ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯୁବକ ଜଣକ ଗତ ଛଅ ମାସ ଧରି ରିଲ୍ସରେ ତିନି ଭଉଣୀଙ୍କ ସ୍ୱାମୀ ଭୂମିକାରେ ଅଭିନୟ କରୁଥିଲେ।

### କହିଲେ: ଆମେ ଆମ ପସନ୍ଦରେ ଖୁସି, ଆମ ବିବାହକୁ ବିରୋଧ କରନି

ଏହି ବିବାହକୁ ନେଇ ବିବାଦ ବୃଦ୍ଧି ପାଇବା ପରେ ତିନି ଭଉଣୀ ସେମାନଙ୍କର ମତ ରଖି ଏକ ଭିଡିଓ ଜାରି କରିଛନ୍ତି। ସେମାନେ କହିଛନ୍ତି ଯେ ସେମାନେ ପିଲାଦିନରୁ ଏକାଠି ରହୁଛନ୍ତି। ସେମାନଙ୍କ ପରିବାର ଭିନ୍ନ ଭିନ୍ନ ପୁରୁଷଙ୍କ ସହିତ ସେମାନଙ୍କର ବିବାହ ବ୍ୟବସ୍ଥା କରିବାକୁ ଚେଷ୍ଟା କରିଥିଲେ। ଫଳରେ ସେମାନେ ଅଲଗା ହେବା ପରିବର୍ତ୍ତେ ଏକା ସମୟରେ ଗୋଟିଏ ବରକୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଅଭିଯୋଗକୁ ନେଇ ତିନି ଭଉଣୀ ଯୁକ୍ତି ବାଢ଼ିଛନ୍ତି ଯେ, ରାଜା ଦଶରଥଙ୍କର ମଧ୍ୟ ତିନି ରାଣୀ ଥିଲେ। ଆମେ ସମସ୍ତେ ପରିପକ୍ୱ ଏବଂ ଆମର ପସନ୍ଦରେ ଆମେ ଖୁସି। ତେଣୁ ଅନ୍ୟମାନେ ଏଥିରେ ଆପତ୍ତି କରିବା ଉଚିତ ନୁହେଁ।

# ଛାତ୍ର ଆନ୍ଦୋଳନ ନୁହେଁ, ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ

- ନିଜ କ୍ୟାରିଅର ଗଢ଼ିବାରେ ଧ୍ୟାନ ଦେବାକୁ ଛାତ୍ରଛାତ୍ରୀଙ୍କୁ ଅପିଲ
- ଶିକ୍ଷାର୍ଥୀଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ପ୍ରଧାନମନ୍ତ୍ରୀ
- ଛାତ୍ରଛାତ୍ରୀଙ୍କ ବ୍ୟବହାର କରି ରାଜନୈତିକ ପାଖଣ୍ଡ ସେକୁଛନ୍ତି ରାହୁଲ



ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ): ଗତ କିଛି ଦିନ ହେବ ଦେଶରେ ଲଗାତାର ଭାବେ ଅରାଜକତା ସୃଷ୍ଟି କରାଯିବାର ପ୍ରୟାସ କରାଯାଉଛି। ଦୁର୍ଭାଗ୍ୟଜନକ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ପ୍ରଘଟ ହେବା ପରେ କେନ୍ଦ୍ର ସରକାର ତୁରନ୍ତ ପରୀକ୍ଷାକୁ ବାତିଲ୍ କରି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ। ଅଭିଯୁକ୍ତଙ୍କୁ ଗିରଫ କରାଗଲା। ଛାତ୍ରଛାତ୍ରୀଙ୍କ ମନରେ କୌଣସି ନୈରାଶ୍ୟଜନକ ସ୍ଥିତି ସୃଷ୍ଟି ନ ହେଉ, ସେଣୁ ତୁରନ୍ତ ପରୀକ୍ଷା କରାଯିବାର ନିଷ୍ପତ୍ତି ନେଇ ସଫଳତାର ସହ ଶେଷ କରିଲେ। ଆମ ରାଜ୍ୟରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ସଫଳତାର ସହ ସମାପ୍ତ ହେଲା। କିଛି ଦିନ ଭିତରେ ଆଡମିଶନ ପ୍ରକ୍ରିୟା ସମାପ୍ତ ହେବାକୁ ଯାଉଛି। ଏଭଳି ସମୟରେ ଆନ୍ଦୋଳନ କେବଳ ଦେଶରେ ଅରାଜକତା ସୃଷ୍ଟି କରିବା ପାଇଁ ଉଦ୍ୟମ ବୋଲି ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଆନ୍ଦୋଳନର ନେତୃତ୍ୱ ନେଉଥିବା ଅଭିଜିତ ଦୀପଙ୍କେ ହେଉଛନ୍ତି ଆପ୍ ଦଳର ଜଣେ ସକ୍ରିୟ ସଦସ୍ୟ। ଲୋକଙ୍କ ଦ୍ୱାରା ପ୍ରତ୍ୟାକ୍ଷାତ ହେବା ପରେ ଆମ୍ ଆଦମୀ ପାର୍ଟୀ ସହ ବାମପନ୍ଥୀ ରାଜନୈତିକ ଦଳଗୁଡ଼ିକ ମିଳିମିଶି କଂଗ୍ରେସ ଦଳ ସହ ଅରାଜକତା କରୁଛନ୍ତି। ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ଆଳ କରି ଆନ୍ଦୋଳନକାରୀମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଗାଳି ଦେବା, ଦେଶବିରୋଧୀ ସ୍ଲୋଗାନ ଦେବା, ଆତଙ୍କବାଦକୁ ସମର୍ଥନ କରି ସ୍ଲୋଗାନ ଦେଇ ଛାତ୍ରଛାତ୍ରୀଙ୍କ ନାମରେ ଖରାପ ପରମ୍ପରା ସୃଷ୍ଟି କରୁଛନ୍ତି। ହଠାତ୍ ଦେଶରେ ଜେଏନୟୁର ଟୁକ୍‌ଡେ ଟୁକ୍‌ଡେ ଗ୍ୟାଙ୍ଗ ଓ ଦେଶ ବିଭାଜନକାରୀ ଶକ୍ତିମାନେ ପ୍ରଚଣ୍ଡ ଭାବରେ ସକ୍ରିୟ ହୋଇଯାଇଛନ୍ତି। ରାହୁଲ ଗାନ୍ଧି ଛାତ୍ରଛାତ୍ରୀଙ୍କୁ ବ୍ୟବହାର କରି ତ୍ରାସବାଦୀ ଧ୍ୟାନ କରିଦେଇ ନିଜ ରାଜନୈତିକ ପାଖଣ୍ଡ ସେକୁଛନ୍ତି। ବାଂଲାଦେଶର ଉଗ୍ରବାଦୀ ଦଳ ସହ ଜାନାବାରେ କାର୍ଯ୍ୟ କରୁଥିବା ବିଭିନ୍ନ ଉଗ୍ରବାଦୀ ଦଳଗୁଡ଼ିକ ଓ ଭାରତବର୍ଷକୁ ଖଣ୍ଡବିଖଣ୍ଡିତ ଷଡ଼ଯନ୍ତ୍ର କରୁଥିବା ଦେଶମାନେ ସାମିଲ ଅଛନ୍ତି। ଏହା ଛାତ୍ର ଆନ୍ଦୋଳନ ନୁହେଁ, ବରଂ ଦେଶରେ ଅରାଜକତା ସୃଷ୍ଟି କରିବାର ଆନ୍ଦୋଳନ। ସେଣୁ ଏଭଳି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଆନ୍ଦୋଳନରେ ବିଭ୍ରାନ୍ତ ନ ହେବାକୁ ଦେଶର ତଥା ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିବା ସହ ନିଜ ନିଜ କ୍ୟାରିଅର ଗଢ଼ିବାରେ ଧ୍ୟାନ ଦିଅନ୍ତୁ ଏବଂ ବିକଶିତ ଭାରତ, ସମୃଦ୍ଧ ଓଡ଼ିଶା ଗଠନରେ ସାମିଲ ହେବା ପାଇଁ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି।

## ୨୧ ଦିନ ମଧ୍ୟରେ ଜନ୍ମ ପଞ୍ଜୀକରଣ ବାଧ୍ୟତାମୂଳକ

କୋଲକାତା, ୨୩।୭ (ସଂଚାର ବ୍ୟୁରୋ): ଶୁଭେନ୍ଦୁ ଅଧିକାରୀ ସରକାର ପଞ୍ଚାୟତ ଓ ପୌରପ୍ରଧାନଙ୍କଠାରୁ ଜନ୍ମ ପ୍ରମାଣପତ୍ର ପ୍ରଦାନ କରିବାର ଅଧିକାର କାଢ଼ି ନେବାକୁ ଯାଉଛନ୍ତି, ଏବଂ ଏହି କ୍ଷମତା ସରକାରୀ ଅଧିକାରୀମାନଙ୍କୁ ହସ୍ତାନ୍ତର କରିବାକୁ ଯାଉଛନ୍ତି। ଏହା ସହିତ ନିକଟ ଭବିଷ୍ୟତରେ ୨୧ ଦିନ ମଧ୍ୟରେ ଜନ୍ମ ପଞ୍ଜୀକରଣ ବାଧ୍ୟତାମୂଳକ ହେବାକୁ ଯାଉଛି। ରାଜ୍ୟ ମୁଖ୍ୟ ସଚିବ ମନୋଜ ଅଗ୍ରୱାଲ ଗୁରୁବାର ନବାନ୍ନରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ଘୋଷଣା କରିଛନ୍ତି। ବହୁ ସଂଖ୍ୟକ ନକଲି ଜନ୍ମ ଏବଂ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ସମ୍ପର୍କରେ ଗୁରୁତର ଅଭିଯୋଗ ଆସିଛି। ଏହାର ଜବାବରେ ପୁଲିସ ଗୁରୁବାରଠାରୁ ରାଜ୍ୟବ୍ୟାପୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ମୁଖ୍ୟ ସଚିବ ଏହା ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି ଯେ, ସରକାର ଦୁର୍ନୀତି ରୋକିବା ପାଇଁ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟା ସଂଶୋଧନ କରୁଛନ୍ତି। ଆଗକୁ ବଡ଼ି ସରକାରୀ ଅଧିକାରୀମାନେ ଏହି କାର୍ଯ୍ୟ ପରିଚାଳନା କରିବେ।

● କର୍ଣ୍ଣସୁବର୍ଣ୍ଣରେ ଟ୍ରେନ୍-ପୁଲ୍ କାର ଦୁର୍ଘଟଣା

## ମୃତକଙ୍କ ପରିବାରକୁ ଭେଟିଲେ ମୁଖ୍ୟମନ୍ତ୍ରୀ



କୋଲକାତା,୨୩।୭(ସଂଚାର ବ୍ୟୁରୋ): ବହରମପୁରର କର୍ଣ୍ଣସୁବର୍ଣ୍ଣରେ ଏକ ପୁଲ୍ କାର ସହିତ ଟ୍ରେନ୍ ଧକ୍କା ହେବା ଫଳରେ ମୃତ୍ୟୁବରଣ କରିଥିବା ପାଞ୍ଚ ଜଣଙ୍କ ପରିବାରକୁ ଭେଟିବା ପାଇଁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଗୋଇନ୍ଦପୁର ଗ୍ରାମ ଗସ୍ତ କରିଥିଲେ। ସେ ପରିବାର ସଦସ୍ୟଙ୍କୁ ପାଞ୍ଚ ଲକ୍ଷ ଟଙ୍କାର କ୍ଷତିପୂରଣ ଚେକ୍ ପ୍ରଦାନ କରିଥିଲେ। ଗୁରୁବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୃତ ସ୍କୁଲ ପିଲାଙ୍କ ଗ୍ରାମକୁ ଯାତ୍ରା କରିଥିଲେ। ଜିଲ୍ଲା ମାଜିଷ୍ଟ୍ରେଟ୍ ଆର. ଅର୍ଜୁନ, ପୁଲିସ ଅଧୀକ୍ଷକ ସଚିନ ମକ୍କର ଓ ବେଲଡାଙ୍ଗା ବିଧାୟକ ଭରତ କୁମାର ଝାୱର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାର ସହିତ କଥା ହୋଇ ସମବେଦନା ଜଣାଇଛନ୍ତି।

## ୮ ଦିନ ପାଇଁ କଷ୍ଟୋଡିରେ ପୂର୍ବତନ ମେୟର

କୋଲକାତା, ୨୩।୭ (ସଂଚାର ବ୍ୟୁରୋ): ବାରାସତ କୋର୍ଟ ବିଧାନନଗର ମ୍ୟୁନିସିପାଲ କର୍ପୋରେସନର ପୂର୍ବତନ ମେୟର-ପରିଷଦ ସଦସ୍ୟ ଦେବରାଜ ଚକ୍ରବର୍ତ୍ତୀଙ୍କୁ ଆଠ ଦିନ ପାଇଁ ପୁଲିସ ହେପାଜତକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ତାଙ୍କୁ କୋର୍ଟରେ ହାଜର କରାଯିବା ପରେ ତଦନ୍ତକାରୀମାନେ ତାଙ୍କ ବିରୁଦ୍ଧରେ ଏକ ନୂତନ ମାମଲା ଯୋଗିଛନ୍ତି। ଏହି ନୂତନ ମାମଲା ଆଧାରରେ ବିଚାରପତି ତାଙ୍କୁ ଜୁଲାଇ ୩୦ ପର୍ଯ୍ୟନ୍ତ ପୁଲିସ ହେପାଜତରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ସୂତ୍ରରୁ ଜଣାପଡ଼ିଛି ଯେ ଦେବରାଜ ଚକ୍ରବର୍ତ୍ତୀଙ୍କ ବିରୁଦ୍ଧରେ ମୋଟ ୯ଟି ମାମଲା ରହିଛି। ପ୍ରାରମ୍ଭରେ ତାଙ୍କୁ ମାମଲା ନଂ ୨୦୨ ସହିତ ଜଡ଼ିତ କରି କୋର୍ଟରେ ହାଜର କରାଯାଇଥିଲା। ସେହି ମାମଲାର ପୁଲିସ ହେପାଜତ ଅବଧି ସମାପ୍ତ ହେବା ପରେ ତଦନ୍ତର ଅଗ୍ରଗତି ଆଧାରରେ ଗୋଟିଏ ପରେ ଗୋଟିଏ ଅତିରିକ୍ତ ମାମଲା ଯୋଡି ହୋଇଛି। ବୁଧବାର ତଦନ୍ତକାରୀମାନେ ତାଙ୍କ ବିରୁଦ୍ଧରେ ମାମଲା ନଂ ୨୬୫ ଦାୟର କରି କୋର୍ଟରେ ହାଜର କରିଥିଲେ। ଅଭିଯୋଗରେ ଦାଦାବଟି ଆଦାୟ ଏବଂ 'ସିଣ୍ଡିକେଟ୍' ରାକେଟ ଚଲାଇବା ଭଳି ଗୁରୁତର ଅପରାଧ ଅନ୍ତର୍ଭୁକ୍ତ। ତଦନ୍ତକାରୀମାନେ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ ତଦନ୍ତ ପାଇଁ ଆହୁରି ପଚରାଉଚରା ଆବଶ୍ୟକ। ଆବେଦନକୁ ଗ୍ରହଣ କରି ବିଚାରପତି ଦେବରାଜ ଚକ୍ରବର୍ତ୍ତୀଙ୍କୁ ଆଉ ଆଠ ଦିନ ପାଇଁ ପୁଲିସ ହେପାଜତକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଫାଣ୍ଡି ହଟାଇବାକୁ ନେଇ ରାସ୍ତା ଅବରୋଧ

କୋଲକାତା,୨୩।୭(ସଂଚାର ବ୍ୟୁରୋ): ସ୍ଥାନୀୟ ପୁଲିସ ଫାଣ୍ଡି ସ୍ଥାନାନ୍ତର ଗୁଜବକୁ ନେଇ ଉତ୍ତର ୨୪ ପ୍ରଗଣାର ବାମନଗାଛିରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଫାଣ୍ଡି ସ୍ଥାନାନ୍ତରିତ ହୋଇପାରେ ବୋଲି ଭୟରେ ସ୍ଥାନୀୟ ବାସିନ୍ଦା ବାମୁନଗାଛି ଷ୍ଟେସନ ରୋଡକୁ ଅବରୋଧ କରି ପ୍ରତିବାଦ କରିଥିଲେ। ରାସ୍ତା ଅବରୋଧ ବ୍ୟତୀତ, ଅନେକ ମହିଳା ପୁଲିସ ଫାଣ୍ଡି ସମ୍ମୁଖରେ ମଧ୍ୟ ଧାରଣା ଦେଇଥିଲେ।

## ଅସ୍ତ୍ର ଯୋଗାଣ ଅଭିଯୋଗରେ ଜଣେ ଗିରଫ

କୋଲକାତା,୨୩।୭(ସଂଚାର ବ୍ୟୁରୋ): ଅସ୍ତ୍ର ଯୋଗାଣ ଅଭିଯୋଗରେ ଅଜୟ ମାଳି ନାମକ ଜଣେ ବ୍ୟକ୍ତିଙ୍କୁ ବିଜେପୁରରୁ ଗିରଫ କରାଯାଇଛି। ସେ ହାଲିସହରର ଜେଠିଆ ଗ୍ରାମପଞ୍ଚାୟତ ଅଞ୍ଚଳର ବାସିନ୍ଦା। ସ୍ଥାନୀୟ ସୂତ୍ର ଅନୁଯାୟୀ, ଅଜୟ କାଞ୍ଚରାପଡ଼ା ପୌରସଭାର ପୂର୍ବତନ ଅଧ୍ୟକ୍ଷ କମଳ ଅଧିକାରୀଙ୍କ ପୃଷ୍ଠପୋଷକତାରେ କାର୍ଯ୍ୟ କରୁଥିଲେ। ଅଭିଯୋଗ ହୋଇଛି ଯେ ସେ ଅଞ୍ଚଳରେ ଅଶାନ୍ତି ସୃଷ୍ଟି କରିବା ପାଇଁ ଅସ୍ତ୍ର ଯୋଗାଇଥିଲେ ଏବଂ ସ୍ଥାନୀୟ ବ୍ୟବସାୟୀଙ୍କଠାରୁ ଦାଦାବଟି ଆଦାୟ ମଧ୍ୟ କରୁଥିଲେ। ନିର୍ବାଚନ ପରଠାରୁ ସେ ଫେରାର୍ ଥିଲେ ଏବଂ ବୁଧବାର ରାତିରେ କାଞ୍ଚରାପଡ଼ାର ରେଲୱେ କଲୋନି ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଛି।

## ହସ୍ପିଟାଲ କୋଠରିରୁ ନର୍ସଙ୍କ ଝୁଲନ୍ତା ଦେହ ଉଦ୍ଧାର

କୋଲକାତା, ୨୩।୭ (ସଂଚାର ବ୍ୟୁରୋ): ବୀରଭୂମର ସିଉଡିରେ ଗୋଟିଏ ଦିନରେ ଦୁଇଟି ମୃତଦେହ ଉଦ୍ଧାର ହେବା ଘଟଣାକୁ ନେଇ ଚାଞ୍ଚଲ୍ୟ ବ୍ୟାପିଛି। ଗୁରୁବାର ସକାଳେ ସିଉଡି ଥାନାର ପୁଲିସ ସହରର ଏକ ଘରୋଇ ହସ୍ପିଟାଲରୁ ଜଣେ ନର୍ସଙ୍କ ମୃତଦେହ ଏବଂ ଇନ୍ଦିରା ପଲ୍ଲୀ ଅଞ୍ଚଳରୁ ଜଣେ ସ୍କୁଲ ଶିକ୍ଷୟିତ୍ରୀଙ୍କ ମୃତଦେହ ଉଦ୍ଧାର କରିଛି। ପୁଲିସ ଜଣାଇଛି ମୃତ ନର୍ସଙ୍କ ନାମ ଅନୁଶ୍ରୀ ମଲ (୨୧)। ସେ ବୁଧବାର ରାତି ପ୍ରାୟ ୮ଟା ସମୟରେ ହସ୍ପିଟାଲରେ ଡ୍ୟୁଟି ପାଇଁ ଯୋଗ ଦେଇଥିଲେ। ଗୁରୁବାର ସକାଳେ, ୩ ନମ୍ବର କ୍ୟାବିନର ଦ୍ୱାର ଦୀର୍ଘ ସମୟ ଧରି ବନ୍ଦ ରହିବାରୁ ହସ୍ପିଟାଲ କର୍ମଚାରୀମାନେ ସନ୍ଦେହ କରିଥିଲେ। ପରେ ଦ୍ୱାର ଭାଙ୍ଗି ଦିଆଯାଇଥିଲା ଏବଂ ନର୍ସଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଅନ୍ୟପଟେ, ସିଉଡିର ଇନ୍ଦିରା ପଲ୍ଲୀ ଅଞ୍ଚଳରେ ଜଣେ ସ୍କୁଲ ଶିକ୍ଷକଙ୍କ ଘରୁ ତାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ସେ ସ୍ଥାନୀୟ ସ୍କୁଲରେ ରସାୟନ ବିଜ୍ଞାନ ଶିକ୍ଷକ ଥିଲେ ଏବଂ ଏକା ରହୁଥିଲେ। ସେ ଗତ ତିନି ଦିନ ଧରି ସ୍କୁଲକୁ ଯାଇ ନଥିଲେ। ଗୁରୁବାର ସକାଳେ ତାଙ୍କ ଘରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିବାରୁ ପଡ଼ୋଶୀମାନେ ସନ୍ଦେହ କରିଥିଲେ। ସୂଚନା ପାଇ ପୁଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୋଷ୍ଟମର୍ଟମ ପାଇଁ ଉଭୟ ମୃତଦେହକୁ ସିଉଡି ସୁପର ସ୍ପେଶାଲିଟି ହସ୍ପିଟାଲକୁ ପଠାଯାଇଛି। ଉଭୟ ଘଟଣାରେ, ପୁଲିସ ଅପ୍ରାକୃତିକ ମୃତ୍ୟୁ ମାମଲା ରୁଜୁ କରିଛି ଏବଂ ମୃତ୍ୟୁର ସଠିକ୍ କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ କରିଛି।

## ଆନ୍ଦୋଳନରତ ଛାତ୍ରଙ୍କୁ ସୁପ୍ରିମକୋର୍ଟ ଆଇନଜୀବୀଙ୍କ ସମର୍ଥନ

ନୂଆଦିଲ୍ଲୀ, ୨୩।୭: ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ଓ ଏସ.ମୁରଲୀଧରଙ୍କ ନେତୃତ୍ୱରେ ସୁପ୍ରିମକୋର୍ଟର ଏକ ଆଇନଜୀବୀ ଗୋଷ୍ଠୀ ସିଜେପି ନେତୃତ୍ୱରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ସେମାନେ ଗୁରୁବାର କୋର୍ଟ ପରିସରରେ ଏକତ୍ରିତ ହୋଇ ସମ୍ବିଧାନର ପ୍ରସ୍ତାବନା ପାଠ କରିଛନ୍ତି। ଆମେମାନେ ନ୍ୟାୟ ସହିତ ଅଛୁ ଓ ଛାତ୍ରଛାତ୍ରୀଙ୍କ ସହ ରହିଛୁ ବୋଲି ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂହ କହିଛନ୍ତି।

## ଜାତୀୟ ସନ୍ତରଣ ପ୍ରତିଯୋଗିତା ପାଇଁ ମନୋନୀତ ଦଳରେ ପୁରୀର ସୁବାଶିଷ



ପୁରୀ,୨୩।୭ (ସଂଚାର ବ୍ୟୁରୋ) : ଚଳିତ ବର୍ଷର ୬୬ତମ ଓଡ଼ିଶା ରାଜ୍ୟ କନିଷ୍ଠ ସନ୍ତରଣ ପ୍ରତିଯୋଗିତାରେ ପୁରୀ ଜିଲ୍ଲାର ବିରହରେକୃଷ୍ଣପୁର ଗ୍ରାମର ସନ୍ତରଣକାରୀ ସୁବାଶିଷ ତ୍ରିପାଠୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେ ୫୦ ମିଟର ବଟରଫ୍ଲାଇ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଭାରତୀୟ ସନ୍ତରଣ ମହାସଂଘ ପକ୍ଷରୁ ନିର୍ଦ୍ଧାରିତ ଯୋଗ୍ୟତା ସମୟ ମଧ୍ୟରେ ପ୍ରତିଯୋଗିତା ଶେଷ କରିଥିଲେ। ଫଳସ୍ୱରୂପ, ଚୟନ କମିଟି ତାଙ୍କୁ ଆସନ୍ତା ଜାତୀୟ ସନ୍ତରଣ ପ୍ରତିଯୋଗିତା ପାଇଁ ମନୋନୀତ କରିଛି। ପିଲାଦିନରୁ ସନ୍ତରଣ ପ୍ରତି ଆଗ୍ରହୀ ଥିବା ସୁବାଶିଷଙ୍କ ପ୍ରତିଭାକୁ ବରିଷ୍ଠ ସନ୍ତରଣ ପ୍ରଶିକ୍ଷକ ରାଜୀବ ଲୋଚନ ଦାଶ ଚିହ୍ନଟ କରି ନିୟମିତ ଓ ବୈଜ୍ଞାନିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତାଙ୍କ ନିରନ୍ତର ପରିଶ୍ରମ ଓ ପ୍ରଶିକ୍ଷଣର ଫଳସ୍ୱରୂପ ସୁବାଶିଷ ଏହି ସଫଳତା ଅର୍ଜନ କରିପାରିଛନ୍ତି। ସୁବାଶିଷଙ୍କ ଏହି କୃତିତ୍ୱ ପୁରୀ ଜିଲ୍ଲା ସନ୍ତରଣ କ୍ଷେତ୍ର ପାଇଁ ଗୌରବର ବିଷୟ ପାଲଟିଛି। ଏହି ଅବସରରେ ପୁରୀ ଜିଲ୍ଲା ଆକ୍ୱାଟିକ୍ ସଂଘ ପରିବାର ଓ ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ସୁବାଶିଷଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ଜାତୀୟ ପ୍ରତିଯୋଗିତାରେ ତାଙ୍କ ଉଜ୍ଜ୍ୱଳ ସଫଳତା କାମନା କରିଛନ୍ତି।

● ଓଡ଼ିଶାର ପାରମ୍ପରିକ କଳାର ସଂରକ୍ଷଣ ଓ ପ୍ରୋତ୍ସାହନ

## ଓଡ଼ିଶୀ ସମେତ ବିଭିନ୍ନ ନୃତ୍ୟ ଓ କଳାର ବିକାଶ ପାଇଁ ପଦକ୍ଷେପ



ନୂଆଦିଲ୍ଲୀ,୨୩।୭(ସଂଚାର ବ୍ୟୁରୋ): ଓଡ଼ିଶାର ଓଡ଼ିଶୀ, ଗୋଟିପୁଅ ଏବଂ ଛଉ ସମେତ ଅନ୍ୟାନ୍ୟ ଶାସ୍ତ୍ରୀୟ, ଲୋକନୃତ୍ୟ ଓ କଳାଗୁଡ଼ିକର ସଂରକ୍ଷଣ ଏବଂ ପ୍ରସାର ପାଇଁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ କଲିକତାଠାରେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର (ଇଜେଡ୍‌ସିସି) ପ୍ରତିଷ୍ଠା କରାଯାଇଛି। ଏହି କେନ୍ଦ୍ର ଓଡ଼ିଶା ସମେତ ଏହାର ସଦସ୍ୟ ରାଜ୍ୟଗୁଡ଼ିକରେ ନିୟମିତ ଭାବେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ବିଗତ ତିନି ବର୍ଷ ମଧ୍ୟରେ ଏହି ଆଞ୍ଚଳିକ କେନ୍ଦ୍ର ଦ୍ୱାରା ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ଓଡ଼ିଶୀ, ଗୋଟିପୁଅ ଏବଂ ଛଉ ନୃତ୍ୟକଳା ସମ୍ବଳିତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ରାଜ୍ୟସଭାରେ ସାଂସଦ ଡ. ସନ୍ତୃପ୍ତ ମିଶ୍ରଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏହି ସୂଚନା ଦେଇଛନ୍ତି।

କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ସଙ୍ଗୀତ ନାଟକ ଏକାଡେମି 'ଉତ୍ସବ, କର୍ମଶାଳା ଓ ପ୍ରଦର୍ଶନୀ' କାର୍ଯ୍ୟକ୍ରମର ଆୟୋଜନ କରିଥାଏ। ଏହାର ଉଦ୍ଦେଶ୍ୟ ହେଉଛି ଜାତୀୟ ଓ ଆଞ୍ଚଳିକ ସ୍ତରରେ ଶାସ୍ତ୍ରୀୟ, ଲୋକ, ଜନଜାତି ଏବଂ ଭାରତର ଅନ୍ୟାନ୍ୟ ପାରମ୍ପରିକ ପରିବେଷଣ କଳାର ସଂରକ୍ଷଣ ଓ ପ୍ରଚାର। ଏହି କାର୍ଯ୍ୟକ୍ରମ ଅଧୀନରେ ସଙ୍ଗୀତ ଉତ୍ସବ, ସେମିନାର, କର୍ମଶାଳା ଏବଂ ପ୍ରଦର୍ଶନୀ ଆୟୋଜନ କରାଯାଏ। ଏହା ମାଧ୍ୟମରେ ଅନେକ ଅଳ୍ପପରିଚିତ ଓ ବିଲୁପ୍ତପ୍ରାୟ କଳାରୂପ ଲୋକଲୋଚନକୁ ଆସିଛି। ସେହିପରି ଅନେକ ପ୍ରତିଭାଶାଳୀ ବରିଷ୍ଠ କଳାକାର ଏବଂ ନୂତନ ପିଢ଼ିର କଳାକାରମାନେ ମଧ୍ୟ ନିଜର କଳା ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ସୁଯୋଗ ପାଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ସଂସ୍କୃତି ମନ୍ତ୍ରଣାଳୟ 'ବରିଷ୍ଠ କଳାକାରମାନଙ୍କ ପାଇଁ ଆର୍ଥିକ ସହାୟତା' ନାମକ ଏକ ଯୋଜନା ପରିଚାଳନା କରୁଛନ୍ତି, ଯେଉଁଥିରେ ବୟସ୍କ କଳାକାର ଓ ଗବେଷକମାନଙ୍କ ଆର୍ଥିକ ଓ ସାମାଜିକ-ଅର୍ଥନୈତିକ ସ୍ଥିତିରେ ସୁଧାର ଆଣିବା ପାଇଁ ମାସିକ ସର୍ବାଧିକ ୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଏ। ଯେଉଁମାନେ ନିଜର ସକ୍ରିୟ ବୟସରେ କଳା, ସାହିତ୍ୟ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଇଛନ୍ତି କିମ୍ବା ଏବେ ବି ଯୋଗଦାନ ଦେଉଛନ୍ତି, କିନ୍ତୁ ବାର୍ଦ୍ଧକ୍ୟ ହେତୁ ନିୟମିତ ଆୟ କରିବାରେ ଅସମର୍ଥ ହୋଇପଡ଼ିଛନ୍ତି, ସେମାନଙ୍କୁ ଏହି ସହାୟତା ଦିଆଯାଏ ବୋଲି ସେ କହିଛନ୍ତି।

## ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର 'କୁଶ'ର ସଫଳ ପରୀକ୍ଷଣ



ନୂଆଦିଲ୍ଲୀ, ୨୩।୭: ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଗୁରୁବାର ଓଡ଼ିଶା ଉପକୂଳ ଏପିଜେ ଅବଦୁଲ କଲାମ୍ ଦ୍ୱୀପରୁ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର 'କୁଶ'ର ପ୍ରଥମ ସଫଳ ଉଡ଼ାଣ ପରୀକ୍ଷଣ କରିଛି। ଏହି ପ୍ରଥମ ପରୀକ୍ଷଣ ଏକ ଉଚ୍ଚ-ଗତି, ଉଚ୍ଚ-ଉଚ୍ଚତା ବିଶିଷ୍ଟ ଆକାଶମାର୍ଗ ବିପଦକୁ ଅନୁକରଣ କରୁଥିବା ଏକ ଇଲେକ୍ଟ୍ରୋନିକ୍ ଲକ୍ଷ୍ୟ ବିରୁଦ୍ଧରେ କରାଯାଇଥିଲା। କ୍ଷେପଣାସ୍ତ୍ର ପ୍ରଣାଳୀ ଦ୍ୱାରା ଲକ୍ଷ୍ୟକୁ ସଫଳତାର ସହ ଇଣ୍ଟରସେପ୍ଟ କରାଯାଇଥିଲା।

'କୁଶ' କ୍ଷେପଣାସ୍ତ୍ର ପ୍ରଣାଳୀ ଲଢ଼ୁଆ ବିମାନ, କ୍ଷେପଣାସ୍ତ୍ର, ମାନବିହୀନ ବିମାନ (ୟୁଏଭି) ଓ ବଡ଼ ଶତ୍ରୁ ବିମାନ ସମେତ ଭିନ୍ନ ଭିନ୍ନ ପରିସର ଓ ଉଚ୍ଚତାରେ ଆକାଶ ମାର୍ଗରୁ ଆସୁଥିବା ବିଭିନ୍ନ ପ୍ରକାରର ବିପଦକୁ ନଷ୍ଟ କରିବାରେ ସକ୍ଷମ। କ୍ଷେପଣାସ୍ତ୍ର, ରାଡାର ଏବଂ କମାଣ୍ଡ ଓ ନିୟନ୍ତ୍ରଣ କେନ୍ଦ୍ର ସମେତ ଅସ୍ତ୍ରଶସ୍ତ୍ର ପ୍ରଣାଳୀର ସମସ୍ତ ପ୍ରମୁଖ ଉପାଦାନଗୁଡ଼ିକୁ ବିଭିନ୍ନ ଡିଆରଡିଓ ପରୀକ୍ଷାଗାର ଏବଂ ଶିଳ୍ପ ଅଂଶୀଦାରମାନଙ୍କ ଦ୍ୱାରା ବିକଶିତ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ 'କୁଶ'ର ସଫଳ ଉଡ଼ାଣ ପରୀକ୍ଷଣ ଭାରତୀୟ ପ୍ରତିରକ୍ଷା ଗବେଷଣା ଓ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହା ଦୀର୍ଘ ଦୂରଗାମୀ ଭୂପୃଷ୍ଠରୁ ଆକାଶ ମାର୍ଗକୁ ନିକ୍ଷେପ କରାଯାଇପାରୁଥିବା କ୍ଷେପଣାସ୍ତ୍ର ପ୍ରଣାଳୀ ବିକଶିତ କରିବାର କ୍ଷମତାକୁ ପ୍ରଦର୍ଶନ କରେ। ଏହି କ୍ଷମତା କେବଳ ହାତ ଗଣତି କିଛି ଦେଶ ପାଖରେ ଅଛି। ସେ କହିଛନ୍ତି, ଏହା ଏପରି ଏକ ପ୍ରଣାଳୀର ଆମଦାନୀ ଉପରେ ନିର୍ଭରଶୀଳତାକୁ ମଧ୍ୟ ଦୂର କରିବ ଏବଂ ଦେଶର ବାୟୁ ପ୍ରତିରକ୍ଷା କ୍ଷମତାକୁ ଉଲ୍ଲେଖନୀୟ ଭାବେ ମଜଭୁତ କରିବ। ପ୍ରତିରକ୍ଷା ସଚିବ, ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ରାଜେଶ କୁମାର ସିଂହ ଉତ୍‌କ୍ଷେପଣ ସମୟରେ ସମସ୍ତ କାର୍ଯ୍ୟକଳାପ ତଦାରଖ କରିଥିଲେ ଏବଂ ସଫଳ ଫ୍ଲାଇଟ୍ ପରୀକ୍ଷଣରେ ସାମିଲ ସମସ୍ତ ଦଳର ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଗଙ୍ଗୁଆର ପୂର୍ଣ୍ଣ ଉଦ୍ଧାର ପାଇଁ ବିଧାୟକଙ୍କ ସମୀକ୍ଷା




ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ): ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଙ୍ଗୁଆ ନଦୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏକାମ୍ରର ବିଧାୟକ ଶ୍ରୀ ବାବୁ ସିଂଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗଙ୍ଗୁଆର ବର୍ତ୍ତମାନ ସ୍ଥିତି, ଜଳ ପ୍ରବାହର ସୁଧାର, ପଙ୍କ ଓ ଆବର୍ଜନା ଅପସାରଣ, ନଦୀ ପୁନରୁଦ୍ଧାର, ପରିବେଶ ସୁରକ୍ଷା ଓ ଉଭୟ ପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ କାର୍ଯ୍ୟର ଅଗ୍ରଗତିକୁ ନିୟମିତ ସମୀକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଫଳପ୍ରଦ ଭାବେ କାର୍ଯ୍ୟ ସମାପ୍ତ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ।

ବିଧାୟକ ଶ୍ରୀ ସିଂ କହିଥିଲେ ଯେ ଗଙ୍ଗୁଆର ପୂର୍ଣ୍ଣ ଉଦ୍ଧାର କେବଳ ପରିବେଶ ସୁରକ୍ଷା ପାଇଁ ନୁହେଁ, ବରଂ ସ୍ଥାନୀୟ ଅଞ୍ଚଳର ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି, ସ୍ୱଚ୍ଛ ପରିବେଶ ସୃଷ୍ଟି ଏବଂ ସାଧାରଣ ଲୋକଙ୍କ ଜୀବନମାନର ବିକାଶ ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରକଳ୍ପକୁ ସଫଳ ରୂପାୟନ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଶୀଘ୍ର କାର୍ଯ୍ୟ ଆଗେଇ ନେବାକୁ ସେ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ଭୁବନେଶ୍ୱର ମହାନଗର ନିଗମ କମିଶନର ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧ୍ୟକ୍ଷ ଚଞ୍ଚଲ ରଣା, ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ, ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଗଙ୍ଗୁଆର ପୂର୍ଣ୍ଣ ଉଦ୍ଧାର ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଏବଂ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ନିଜ ମତାମତ ଉପସ୍ଥାପନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅର୍ଥନୈତିକ ଅଭିବୃଦ୍ଧିରେ..

ମଧ୍ୟରୁ କେବଳ ଓଡିଶା ହିଁ ଟପ୍ ପରଫର୍ମର ଭାବେ ସ୍ଥାନିତ ହୋଇଛି।ଏହି ଅବସରରେ ଶିଳ୍ପଦ୍ୟୋଗୀମାନଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୀତି ଆୟୋଗର ଏହି ମାନ୍ୟତା ଆମ ପାଇଁ ଖୁବ୍ ଉତ୍ସାହଜନକ। ଏହାଦ୍ୱାରା ଟିମ୍ ଓଡିଶା ଓ ଉଦ୍ୟୋଗୀମାନଙ୍କର ମନୋବଳ ବୃଦ୍ଧି ପାଇଛି। କେବଳ ଶିଳ୍ପ କ୍ଷେତ୍ରରେ ନୁହେଁ, ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ମଧ୍ୟ ଓଡିଶାକୁ ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ସ୍ଥାନିତ କରିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ଗତ ଦୁଇ ବର୍ଷ ମଧ୍ୟରେ ଆପଣମାନଙ୍କ ସହଯୋଗରେ ରାଜ୍ୟରେ ଯେଉଁ ଗତିରେ ଶିଳ୍ପ ବିକାଶ ହେଉଛି, ତାହା ପୂର୍ବରୁ କେବେ ହୋଇନଥିଲା। ଓଡିଶାରେ ନିବେଶ ପାଇଁ ଆମେ ବହୁତ ପରିଶ୍ରମ କରିଛୁ। ଆମ ସରକାର କଥାରେ ନୁହେଁ, କାମରେ ବିଶ୍ୱାସ ରଖେ। ୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆମେ କଥା ଦେଇଥିଲୁ। ମାତ୍ର ୨ ବର୍ଷରେ ୩ ଲକ୍ଷ କୋଟି ଟଙ୍କା ଟପି ଗଲାଣି। ଗୁଜରାଟ, ମହାରାଷ୍ଟ୍ର ଓ ତାମିଲନାଡୁ ଭଳି ରାଜ୍ୟ ବହୁ ଆଗରୁ ଶିଳ୍ପୋନ୍ନତ ରାଜ୍ୟ ଭାବେ ମାନ୍ୟତା ପାଇଛନ୍ତି। ଓଡିଶାରେ ଶିଳ୍ପାୟନ ପ୍ରକ୍ରିୟା ଡେରିରେ ଆରମ୍ଭ ହେଲେ ମଧ୍ୟ ଆମେ ବହୁତ ସ୍ପିଡରେ ଆଗକୁ ବଢୁଛୁ। ଆମକୁ ଏହି ସ୍ପିଡ୍ ବଜାୟ ରଖିବାକୁ ହେବ। ୫ ବର୍ଷରେ ପୁଞ୍ଜିନିବେଶକୁ ୫ ଗୁଣ କରିବା ଲକ୍ଷ୍ୟରେ ଆମେ କାମ କରିବୁ ବୋଲି ସେ କହିଥିଲେ। ଓଡ଼ିଶାରେ ଶିଳ୍ପାୟନ ଓ ରାଜ୍ୟରେ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ଣ୍ଣ ସମର୍ଥନ ରହିଛି। ୨ ବର୍ଷ ମଧ୍ୟରେ ଆମେ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷଣ କରିପାରିଛୁ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଶିଳ୍ପ ସ୍ଥାପନ ପାଇଁ ୪୫୩ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହାଦ୍ୱାରା ୯.୫୦ ଲକ୍ଷ କୋଟି ଟଙ୍କା ନିବେଶ ଆସିବ। ଗତ ଦୁଇ ବର୍ଷରେ ଆମେ ୩.୧୧ ଲକ୍ଷ କୋଟି ଟଙ୍କାର ୧୫୨ଟି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛୁ। ଏହା ଦ୍ୱାରା ୨.୫୦ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସବୁ ଜିଲ୍ଲାରେ ଶିଳ୍ପାୟନ ସହ ରୋଜଗାର ବୃଦ୍ଧିକୁ ଦୃଷ୍ଟିରେ ରଖି ଆମେ କାମ କରୁଛୁ। ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ସମସ୍ତେ ପ୍ରତିବଦ୍ଧତାର ସହ କାମ କରୁଛୁ। ଏହି ସମ୍ମାନ କେବଳ ଆମ ପାଇଁ ଏକ ରାଙ୍କ ନୁହେଁ, ଏହା ଓଡ଼ିଶାକୁ ନିବେଶକମାନଙ୍କ ଭଲ ପାଇବାକୁ ଦର୍ଶାଉଛି। ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ ଏବେ ଓଡ଼ିଶା ଆଉ ସମ୍ଭାବନାର ରାଜ୍ୟ ଭାବେ ନୁହେଁ, ବରଂ ସଫଳତା ପ୍ରଦର୍ଶନର ରାଜ୍ୟରେ ପରିଣତ ହୋଇଛି। ସେହିପରି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ ଗତ ଦୁଇ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନ ଓ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଏବେ ଦେଶର ଆଇଟି ମାନଚିତ୍ରରେ ସ୍ଥାନିତ ହୋଇଛି। ଏହାଛଡ଼ା ସିଆଇଆଇ, ଓଡ଼ିଶା ଅଧ୍ୟକ୍ଷ ଅନିଲ ସିଂ, ଚେୟାରମ୍ୟାନ ରାଜୀବ ସାହୁ, ସିଆଇଆଇ ପ୍ରତିନିଧି ସୁବ୍ରତ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଭିଭାଷଣ ଦେଇଥିବା ବେଳେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଦେଇଥିଲେ।

### ସରକାରୀ ମେଡିକାଲରେ...

ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ୍ ଚିକିତ୍ସା ବିଭାଗ, ବାଲେଶ୍ୱରସ୍ଥିତ ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ୍ ଚିକିତ୍ସା ବିଭାଗ, ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲର ରକ୍ତ ଚିକିତ୍ସା ବିଭାଗ, ବୁର୍ଲାସ୍ଥିତ ଭୀମସାର ହୃତପିଣ୍ଡ ଓ ରକ୍ତନଳୀ ଶଲ୍ୟ ଚିକିତ୍ସା ବିଭାଗ, ଶଲ୍ୟ ଗାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ, କଟକସ୍ଥିତ ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତ୍‌ପିଣ୍ଡ ଓ ରକ୍ତନଳୀ ଶଲ୍ୟ ଚିକିତ୍ସା, ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀର ସମସ୍ତ ବିଭାଗରେ ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ସିନିୟର ରେସିଡେଣ୍ଟ ପଦବୀ ମଞ୍ଜୁର ହୋଇଛି। ଏହି ନିଯୁକ୍ତି ମାଧ୍ୟମରେ ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଗୁଡିକରେ ଉନ୍ନତମାନର ଚିକିତ୍ସା ଆହୁରି ସହଜ ହେବ। ଏହି ଅନୁମୋଦନ ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ସେବା ଆଗେଇବା ସହ ଗୁଣବତ୍ତା ଚିକିତ୍ସା ଯୋଗାଇବାରେ ବିଭାଗ ଅଧିକ ସଫଳ ହେବ। ରାଜ୍ୟ ସରକାର ସର୍ବଦା ଲୋକଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପ୍ରତିବଦ୍ଧ। ସରକାରଙ୍କ ଏହି ପଦକ୍ଷେପ ଗ୍ରହଣ ଫଳରେ ଆଗାମୀ ଦିନରେ ମାନବ ସମ୍ବଳ ବୃଦ୍ଧି ହେବା ସହ ସ୍ୱାସ୍ଥ୍ୟସେବା ଶିଖର ଛୁଇଁବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ମେଡିକାଲ ଅଫିସର ଓ ପାରାମେଡିକ୍ସ ଷ୍ଟାଫ ନିଯୁକ୍ତି ହୋଇଛନ୍ତି। ସେହିପରି ୫୯୮୯ ନର୍ସିଂ ଅଫିସର ଓ ୨୪୦ ରେଡିଓଗ୍ରାଫର ନିଯୁକ୍ତି ପାଇଁ ଅନୁମୋଦନ, ୧୧୦୮ ଫାର୍ମାସିଷ୍ଟ ଅଧିକାରୀ, ୨୩୮ ଅପଥାଲମିକ ଅଧିକାରୀ, ୩୮୦ ମେଡିକାଲ ଲ୍ୟାବ ଟେକନିସିଆନ ପଦବୀକୁ ଅନୁମୋଦନ ମିଳିଛି।

### ଦୁର୍ଘଟଣାରେ ଗଲା...

ଅନ୍ୟ ୨ ଜଣଙ୍କୁ ସୁରକ୍ଷିତ ଭବେ ଉଦ୍ଧାର କରାଯାଇଛି। ମୃତକମାନେ ହେଲେ ବାଙ୍ଗୁରସିଂହ ଗାଁର ରାମ ସାହୁ, ଅବିନାଶ ସାହୁ, ରାକେଶ କୁମାର ସାହୁ, ଚନ୍ଦ୍ରକାନ୍ତ ସ୍ୱାଇଁ ଓ ଅନ୍ୟ ଜଣେ ବରର ମାଉସୀ ପୁଅ ଭାଇ ବୋଲି ଜଣାପଡ଼ିଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ସକାଶେ ଢେଙ୍କାନାଳ ଡାକ୍ତରଖାନା ପଠାଯାଇଛି।

ସେହିପରି ଗତକାଲି ରାତି ପ୍ରାୟ ୧୦ଟା ସମୟରେ ସିଜୁକଳା ଗ୍ରାମର ତ୍ରିଲୋଚନଙ୍କ ପେଟ ବଥା ହେବାରୁ ତାକୁ ଏକ ଥାର୍ ଗାଡ଼ିରେ ପୁଅ ରଞ୍ଜିତ, ସ୍ତ୍ରୀ କଇଫୁଲ ଓ କକା ଭାସ୍କର ଚମ୍ପୁଆ ଡାକ୍ତରଖାନା ଆଣୁଥିଲେ। କିନ୍ତୁ ରଜିଆ ନିକଟରେ ଦ୍ରୁତ ଗତିରେ ଆସୁଥିବା ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଆମ୍ବ ଗଛ ସହ ପିଟି ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ କକା ଭାସ୍କରଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଚମ୍ପୁଆ ଅଗ୍ନିଶମ ବିଭାଗ ସହାୟତାରେ ଅନ୍ୟ ତିନି ଜଣଙ୍କୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଲେ। କିନ୍ତୁ ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସ୍ଥାନାନ୍ତର ସମୟରେ ରାସ୍ତାରେ ବାପା ତ୍ରିଲୋଚନ ଓ ମା' କଇଫୁଲଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ଗୁରୁତର ଅବସ୍ଥାରେ ରଞ୍ଜିତଙ୍କୁ କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ଖବର ପାଇ ଚମ୍ପୁଆ ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆହୁରି ତୃତୀୟ ଘଟଣାରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଜଣଙ୍କର ଜୀବନ ଚାଲିଯାଇଛି। ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥ ଭଣ୍ଡାରିପୋଖରୀ ଥାନା ଅଧୀନ ଜସୋଟିକିରୀ ନିକଟରେ ଏହି ମର୍ମନ୍ତୁଦ ଦୁର୍ଘଟଣାଟି ଘଟିଛି। ମୃତକ ଦୁଇ ଜଣ ହେଲେ ବାଲେଶ୍ୱର ଜିଲ୍ଲା ବେଗୁନିଆ ଅଞ୍ଚଳ ରତ୍ନାକର ଦାସ ଓ ଚନ୍ଦନ ସ୍ୱାଇଁ। ଉଭୟେ ବାଇକ ଯୋଗେ କଟକ ଯାଉଥିବା ସମୟରେ ସେମାନଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବର ପାଇ ଭଣ୍ଡାରିପୋଖରୀ ଦମକଳ ବାହିନୀ ଉଭୟଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ଆଣିଥିଲା। କିନ୍ତୁ ସେତେବେଳକୁ ସେମାନଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର କରିଥିଲେ। ଭଣ୍ଡାରିପୋଖରୀ ପୋଲିସ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଡାକ୍ତରଖାନା କୁ ପଠାଇଛି।

### ୱାଇବି ଖୁରାନିଆଙ୍କୁ...

ହୋଇଛି। ନୂଆ ପୁଲିସ ଡିଜି ନିମନ୍ତେ ରାଜ୍ୟ ସରକାର ଗତ ମେ ୧୪ରୁ ୧୧ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କ ନାଁ ନିର୍ଦ୍ଧାରିତ ଫର୍ମାଟରେ ୟୁପିଏସସି କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିସାରିଛନ୍ତି। ୟୁପିଏସସି କେଉଁ ୩ଟି ନାଁ ସୁପାରିସ୍ କରୁଛି, ତା' ଉପରେ ନଜର। ବରିଷ୍ଠତା ଦୃଷ୍ଟିରୁ ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ ନାଥ ଓ ଆରପି କୋଚେଙ୍କ ନାମ ପରବର୍ତ୍ତୀ ଡିଜିପି ପଦ ନିମନ୍ତେ ଅଧିକ ଚର୍ଚ୍ଚାରେ ରହିଛି।

### ହଁରେ ହଁ ମାରୁଥିବା...

ପରେ ଦଳ ପକ୍ଷରୁ ଜଣେ ପୂର୍ବତନ ମନ୍ତ୍ରୀ ଛାତ୍ର ଆନ୍ଦୋଳନକୁ ନେଇ ଭୁବନେଶ୍ୱରରୁ ପ୍ରେସ୍ ବିବୃତ୍ତି ଜାରିକଲେ। ନବୀନ କ'ଣ ପାଇଁ ଏଭଳି ମନ୍ତବ୍ୟ ଦେଇ ରାଜନୀତିରେ ହଟଚମଟ ସୃଷ୍ଟିକଲେ ତାହା ଏବେ ଦଳ ଭିତରେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ରାଜନୈତିକ ବିଶ୍ଳେଷକମାନଙ୍କର କହିବା କଥା ଯେ ନବୀନ ପଟ୍ଟନାୟକ ବିଜେପି ସହ ମିଶି ୯ ବର୍ଷ ଓଡ଼ିଶାରେ ଶାସନ କଲେ। ମେଣ୍ଟ ଭାଙ୍ଗିଯିବା ପରେ ବି ବିଜେପିର ସବୁ ହଁରେ ହଁ ଭରିଲେ। କେନ୍ଦ୍ରରେ ବିଜେପି ସରକାର ଆଣିଥିବା ଧାରା ୩୭୦ ଉଚ୍ଛେଦ ହେଉ କିମ୍ବା ମହିଳା ସଂରକ୍ଷଣ ବିଲ୍ ହେଉ, ସବୁଥିଲେ ବିଜେପି ସହ ନବୀନ ଥିଲେ। ଏଭଳି ପ୍ରାୟତଃ ସବୁ ବିଲ୍‌ରେ ବିଜେପିକୁ ପ୍ରତ୍ୟକ୍ଷ ବା ପରୋକ୍ଷ ସମର୍ଥନ ଦେଇଛି ବିଜେଡି। ସେହିଭଳି ଯେତେବେଳେ ନିଟ୍ ପ୍ରଶ୍ନପତ୍ର ଲିକ୍ ହେଲା ସେତେବେଳେ ବିଜେଡି ଆକ୍ରମଣାତ୍ମକ ହେବା ବଦଳରେ ନରମ ମନୋଭାବ ପୋଷଣ କରିଥିଲା। କଡ଼ା ସୁରକ୍ଷା ମଧ୍ୟରେ ପୁନର୍ବାର ହୋଇଥିବା ସଫଳ ନିଟ୍ ପରୀକ୍ଷା ନେଇ ମଧ୍ୟ ବିଜେଡିର କିଛି ଆପତ୍ତି ନଥିଲା। ଅନ୍ୟ ପକ୍ଷରେ ଓଡ଼ିଶାରେ ପାଠ୍ୟପୁସ୍ତକ ବିଭ୍ରାଟ ପ୍ରସଙ୍ଗରେ ବି ମୁଖ୍ୟ ବିରୋଧୀ ଦଳ ହିସାବରେ ଯେଭଳି କାର୍ଯ୍ୟକ୍ରମ ଗ୍ରହଣ କରିବା କଥା ବିଜେଡି ତାହା କରି ନ ଥିବା ଦଳୀୟ କର୍ମୀମାନେ କହିଥାନ୍ତି। ଏଭଳି ମନୋଭାବ ପୋଷଣ କରୁଥିବା ନବୀନ ପଟ୍ଟନାୟକଙ୍କ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବିକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ରାଜନୀତିରେ ସବୁବେଳେ ଚକ୍‌ମା ଦେଉଥିବା ନବୀନ ଧର୍ମେନ୍ଦ୍ର ବିରୋଧୀ ହୋଇଛନ୍ତି ନା ଇଣ୍ଡି ମେଣ୍ଟ ଆଡ଼କୁ ଢଳିଛନ୍ତି, ତାହାକୁ ନେଇ ଏବେ ରାଜନୀତି ମହଲରେ ସରଗରମ ଆଲୋଚନା ଚାଲିଛି। କୁହାଯାଉଛି ଯେ ନବୀନ ନିଜର ଓ ନିଜ ଅନୁଗତଙ୍କ ସୁରକ୍ଷା ପାଇଁ ଏହି ଆଳରେ ବାର୍ଗେନ କରୁଛନ୍ତି।

# 'ସାର ସଂକଟ' ନୁହେଁ, ଏହା ସରକାରୀ 'ସାର' ସଂକଟ

## କୃଷି ବିଭାଗ କୁହେ ମେସିନ ଖରାପ, ସମବାୟ ବିଭାଗ କୁହେ ଅନୁମତି ନାହିଁ; ମଝିରେ ଚାଷୀ ହେଲେ ବଳିର ବୋଦା

**କାକଟପୁର/ଅସ୍ତରଙ୍ଗ,୨୩।୭ (ସଂଚାର ବ୍ୟୁରୋ):** ସରକାରଙ୍କ ସ୍ଲୋଗାନ ଅଛି 'ମୋ ସରକାର - ଚାଷୀଙ୍କ ସରକାର'। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ସେହି ସରକାରର ଅସଲ ଚେହେରା ଦେଖାଯାଉଛି। ଶ୍ରାବଣ ମାସରେ ଯେତେବେଳେ ଧାନ ମୂଳରେ ସାର ପଡ଼ିବା କଥା, ସେତେବେଳେ ବ୍ଲକର ୧୦ଟି ସେବା ସମବାୟ ସମିତି ମଧ୍ୟରୁ ଗୋଟିରେ ବି ଗୋଟିଏ ଦାନା ସାର ନାହିଁ। ଗତବର୍ଷ ଚାଷୀ ଲାଇନରେ ଛିଡ଼ା ହୋଇ ଅଚେତ ହୋଇଥିଲେ। ସରକାର ପ୍ରତିଶ୍ରୁତି ଦେଇଥିଲେ 'ଆଉ ହେବନି'। କିନ୍ତୁ ଚଳିତ ବର୍ଷ ସେହି ଫିଲ୍ମର ରିମେକ୍ ଚାଲିଛିପ୍ୟାକ୍ସ ରେ ସାର ନାହିଁ। ଅସ୍ତରଙ୍ଗ ବ୍ଲକ କୃଷି ଅଧିକାରୀ ବି. ଅର୍ପିତାଙ୍କ କହିବା ଅନୁସାରେ ୧୦ ସମିତି ମଧ୍ୟରୁ ୨ଟିର ବିକ୍ରି ଅନୁମତି ନାହିଁ। ୬ଟିର ବିକ୍ରି ଯନ୍ତ୍ର (ପିଓଏସ ମେସିନ)ଖରାପ। ମତଲବ



୮୦% ସମିତି ଅଚଳ। ପ୍ରଶ୍ନ ହେଲା, ଗତ ଗୋଟିଏ ବର୍ଷରେ ବିଭାଗ କ'ଣ କରୁଥିଲା? ଘୁମଉଥିଲା କି? ବ୍ଲକରେ ୬ହଜାର ହେକ୍ଟର ଜମିରେ ଚାଷ ହେବା କେତେ ସାର ଲାଗିବ ତାହା ବି ଅଧିକାରିଣୀ ଜାଣିନାହାନ୍ତି। ପ୍ୟାକ୍ସର କାମ ହେଲା ଚାଷୀଙ୍କୁ ସେବା ଦେବା। କିନ୍ତୁ ଅସ୍ତରଙ୍ଗରେ ପ୍ୟାକ୍ସ ଖାଲି ଗୋଟିଏ ମାତ୍ର ଗୋଦାମ କେନ୍ଦ୍ରପଟି ମଧ୍ୟ ଫୁ। ଅଧ୍ୟକ୍ଷ କୁଞ୍ଜବିହାରୀ ପ୍ରଧାନ କହୁଛନ୍ତି ସାର ଆସିନି। ବିଭାଗ କହୁଛି ଯନ୍ତ୍ର ଠିକ୍ ହେଲେ ଆସିବ। ଦୁହେଁ ଦୁହିଁଙ୍କ ଉପରେ ଦୋଷ ଠେଲି ଚାଷୀଙ୍କୁ ମୂର୍ଖ ଭାବୁଛନ୍ତି। ସରକାର କହୁଛନ୍ତି 'ଡିଜିଟାଲ୍ ଓଡ଼ିଶା'। କିନ୍ତୁ ଅସ୍ତରଙ୍ଗରେ ୬ଟି ପ୍ୟାକ୍ସର ବିକ୍ରି ମେସିନ ସଠିକ ହୋଇନି ଡିଜିଟାଲ୍ ନାଁରେ ଚାଷୀଙ୍କୁ ଡିଜି-ଟାଲ୍ କରାଯାଉଛି। ସମିତି ଖାଲି ଥିବାର ସୁଯୋଗ ନେଇ ବଜାର ରେ ସାର ଦର ୪୦ ପ୍ରତିଶତ ବଢ଼ିଯାଇଛି। ଚାଷୀ ବାଧ୍ୟ ହୋଇ କଳାବଜାରୀଙ୍କ ଠାରୁ କିଣୁଛନ୍ତି। ଏନେଇ ପଚାରିବାରୁ ଅଧିକାରିଣୀଙ୍କ ଜ୍ଞାନପୂର୍ଣ୍ଣ ଉପଦେଶ, 'ଦେଖି ଶୁଣି କିଣନ୍ତୁ'। ବାଃ କି ସମ୍ବେଦନଶୀଳତା! ଅସ୍ତରଙ୍ଗ କୃଷି କାର୍ଯ୍ୟାଳୟରେ ସହକାରୀ କୃଷି ଅଧିକାରୀ ନାହାନ୍ତି। କାକଟପୁର ଅଧିକାରୀ ଦୁଇ ବ୍ଲକ୍ ସମ୍ଭାଳୁଛନ୍ତି। ଏହା କି କାର୍ଯ୍ୟଦକ୍ଷତା ନା କାର୍ଯ୍ୟ ଫାଙ୍କିବାର ନୂଆ ଫର୍ମୁଲା? କଳାବଜାର ରୋକିବାକୁ ଯାଞ୍ଚ ପାଇଁ କର୍ମଚାରୀ ନାହାନ୍ତି। ତେବେ ୬ ଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କେବେ କଲା? ଭୂତ ନା ଭଗବାନ? ୭ଦିନରେ ସାର ଦେବାର ଗ୍ୟାରେଣ୍ଟି ମାଗିବାରୁ ୧୫ଦିନ ସମୟ ମାଗିଲେ। ସେତେବେଳେ ଚାଷୀ ସାର ନୁହେଁ, ଆତ୍ମହତ୍ୟା ପାଇଁ ବିଷ ଖୋଜିବେ। ଗତବର୍ଷ ପରି ଏବର୍ଷ ବି ସମସ୍ୟା ହେଲେ ଦାୟିତ୍ୱ କାହାର? ଉତ୍ତର ମିଳିଲା 'କୃଷି ଓ ସମବାୟ ଉଭୟଙ୍କର'। ମତଲବ ଦାୟିତ୍ୱ କାହାର ନାହିଁ। ସରକାର ଯଦି ଚାଷୀଙ୍କୁ ସମ୍ମାନ ଦେବାକୁ ଚାହୁଁଛନ୍ତି, ତେବେ ୧୫ଦିନ ନୁହେଁ, ୭ଦିନ ଭିତରେ ପ୍ରତି ପ୍ୟାକ୍ସକୁ ସାର ପଠାନ୍ତୁ। ନଚେତ୍ ଅସ୍ତରଙ୍ଗର ଚାଷୀ ରାସ୍ତାକୁ ଓହ୍ଲାଇବେ। ଆଉ ସେଦିନ କୃଷି ଓ ସମବାୟ ବିଭାଗର ଏହି 'ସାର' ସଂକଟର ହିସାବ ଜନତା ସାମ୍ନାରେ ହେବ।

## ରାତିଅଧରେ କାମ ସାରିଲା ପୂର୍ତ୍ତ ବିଭାଗ



ସଂଚାର ପ୍ରଭାବ

**ସୁନ୍ଦରଗଡ଼,୨୩।୭(ସଂଚାର ବ୍ୟୁରୋ):** ଜିଲ୍ଲା ଟାଙ୍ଗରପାଲି ବ୍ଲକର ଟାଙ୍ଗରମୁଣ୍ଡା ନିକଟରେ ପ୍ରବଳ ବର୍ଷା ଯୋଗୁଁ ରାସ୍ତାରେ ସୃଷ୍ଟି ହୋଇଥିବା ବିପଦଜନକ ଗାତ ସମ୍ପର୍କରେ ସୋସିଆଲ ମିଡିଆ ମାଧ୍ୟମରେ ଜଣେ ସଚେତନ ଯୁବକ ଚନ୍ଦ୍ରଭାନୁ ଭୂରା ଅବଗତ କରାଇବା ପରେ, ସଂଚାରରେ ଏହି ଖବର ପ୍ରସାର ହେବା ପରେ ପୂର୍ତ୍ତ ବିଭାଗ (ବିଦ୍ୟୁତି) ପକ୍ଷରୁ ରାତିରେ ହିଁ ତୁରନ୍ତ ପଦକ୍ଷେପ ନେଇ ଗାତକୁ ସୁରକ୍ଷିତ କରାଯାଇଛି। ଏହି ତ୍ୱରିତ କାର୍ଯ୍ୟ ପାଇଁ ପୂର୍ତ୍ତ ବିଭାଗ (ବିଦ୍ୟୁତି)ର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଗ୍ରାମବାସୀ ସାଧୁବାଦ ଜ୍ଞାପନ କରିଛନ୍ତି, ଏହି ବିରାଟ ଗର୍ତ୍ତ ଦ୍ୱାରା ଅନେକଙ୍କ ଜୀବନହାନି ର ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଥିଲା, ପୂର୍ତ୍ତ ବିଭାଗ ଅଧିକାରୀ ମାନେ ଏହି ଘଟଣାକୁ ଗୁରୁତର ସହ ବିଚାର କରି ପ୍ରବଳ ବର୍ଷା ସତ୍ତ୍ୱେ ଏହି କାର୍ଯ୍ୟକୁ ସମାପନ କରିଛନ୍ତି।

## ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ଅସୁରକ୍ଷିତ

# ଶିଶୁକନ୍ୟାକୁ ଦୁଷ୍କର୍ମ ଅଭିଯୋଗ, ଆସାମୀ ଗିରଫ

**ବାରିପଦା,୨୩।୭(ସଂଚାର ବ୍ୟୁରୋ):** ଆଇନ ଯେତେ କଠୋର ହେଲେ ମଧ୍ୟ ଯୌନପିପାସୁ, ବିକୃତମାନସିକତା ଦିନକୁ ଦିନ ବୃଦ୍ଧି ପାଉଛି।ସମୟ ଥିଲା ଜମିବାଡ଼ି ଫୌଜଦାରୀ ମାମଲା ବୃଦ୍ଧି ପାଉଥିଲା।କିନ୍ତୁ ସାଂପ୍ରତିକ ପରିସ୍ଥିତିରେ ଯୌନକେଲେଙ୍କାରୀ, ପରକ୍ରୀୟାପ୍ରିତି, ଶିଶୁ ନିର୍ଯ୍ୟାତନା ଓ ବଳାତ୍କାର ମାମଲା ବୃଦ୍ଧି ପାଉଛି।ଶିଶୁମାନେ ବିଶେଷତଃ ନିଜର ସମ୍ପର୍କୀୟ, ଜ୍ଞାତି ପରିଜନ ଏବଂ ପଡୋଶୀ ମାନଙ୍କ ଦ୍ୱାରା ଅଧିକ ସଂଖ୍ୟାରେ ଯୌନ ଶିକାର ହେଉଛନ୍ତି।ସୂଚନାଯୋଗ୍ୟ ମୟୂରଭଂଜ ଜିଲ୍ଲାର ବିଶୋଇ ଥାନା ଅନ୍ତର୍ଗତ ବଡଯୋରା ଗ୍ରାମ ଅଙ୍ଗନବାଡ଼ି ର ଜଣେ ଶିଶୁକନ୍ୟା ଯୌନ ନିର୍ଯ୍ୟାତନାରେ ଶିକାର ହୋଇଥିବା ଅଭିଯୋଗ ହୋଇଛି।ଗତ ୨୦ ତାରିଖ ଦିନ ଜନୈକ ଶିଶୁକନ୍ୟା ଗ୍ରାମ



ଅଙ୍ଗନବାଡି କେନ୍ଦ୍ରକୁ ଯାଇଥିଲେ।ସେହି ଗ୍ରାମର ଜଣେ ଯୌନ ପିପାସୁ ମାନସିକ ବିକୃତିକ ଯୁବକ ବିଦ୍ୟାଳୟରେ କେହି ନଥିବା ସମୟରେ ଜନୈକ ଶିଶୁକନ୍ୟାକୁ ଚକୋଲେଟ ପ୍ରଲୋଭନ ଦେଖାଇ ତାଙ୍କ ଘରକୁ ଡ଼ାକି ନେଇ ଦୁଷ୍କର୍ମ କରିଥିଲା।ପିଡିତା ଶିଶୁକନ୍ୟା ଟି ଘରକୁ ଯାଇ କାନ୍ଦି କାନ୍ଦି ଘଟଣାର ସବିଶେଷ କହିଥିଲା।ଘଟଣାକୁ ନେଇ ଗ୍ରାମବାସୀ ମଧ୍ୟରେ ଆଲୋଚନା ହୋଇଥିଲା।ପରେ ୨୨ ତାରିଖ ଦିନ ପିଡିତାର ମାଆ ଘଟଣାକୁ ନେଇ ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା କେଶ ନମ୍ବର୧୬୪/୨୬ ରୁଜୁ କରି ଯୁବକକୁ ଗିରଫ କରିବା ସହ ଆଜି ବାରିପଦା ପସ୍କୋ କୋର୍ଟରେ ଆସାମିକୁ ହାଜର କରାଇବା ନେଇ ଆଇଆଇସି ଗଣମାଧ୍ୟମକୁ ସୂଚନା ଦେଇଥିଲେ।ଘଟଣାରେ ସିଡିପିଓଙ୍କୁ ଏହି ବିଷୟରେ ଯୋଗାଯୋଗ କରିବାକୁ ଚାହୁଁଥିବା ବେଳେ ସେ ଧରାଛୁଆଁ ଦେଉ ନାହାନ୍ତି। ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ଘଟଣା ଲୋକଲୋଚନକୁ ଆସିବାପରେ ଅଙ୍ଗନବାଡ଼ି କେନ୍ଦ୍ର ଅଭିଭାବକ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି। କାହା ଭରୋଷାରେ ଆମେ ଆମର ଅମୁଲ୍ୟ ସୁକନ୍ୟା ମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ଛାଡ଼ିବୁ ।

## ରାତି ଅଧରେ ପାଚେରୀ ଡେଇଁ ବାହାରକୁ ଯାଉଛନ୍ତି ଛାତ୍ରଛାତ୍ରୀ

● ବିଦ୍ୟାଳୟ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ




**ମାଲକାନଗିରି,୨୩।୭(ସଂଚାର ବ୍ୟୁରୋ):** ମାଲକାନଗିରି ସ୍ଥିତ ପିଏମ୍ ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟ- ୧ରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ଉଠୁଥିବା ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କେତେକ ଛାତ୍ର ରାତ୍ରି ସମୟରେ ବିଦ୍ୟାଳୟର ପାଚେରୀ ଡେଇଁ ବାହାରକୁ ଯାଉଥିବା ଅଭିଯୋଗ ରହିଛି। ଏପରିକି ପାଚେରୀର ତାର ଜାଲି କାଟି ରାସ୍ତା ସୃଷ୍ଟି କରାଯାଇଥିବା ମଧ୍ୟ କୁହାଯାଉଛି। ଏହି ଘଟଣା ସମ୍ପର୍କରେ ସାମ୍ବାଦିକମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପଚାରିବାକୁ ଯାଇଥିବାବେଳେ, ତ୍ୱରିତ ପଦକ୍ଷେପ ନେବା ପରିବର୍ତ୍ତେ ପ୍ରଶ୍ନକୁ ଏଡ଼ାଇବାର ଚେଷ୍ଟା ହୋଇଥିବା ଅଭିଯୋଗ ମଧ୍ୟ ଉଠିଛି। ଏହା ଫଳରେ ଅଭିଭାବକମାନଙ୍କ ମନରେ ଚିନ୍ତା ବଢ଼ିଛି। ସବୁଠାରୁ ଗୁରୁତର ବିଷୟ ହେଲା, ବିଦ୍ୟାଳୟଟି ଜାତୀୟ ରାଜପଥ- ୩୨୬ (ଏନ୍ଏଚ୍-୩୨୬) ନିକଟରେ ଅବସ୍ଥିତ। ରାତ୍ରିରେ ଛାତ୍ରଛାତ୍ରୀମାନେ ବାହାରକୁ ଯିବା ସମୟରେ ଯଦି କୌଣସି ସଡ଼କ ଦୁର୍ଘଟଣା, ଅପରାଧ, ନିଖୋଜ କିମ୍ବା ଅନ୍ୟ କୌଣସି ଅଘଟଣ ଘଟେ, ତେବେ ଏହାର ଦାୟିତ୍ୱ କିଏ ନେବ? ଏହି ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷରେ, ଛାତ୍ରଛାତ୍ରୀଙ୍କ ନିକଟରେ ମୋବାଇଲ ଫୋନ ବ୍ୟବହାର, ରାତ୍ରି ସମୟରେ ହଷ୍ଟେଲରୁ ବାହାରିବା ଏବଂ ସୁରକ୍ଷା ବ୍ୟବସ୍ଥାର ତ୍ରୁଟିକୁ ନେଇ ମଧ୍ୟ ଅନେକ ପ୍ରଶ୍ନ ଉଠୁଛି। ଏହି ଅଭିଯୋଗଗୁଡ଼ିକର ସତ୍ୟତା ଓ ପ୍ରକୃତ ସ୍ଥିତି ଜାଣିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ଯାତ୍ରୀବାହୀ ବସ ଦୁର୍ଘଟଣା, ୧୫ରୁ ଉର୍ଦ୍ଧ୍ୱ ଆହତ



**ବୋରିଗୁମ୍ମା,୨୩।୭(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ମଝିଆ ଛକ ନିକଟରେ ଜଗାକାଳିଆ ନାମକ ଘୋରଇ ଯାତ୍ରୀବାହୀ ବସ ଦୁର୍ଘଟଣା ଘଟି ୧୫ରୁ ଉର୍ଦ୍ଧ୍ୱଯାତ୍ରୀ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଆଜି ମଧ୍ୟାହ୍ନ ସମୟରେ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ରୁ ଗୁଣୁପୁର ଯାଉଥିଲା। ମଧ୍ୟାହ୍ନ ୧୧. ୫୦ମି. ସମୟରେ ମଝିଆ ଗ୍ରାମ ନିକଟରେ ଭାରସ୍ୟାମ୍ୟ ହରାଇ ଗାଡ଼ି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଖବରପାଇ ବୋରିଗୁମ୍ମା ଥାନା ଅଧିକାରୀ ରାମାନନ୍ଦ ସାହୁ, ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଗାଁ ଲୋକଙ୍କ ସହାୟତାରେ ଯାତ୍ରୀ ମାନଙ୍କୁ ବସ ମଧ୍ୟରୁ ଉଦ୍ଧାର କରି ତୁରନ୍ତ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ବସରେ ଛୁଆ ପିଲାଙ୍କ ସମେତ ମୋଟ ୭୦ ଜଣ ଯାତ୍ରୀ ରହିଥିବା ବେଳେ ସେଥି ମଧ୍ୟରୁ ୧୫ ଜଣ ଆହତ ହୋଇଥିବା ଅନୁମାନ କରାଯାଉଛି। ଏହି ଦୁର୍ଘଟଣାକୁ ନେଇ ପୁଲିସ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

## ବିଧାୟକଙ୍କ ଦ୍ୱାରା ୯ କୋଟି ଟଙ୍କାର ଜନ କଲ୍ୟାଣ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ



**ନବରଙ୍ଗପୁର,୨୩।୭(ସଂଚାର ବ୍ୟୁରୋ):** ଝରୀଗାଁ ବିଧାୟକ ନରସିଂହ ଭତରାଙ୍କ ଦ୍ୱାରା ଝରୀଗାଁ ନିର୍ବାଚନୀ ମଣ୍ଡଳୀର ଉମରକୋଟ ବ୍ଲକର ବିଭିନ୍ନ ଅଞ୍ଚଳ ରେ ୯ କୋଟି ରୁ ଉର୍ଦ୍ଧ୍ୱ ଜନ ହିତାକାରୀ କାର୍ଯ୍ୟକ୍ରମର ଶିଳାନ୍ୟାସ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଥମେ ପୂର୍ବ ସ୍ୱାଧୀନତା ସଂଗ୍ରାମୀ ତଥା ରାଜ ନେତା ରବି ସିଂ ମାଝୀଙ୍କ ପ୍ରତିମୂର୍ତ୍ତିରେ କର୍ମୀଙ୍କ ସହ ଫୁଲମାଳ ଦେଇ ସ୍ମୃତି ଚାରଣ କରିଥିଲେ। ପରେ ଗାଁ ଲୋକ ଓ ମାଆଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପରେ ସଭା କାର୍ଯ୍ୟ ଆରମ୍ଭ କରି କଣ୍ଡାଗାଁ ମୁଖ୍ୟ ରାସ୍ତା ଠାରୁ ବିରାଶାଡୀ ଛକ ଠାରୁ ବାମିନି, ଅନ୍ୟପଟେ ଧାର୍ଲି ଠାରୁ ଛତିଶଗଡ଼ ସୀମା ପର୍ଯ୍ୟନ୍ତ ଏବଂ ବଡଗାଁ ଠାରୁ ସୀମାନ୍ତ ବର୍ତ୍ତୀ ଛତିଶଗଡ଼ ପର୍ଯ୍ୟନ୍ତ ରାସ୍ତାର ଶିଳା ନ୍ୟାସ କରିଥିଲେ। ଏହା ଦ୍ୱାରା ସାଧାରଣ ଜନତାଙ୍କ ଜୀବନ ଯାପନ, ଗମନାଗମନ, ସ୍ୱାସ୍ଥ୍ୟ ସେବା, ଛାତ୍ର ଛାତ୍ରୀଙ୍କ ଶିକ୍ଷାର ଉନ୍ନତି ଭଳି ଅନେକ ସମସ୍ୟାର ପ୍ରଭାବିତ ହେଉଥିଲା। ଦୁଇ ବର୍ଷ ପୂର୍ବରୁ ଝରୀଗାଁ ବିଧାୟକ ନରସିଂହ ଭତରା ନିଜ ନିର୍ବାଚନୀ ମଣ୍ଡଳୀର ଶହେଟି ରାସ୍ତାର ସୁଧାର ଓ ନୂତନ ପକ୍ରିୟା ପାଇଁ ଦେଇଥିଲେ। ଯେଉଁଥିରୁ ୮୦ ଟି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ମଞ୍ଜୁରୀ କରିଥିବା ନିଜେ ବିଧାୟକ ଓ ଉମେରକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ଏଥିରୁ ୨୦ ଟି ରାସ୍ତାର ଟେଣ୍ଡେର ପକ୍ରିୟା କରଣ ପାଇଁ ଥିବା ବେଳେ ଆଜି ତିନୋଟି ର ଭିତି ପ୍ରସ୍ତର ସ୍ଥାପନ ହେଇଥିବା ଜଣା ପଡ଼ିଛି।

## ଅପରେସନ୍ ଅନ୍ୱେଷଣ, କନ୍ଧମାଳ ପୁଲିସକୁ ସଫଳତା

# ନିଖୋଜ ୧୨୯ ମହିଳା ଓ ୯ ବାଳିକା ଉଦ୍ଧାର

**ଫୁଲବାଣୀ,୨୩।୭(ସଂଚାର ବ୍ୟୁରୋ):** ଅପରେସନ୍ ଅନ୍ୱେଷଣ ଅଧୀନରେ କନ୍ଧମାଳ ଜିଲ୍ଲାରେ ୧୨୯ ଜଣ ନିଖୋଜ ମହିଳା ଓ ୯ ଜଣ ନିଖୋଜ ବାଳିକାଙ୍କୁ ସଫଳତାର ସହ ଉଦ୍ଧାର କରାଯାଇଛି। ମାନ୍ୟବର ଡିଜି ପୁଲିସ, ଓଡ଼ିଶାଙ୍କ ନିର୍ଦ୍ଦେଶରେ




ସମଗ୍ର ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ 'ଅପରେସନ୍ ଅନ୍ୱେଷଣ ରେ, କନ୍ଧମାଳ ଜିଲ୍ଲା ପୁଲିସ ପକ୍ଷରୁ ଗତ ଜୁଲାଇ ୧୮ ରୁ ୨୨.୦୭.୨୦୨୬ ପର୍ଯ୍ୟନ୍ତ ଏକ ବ୍ୟାପକ ସର୍ଚ୍ଚ ଏବଂ ରେସକ୍ୟୁ ଅପରେସନ୍ କରାଯାଇଥିଲା। ଏହି ସ୍ୱତନ୍ତ୍ର ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନିଖୋଜ ମହିଳା ଓ ଶିଶୁମାନଙ୍କୁ ଖୋଜି ବାହାର କରିବା, ମାନବ ଚାଲାଣ ରୋକିବା ଏବଂ ସେମାନଙ୍କୁ ସୁରକ୍ଷିତ ଭାବେ ନିଜ ପରିବାର ନିକଟକୁ ଫେରାଇ ଆଣିବା। ଏସପି, କନ୍ଧମାଳଙ୍କ ନିର୍ଦ୍ଦେଶ କ୍ରମେ ଏବଂ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ପୁଲିସ ଷ୍ଟେସନରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ମିସିଙ୍ଗ ଓ କିଡନାପ କେସ ର ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଏହି ୫ ଦିନିଆ ଅଭିଯାନ ମଧ୍ୟରେ ମୋଟ ୧୩୮ ଜଣ ନିଖୋଜ ବ୍ୟକ୍ତିଙ୍କୁ ସଫଳତାର ସହ ଉଦ୍ଧାର କରିଛି। ସେଥି ମଧ୍ୟରୁ ନିଖୋଜ ମହିଳା: ୧୨୯ ଓ ନିଖୋଜ ବାଳିକା: ୯ ଜଣ ଅଛନ୍ତି। ସ୍ୱତନ୍ତ୍ର ସ୍କାଡ୍‌ରେ ଆଣ୍ଟି-ହିଉମ୍ୟାନ୍ ଟ୍ରାଫିକିଂ ୟୁନିଟ୍ (ଆଇଏଚ୍‌ଟିୟୁ) ଏବଂ କ୍ରାଇମ୍ ଆଗେନଷ୍ଟ ଓମେନ୍ ଆଣ୍ଡ ଚିଲ୍ଡ୍ରେନ୍ ୱିଙ୍ଗ୍ (ସିଏଡବ୍ଲୁ,ସିଡବ୍ଲୁ) ର ଅଧିକାରୀଙ୍କ ସହ ମହିଳା ପୁଲିସ କର୍ମଚାରୀ ଓ ସ୍ଥାନୀୟ ପୁଲିସ ସାମିଲ ଥିଲେ।

## ଅଙ୍ଗନବାଡି ପିଲାଙ୍କ ଖାଦ୍ୟ ପରଖିଲା ଜିଲ୍ଲା ଆଇସିଡ଼ିଏସ୍ ଷ୍ଟାଣ୍ଡିଙ୍ଗ କମିଟି

**ନୀଳଗିରି,୨୩।୭(ସଂଚାର ବ୍ୟୁରୋ):** ଅପରାହ୍ନ ୩ ଟା ସମୟରେ ଜିଲ୍ଲା ପରିଷଦପକ୍ଷରୁ ଆସିଡ଼ିଏସ ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷା ସୁଷମା ମହାପାତ୍ରଙ୍କ ନେତୃତ୍ୱରେ ନୀଳଗିରି ଏନଏସି ଅନ୍ତର୍ଗତ୧ନମ୍ବର ୱାର୍ଡ କଦମ୍ବସାହି ଗ୍ରାମ ରେ ଥିବା ଶକ୍ତି ମୀରା ଏସଚଜି ପକ୍ଷରୁଅଙ୍ଗନବାଡି ପିଲାଙ୍କ ପାଇଁ ପ୍ରସ୍ତୁତ ହେଉଥିବା ପ୍ରସ୍ତୁତି କେନ୍ଦ୍ର ରେ ପିଲା, କିଶୋରୀ ବାଳିକା, ରକ୍ତ ହୀନତା ଓ ଗର୍ଭବତୀ ଖାଦ୍ୟକୁ ଟିମ ଯାଞ୍ଚ କରିବା ସହିତ ଓଜନ ସଠିକି ଅଛି କି ନାହିଁ ମାପ କରିଥିଲେ। ପରେ ଉକ୍ତ ଟିମ ନୀଳଗିରି ବ୍ଲକ ଅଧିନସ୍ଥ ବରହ ମପୁର ପଞ୍ଚାୟତ ଅନ୍ତର୍ଗତ ପୁନାସିଆ ଗ୍ରାମର ଥିବା ମା ମହିଷାସୁରି ଏସ ଏଚ ଜି ଗ୍ରୁପ ପକ୍ଷରୁଅଙ୍ଗନବାଡି ପିଲାଙ୍କ ପାଇଁ ପ୍ରସ୍ତୁତ ହେଉଥିବା କେନ୍ଦ୍ରରେ ଖାଦ୍ୟକୁ ଟିମ ଯାଞ୍ଚ କରିବା ଓ ଜନ ସଠିକି ଅଛି ନାହିଁମାପ କରିଥିଲେ। ପ୍ରସ୍ତୁତ ହେଉଥିବା ୨ଟିସେଣ୍ଟର ମାନ ଓ ଓଜନ ଠିକି ଥିବା ଆସିଡ଼ିଏସ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ସୁଷମା ମହାପାତ୍ର କହିଥିଲେ ଯେହେତୁ ଛୋଟ ପିଲା ଖାଦ୍ୟ ଖାଉଛନ୍ତି ଆଉ ଟିକିଏ ସ୍ୱାସ୍ଥ୍ୟକର ହେବା ଆବଶ୍ୟକ ବୋଲି କହିଛନ୍ତି।

## ପହଙ୍ଗା ୟୁଜିଏମଇ ବିଦ୍ୟାଳୟର ପରିଚାଳନା କମିଟି ଗଠନ



**କୋରେଇ,୨୩।୭(ସଂଚାର ବ୍ୟୁରୋ):** କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପହଙ୍ଗା ପଞ୍ଚାୟତ ସ୍ଥିତ ପହଙ୍ଗା ୟୁଜିଏମଇ ବିଦ୍ୟାଳୟର ପରିଚାଳନା କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିର ଚେୟାରମ୍ୟାନ ଭାବରେ ଦେବ ପ୍ରସାଦ ଦାସ ଏବଂ ଭାଇ ଚେୟାରମେନ ଭାବେ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସେଠି'ଙ୍କୁ ସର୍ବସମ୍ମତି କ୍ରମେ ମନୋଜିତା କରାଯାଇଥିଲା। ଉକ୍ତ ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବିଜୟ କୁମାର ବେହେରା, ସହ ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ସମେତ ବରିଷ୍ଠ ସଦସ୍ୟ ବିଭୂତି ଭୂଷଣ ଦାସ, ପହଂଗା ପଞ୍ଚାୟତର ସଭାପତି ଶତ୍ରୁଘନ ରାଉତ, ପ୍ରଶାନ୍ତ କୁମାର ଦାସ, ବୁଲବୁଲ ସ୍ୱାଇଁ, ଦେବାଶିଷ ସ୍ୱାଇଁ, ଶ୍ରୀକାନ୍ତ ପ୍ରତିହାରୀ ଉପସ୍ଥିତ ରହି କମିଟି ଗଠନ କରିଥିବା ନେଇ ସୁଚନା ଅବଗତ ହୋଇଛି।

## ନିର୍ବାଚନୀ ତାଲିମ୍ ପର୍ଯ୍ୟବେକ୍ଷକଙ୍କ ଜିଲ୍ଲା ପରିଦର୍ଶନ ଓ ଏସ୍ଆର୍ଆଇ କାର୍ଯ୍ୟ ସମୀକ୍ଷା



**ଖୋର୍ଦ୍ଧା,୨୩।୭(ସଂଚାର ବ୍ୟୁରୋ):** କାର୍ଯ୍ୟକ୍ରମ ତଦାରଖ ନିମନ୍ତେ ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ଶାସନ ସଚିବ ରଶ୍ମିତା ପଣ୍ଡା, ଭାରତୀୟ ପ୍ରଶାସନିକ ଅଧିକାରୀ ଆଜି ଏକ ଦିନିକିଆ ଖୋରଧା ଜିଲ୍ଲା ଗସ୍ତରେ ଆସି, ନିର୍ବାଚନୀ ତାଲିକା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜିଲ୍ଲା ପାଳ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ବେଉରା ଏବଂ ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜି କରଣ ଅଧିକାରୀ, ଅତିରିକ୍ତ ଭୋଟର ପଞ୍ଜି କରଣ ଅଧିକାରୀ ଏବଂ ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳ ଜିଲ୍ଲା ସଭାପତି ତଥା ସମ୍ପାଦକ ମାନଙ୍କ ସହ ସମୀକ୍ଷା କରିଛନ୍ତି । ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପିଣ୍ଡିକି ବାହୁ ବଳେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ୧୧୧ ଜୟଦେବ ସଂରକ୍ଷିତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ,୧୧୫ ଜଟଣୀ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ରମେଶ ଚନ୍ଦ୍ର ଜେନା,୧୧୬ ବେଗୁନିଆ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ,୧୧୭ ଖୋରଧା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ, ଉପଜିଲ୍ଲାପାଳ, ଖୋରଧା ସଂକଳ୍ପ ସ୍ୱସ୍ତିକ ସାହୁ,୧୧୮ ଚିଲିକା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ ।

## ଟ୍ରକ୍-ପୋଷ୍ଟାଲ ଭ୍ୟାନ୍ ଧକ୍କାରେ ୨ ଗୁରୁତର



**ଫୁଲବାଣୀ,୨୩।୭ (ସଂଚାର ବ୍ୟୁରୋ):** ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଭେଟଖୋଲ ଘାଟିରେ ବୁଧବାର ଦିନ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧରୁ ଫୁଲବାଣୀ ଆସୁଥିବା ଏକ ପୋଷ୍ଟାଲ ଭ୍ୟାନ୍ (ନଂ: ଓଡ଼ି ୧୨ ଡ଼ି ୦୭୩୫) ଭେଟଖୋଲ ଘାଟିରେ ଏକ ଟ୍ରକ୍ (ନଂ: ଓଡ଼ି ୩୫ ଜି ୯୩୨୬) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ପୋଷ୍ଟାଲ ଭ୍ୟାନ୍ ଡ୍ରାଇଭର କାହ୍ନୁ ବେହେରା (୨୯) ଏବଂ ଚିନ୍ମୟ ସାହୁ (୨୪) ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ସୁମନ ଚନ୍ଦ୍ର ସାହୁଙ୍କୁ ପୋଲିସ୍ ଅଟକ ରଖି ନିଜ ହେପାଜତକୁ ନେଇଛି। ଖବର ପାଇ ସଦର ଥାନା ଏସ୍.ଆଇ. ସମ୍ବିତ୍ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗୁରୁତର ଆହତଦ୍ୱୟଙ୍କୁ ଉଦ୍ଧାର କରାଯାଇ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

● ଅଞ୍ଚଳରେ ବଢୁଛି ଚୋରଙ୍କ ଆତଙ୍କ

## ୫ ମାସରେ ୭ ମନ୍ଦିରରୁ ଚୋରି

**ବୋରିଗୁମ୍ମା,୨୩।୭(ସଂଚାର ବ୍ୟୁରୋ):** ବୋରିଗୁମ୍ମା ଉପଖଣ୍ଡ ଅଧିକ୍ଷକ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନ ଥାନା ଅଞ୍ଚଳରେ ଚୋରି ଓ ଲୁଟ୍ ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ଓ ଅସନ୍ତୋଷ ବଢ଼ିଛି। ଏହି କ୍ରମରେ ଗତକାଲି ବିଳମ୍ବିତ ରାତିରେ କାମରା ସ୍ଥିତ ପ୍ରସିଦ୍ଧ ଅଧିଷ୍ଠାତ୍ରୀ ଦେବୀପୀଠ ଡ଼ଙ୍ଗରଦେବୀ ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ହୁଣ୍ଡି ଭାଙ୍ଗି ପ୍ରାୟ ୨୦ ରୁ ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଓ ମା'ଙ୍କ ରୁପା ମୁକୁଟ, ସୁନାରୂପା ଅଳଙ୍କାର ଲୁଟି ନେଇଥିବା ଜଣାପଡ଼ିଛି। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସକାଳେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା ପାଇଁ ମନ୍ଦିରକୁ ଆସିଥିବା ବେଳେ ଦାନବାକ୍ସ (ହୁଣ୍ଡି) ଭଙ୍ଗା ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏହାପରେ ଘଟଣା ସମ୍ପର୍କରେ ମନ୍ଦିର କମିଟି ପୁଲିସକୁ ଅବଗତ କରିଥିଲେ। କିଛି ଦିନ ପୂର୍ବରୁ ମୁଣ୍ଡାଗୁଡା ଠାକୁରାଣୀ ମନ୍ଦିରରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ବେଳେ ଏମିତି ବିଭିନ୍ନ ମନ୍ଦିରରୁ ମଧ୍ୟ ସମାନ ଢ଼ଙ୍ଗରେ ଲୁଟ୍ ହୋଇଥିଲା।

## ଜାମିନରେ ବିବାଦୀୟ ରେଞ୍ଜର ସୁବ୍ରତ

**ନୀଳଗିରି,୨୩।୭(ସଂଚାର ବ୍ୟୁରୋ):** ଗାଡି ଓଭରଟେକ ଟକକୁ ନେଇ କୁଲଡିହା ତତ୍କାଳୀନ ଭାରପ୍ରାପ୍ତ କୁଲ ଡିଆ ରେଞ୍ଜର ସୁବ୍ରତ ବେହେରା ଓ ବାଲେଶ୍ୱର ବନଖଣ୍ଡ କାର୍ଯ୍ୟାଳୟ ପରେ ଅବସ୍ଥାପିତ ଫରେଷ୍ଟଗାର୍ଜ ଗାର୍ଡ ପଦ୍ମଲୋଚନ ପାତ୍ରଙ୍କ ମଧ୍ୟରେ ଉପୁଜିଥିବା ବିବାଦକୁ ନେଇ ବରହମପୁର ଥାନାରେ ଏତଲା ଓ ପ୍ରତି ଏତଲା ରୁଜୁ ହୋଇଥିଲା। ଯାହାକୁ ନେଇ ବିବାଦୀୟ ରେଞ୍ଜରଙ୍କୁ ଗିରଫ କରିବାକୁ ଥାନାର ତତ୍କାଳୀନ ଆଇ ଆଇ ସି ପ୍ରେମଦା ନାୟକ ଟାଳଟୁଳ ନୀତି ଅବଲମ୍ବନ କରିଆସୁଥିଲେ। ଆଇ ଆଇ ସି ପ୍ରେମଦା ନାୟକଙ୍କ ବଦଳି ହେବାପରେ ଏହାର ସୁଯୋଗନେଇ ରେଞ୍ଜର ଶ୍ରୀ ବେହେରା ମାନ୍ୟବର ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଆଗୁଆ ଜାମିନ ଆଦେଶପ୍ରାପ୍ତ ପରେ ନୀଳଗିରିର ମାନ୍ୟବର ଏସ୍ ଡି ଜେ ଏମ୍ ଙ୍କ ଅଦାଲତରେ ୨୨ ଜୁଲାଇରେ ଜାମିନରେଯାଇଛନ୍ତି। ତେବେ ଅଭିଯୁକ୍ତ ଭାରପ୍ରାପ୍ତ ରେଞ୍ଜର ନାମରେ ବହୁ ମୋକଦ୍ଦମା ଏବେବି ବିଭିନ୍ନ ଥାନାରେ ପଡ଼ିରହିଛି। ବେଳେ ସେ ପୁଣି କେବେ ଜାମିନରେ ଯିବେ ନା ପୁଲିସ ତାଙ୍କୁ ଗିରଫକରିବ ତାକୁ ନେଇ ଦ୍ୱନ୍ଦ ଦେଖାଦେଇଛି।

## ୪୦୦ ଲିଟର ଦେଶୀ ମଦ ସହ ଜଣେ ଗିରଫ



**ଯାଜପୁର ରୋଡ଼,୨୩।୭(ସଂଚାର ବ୍ୟୁରୋ):** ଡୋଲିପୁର ଅବକାରୀ ବିଭାଗ ଥାନା ଅଧିକାରୀ ଶ୍ରୀ ରାମେଶ୍ୱର ମହାନ୍ତି ଏବଂ ଏଏସଆଇ ରଶ୍ମିରେଖା ଜେନା ବିଶେଷ ସୂତ୍ରରୁ ଖବର ପାଇଥିଲେ'ଯେ କେନ୍ଦୁଝରରୁ ଢେଙ୍କାନାଳ ଭାୟା ଯାଜପୁର ଦେଇ ଦେଶୀ ମଦ ଗତକାଲି ଚୋରା ଚାଲାଣ ହେବାଅଛି। ଏହି ଆଧାରରେ ନୂଆଗଡ଼ ଗୋଲେଇ ଛକରେ ଡୋଲିପୁର ଅବକାରୀ ବିଭାଗର ଅଧିକାରୀ ଓ ତାଙ୍କ ଟିମ୍ ଛକିରହି ଚଢ଼ାଉ କରି ଏକ ମାରୁତି କାର (ଓଆର୦୨ଏକେ୧୮୩୫) ନମ୍ବର ଗାଡ଼ିରେ ଚୋରା ଚାଲାଣ କରାଯାଉଥିବା ୪୦୦ ଲିଟର ଦେଶୀ ମଦ ଜବତ କରିବା ସହ ଜଣକୁ ଗିରଫ କରିଥିଲେ। ଏହି ଚଢ଼ାଉରେ କନଷ୍ଟେବଲ ଶିଶିର ପ୍ରଧାନ, ବିକ୍ରମ ବେହେରା ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ। ଅବକାରୀ ଥାନା କେସ ନଂ ୯୩/୨୬ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସାଗର ସାହୁଙ୍କୁ କୋର୍ଟ ଚାଲାଣ କରାଯାଇଅଛି। ଡୋଲିପୁର ଅବକାରୀ ଅଧିକାରୀ ଗୋଟେ ପରେ ଗୋଟେ ସଫଳତା ହାସଲ କରୁଥିବାରୁ ସାଧାରଣରେ ପ୍ରଶଂସା କରାଯାଇଥିବା ଦେଖିବାକୁ ମିଳିଛି।

## ନଟିଆ ଗାଁକୁ କେବେ ମିଳିବ ବିଦ୍ୟୁତ୍, ଅନ୍ଧାରରେ ଆଦିବାସୀ ଗାଁ

# ଡିବିରି ଆଲୁଅରେ ପାଠ ପଢୁଛନ୍ତି ପିଲା!

**ଆନନ୍ଦପୁର,୨୩।୭(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଶାମୁକାନେଣ୍ଡି ପଞ୍ଚାୟତର ନଟିଆ ଗାଁ। ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଏହି ଗାଁକୁ ବିଦ୍ୟୁତ୍ ସେବା ପହଞ୍ଚି ପାରିନାହିଁ। ଆଧୁନିକ ଭାରତ ୫ଜି ଓ ୬ଜି ଯୁଗକୁ ଆଗେଇ ଯାଉଥିବା ବେଳେ ସରକାର ପରେ ସରକାର ବଦଳୁଛି ହେଲେ ସାମୁକାନେଣ୍ଡି ଗ୍ରାମ ପଞ୍ଚାୟତ ର ନଟିଆ, ଝାଟିଆ, ବରଗୋଠ, ବାଇବିରୁ, ବାଦୁଡ଼ିବସା, ଆମ୍ବଡାହି, ହାଡ଼ିବସା,



କଣ୍ଡିତଳୀ, ଭାର୍ଶାଡାହି, ପଠାନ୍ ଡାହି, ତଳ କୁମ୍ଭାଦା, ମଧୁବନ, କାଳିଆ ପାଣି, ଏବଂ ଚିଲିକାଭାହାଲି ଗ୍ରାମ ର ଛଅ ଶହ ପରିବାର ଙ୍କୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏବଂ ନଟିଆ ରୁ ବରଗୋଠ ଆମ୍ବଡାହି, ଖଳିବାହାଳି ରେ ରାସ୍ତା ସଂଯୋଗ ବି ହେଉନାହିଁ। ଉକ୍ତ ଗାଁ ବାସୀ ଏବେ ବି ଅନ୍ଧାର ସହ ଲଢୁଛନ୍ତି। ପିଲାମାନେ ରାତିରେ ଡିବିରି ଆଲୁଅରେ ପାଠ ପଢୁଛନ୍ତି। ବାରମ୍ବାର ବିଦ୍ୟୁତ୍ ବିଭାଗ, ପ୍ରଶାସନ ଓ ଜନପ୍ରତିନିଧିଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ମିଳିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହତାଶ ହୋଇ ବସି ନରହି, ନିଜସ୍ୱ ଉଦ୍ୟମରେ ଗାତ ଖୋଳି ବାଉଁଶ ପୋତି ବିଦ୍ୟୁତ୍ ତାର ଟାଣିବାକୁ ମଧ୍ୟ ସଂଘର୍ଷ କରିଥିଲେ ଗ୍ରାମବାସୀ। କିନ୍ତୁ ସେଥିରେ ମଧ୍ୟ ସଫଳତା ମିଳିନଥିବାରୁ ପୁଣି ଥରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଶ୍ନ ଉଠୁଛି, ତେବେ ଏହି ସବୁ ଗାଁ ଗୁଡ଼ିକୁ କାହିଁକି ସାବତ ପୁଅ ପରି ଦେଖାଯାଉଛି? ଗାଁରେ କେବେ ପହଞ୍ଚିବ ବିଦ୍ୟୁତ୍? କେବେ ଶେଷ ହେବ ଏହି ଅନ୍ଧାରର ଜୀବନ? ଏବେ ଦେଖିବାକୁ ବାକି ରହିଲା ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ପରବର୍ତ୍ତୀ ପଦକ୍ଷେପ ଉପରେ।

ଭୁବନେଶ୍ୱର ଶୁକ୍ରବାର, ୨୪ ଜୁଲାଇ ୨୦୨୬ ସଂଚାର THE SANCHAR

## ମହର୍ଷି କଲେଜରେ ଗୋଷ୍ଠୀ ସଂଘର୍ଷ: ଜଣେ ଛାତ୍ର ଆହତ



ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ): ମହର୍ଷି କଲେଜରେ ତୁମୁଳକାଣ୍ଡ। ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍। ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରଙ୍କ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ଥାର୍ ଗାଡିରେ ଆସି ଉତ୍ପାତ କରିଛନ୍ତି କେତେକ ଛାତ୍ର। ଏହି ଗୋଷ୍ଠୀ ସଂଘର୍ଷରେ ଜଣେ ଛାତ୍ର ଆହତ ମଧ୍ୟ ହୋଇଛନ୍ତି। କଲେଜରେ ପତିଆରା ଜାହିର ପାଇଁ ଏହି ଗଣ୍ଡଗୋଳ ହୋଇଛି। ଗତ ୨୦ ତାରିଖରେ ଏକ ଗଣ୍ଡଗୋଳ ହୋଇଥିବା ବେଳେ ଆଜି ପୁଣି ଦିନବେଳା ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଥାର୍ ଗାଡ଼ିରେ କଲେଜ କ୍ୟାମ୍ପସକୁ ଗୋଟିଏ ଗୋଷ୍ଠୀ ଛାତ୍ର ଆସି ଗଣ୍ଡଗୋଳ ଆରମ୍ଭ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ସହିଦ ନଗର ଥାନା ପୁଲିସ ପହଞ୍ଚିବା ସହ ଆହତ ଛାତ୍ରଙ୍କୁ ମେଡିକାଲ ପଠାଇବା ସହ ୮ ଜଣଙ୍କୁ କାବୁ କରିଛି। ଏଥିସହ ପୁଲିସ୍ ଉକ୍ତ କଳା ରଙ୍ଗର ଥାର୍ ଗାଡ଼ିକୁ ବି ଜବତ କରିଛି। ୮ ଜଣଙ୍କୁ ଥାନାକୁ ଆଣି ସହିଦ ନଗର ଥାନା ପୁଲିସ୍ ପଚରାଉଚରା କରୁଛି।

## ରାହାଜାନୀ ଅଭିଯୋଗରେ ୩ ଗିରଫ




ବରଗଡ଼,୨୩।୭(ସଂଚାର ବ୍ୟୁରୋ): ବରଗଡ଼ ସହର ଉପକଣ୍ଠ ଦେଇ ଯାଇଥିବା ରାଜପଥରେ ରାହାଜାନୀ ତଥା ବିଭିନ୍ନ ସ୍ଥାନରେ ଲୁଟପାଟ୍ ନେଇ ଗତ କିଛି ଦିନ ହେଲା ଅଭିଯୋଗ ହୋଇଆସୁଥିଲା। ଏହି ଘଟଣାରେ ଆଜି ପୁଲିସ୍ ୩ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବରଗଡ଼ ସହର ତଳିପଡ଼ାର ସୋନୁ ସାହୁ (୨୪), ଟାଙ୍ଗରପଡ଼ାର ବାବଲୁ ଭୁଏ (୨୦) ଓ ବରଗଡ଼ ସଦର ଥାନା କୈଳାସ ନଗର ନିବାସୀ ଜି. ରବିପ୍ରସାଦ (୪୫)। ଅଭିଯୁକ୍ତ ଜି. ରବିପ୍ରସାଦ (୪୫) ଅନ୍ୟ ୨ ଅଭିଯୁକ୍ତଙ୍କଠାରୁ ଚୋରି ସାମଗ୍ରୀ ଗ୍ରହଣ କରିଥିବା ପୁଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ପାଖରୁ ଲୁଟ୍‌ପାଟ ସମୟରେ ବ୍ୟବହୃତ ସ୍କୁଟି ସମେତ ସୁନା, ରୁପା ଗହଣା ଜବତ ହୋଇଥିବା ବରଗଡ଼ ଏସପି ରବୀନ୍ଦ୍ରନାଥ ଶତପଥୀ କହିଛନ୍ତି।

## ଦୁର୍ଘଟଣାରେ ମହିଳା ଫରେଷ୍ଟର୍‌ଙ୍କ ମୃତ୍ୟୁ



ଭବାନୀପାଟଣା,୨୩।୭(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ଚଞ୍ଚରାବାଡ଼ି ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଟ୍ରକ ଧକ୍କାରେ ଜଣେ ମହିଳା ଫରେଷ୍ଟରଙ୍କର ମୃତ୍ୟୁ ହୋଇଛି। ମୃତ ମହିଳା ଫରେଷ୍ଟର ଜଣଙ୍କ ହେଲେ ଝୁନୁବାଳା ସାହୁ ଓ ସେ ଧର୍ମଗଡ଼ ରେଞ୍ଜରେ କାର୍ଯ୍ୟରତ ଥିଲେ। ଅପରାହ୍ନରେ କାର୍ଯ୍ୟ ସାରି ଝୁନୁବାଳା ଧର୍ମଗଡ଼ରୁ ସ୍କୁଟିରେ ଭବାନୀପାଟଣା ନିଜ ଘରକୁ ଯାଉଥିବା ବେଳେ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହ ଏନେଇ ଅଧିକ ତଦନ୍ତ ଜାରି ରଖିଛି।

## ଲାଞ୍ଚ ମାମଲାରେ ପୂର୍ବତନ କିରାଣୀଙ୍କୁ ୪ ବର୍ଷ ଜେଲ

ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ): ବରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଏକ ଲାଞ୍ଚ ମାମଲାର ବିଚାର କରି ବରଗଡ଼ ଜିଲ୍ଲା ଭଟଲି ସବ-ଟ୍ରେଜେରୀର ଅବସରପ୍ରାପ୍ତ ବରିଷ୍ଠ କିରାଣୀଙ୍କୁ ୪ ବର୍ଷ ଜେଲ୍‌ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ପୂର୍ବତନ ବରିଷ୍ଠ କିରାଣୀ ରାଜେନ୍ଦ୍ର ନାରାୟଣ ମେହେର। ଭଟଲି ସବ-ଟ୍ରେଜେରୀର ପୂର୍ବତନ ବରିଷ୍ଠ କିରାଣୀ ରାଜେନ୍ଦ୍ର ନାରାୟଣ ମେହେର ଏକ ବିଲ୍ ପାସ କରିବା ପାଇଁ ସିଆରସିସିଙ୍କଠାରୁ ଲାଞ୍ଚ ଦାବି କରିଥିଲେ। ତେବେ ଲାଞ୍ଚ ନେବା ସମୟରେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ଏନେଇ ଏକ ଚାର୍ଜସିଟ୍ କୋର୍ଟରେ ଦାଖଲ କରିଥିଲା। ବରଗଡ଼ ଭିଜିଲାନ୍ସ କୋର୍ଟ ସ୍ୱତନ୍ତ୍ର ବିଚାରପତି ଏହି ମାମଲାର ଶୁଣାଣି କରି ରାଜେନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ଦଣ୍ଡାଦେଶ ପରେ ଭିଜିଲାନ୍ସ ପକ୍ଷରୁ ରାଜେନ୍ଦ୍ରଙ୍କ ପେନସନ ବନ୍ଦ କରିବା ପାଇଁ ସମ୍ପୃକ୍ତ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବେ ବୋଲି ଜଣାପଡ଼ିଛି।

### ବାହୁଡ଼ାରେ ସ୍ୱତନ୍ତ୍ର ବସ୍ ସେବା

# ଭକ୍ତଙ୍କ ପାଇଁ ଗଡ଼ିବ ୬୫ ଆମ ବସ୍

ପୁରୀ,୨୩।୭ (ସଂଚାର ବ୍ୟୁରୋ): ରାତି ପାହିଲେ ବାହୁଡିବେ ମହାବାହୁ। ବାହୁଡ଼ା ଯାତ୍ରା ଅବସରରେ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷିତ, ଆରାମଦାୟକ ଯାତାୟାତ ସୁନିଶ୍ଚିତ କରିବା ପାଇଁ କ୍ରୁଟ ପକ୍ଷରୁ ଭୁବନେଶ୍ୱର, କଟକ, ଖୋର୍ଦ୍ଧା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ପୁରୀକୁ ସଂଯୋଗ କରୁଥିବା ବିଭିନ୍ନ ସ୍ୱତନ୍ତ୍ର ରୁଟରେ ୫୦ଟି ସ୍ୱତନ୍ତ୍ର ଆମ ବସ ସେବା ପାଇଁ ନିୟୋଜିତ କରାଯାଇଛି।

ଏହି ସ୍ୱତନ୍ତ୍ର ବସ୍ ସେବା ଶ୍ରୀମନ୍ଦିର ପାର୍କିଂରୁ ମାଷ୍ଟର କ୍ୟାଣ୍ଟିନ୍ ମଧ୍ୟରେ, ମାଷ୍ଟର କ୍ୟାଣ୍ଟିନରୁ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ମଧ୍ୟରେ ଏୟାରପୋର୍ଟ ସଟଲ୍, ମାଷ୍ଟର କ୍ୟାଣ୍ଟିନରୁ ତାଳବଣିଆ ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ସୁନ୍ଦରପଦା ଓ ହରିରାଜପୁର ଦେଇ ୨୨ଇ, ମାଷ୍ଟର କ୍ୟାଣ୍ଟିନରୁ ତାଳବଣିଆ ବସ୍ ଷ୍ଟାଣ୍ଡ ୫୦ଇ (ଏକ୍ସପ୍ରେସ୍), ବରମୁଣ୍ଡାରୁ ତାଳବଣିଆ ବସ୍ ଷ୍ଟାଣ୍ଡ ୫୧ଇ, ଏନ୍‌ଏଲୟୁଓ, କଟକରୁ ତାଳବଣିଆ ବସ୍ ଷ୍ଟାଣ୍ଡ ୫୪ଇ, ଖୋର୍ଦ୍ଧାରୁ ତାଳବଣିଆ ବସ୍ ଷ୍ଟାଣ୍ଡ ୫୬ଇ, ତାଳବଣିଆ ବସ୍ ଷ୍ଟାଣ୍ଡରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ୫୭ଇ, ଜଗତପୁରରୁ ତାଳବଣିଆ ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ 58ଇ, ମହାନଦୀ ବିହାରରୁ ତାଳବଣିଆ ବସ୍ ଷ୍ଟାଣ୍ଡ ୫୯ଇ, ମଙ୍ଗଳାଘାଟ ଛକରୁ ସାତପଡ଼ା ୬୧ଇ, ତାଳବଣିଆ ବସ୍ ଷ୍ଟାଣ୍ଡରୁ ମାଧବ ମନ୍ଦିର ୭୨ଇ ଏବଂ ତାଳବଣିଆ ବସ୍ ଷ୍ଟାଣ୍ଡରୁ ନିମାପଡ଼ା ପର୍ଯ୍ୟନ୍ତ ୭୭ଇ ରୁଟ୍ ଚଳାଚଳ କରିବ।

ଏହା ବ୍ୟତୀତ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସଜେଟିଏ) ୧୫ଟି ବସ୍ ପୁରୀରେ ନିଶୁଳ୍କ ସଟଲ୍ ସେବା ପାଇଁ ନିୟୋଜିତ ରହିବ। ଏହି ସଟଲ୍ ସେବା ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରତି ୧୦ ମିନିଟ୍ ବ୍ୟବଧାନରେ ସମଙ୍ଗ ପାର୍କିଂରୁ ଷ୍ଟର୍ଲିଂ ପାର୍କିଂ ପର୍ଯ୍ୟନ୍ତ ମଙ୍ଗଳାଘାଟ ଦେଇ ଚଳାଚଳ କରିବ। ଏହା ଶ୍ରଦ୍ଧାଳୁମାନଙ୍କୁ ଶେଷ ମାଇଲ ସଂଯୋଗ ସୁବିଧା ଯୋଗାଇବା ସହ ଟ୍ରାଫିକ୍ ହ୍ରାସ କରିବାରେ ସହାୟକ ହେବ। କ୍ରୁଟ ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁଙ୍କୁ ବସ୍ କର୍ମଚାରୀଙ୍କ ସହ ସହଯୋଗ କରିବା, ଶୃଙ୍ଖଳିତ ଭାବେ ବସରେ ଚଢ଼ିବା ଓ ଓହ୍ଲାଇବା ଏବଂ ଅତ୍ୟଧିକ ଭିଡ଼ ନ କରି ପରବର୍ତ୍ତୀ ବସକୁ ଅପେକ୍ଷା କରିବାକୁ ଅନୁରୋଧ କରାଯାଇଛି । ଭିଡ଼କୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କୁ ନିଜ ବ୍ୟକ୍ତିଗତ ସାମଗ୍ରୀ ପ୍ରତି ସତର୍କ ରହିବା ଏବଂ ଚୋରି କିମ୍ବା ହଜିଯିବା ଭଳି ଘଟଣାକୁ ଏଡ଼ାଇବା ପାଇଁ ସଚେତନ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।



## ହୀରାକୁଦରେ ପୁଣି ଖୋଲିଲା ୪ ଗେଟ୍

### ମୋଟ୍ ୧୬ଟି ଗେଟ୍ ଦେଇ ନିଷ୍କାସିତ ହେଉଛି ଜଳ



ସମ୍ବଲପୁର, ୨୩।୭ (ସଂଚାର ବ୍ୟୁରୋ): ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଖୋଲିଲା ଆଉ ୪ ଗେଟ୍। ପୂର୍ବରୁ ୧୨ଟି ଗେଟ ଦେଇ ବନ୍ୟା ଜଳ ନିଷ୍କାସନ ହେଉଥିଲା। ବର୍ତ୍ତମାନ ମୋଟ ୧୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ବାମ ପାର୍ଶ୍ୱରୁ ୧୧ଟି ଓ ଡାହାଣ ପାର୍ଶ୍ୱରୁ ୫ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଥିବା ବେଳେ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଆଜି ଆଉ ୪ଟି ଗେଟ୍ ଖୋଲାଯାଇଥିବା ଡ୍ୟାମ୍ କର୍ତ୍ତୃପକ୍ଷ କହିଛନ୍ତି। ଏବେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୪.୨୩ ଫୁଟ ରହିଛି।

## ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା



ଗୁରୁଗ୍ରାମ,୨୩।୭: ଗୁରୁଗ୍ରାମସ୍ଥିତ ‘ସାଇ କା ଆଙ୍ଗନ୍’ ପରିସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଆଜି ପ୍ରତିଷ୍ଠା ହୋଇଛି। ପାରମ୍ପରିକ ବୈଦିକ ରୀତିନୀତି ଅନୁସାରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ମନ୍ଦିର ପ୍ରାଙ୍ଗଣରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କ ଶ୍ରୀବିଗ୍ରହ ପ୍ରତିଷ୍ଠା କରିଥିଲେ। ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ଯଜ୍ଞକାର୍ଯ୍ୟ ହୋଇଥିଲା। ଗୁରୁଜୀ ଯଜ୍ଞରେ ପୂର୍ଣ୍ଣାହୂତି ଦେଇଥିଲେ। ପବିତ୍ର ବେଦ ପାଠ ଓ ମନ୍ତ୍ରଧ୍ୱନି ମଧ୍ୟରେ ଗୁରୁଜୀ ବିଗ୍ରହମାନଙ୍କର ପ୍ରାଣ ପ୍ରତିଷ୍ଠା କରି ଚକ୍ଷୁଦାନ ନୀତି ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ଏକ ଭବ୍ୟ ଶୋଭାଯାତ୍ରାରେ ଶ୍ରୀବିଗ୍ରହମାନଙ୍କ ନୂତନ ମନ୍ଦିର ପରିସରକୁ ନିଆଯାଇ ସ୍ଥାପନା କରାଯାଇଥିଲା।

### ଭୁଶୁଡ଼ିଲା ପୋଲ

## ଯାତାୟାତ ଠପ୍, ୬ରୁ ଅଧିକ ଗାଁ ବିଚ୍ଛିନ୍ନ



ଆନନ୍ଦପୁର,୨୩।୭(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅନ୍ତର୍ଗତ ବିଦ୍ୟାଧରପୁର ବଜାରରୁ ବାଲିବରେଇକୁ ସଂଯୋଗ କରୁଥିବା ବାଞ୍ଛା ପୋଲ ହଠାତ୍ ଭୁଶୁଡ଼ି ପଡ଼ିବା ପରେ ବାଲିବରେଇ, ଆତୁରକଣା, ରାମକୃଷ୍ଣପୁର, ପଢ଼ିଆରିପଲ୍ଲୀ, ବଣିଆପଙ୍କ, କୁରାଡ଼ିଘଷା ଆଦି ଅନେକ ଗ୍ରାମର ଲୋକଙ୍କ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ପ୍ରତିଦିନ ଏହି ପୋଲ ଦେଇ ଯାତାୟାତ କରୁଥିବା ଶହ ଶହ ଲୋକ ଏବେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କ୍ଷେତରେ ଚାଷ କାମ ଆରମ୍ଭ ହୋଇଛି। ଅନେକ ଚାଷୀ ଏହି ପୋଲ ଦେଇ ଚାଷ ବିଲକୁ ଯାଇ ଚାଷ କାମ କରିଥାନ୍ତି। କିନ୍ତୁ ପୋଲ ଭୁଶୁଡ଼ି ପଡ଼ିଥିବାରୁ ସେମାନେ ଜମିକୁ ଯାଇପାରୁନାହାନ୍ତି। ପୋଲ ଭୁଶୁଡ଼ି ପଡ଼ିବା ଯୋଗୁଁ ମଧ୍ୟ ସ୍କୁଲ ଛାତ୍ରଛାତ୍ରୀଙ୍କ ଯାତାୟାତ, ଆମ୍ବୁଲାନ୍ସ ସେବା ଓ ବସ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଯଦି କୌଣସି ଜରୁରୀ ସ୍ୱାସ୍ଥ୍ୟ ସମସ୍ୟା ଉପୁଜେ, ତା’ହେଲେ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ବଡ଼ ଚ୍ୟାଲେଞ୍ଜ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ପୋଲଟି ବହୁ ପୁରୁଣା ହୋଇଯାଇଥିବାରୁ ଦୀର୍ଘଦିନ ଧରି ଏହାର ମରାମତି କିମ୍ବା ନୂତନ ପୋଲ ନିର୍ମାଣ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇନଥିବାରୁ ଶେଷରେ ସ୍ଥାନୀୟ ଲୋକେ ହନ୍ତସନ୍ତ ହେବା ସାର ହୋଇଛି। ତେଣୁ ସ୍ଥାନୀୟ ପ୍ରଶାସନ ତୁରନ୍ତ ଏହି ପୋଲର ମରାମତି କାମ ସାରିବାକୁ ଦାବି ହେଉଛି।

### ● ମହାନଦୀ ଜଳ ବିବାଦ ମାମଲା

## କେନ୍ଦ୍ର ସରକାର ଓ ଜଳ କମିଶନଙ୍କୁ ମଧ୍ୟସ୍ଥତା ନିର୍ଦ୍ଦେଶ

ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ): ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ରହିଥିବା ମହାନଦୀ ଜଳ ବିବାଦର ସମାଧାନ ଟ୍ରିବ୍ୟୁନାଲ୍ ନିକଟରେ ଅଟକିଛି। ଆଜି ଏହି ମାମଲାର ଶୁଣାଣି ହୋଇଥିବା ବେଳେ ମହାନଦୀ ଜଳ ଆବଣ୍ଟନର ସମାଧାନ ପାଇଁ କେନ୍ଦ୍ର ଜଳ କମିଶନ ଓ କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ବିଭାଗକୁ ମଧ୍ୟସ୍ଥତା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଏକ ଯୁଗ୍ମ କମିଟି ଗଠନ କରିବାକୁ ମଧ୍ୟ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟିରେ ଛତିଶଗଡ଼ ଓ ଓଡ଼ିଶାର ବୈଷୟିକ ଟିମ୍ ସଦସ୍ୟ ରହିବେ। ଉଭୟ ରାଜ୍ୟକୁ ଏନେଇ ଡ୍ରାଫ୍ଟ ତିଆରି କରି ଟ୍ରିବ୍ୟୁନାଲରେ ଦାଖଲ କରିବାକୁ କହିଥିବା ଏଜି ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଗତବର୍ଷ ଜୁଲାଇ ୨୫ ତାରିଖରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ସରକାର ଦେଇଥିବା ଚିଠିର ଉତ୍ତର ନିକଟରେ ଅର୍ଥାତ୍ ଗତ ୨୨ରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଦେଇଛନ୍ତି। ସେ ଚିଠିର ଏକ ନକଲ ଟ୍ରିବ୍ୟୁନାଲଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଛି। ବିବାଦର ସମାଧାନ ପାଇଁ ୨୦ରୁ ଅଧିକ ବୈଠକ ମାଧ୍ୟମରେ ଉଭୟ ପକ୍ଷ ଅନେକ ବିଷୟରେ ସମାଧାନ ପାଇଁ ବିଭିନ୍ନ ପ୍ରସଙ୍ଗରେ ସହମତି ପ୍ରକାଶ ପାଇଛି। ଏହି ବିବାଦ ଉଭୟ ରାଜ୍ୟ ମଧ୍ୟରେ ହୋଇଥିବା ବୈଠକକୁ ଟ୍ରିବ୍ୟୁନାଲ୍ ପ୍ରଶଂସା କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୧ ତାରିଖରେ ହେବ ।

## ଶୋଇଥିବା ବେଳେ ଲୁଟିନେଲେ ୨୦ ଲକ୍ଷ

ଖଇରା,୨୩।୭(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲା ଖଇରା ଥାନା ଅନ୍ତର୍ଗତ କୁରୁଣ୍ଟା ପଞ୍ଚାୟତ ଅଧୀନସ୍ଥ ବାରିଙ୍ଗିଆ ଗ୍ରାମରେ ବଡ଼ ଧରଣର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଅନନ୍ତ କୁମାର ମିଶ୍ରଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ଚୋରମାନେ ତାଲା ଭାଙ୍ଗି ଘରେ ଥିବା ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ସହ ନଗଦ ୮୦ ହଜାର ଟଙ୍କା ଲୁଟିନେଇଥିବା ଜଣାପଡ଼ିଛି। ଏନେଇ ଅନନ୍ତ ସ୍ଥାନୀୟ ଖଇରା ଥାନାରେ ଅଭିଯୋଗ କରିଛନ୍ତି। ଅନନ୍ତଙ୍କର ଗୋଟିଏ ପକ୍କା ଓ ଅନ୍ୟ ଏକ କଚ୍ଚା ଘର ଥିବା ବେଳେ ସେ ଓ ତାଙ୍କ ସ୍ତ୍ରୀ ମାଟି ଘରେ ଶୋଇଥିଲେ। ତେଣୁ ପକ୍କାଘର ଖାଲି ପଡ଼ିଥିଲା। ତେବେ ରାତି ପ୍ରାୟ ୩ଟା ସମୟରେ ଅନନ୍ତଙ୍କ ସ୍ତ୍ରୀ ଉଠି ଦେଖିଲା ବେଳକୁ ପକ୍କା ଘର ଗ୍ରୀଲ ଖୋଲା ରହିଛି ଓ ଚୋରମାନେ ଆଲମିରା ଭାଙ୍ଗି ଗହଣା ଟଙ୍କା ସାଙ୍ଗକୁ ଆସବାବପତ୍ର ଲୁଟି ନେଇ ଚାଲିଯାଇଛନ୍ତି। ଏହାପରେ ଗ୍ରାମବାସୀ ସଙ୍ଗେ ସଙ୍ଗେ ଖଇରା ପୁଲିସକୁ ଫୋନ କରିଥିଲେ ହେଁ କେହି ବି ଫୋନ ରିସିଭ୍ କରିନଥିଲେ। ତେବେ ଗୁରୁବାର ସକାଳେ ଖଇରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛି। ଘଟଣା କ୍ରମେ ଘରଠାରୁ ୨ କିମି ଦୂରରେ ୪ ଜଣ ବ୍ୟକ୍ତି ସନ୍ଦେହଜନକ ଭାବେ ବୁଲୁଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ପଚରାଉଚରା କରିବାରୁ ସେମାନେ ଆଣିଥିବା ଏକ ବ୍ୟାଗ ଛାଡ଼ି ୨ଟି ବାଇକରେ ପଳାଇଯାଇଥିଲେ। ତେବେ ଖଇରା ପୁଲିସର ନିଷ୍କ୍ରିୟତା ଯୋଗୁଁ ବାରମ୍ବାର ଏଭଳି ଚୋରି ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।




‘‘ବିଶ୍ୱ ଭ୍ରାତୃତ୍ୱ ଓ ସର୍ବ ଧର୍ମ ସମନ୍ୱୟର ପ୍ରତୀକ ପବିତ୍ର ଘୋଷ ଯାତ୍ରା ଅବସରରେ ସୁସ୍ଥ ଓଡ଼ିଶା ଓ ବିକଶିତ ଓଡ଼ିଶା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା’’

ରଥଯାତ୍ରା-୨୦୨୬

ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା

- ବିଶୁଦ୍ଧ ପାଣି ପିଅନ୍ତୁ ଏବଂ ଖାଇବା ପୂର୍ବରୁ ହାତ ଭଲଭାବେ ଧୁଅନ୍ତୁ
- ଖୋଲା ବିକ୍ରି ହେଉଥିବା ଖାଦ୍ୟ, କୃତ୍ରିମ ରଙ୍ଗ ଦିଆ ଖାଦ୍ୟ, ବାସି ଓ ଦୁର୍ଗନ୍ଧ ଯୁକ୍ତ ଖାଦ୍ୟ, ମାଛି ବସୁଥିବା ଖାଦ୍ୟ କିମ୍ବା ପଚାସଢ଼ା ଫଳ ଓ ପନିପରିବା ଖାଆନ୍ତୁ ନାହିଁ
- ଅଂଶୁଘାତରୁ ରକ୍ଷା ପାଇବାକୁ ମୁଣ୍ଡରେ ଧଳା ଟୋପି କିମ୍ବା ଓଦା କପଡ଼ା ବ୍ୟବହାର କରନ୍ତୁ ଏବଂ ଓ.ଆର୍.ଏସ୍. ପିଅନ୍ତୁ
- ସମୁଦ୍ର ସ୍ନାନ ସମୟରେ କୌଣସି ଅଘଟଣ ଏଡ଼ାଇବା ପାଇଁ ସୁରକ୍ଷାକର୍ମୀଙ୍କ ପରାମର୍ଶ ମାନନ୍ତୁ ଏବଂ ସତର୍କ ରୁହନ୍ତୁ
- ରାତ୍ରି ରହଣି କରୁଥିଲେ ମଶାରି/ ମଶାନିବାରକ ବ୍ୟବହାର କରନ୍ତୁ
- ବୟସ୍କ/ ଭିନ୍ନକ୍ଷମ ବ୍ୟକ୍ତି ଓ ପିଲାମାନଙ୍କୁ ଭିଡ଼ ଠାରୁ ଦୂରେଇ ରଖନ୍ତୁ
- ଅସୁସ୍ଥ ଅନୁଭବ କଲେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରରେ ତୁରନ୍ତ ପରାମର୍ଶ କରନ୍ତୁ

ସର୍ଦ୍ଦି, ଜ୍ୱର, କାଶ କିମ୍ବା ଫ୍ଲୁ ଭଳି ଲକ୍ଷଣ ଥିବା ବ୍ୟକ୍ତି ଜନଗହଳି ସ୍ଥାନକୁ ଯାଆନ୍ତୁ ନାହିଁ

ଜରୁରୀ ଫୋନ୍ ନମ୍ବର :
ପୁରୀ ହସ୍ପିଟାଲ କଣ୍ଟ୍ରୋଲ ରୁମ୍ : ୦୬୭୫୨-୨୨୨୧୭୫
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍ : ୧୦୪, ଆମ୍ବୁଲାନ୍ସ : ୧୦୮

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha
DSPL/320920-10001/398/2627


### ପୁଣି ବିବାଦରେ ସ୍ୱାସ୍ଥ୍ୟ ବିଭାଗ

# ଅଳିଆ ଗଦାରେ ପଡ଼ିଛି କୁଢ଼କୁଢ଼ ଔଷଧ



### ଏକ୍ସପାୟରି ହୋଇ ନ ଥିବା ଔଷଧ ବି ସାମିଲ୍

ମୋହନା,୨୩।୭(ସଂଚାର ବ୍ୟୁରୋ): ରାଜ୍ୟରେ ସରକାରୀ ସ୍ୱାସ୍ଥ୍ୟସେବାକୁ ନେଇ ଅନେକ ସମୟରେ ଅନେକ ଚିନ୍ତାଜନକ ଘଟଣା ସାମ୍ନାକୁ ଆସୁଛି, ଯାହାକୁ ନେଇ ବିବାଦକୁ ଆସୁଛନ୍ତି ସରକାର। ରାଜ୍ୟର ବିଭିନ୍ନ ସ୍ଥାନରେ ଗରିବ ରୋଗୀଙ୍କୁ ମାଗଣା ଔଷଧ ମିଳୁ ନ ଥିବା ବେଳେ ଅଳିଆ ଗଦା କିମ୍ବା ରାସ୍ତା କଡ଼ରେ ପୁଳା ପୁଳା ସରକାରୀ ଓ ନିରାମୟ ଯୋଜନା ଔଷଧ ଫିଙ୍ଗାଯାଉଛି। ଗଜପତି ଜିଲ୍ଲା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏଭଳି ଏକ ଉଦାହରଣ ସାମ୍ନାକୁ ଆସିଛି। ମେଡିକାଲ ପରିସରରେ ଥିବା ଔଷଧ ଗୋଦାମ ନିକଟରେ ଅଳିଆ ଗଦାରେ କୁଢ଼ କୁଢ଼ ଔଷଧ ଖୋଲାରେ ଫିଙ୍ଗାଯାଇଥିବା ଦେଖିବାକୁ ମିଳିଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଫିଙ୍ଗାଯାଇଥିବା ଏହି ଔଷଧଗୁଡ଼ିକର ଏକ୍ସପାୟରୀ ଅର୍ଥାତ ଅବଧି ଶେଷ ହୋଇନାହିଁ। କେତେକ ଔଷଧର ଅବଧି ଆସନ୍ତା ଅଗଷ୍ଟ ପର୍ଯ୍ୟନ୍ତ ରହିଥିବା ବେଳେ ଅନ୍ୟ କେତେକ ଔଷଧର ବୈଧତା ଡିସେମ୍ବର ପର୍ଯ୍ୟନ୍ତ ରହିଛି। ରୋଗୀଙ୍କୁ ବଣ୍ଟାଯିବା ପାଇଁ ଉଦ୍ଦିଷ୍ଟ ଏହି ମୂଲ୍ୟବାନ ଔଷଧଗୁଡ଼ିକୁ କାମରେ ନ ଲଗାଇ ଏପରି ନଷ୍ଟ କରାଯିବା ନେଇ ସାଧାରଣରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। ଏତେ ପରିମାଣର ଔଷଧ ଗୋଦାମ ବାହାରେ କିଏ ଓ କାହିଁକି ପକାଇଲା, ସେନେଇ ପ୍ରଶ୍ନ ଉଠୁଛି।

ଗରିବ ରୋଗୀମାନେ ମେଡିକାଲକୁ ଆସି ଔଷଧ ନ ପାଇ ନିରାଶ ହୋଇ ଫେରୁଛନ୍ତି, ଅନ୍ୟପଟେ ଭଲ ଔଷଧକୁ ଏଭଳି ରାସ୍ତାକଡ଼ରେ ଫିଙ୍ଗି ଦିଆଯାଉଛି। ଏହା ସ୍ୱାସ୍ଥ୍ୟ ବିଭାଗର ବଡ଼ ଅବହେଳା ନୁହେଁ କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶେଷକରି ଏକ୍ସପାୟରୀ ହୋଇଯାଇଥିବା ଔଷଧଗୁଡ଼ିକୁ ସଠିକ୍ ଭାବେ ନଷ୍ଟ ନକରି ଏଭଳି ଖୋଲା ସ୍ଥାନରେ ଫିଙ୍ଗାଯାଉଛି, ଯାହା ପରିବେଶ ଓ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଦେଶରେ ଦୌଡ଼ିବ ସ୍ୱଦେଶୀ ବୁଲେଟ ଟ୍ରେନ



ନୂଆଦିଲ୍ଲୀ,୨୩।୭: ୨୦୨୭ରେ ଭାରତରେ ଗଡ଼ିବ ବୁଲେଟ୍ ଟ୍ରେନ୍। ତେବେ ଜାପାନର ଶିଙ୍କାନସେନ୍ ଇ୧୦ ନୁହେଁ, ବରଂ ସ୍ୱଦେଶୀ ବି-୨୮ ହାଇସ୍ପିଡ୍ ଟ୍ରେନ୍ ସହ ଆରମ୍ଭ ହେବ ମୁମ୍ବାଇ-ଅହମଦାବାଦ ବୁଲେଟ୍ ଟ୍ରେନ୍ ସେବା। ଜାପାନର ଇ୧୦ ସିରିଜ୍ ଟ୍ରେନ୍ ୨୦୩୦ ପୂର୍ବରୁ ଉପଲବ୍ଧ ନ ହେବାରୁ ଭାରତ ଓ ଜାପାନ ମିଶି ଏହି ନିଷ୍ପତ୍ତି ନେଇଛନ୍ତି। ୨୦୨୨ରେ କେନ୍ଦ୍ର ସରକାର ଦେଶରେ ବୁଲେଟ ଟ୍ରେନ୍ ଚଲାଇବା ନେଇ ଘୋଷଣା କରିଥିଲେ। ଏହି ମସିହାରେ ଭାରତର ୭୫ତମ ସ୍ୱାଧୀନତା ଦିବସ ପୂରଣ ହେଉଥିବା ଏହାକୁ ଲକ୍ଷ ରଖି ଏହି ଘୋଷଣା କରାଯାଇଥିଲା। ୨୦୧୭ ମସିହାରେ ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତତ୍କାଳୀନ ଜାପାନର ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ତେବେ ଜମି ଅଧିଗ୍ରହଣରେ ବିଳମ୍ବ ଏବଂ କୋଭିଡ-୧୯ ମହାମାରୀ କାରଣରୁ ପ୍ରକଳ୍ପର କାମ ପଛେଇ ଯାଇଥିଲା।

ହେଲେ ନିକଟରେ ଜାପାନର ପୂର୍ବତନ ନ୍ୟାୟ ମନ୍ତ୍ରୀ ଏ ବିଷୟରେ ନିଜ ମନ୍ତବ୍ୟ ଦେଇ ଭାରତକୁ ଦାୟୀ କରିଥିଲେ। ପରେ ମାମଲା ସାମ୍ନାକୁ ଆସିଥିଲା।ଭାରତର ବେପରୁଆପଣ ଯୋଗୁ ବୁଲେଟ ଟ୍ରେନ ପ୍ରକଳ୍ପ ବିଳମ୍ବ ହୋଇଥିଲା ବୋଲି ଜାପାନ ପୂର୍ବତନ ନ୍ୟାୟ ମନ୍ତ୍ରୀ ହିଡେକି ମାକିହାରା କହିଥିଲେ। ସେପଟେ ମୁମ୍ବାଇ-ଅହମଦାବାଦ ହାଇସ୍ପିଡ୍ ରେଳ ପ୍ରକଳ୍ପର କାମ ଦ୍ରୁତ ଗତିରେ ଚାଲିଛି ବୋଲି ସରକାର କହିଛନ୍ତି। ନିର୍ଦ୍ଧାରିତ ସମୟରେ ଜାପାନୀ ବୁଲେଟ ଟ୍ରେନ ନଆସି ପାରିବାରୁ ଭାରତୀୟ ବୁଲେଟ୍ ଟ୍ରେନ ହିଁ ଗଡିବ ବୋଲି ନିଷ୍ପତ୍ତି ନିଆଯାଇଛି।

ବର୍ତ୍ତମାନ ସରକାରଙ୍କ ଲକ୍ଷ୍ୟ ୧୫ ଅଗଷ୍ଟ ୨୦୨୭ରେ ସୁରଟ-ବିଲିମୋରା ସେକ୍ସନରେ ବୁଲେଟ୍ ଟ୍ରେନ୍ ଚଳାଚଳ ଆରମ୍ଭ କରିବେ। ଜାପାନର ନୂଆ ପିଢ଼ିର ଇ୧୦ ଶିଙ୍କାନସେନ୍ ଟ୍ରେନ୍ ଏବେ ଡେଭଲପିଂ ପର୍ଯ୍ୟାୟରେ ଥିବାରୁ ୨୦୩୦ ପୂର୍ବରୁ ଭାରତକୁ ମିଳିବା କଷ୍ଟକର। ତେଣୁ ପ୍ରକଳ୍ପରେ ବିଳମ୍ବ ଏଡ଼ାଇବାକୁ ଆରମ୍ଭରୁ ସ୍ୱଦେଶୀ ଟ୍ରେନ୍ ଚଲାଇବାକୁ ଉଭୟ ଜାପାନ ଓ ଭାରତ ସହମତ ହୋଇଛନ୍ତି। 'ମେକ୍ ଇନ୍ ଇଣ୍ଡିଆ' ଅଧୀନରେ ପ୍ରସ୍ତୁତ ହେଉଥିବା ବି-୨୮ ହାଇସ୍ପିଡ୍ ଟ୍ରେନର ନିର୍ମାଣ ବେଙ୍ଗାଲୁରୁରେ ଭାରତ ଆର୍ଥ ମୁଭର୍ସ ଲିମିଟେଡ୍(ବିଇଏମଏଲ୍)କରୁଛି। ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟୋରି ଓ ବିଇଏମଏଲ୍ ମିଳି ଏହାର ଡିଜାଇନ୍ ଏବଂ ନିର୍ମାଣ କରୁଛନ୍ତି। ୮ କୋଚ୍ ବିଶିଷ୍ଟ ଏହି ଟ୍ରେନରେ ୫୬୦ ଯାତ୍ରୀ ବସିପାରିବେ ଏବଂ ଏହାର ସର୍ବାଧିକ ବେଗ ଘଣ୍ଟାପ୍ରତି ୨୮୦ କିଲୋମିଟର ରହିବ। ଏହା ଭବିଷ୍ୟତରେ ଭାରତର ଅନ୍ୟ ହାଇସ୍ପିଡ୍ ରେଳ ପ୍ରକଳ୍ପ ପାଇଁ ମଧ୍ୟ ମାର୍ଗ ପ୍ରଶସ୍ତ କରିବ। ସ୍ୱଦେଶୀ ବି-୨୮ ବୁଲେଟ୍ ଟ୍ରେନ୍ ୟୁରୋପିଆନ୍ ଟ୍ରେନ୍ କଣ୍ଟ୍ରୋଲ୍ ସିଷ୍ଟମ୍ ସିଗ୍ନାଲିଂ ବ୍ୟବସ୍ଥାରେ ଚାଲିବ। ଏହି ବ୍ୟବସ୍ଥା ଦକ୍ଷିଣ କୋରିଆ, ୟୁରୋପ, ତାଇୱାନ ଓ ଚୀନରେ ବ୍ୟବହୃତ ହେଉଥିବା ବେଳେ ଭାରତର ନମୋ ଭାରତ ରାପିଡ୍ ରେଳ ମଧ୍ୟ ଏହି ସିଷ୍ଟମ୍ ବ୍ୟବହାର କରୁଛି। ଭାରତୀୟ କମ୍ପାନୀମାନେ ହାଇସ୍ପିଡ୍ ରେଳ ପାଇଁ ଆବଶ୍ୟ ଉପକରଣ, ସ୍ଲାବ୍ ଟ୍ରାକ୍ ଓ ଯନ୍ତ୍ରପାତି ମଧ୍ୟ ଦେଶରେ ପ୍ରସ୍ତୁତ କରୁଛନ୍ତି। ସମ୍ପ୍ରତି ଜାପାନର ପୂର୍ବତନ ନ୍ୟାୟମନ୍ତ୍ରୀ ହିଡେକି ମାକିହାରା ପ୍ରକଳ୍ପରେ ବିଳମ୍ବ ପାଇଁ ଭାରତକୁ ଦାୟୀ କରିଥିଲେ। ଭାରତ ପ୍ରତିଶ୍ରୁତି ଦେଇ ରଖିପାରେ ନାହିଁ। ଏହାର ଓ ବେପରୁଆପଣ ଯୋଗୁ ଏହା ବିଳମ୍ବ ହୋଇଥିଲା ବୋଲି ମାକିହାରା କହିଥିଲେ। କିନ୍ତୁ ସରକାରଙ୍କ କହିବା ଅନୁସାରେ, ୫୦୮ କିଲୋମିଟର ଦୀର୍ଘ ଏହି ପ୍ରକଳ୍ପର ସିଭିଲ୍ କାମ ପୂର୍ବରୁ ଭାରତ ନିଜେ କରୁଛି। ଜାପାନରୁ ଟ୍ରେନ୍ ମିଳିବାରେ ବିଳମ୍ବ ହେଉଥିବାରୁ ପ୍ରକଳ୍ପକୁ ୨୦୩୪ ପର୍ଯ୍ୟନ୍ତ ଅପେକ୍ଷା ନ କରି, ସ୍ୱଦେଶୀ ପ୍ରଯୁକ୍ତିରେ ୨୦୨୭ରୁ ବୁଲେଟ୍ ଟ୍ରେନ୍ ଚଲାଇବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପ୍ରକଳ୍ପ ସଫଳ ହେଲେ ଦେଶରେ ଆଉ ୭ଟି ନୂଆ ବୁଲେଟ୍ ଟ୍ରେନ୍ କରିଡର ବିକାଶର ଯୋଜନା ରହିଛି। ସେଥିରେ ଦିଲ୍ଲୀ-ବାରାଣସୀ, ଦିଲ୍ଲୀ-ବାରାଣସୀ-ଶିଲିଗୁଡ଼ି, ମୁମ୍ବାଇ-ପୁଣେ, ପୁଣେ-ହାଇଦ୍ରାବାଦ, ହାଇଦ୍ରାବାଦ-ବେଙ୍ଗାଲୁରୁ, ହାଇଦ୍ରାବାଦ-ଚେନ୍ନାଇ ଏବଂ ଚେନ୍ନାଇ-ବେଙ୍ଗାଲୁରୁ କରିଡର ସାମିଲ ରହିଛି। ଅର୍ଥାତ୍, ସ୍ୱଦେଶୀ ଟେକ୍ନୋଲୋଜୀକୁ ଭରସା କରି ଭାରତ ଏବେ ହାଇସ୍ପିଡ୍ ରେଳ କ୍ଷେତ୍ରରେ ଆତ୍ମନିର୍ଭର ହେବା ଦିଗରେ ଆଉ ଏକ ବଡ଼ ପଦକ୍ଷେପ ନେଇଛି।

## ଲାଭରେ ଇତିହାସ ରଚିଲା ଗୁଗଲ୍

# ୪୫୯ଟି ଶ୍ରେଷ୍ଠ କମ୍ପାନିର ମିଳିତ ଲାଭଠାରୁ ଅଧିକ

ୱାସିଂଟନ,୨୩।୭: ବିଶ୍ୱର ପ୍ରମୁଖ ସର୍ଚ୍ଚ ଇଞ୍ଜିନ ଗୁଗଲ୍‌ର ପରିଚାଳନା କରୁଥିବା ସଂସ୍ଥା ଆଲ୍‌ଫାବେଟ୍ ଲାଭ କରିବାରେ ଇତିହାସ ସୃଷ୍ଟି କରିଛି। କମ୍ପାନିର ଦ୍ୱିତୀୟ ତ୍ରୈମାସିକ ଲାଭ ପ୍ରଥମ ଥର ପାଇଁ ୧୦୦ ବିଲିଅନ ଡଲାରରୁ ଅଧିକ ହୋଇଛି। ଏହା ୧୧୨.୧ ବିଲିଅନ ଡଲାର ଲାଭ କରିଛି ଯାହା ପୂର୍ବବର୍ଷର ସେହି ସମୟରେ ହୋଇଥିବା ଲାଭ ତୁଳନାରେ ୮୦ ପ୍ରତିଶତ ଅଧିକ। ଆଶ୍ଚର୍ଯ୍ୟର ବିଷୟ ହେଉଛି ଆଲ୍‌ଫାବେଟ୍ ଏକାକୀ ଯେତିକି ଲାଭ କରିଛି ତାହା 'ଫର୍ଚୁନ ୫୦୦' ତାଲିକାରେ ସ୍ଥାନ ପାଇଥିବା ଶ୍ରେଷ୍ଠ ୪୫୯ଟି କମ୍ପାନିର ବର୍ଷତମାମ ମିଳିତ ଲାଭଠାରୁ ମଧ ଅଧିକ। ଏଆଇ କମ୍ପାନି ଆନ୍ଥ୍ରୋପିକ୍ ଓ ଏଲନ ମସ୍କଙ୍କ ସଂସ୍ଥା ସ୍ପେସ୍‌ଏକ୍ସରେ ନିବେଶ କରିବା ଆଲ୍‌ଫାବେଟ୍ ପାଇଁ ଲାଭଦାୟକ ହୋଇଛି। କମ୍ପାନିର ମୋଟ୍ ଆୟ ମଧରୁ ୯୯ ପ୍ରତିଶତ 'ଅନ୍ୟାନ୍ୟ ଆୟ' ଆକାରରେ ଆସିଛି। ଅର୍ଥାତ ଏହା ବିଭିନ୍ନ ପ୍ରକାର ନିବେଶରୁ ସେହି ଆୟ କରିଛି। ୨୦୨୩ରେ ଆନ୍ଥ୍ରୋପିକ୍‌ରେ ଆଲ୍‌ଫାବେଟ୍ ୩୦୦ ନିୟୁତ ଡଲାର ନିବେଶ କରିଥିଲା। ଏହି ସଂସ୍ଥା ଏଆଇ ଟୁଲ୍ କ୍ଲାଉଡ୍ ଆଣିବା ପରେ ତାହାର ମୂଲ୍ୟାୟନ ଯଥେଷ୍ଟ ବଢ଼ିଯାଇଛି। ସେହିପରି, ମସ୍କଙ୍କ ସଂସ୍ଥା ସ୍ପେସ୍‌ଏକ୍ସର ୬ ପ୍ରତିଶତ ଅଂଶଧନ ମଧ ଆଲ୍‌ଫାବେଟ୍ ପାଖରେ ରହିଛି। କମ୍ପାନି ନିକଟରେ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଜାରି କରିବାରୁ ଆଲ୍‌ଫାବେଟ୍‌କୁ ବଡ଼ ଧରଣର ଲାଭ ମିଳିଛି।



# ସୋଲାର ଷ୍ଟାର୍ଟଅପ୍ କମ୍ପାନିରେ ଧୋନିଙ୍କ ମେଗା ନିବେଶ

ନୂଆଦିଲ୍ଲୀ,୨୩।୭: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଏବେ ଗ୍ରୀନ୍ ଏନର୍ଜି ବ୍ୟବସାୟରେ ବଡ଼ ନିବେଶ କରିଛନ୍ତି। ସେ ନିଜର ଫ୍ୟାମିଲି ଅଫିସ ମିଦାସ୍ ଡିଲସ୍ ଜରିଆରେ ଘରୋଇ ରୁଫଟପ୍ ସୋଲାର ଷ୍ଟାର୍ଟଅପ୍ ସୋଲାର ସ୍କୋୟାର୍‌ରେ ପୁଞ୍ଜି ନିବେଶ କରିବା ସହ ଏହି କମ୍ପାନିର ନୂଆ ବ୍ରାଣ୍ଡ ଆମ୍ବାସଡର ମଧ୍ୟ ହୋଇଛନ୍ତି। ଆଉ ଏହି ନିବେଶ ଦ୍ୱାରା ମାହୀ ବ୍ୟବସାୟ ଜଗତରେ ଏକ ନୂଆ ମାଷ୍ଟରଷ୍ଟ୍ରୋକ୍ ଖେଳିଥିବା କୁହାଯାଉଛି। ସୋଲାର କାରବାର ବୃଦ୍ଧି ପାଇଁ ସୋଲାର ସ୍କୋୟାର୍ କମ୍ପାନି ପକ୍ଷରୁ ଆରମ୍ଭ ହୋଇଥିବା ୫୩ ମିଲିୟନ ଡଲାର ବା ପ୍ରାୟ ୫୧୦ କୋଟି ଟଙ୍କାର ସିରିଜ୍-ସି ଫଣ୍ଡିଂ ରାଉଣ୍ଡର ଏହା ଏକ ପ୍ରମୁଖ ଅଂଶ ବିଶେଷ।



ସୂଚନାଥାଉକି, କମ୍ପାନି ନାଇଁ ପାଣ୍ଠି ସଂଗ୍ରହର ଅଭିଯାନର ନେତୃତ୍ୱ ନେଇଥିଲା ପ୍ରମୁଖ ନିବେଶକାରୀ ସଂସ୍ଥା ଲାଇଟସ୍ପିଡ୍। ପାଣ୍ଠି ସଂଗ୍ରହ ଅଭିଯାନ କ୍ରମେ କମ୍ପାନିରେ ଲୋୟରକାର୍ବୋନ କ୍ୟାପିଟାଲ୍, ରେନମ୍ୟାଟର୍ଏ ବଂ ଗୋଲ୍ଡ କ୍ୟାପିଟାଲ୍ ଭଳି ବଡ଼ ବଡ଼ ମଧ୍ୟ ସାମିଲ ହୋଇଛନ୍ତି। ଧୋନି ଏହି କମ୍ପାନି ସହ ଯୋଡ଼ିହେବା ପରେ ଭାରତୀୟ ସୋଲାର ବଜାର ପ୍ରତି ଗ୍ରାହକଙ୍କ ଆସ୍ଥା ଆହୁରି ମଜବୁତ ହେବ ବୋଲି ଆଶା କରାଯାଉଛି। ଧୋନୀ ମଧ୍ୟ ନିଜେ କହିଛନ୍ତି ଯେ, ଏହା କେବଳ ଏକ କମ୍ପାନିରେ ନିବେଶ ନୁହେଁ ବରଂ ଭାରତର ସ୍ୱଚ୍ଛ ଭବିଷ୍ୟତ ପାଇଁ ଏକ ବଡ଼ ପଦକ୍ଷେପ।

SolarSquare କମ୍ପାନି ଏହି ନୂଆ ପୁଞ୍ଜିକୁ ନିଜର ବ୍ୟବସାୟିକ ସମ୍ପ୍ରସାରଣରେ ବ୍ୟବହାର କରିବ। ଆଗାମୀ ଦିନରେ ଦେଶର ଆହୁରି ୩୦ରୁ ୪୦ଟି ନୂଆ ସହରରେ ଏହି ସେବା ପହଞ୍ଚାଇବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହା ସହିତ ଟେକ୍ନୋଲୋଜିର ବିକାଶ, ଗ୍ରାହକଙ୍କ ପାଇଁ ସହଜ ଫାଇନାନ୍ସିଂ ସୁବିଧା ଏବଂ ବିକ୍ରୟ ପରବର୍ତ୍ତୀ ସେବା ବା ଆଫ୍ଟର ସେଲ୍ସ ସପୋର୍ଟକୁ ମଧ୍ୟ ଅଧିକ ସୁଦୃଢ଼ କରାଯିବ ବୋଲି କହିଛି କମ୍ପାନି। ୨୦୧୫ରେ ଶ୍ରେୟା ମିଶ୍ର, ନୀରଜ ଜୈନ ଏବଂ ନିଖିଲ ନାହରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଷ୍ଟାର୍ଟଅପ୍ ଆଜି ଏକ ବଡ଼ ବ୍ରାଣ୍ଡ ସାଜିଛି। ବର୍ତ୍ତମାନ ସୁଦ୍ଧା କମ୍ପାନି ଦେଶର ୨୯ଟି ସହରରେ ୫୦,୦୦୦ରୁ ଅଧିକ ଘରେ ରୁଫଟପ୍ ସୋଲାର ସିଷ୍ଟମ ସଫଳତାର ସହ ସ୍ଥାପନ କରିସାରିଛି। ବର୍ତ୍ତମାନ ଏହାର ବାର୍ଷିକ ରାଜସ୍ୱ ରନ୍ ରେଟ୍ ପ୍ରାୟ ୧,୦୦୦ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟବସାୟିକ ଦୃଷ୍ଟିରୁ ଦେଖିଲେ ଚଳିତ ବର୍ଷ ଅର୍ଥାତ ୨୦୨୬ ମସିହାରେ ଷ୍ଟାର୍ଟଅପ୍ ଜଗତରେ ଧୋନୀଙ୍କର ଏହା ତୃତୀୟ ବଡ଼ ନିବେଶ। ଏହାପୂର୍ବରୁ ସେ 'Kuku' ଏବଂ 'LightFury Games' ଭଳି ଷ୍ଟାର୍ଟଅପ୍ରେ ଟଙ୍କା ବିନିଯୋଗ କରିସାରିଛନ୍ତି। କେବଳ ଧୋନୀ ନୁହଁନ୍ତି, ରୋହିତ ଶର୍ମା, ଆଜିଙ୍କ୍ୟ ରହାଣେ ଓ ରିୟାନ ପରାଗଙ୍କ ଭଳି ଅନେକ ତାରକା କ୍ରିକେଟର ମଧ୍ୟ ଏବେ ନୂଆ ନୂଆ ଷ୍ଟାର୍ଟଅପରେ ନିବେଶ କରୁଛନ୍ତି।

# ରେଡ୍ ଜୋନରେ ଖୋଲିଲା ସେନସେକ୍ସ-ନିଫ୍ଟି

ମୁମ୍ବାଇ, ୨୩।୭: ସେୟାର ବଜାରରେ ହାହାକାର। ଭୁଶୁଡି ପଡିଲା ମାର୍କେଟ୍। କାରବାରର ଚତୁର୍ଥ ଦିନରେ ନିବେଶକଙ୍କୁ ବଡ ଝଟକା ଲାଗିଛି। ଇରାନ ଏବଂ ଆମେରିକା ମଧ୍ୟରେ ଲାଗି ରହିଥିବା ଭୟଙ୍କର ଯୁଦ୍ଧ ପାଇଁ ସେନସେକ୍ସ ଏବଂ ନିଫ୍ଟି ରେଡ୍ ଜୋନରେ ଖୋଲିଛି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ୩୦ ସେୟାର ବିଶିଷ୍ଟ ସେନସେକ୍ସ ଖୋଲୁଖୋଲୁ ୩୦୦ ଅଙ୍କ ତଳକୁ ଖସିଥିଲା। ସେହିପରି ବିଏସଇ ନିଫ୍ଟି ମଧ୍ୟ ବୁଧବାର ତୁଳନାରେ ୧୦୦ ଅଙ୍କ ତଳେ ରହି ଖୋଲିଥିଲା। ବିଏସଇ ଲାର୍ଜକ୍ୟାପର ୩୦ରୁ ୨୪ ସେୟାର ଏବେ ଲାଲ୍ ସଙ୍କେତରେ କାରବାର କରୁଛି। ବୁଧବାର ବିଏସଇ ସେନସେକ୍ସ ୭୬,୭୫୫ ଅଙ୍କରେ ବନ୍ଦ ହୋଇଥିଲା। ଗୁରୁବାର ଏହା ୭୬୫୧୫ରେ ଖୋଲିଥିଲା। କିଛି ମିନିଟ୍ ପରେ ଏହା ୭୬୩୪୪ ସ୍ତରକୁ ଆସିଯାଇଥିଲା। ସେହିପରି ଏନଏସଇ ନିଫ୍ଟି ମଧ୍ୟ ସେନସେକ୍ସ ଭଳି ଖସିଛି।। ବୁଧବାର ସେନସେକ୍ସ ୨୩୯୬୬ ଅଙ୍କରେ ବନ୍ଦ ହୋଇଥିଲା। ଗୁରୁବାର ଏହା ୨୩୯୦୪ ଅଙ୍କକୁ ଖସି କାରବାର ଆରମ୍ଭ କରିଥିଲା। ଏହାପରେ ୨୩୮୭୬ ଅଙ୍କକୁ ଖସି ଆସିଥିଲା। ବିଏସଇ ଲାର୍ଜକ୍ୟାପରେ ଇଣ୍ଡିଗୋ, ଏଚଡିଏଫସି ବ୍ୟାଙ୍କ, ଏସବିଆଇ, ବଜାଜ ଫାଇନାନ୍ସ ଭଳି କମ୍ପାନୀ ରେଡ୍ ଜୋନରେ କାରବାର କରୁଛନ୍ତି। ଅନ୍ୟ ଦିଗରେ ହିନ୍ଦୁସ୍ତାନ ପେଟ୍ରୋଲିୟମ, ଜିଏମଆର ଏୟାରପୋର୍ଟ, ଫୋନେକ୍ସ ଲିମିଟେଡ୍ର ସେୟାରରେ ମଧ୍ୟ ୨ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଛି।




## ଭୁଶୁଡିଲା ସେୟାର ମାର୍କେଟ୍



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୫୧୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୩୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୪,୩୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୬,୫୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୬,୩୧,୫୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୪,୪୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୬,୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୫୧୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦାମ ହ୍ରାସ ପାଇଛି । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

# ‘ନିଶାମୁକ୍ତ ଓଡ଼ିଶା’ରେ ଅସ୍ତରଙ୍ଗ



**କାକଟପୁର /ଅସ୍ତରଙ୍ଗ,୨୩।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୧୫ଟି ପଞ୍ଚାୟତ। ଆଇନ ଶୃଙ୍ଖଳା ଦାୟିତ୍ୱରେ ଅଛନ୍ତି କାକଟପୁର, ଅସ୍ତରଙ୍ଗ ଓ ନୂଆଗଡ଼ ସାମୁଦ୍ରିକ ଥାନା। ଅବକାରୀ ବିଭାଗର କାର୍ଯ୍ୟାଳୟ ଥିଲେ ବି ନିମାପଡାରେ। ତଥାପି ଅସ୍ତରଙ୍ଗ ମୁଖ୍ୟ ବଜାର ଆଜି ମଦ ମାଫିଆଙ୍କ ଆଡ୍ଡା ପାଲଟିଛି। ସରକାରୀ ସ୍ୱୀକୃତି ପ୍ରାପ୍ତ ତ୍ରିଭୁଜ ଆକୃତି ବିଦେଶୀ ମଦ ଦୋକାନ ମୁଖ୍ୟ ବଜାରର ମୁଖରେ ବସିଛି। ସାପ୍ତାହିକ ହାଟ ଭିତରେ ବି ସରକାରୀ ଦେଶୀ ମଦ ଦୋକାନ ଅର୍ଥାତ୍ ‘ଆସ୍କା ୪୦‘ ଖୋଲା ହୋଇଛି। କାଗଜରେ ସବୁ ନିୟମିତ, କିନ୍ତୁ ଜମିରେ ଚାଲିଛି ଖୁଲମ ଖୁଲ୍ଲା ଲୁଟ୍। ସ୍ଥାନୀୟଲୋକ କହିବା ଶହ ଅଭିଯୋଗ ଅନୁସାରେ ଏହି ସରକାରୀ ଦୋକାନରୁ ଦିନ ରାତି ସ୍କୁଟି ଯୋଗେ ଦେଶୀ ଓ ବିଦେଶୀ ମଦ ର ଚୋରା ଚାଲାଣ ହେଉଛି। ଆଉ ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଏହି ଚାଲାଣ ହେଉଛି ଅସ୍ତରଙ୍ଗ ଥାନା ସାମ୍ନା ଦେଇ। ଅସ୍ତରଙ୍ଗ ଥାନା ଠାରୁ ମାତ୍ର କିଛି ପାଦ ଦୂରରେ ମଦ ବୁହା ଯାଉଛି, କିନ୍ତୁ ପୋଲିସ ନିରବ। ମାସକୁ ଥରେ ନିମାପଡାରୁ ଅବକାରୀ ଟିମ୍ ଆସି କିଛି ଛୋଟ କୋଚିଆଙ୍କୁ ଧରି ଫଟୋ ଉଠାଇ ଚାଲିଯାଉଛି, ଆଉ ଅସ୍ତରଙ୍ଗ ଥାନା, କାକଟପୁର ଥାନା ଓ ନୂଆଗଡ଼ ସାମୁଦ୍ରିକ ଥାନା ଅବକାରୀ ମାମଲା ପାଇଁ ଲୋକଦେଖାଣିଆ ଚଢ଼ାଉ। ବଡ ବ୍ୟବସାୟୀଙ୍କୁ ଛୁଆଁ ହେଉନି। ଲୋକଙ୍କ କଥା ହେଲା, ‘ମୋଟା ଅଙ୍କର ଦେଣନେଣ ହେଉଥିବାରୁ ବଡ ମୁଣ୍ଡ ସୁରକ୍ଷିତ’। ଏହି ସୁଯୋଗର ଫାଇଦା ଉଠାଇ ଏବେ ଅସ୍ତରଙ୍ଗ ବ୍ଲକର ପ୍ରତି ଗ୍ରାମାଞ୍ଚଳ ପୁରା ବୁଡି ଯାଇଛି ଚୋରା ମଦ କାରବାର। ପାନ ଦୋକାନ, ଗ୍ରୋସରୀ ଦୋକାନରେ ହାତ ପାହାନ୍ତାରେ ଦେଶୀ ଓ ବିଦେଶୀ ମଦ ମିଳୁଛି। ସ୍କୁଲ କଲେଜ ପିଲାଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ନିଶାରେ ଆକ୍ରାନ୍ତ। ଘରେ ଘରେ ଝଗଡ଼ା, ମାରପିଟ୍ ନିତ୍ୟଦିନର ଘଟଣା ପାଲଟିଛି। ଗୋଟିଏ ବ୍ଲକରେ ୩ଟି ଥାନା ଥାଇ ବି ଯଦି ଥାନା ସାମ୍ନାରେ ମଦ ଚାଲାଣ ବନ୍ଦ ହୋଇପାରୁନି, ତେବେ ଏହି ଥାନା ଗୁଡିକର କାମ କ’ଣ? ସୁରକ୍ଷା ଦେବା ନା ମାଫିଆଙ୍କୁ ସୁରକ୍ଷା ଦେବା?

## ଆଉଟସୋର୍ସିଂ ସଂସ୍ଥା ଚୟନକୁ ନେଇ ଅନିୟମିତତା ଅଭିଯୋଗ



**ଢେଙ୍କାନାଳ,୨୩।୭ (ସଂଚାର ବ୍ୟୁରୋ):** ପୌରପାଳିକାରେ ଆଉଟସୋର୍ସିଂ ସଂସ୍ଥା ଚୟନ ଏବଂ ଚୁକ୍ତିର ଅବୈଧ ସମ୍ପ୍ରସାରଣକୁ ନେଇ ଗୁରୁତର ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ଏହି ପ୍ରସଙ୍ଗରେ ଉପନଗରପାଳ ଓ କିଛି କାଉନସିଲର ଏକଜୁଟ ହୋଇ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଦାବିପତ୍ରରେ ଅଭିଯୋଗ କରାଯାଇଛି ଯେ, ପୌରପାଳିକାରେ ଆଉଟସୋର୍ସିଂ ସଂସ୍ଥା ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରାଯାଇନଥିଲା। ସରକାରୀ ନିୟମାବଳୀ ଅନୁସାରେ ଟେଣ୍ଡର ପ୍ରକ୍ରିୟା ସଠିକ୍ ଭାବେ ପାଳନ କରାଯାଇନଥିବା ସହ ନିର୍ଦ୍ଦିଷ୍ଟ ସଂସ୍ଥାକୁ ସୁବିଧା ଦେବା ଉଦ୍ଦେଶ୍ୟରେ ଚୁକ୍ତିର ସମୟସୀମାକୁ ଅବୈଧ ଭାବେ ବୃଦ୍ଧି କରାଯାଇଥିବା ଦାବି କରାଯାଇଛି। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ଏପରି କାର୍ଯ୍ୟ ଦ୍ୱାରା ପୌରପାଳିକାର ଆର୍ଥିକ ସ୍ୱାର୍ଥ କ୍ଷତିଗ୍ରସ୍ତ ହେବା ସହ ସ୍ୱଚ୍ଛ ଓ ନିରପେକ୍ଷ ପ୍ରଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ସହ ଚୟନ ପ୍ରକ୍ରିୟାରେ ଆଇନ ଓ ସରକାରୀ ନିର୍ଦ୍ଦେଶାବଳୀର ଉଲ୍ଲଂଘନ ହୋଇଥିବା ମଧ୍ୟ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉପନଗରପାଳ ଓ କାଉନସିଲରମାନେ ଜିଲ୍ଲାପାଳଙ୍କୁ ସମ୍ପୂର୍ଣ୍ଣ ଘଟଣାର ନିରପେକ୍ଷ ତଦନ୍ତ କରିବା, ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବା ଏବଂ ଆବଶ୍ୟକ ହେଲେ ବିବାଦୀୟ ଚୁକ୍ତିକୁ ବାତିଲ କରି ପୁନର୍ବାର ସ୍ୱଚ୍ଛ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଆଉଟସୋର୍ସିଂ ସଂସ୍ଥା ଚୟନ କରିବାକୁ ଦାବି କରିଛନ୍ତି। ଏପଟେ ଏହି ଅଭିଯୋଗକୁ ନେଇ ପୌରପାଳିକାରେ ଚର୍ଚ୍ଚା ଜୋର ଧରିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଦାବିପତ୍ର ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ତଦନ୍ତ ପରେ ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ନିୟମାନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଶାସନିକ ସୂତ୍ରରୁ ସୂଚନା ମିଳିଛି।

## ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ




**ନୀଳଗିରି,୨୩।୭(ସଂଚାର ବ୍ୟୁରୋ):** ରକ୍ତଦାନ ମହତ୍ ଦାନ। ବର୍ତ୍ତମାନ ରୋଗୀଙ୍କ ଅନୁସାରେ ରକ୍ତ ସଂଗ୍ରହ ହାର କମିଯାଇଛି। ଯାହାଦ୍ୱାରା କି ରକ୍ତ ପାଇଁ ବହୁ ରୋଗୀ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଏହାକୁ ଲକ୍ଷ୍ୟ କରି ଓଡିଶା ରକ୍ତ କେନ୍ଦ୍ର ନୀଳଗିରି ଓ ରକ୍ତଦାତା ସଂଘ, ନୀଳଗିରି ମିଳିତ ଆନୁକୂଲ୍ୟରେ ରେ ବାହୁଡା ଯାତ୍ରାର ପ୍ରଥମ ରଥ ଟଣା ଦିନ ପଚିଶ ତାରିଖ ରେ, ଏକ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ ଓଡିଶା ରକ୍ତ କେନ୍ଦ୍ର, ନୀଳଗିରି ପରିସର ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତଦିନ ବାଲେଶ୍ୱର ରକ୍ତ କେନ୍ଦ୍ର ରୁ ଏକ ରକ୍ତ ସଂଗୃହୀତ ଗାଡି ଆସିବ। ଉକ୍ତ ଗାଡି ନୀଳଗିରି ମୁଖ୍ୟ ଡାକଘର ଆଗରେ ଦିବା ୯ ଘଟିକା ରୁ ରକ୍ତଦାନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଉକ୍ତ ଗାଡି ରେ ରକ୍ତଦାନ ପାଇଁ ସମସ୍ତ ପ୍ରକାର ସୁବିଧା ରହିଛି। ତେଣୁ ରକ୍ତଦାତା ସଂଘ ତରଫରୁ ରଥ ଯାତ୍ରା କୁ ଆସୁଥିବା ଭକ୍ତ ମାନଙ୍କୁ ଅନୁରୋଧ ବୁନ୍ଦାଏ ରକ୍ତଦାନ କରି ଗୋଟିଏ ଜୀବନ ରକ୍ଷା କରିବା ପାଇଁ ସହଯୋଗ କରିବେ। ଆଜି ଏହି ପ୍ରସ୍ତୁତି ବୈଠକରେ ରକ୍ତ କେନ୍ଦ୍ର ଅଧିକାରୀ ଡକ୍ଟର ମନୋଜ ବାରିକ, ଡକ୍ଟର ଶୁଭ୍ରାଂଶୁ ଶେଖର ପରିଡା, ଟେକ୍ନିସିଆନ୍ ରାଜେଶ ବେହେରା, ରକ୍ତଦାତା ସଂଘ ର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ତପସ୍ୱିନୀ ପଣ୍ଡା ପ୍ରଦୀପ ମିଶ୍ର ଙ୍କ ସମେତ ରକ୍ତଦାତା ସଂଘର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ରକ୍ତଦାନ ଶିବିର ସୁପରିଚାଳନା ପାଇଁ ପ୍ରସ୍ତାବ ଦେଇଥିଲେ।

## ଜୁଆ ଖେଳରେ ୧୧ ଗିରଫ



**ରାଇଘର,୨୩।୭(ସଂଚାର ବ୍ୟୁରୋ):** ରାଇଘର ବ୍ଲକରେ ଦିନକୁ ଦିନତ ଜୁଆ ଖେଳ ବୃଦ୍ଧି ପାଉଥିବା ନେଇ ସାଧାରଣରେ ଚିନ୍ତା ପ୍ରକାଶ ପାଉଥିବା ବେଳେ, ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ରାଇଘର ଓ କୁନ୍ଦେଇ ପୋଲିସର ମିଳିତ ଉଦ୍ୟମରେ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇଛି।ରାଇଘର ଓ କୁନ୍ଦେଇ ପୋଲିସର ମିଳିତ ଭାବେ ହାଟଭରଣ୍ଡି ଶିବ ମନ୍ଦିର ନିକଟରେ ଥିବା ଶ୍ରୀରାମ ସାହୁଙ୍କ ଘରେ ଜୁଆ ଖେଳ ଚାଲିଥିବା ବେଳେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ପୋଲିସ ୧୧ ଜଣଙ୍କୁ ଗିରଫକରିଛି।ପୋଲିସ ଚଢ଼ାଉ ସମୟରେ ନଗଦ ୬୯, ୬୧୦ ଟଙ୍କା, ୧୦୮ ଟି ପତା ବ୍ଲାଙ୍କ କାର୍ଡ, ୩ଟି ମୋଟରସାଇକେଲ ଓ ଗୋଟିଏ କାର ୧୧ ଟି ମୋବାଇଲ ଜବତ କରିଛି। ଏହି ଘଟଣାକୁ ନେଇ କେସ୍ ନମ୍ବର ୧୨୯/୨୩ ରୁଜୁ କରାଯାଇଥିବା ଜଣାପଡ଼ିଛି। ରାଇଘର ବ୍ଲକରେ ବଢ଼ୁଥିବା ଜୁଆ ଖେଳ ଉପରେ ରୋକ ଲଗାଇବା ପାଇଁ ପୋଲିସର ଏଭଳି ଅଭିଯାନକୁ ସାଧାରଣ ଲୋକେ ସ୍ୱାଗତ କରିଛନ୍ତି। ଆଗାମୀ ଦିନରେ ମଧ୍ୟ ଜୁଆ ଆଡ୍ଡା ବିରୋଧରେ ପୋଲିସର ଚଢ଼ାଉ ଜାରି ରହିବ ବୋଲି ଆଶା କରାଯାଉଛି।

## ୫୪ ଲିଟର ଦେଶୀ ମଦ ଜବତ, ଡ୍ରାଇଭର ଗିରଫ



**କାକଟପୁର/ଅସ୍ତରଙ୍ଗ,୨୩।୭ (ସଂଚାର ବ୍ୟୁରୋ):** ପୁଲିସ ଅବକାରୀ ଚଢ଼ାଉ ନାଁରେ ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ ଜାରି ରହିଥିବା ବେଳେ ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳରେ ଗୋଟିଏ ବଡ ଚାଲାଣ ଧରାପଡ଼ିଛି। ମାତ୍ର ପ୍ରଶ୍ନ ଉଠୁଛି, ଏହି ଗୋଟିଏ ଗିରଫରେ କ’ଣ କାକଟପୁର ଥାନା ଅଞ୍ଚଳରେ ମଦ ମାଫିଆର ଜାଲ୍ ଭାଙ୍ଗିବ? ଗତ ୨୨ତାରିଖ ସନ୍ଧ୍ୟା ୬ଘ ୩୦ମିନିଟ ସମୟରେ କାକଟପୁର ଥାନା ଏଏସଆଇ ଜୟନ୍ତୀ ସାହୁ ଓ ପୁଲିସ ଟିମ୍ ଜଗନ୍ନାଥପୁର ଛକରେ ଯାନବାହାନ ଯାଞ୍ଚ ସମୟରେ ଗୋଟିଏ ମାରୁତି ସୁଜୁକି ଡିଜାୟର କାର୍ ଓଆର ୦୨.ବିଏକ୍ସ .୦୯୮୯କୁ ଅଟକାଇଥିଲେ। ଗାଡିରୁ ଡ୍ରାଇଭର ଧୂମାଳ ଗ୍ରାମର ନରସିଂହ ଚରଣ ସାହୁ, ଠାରୁ ୧୮୦ଟି ବୋତଲରେ ୫୪ ଲିଟର ଦେଶୀ ମଦ ଜବତ କରାଯାଇଥିଲା। କୌଣସି ବୈଧ କାଗଜପତ୍ର ନଥିବାରୁ କାକଟପୁର ଥାନା କେସ୍ ନଂ- ୨୬୮/୨୬ ଓଡ଼ିଶା ଅବକାରୀ ଆଇନରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଛି।କିନ୍ତୁ ଏହା କ’ଣ ସମାଧାନ? କାକଟପୁର ଥାନା ଟି ଅସ୍ତରଙ୍ଗ ବ୍ଲକର କିଛି ପଞ୍ଚାୟତ ଓ କାକଟପୁର ବ୍ଲକର କିଛି ପଞ୍ଚାୟତ ଥାନା ରହିଥିବା ବେଳେ ଚୋରା ମଦ ସମ୍ପୂର୍ଣ୍ଣ କେବେ ବନ୍ଦ ହେବ। ନିମାପଡାରେ ଅବକାରୀ କାର୍ଯ୍ୟାଳୟ ଥାଇ ବି ଅସ୍ତରଙ୍ଗ, ନୟାହାଟ ଓ କାକଟପୁର ବଜାରରେ ସରକାରୀ ଦୋକାନରୁ ଦିନ ରାତି କାର ଓ ସ୍କୁଟିରେ ମଦ ଚାଲାଣ ହେଉଛି।

## ରାସ୍ତାରେ ବୁଲା ଗୋରୁଙ୍କ ଆତଙ୍କ: ବଢ଼ୁଛି ଦୁର୍ଘଟଣା, ସ୍ଥାୟୀ ସମାଧାନ ଦାବି

**ଝାରସୁଗୁଡ଼ା,୨୩।୭ (ସଂଚାର ବ୍ୟୁରୋ):** ଜିଲ୍ଲା ଓ ସହରାଂଚଳରେ ବୁଲା ଗାଈଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବଢ଼ୁଥିବାରୁ ସାଧାରଣ ଲୋକଙ୍କ ସୁରକ୍ଷା ଓ ଯାତାୟାତ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେଉଛି। କାର୍ଯ୍ୟକ୍ଷମ ଗୋଶାଳାର ଅଭାବ ଓ ଯଥାଯଥ ପରିଚାଳନା ନ ଥିବାରୁ ଗୋରୁମାନେ ମୁଖ୍ୟ ରାସ୍ତାକୁ ଚାଲିଆସୁଛନ୍ତି। ଫଳରେ ଦିନ ହେଉ କି ରାତି, ସହରର ବିଭିନ୍ନ ବ୍ୟସ୍ତବହୁଳ ରାସ୍ତାରେ ଗୋରୁଙ୍କ ଅବାଧ ବିଚରଣ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣାର ଆଶଙ୍କା ବଢ଼ିଚାଲିଛି। ସୂଚନାଯୋଗ୍ୟ, ପ୍ରାୟ ୧୫ ଦିନ ପୂର୍ବେ କୋଲାବିରା ମୁଖ୍ୟ ରାସ୍ତାରେ ଏକ ବୋଲେରୋ ଗାଡ଼ି ଧକ୍କାରେ ତିନିଟି ଗାଈଙ୍କ ମୃତ୍ୟୁ ଘଟିଥିବା ବେଳେ ଗାଡ଼ିରେ ଥିବା ଚାରିଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ବିଶେଷକରି ସନ୍ଧ୍ୟା ସମୟ ଓ ବର୍ଷା ଋତୁରେ ହଠାତ୍ ରାସ୍ତା ମଝିକୁ ଗୋରୁ ଚାଲିଆସିବା ଯୋଗୁଁ ପ୍ରାୟ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଅନ୍ୟପଟେ, ରାସ୍ତାକଡ଼ରେ ପଡ଼ିଥିବା ପ୍ଲାଷ୍ଟିକ୍ ଓ ଆବର୍ଜନା ଖାଇ ଏହି ମୂକ ପଶୁମାନେ ବିଭିନ୍ନ ରୋଗରେ ପୀଡ଼ିତ ହେଉଥିବାରୁ ପଶୁ କଲ୍ୟାଣକୁ ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ ଝାରସୁଗୁଡ଼ା ସିଡିଭିଓ ଦୟାସାଗର ଧୃରିଆଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ କୌଣସି ମତାମତ ଦେଇନଥିଲେ।

## ନିଟ ପରୀକ୍ଷାରେ ଗୌରବ ଆଣିଲେ ଆୟୁଷ




**ଯାଜପୁର ରୋଡ଼, ୨୩।୭(ସଂଚାର ବ୍ୟୁରୋ):** ଚଳିତ ବର୍ଷ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଯାଜପୁର ସ୍ଥିତ ଆକାଶ ଇନ୍‌ଷ୍ଟିଚୁଟର କୋଡିଏ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ତିନିଜଣ ସଫଳତା ଅର୍ଜନ କରିଥିବା ସହିତ ଆୟୁଷ ଆରୀୟାନ ୫୯୩ନମ୍ବର ରଖି ଟପର ହୋଇ ଅନୁଷ୍ଠାନ ପାଇଁ ଗର୍ବ ଓ ଗୌରବ ଆଣିଥିବା ଆକାଶ ଅନୁଷ୍ଠାନ ଡାଇରେକଟର ଅସିତ ବରଣ କହିଥିଲେ। ଏଥି ସହିତ ଚଳିତ ବର୍ଷ ଠାରୁ ଆକାଶ ଇନ୍‌ଷ୍ଟ୍ୟୁଟ ୧୦ ଜଣ ଗରିବ ମେଧାବୀ ଛାତ୍ର ଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଶିକ୍ଷାଦାନ କରି ଡାକ୍ତର ଓ ଇଂଜିନିୟର କରି ଗଢି ତୋଳିବାର ସ୍ୱପ୍ନ ରଖିଥିବା ନେଇ ଡାଇରେକଟର ତାପସ ନନ୍ଦ ସୂଚନା ଦେଇଥିଲେ। ଅଭିଜ୍ଞ ଫ୍ୟାକୁଲିଟିଙ୍କ ଦ୍ୱାରା ଉନ୍ନତ ମାନର ଶିକ୍ଷାଦାନ ଓ ପିଲାମାନଙ୍କର ଆକାଶ ଇନ୍‌ଷ୍ଟ୍ୟୁଟ ଉପରେ ଦୀର୍ଘ ଦିନ ଧରି ରହିଆସୁଥିବା ଭରସା ଡାଇରେକ୍ଟରଙ୍କ ଆଶୀର୍ବାଦ ଓ ପ୍ରେରଣା ଆଜି ତାହା ବାସ୍ତବରେ ପରିଣତ ହୋଇଥିବା ନେଇ ଆୟୁଷ କହିଥିଲେ। ଏଥିସହିତ ଏହି ଇନ୍‌ଷ୍ଟ୍ୟୁଟରେ ପାଠ ପଢ଼ୀ ଆଜି ଏତେ ବଡ଼ ସଫଳତା ହାସଲ କରିଥିବାରୁ ସେ ନିଜକୁ ଗୌରବ ଅନୁଭବ କରିଥିବା ନେଇ ଜଣାଇଥିଲେ।

## କଳକୀ ବେଶରେ ଚତୁର୍ଦ୍ଧାମୂର୍ତ୍ତି



**ନୀଳଗିରି, ୨୩।୭ (ସଂଚାର ବ୍ୟୁରୋ):** ତୃତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ୯ ଦିନିଆ ଘୋଷଯାତ୍ରାର ଆଜି ଥିଲା ଅଷ୍ଟମ ଦିନ ଏହି ଅବସରରେ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ବିଜେ ହୋଇଥିବା ଚତୁର୍ଦ୍ଧା ମୂର୍ତ୍ତି ଆଜି କଳକୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ସମସ୍ତ ନିତିକାନ୍ତି ସମାପନ ପରେ ସନ୍ଧ୍ୟା ୭ଘଟିକାରେ ଦ୍ୱାର ଫିଟାଯାଇଥିଲା। ଏହି ସମୟରେ ଝିପିଝିପି ବର୍ଷା ଲାଗି ରହିଥିଲେ ବି ଶହଶହ ଶ୍ରଦ୍ଧାଳୁ ପହଞ୍ଚି ମହାପ୍ରଭୁଙ୍କ ଏହି ଦେବଦୁର୍ଲଭ ବେଶ ଦର୍ଶନ କରିଥିଲେ।ଝିପି ଝିପି ବର୍ଷାକୁ ଖାତିର ନକରି ଶ୍ରଦ୍ଧାଳୁଙ୍କ ଭିଡ଼. ରୁ ବେଶ ଜାଣୀହେଉଥିଲା ।

## କ୍ଷେତ୍ରସ୍ତରୀୟ ଉନ୍ନୟନ କମିଟିର ସମୀକ୍ଷା ବୈଠକ



**ସୁନ୍ଦରଗଡ଼, ୨୩।୭ (ସଂଚାର ବ୍ୟୁରୋ):** ଗୁରୁବାର ଦିନ ସବଡେଗା ପଞ୍ଚାୟତ ସମିତି ପରିସରରେ ଜିଲ୍ଲା ପ୍ରଶାସନ ତରଫରୁ ତଳସରା ବିଧାନସଭା କ୍ଷେତ୍ର ସ୍ତରୀୟ ଉନ୍ନୟନ କମିଟିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ତଳସରା ବିଧାନସଭା କ୍ଷେତ୍ରର ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ସଭାପତିତ୍ୱରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ଉପ-ଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ ଉପସ୍ଥିତ ଥିଲେ। ଏହି ସମୀକ୍ଷା ବୈଠକରେ ତଳସରା ବିଧାନସଭା କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଅଧିକାରୀ, ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନେ ଅଂଶ ଗ୍ରହଣ କରିଥିଲେ। ପ୍ରମୁଖ ବିଭାଗ ମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସାଧାରଣ ବଣ୍ଟନ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମାନଙ୍କର ଜିଲ୍ଲା ସ୍ତରରେ ପ୍ରାପ୍ତ ହୋଇଥିବା ବାର୍ଷିକ ଅନୁଦାନ ଏବଂ କାର୍ଯ୍ୟକାରିତା ତଥା ଆଗାମୀ ଆର୍ଥିକ ବର୍ଷର ଯୋଜନାର ରୂପରେଖ ଉପରେ ବିଧାୟକ ଶ୍ରୀ ଭୋଇ ବିସ୍ତୃତ ଭାବରେ ସମୀକ୍ଷା କରିବା ସହିତ ଜିଲ୍ଲାରେ ସୁଶାସନ ଓ ସାଧାରଣ ଅଭିଯୋଗର ତ୍ୱରିତ ଶୁଣାଣି ଉପରେ ଜିଲ୍ଲା ପ୍ରଶାସନକୁ କହିଥିଲେ। ଶ୍ରୀ ସାହୁ ନିଜର ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ ଚାରି ଗୋଟି ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ନିଜ ନିଜ ସ୍ତରରେ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଆହ୍ୱାନ ଦେଇଥିଲେ। ଉପ-ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳ ମଧ୍ୟ ଆଲୋଚନାରେ ଭାଗ ନେଇ ବିଭାଗୀୟ ଅଧିକାରୀ ମାନଙ୍କୁ ଅଧିକ ଜନକେନ୍ଦ୍ରିକ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଶ୍ରୀଯୁକ୍ତ ଭୋଇ ନିଜର ବକ୍ତବ୍ୟ ମାଧ୍ୟମରେ ପ୍ରଶାସନ କିପରି ତୃଣମୂଳ ସ୍ତରରେ ଥିବା ସାଧାରଣ ଜନତାଙ୍କ ନିକଟରେ ସହଜରେ ପହଞ୍ଚି ପାରିବ, ବିଭିନ୍ନ ସରକାରୀ ଯୋଜନା କିପରି ଉପଯୁକ୍ତ ହିତାଧିକାରୀଙ୍କୁ ସହଜରେ ଉପଲବ୍ଧ ହେବା ସହିତ କୌଣସି ବି ସମ୍ଭାବ୍ୟ ହିତାଧିକାରୀ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ କହିଥିଲେ।

## ଡାକ୍ତରଙ୍କ ଘରେ ଡକାୟତି କରିଥିବା ୨ ମହିଳା ସହଯୋଗୀ ଗିରଫ

**ଧର୍ମଗଡ଼,୨୩।୭(ସଂଚାର ବ୍ୟୁରୋ):** ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ପରିସରରେ ଥିବା ସରକାରୀ ବାସଭବନରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଅଜିତ ଦାସଙ୍କ ଘରେ ଘଟିଥିବା ବହୁଚର୍ଚ୍ଚିତ ଡକାୟତି ଘଟଣାର ତଦନ୍ତରେ ଧର୍ମଗଡ଼ ପୁଲିସକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଦୁଇଜଣ ମହିଳା ସହଯୋଗୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇ ଥିବାବେଳେ, ମୁଖ୍ୟ ଡକାୟତମାନଙ୍କ ସମ୍ପର୍କରେ ପୁଲିସକୁ ନିର୍ଭର ଯୋଗ୍ୟ ସୁରାକ୍ ମିଳିଥିବା ସୂଚନା ମିଳିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ଗିରଫ ହୋଇଥିବା ଦୁଇ ମହିଳା ହେଲେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ଭୁବନେଶ୍ୱରୀ ହରିଜନ (୧୯) ଏବଂ କୁମାରୀ ହରିଜନ (୨୦)। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଡକାୟତି ପରେ ଲୁଟ୍ ହୋଇଥିବା ସୁନା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀର ବିକ୍ରି ଏବଂ ବଣ୍ଟନ ପ୍ରକ୍ରିୟାରେ ସେମାନେ ସକ୍ରିୟ ଭାବେ ସହଯୋଗ କରୁଥିଲେ। ତଦନ୍ତ ସମୟରେ ମିଳିଥିବା ପ୍ରମାଣ ଆଧାରରେ ଧର୍ମଗଡ଼ ଥାନା ଅଧିକାରୀ ସୁଜ୍ଞାନ ବାରିକଙ୍କ ନେତୃତ୍ୱରେ ଗଠିତ ପୁଲିସ ଦଳ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଥିଲା। ତେବେ ଚଢ଼ାଉର ପୂର୍ବରୁ ସୁରାକ୍ ପାଇ ମୁଖ୍ୟ ଡକାୟତ ମାନେ ଫେରାର ହୋଇ ଯାଇ ଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୧୧ ତାରିଖ ବିଳମ୍ବିତ ରାତିରେ ଚାରି ଜଣ ସଶସ୍ତ୍ର ଦୁର୍ବୃତ୍ତ ଡାକ୍ତର ଅଜିତ ଦାସ ଙ୍କ ସରକାରୀ ବାସ ଭବନରେ ପଶି ତାଙ୍କର ହାତ, ଗୋଡ଼ ଓ ମୁହଁ ବାନ୍ଧି ଦୁଇଟି ସୁନା ଚେନ୍, ଦୁଇଟି ସୁନା ମୁଦି ସହ ପ୍ରାୟ ୮୦ ହଜାର ଟଙ୍କା ଲୁଟି ନେଇଥିଲେ। ଘଟଣାଟି ଅଞ୍ଚଳରେ ଭୟ ଓ ଚାଞ୍ଚଲ୍ୟ ସୃଷ୍ଟି କରିବା ସହିତ ପୁଲିସର କାର୍ଯ୍ୟ ଦକ୍ଷତା କୁ ନେଇ ମଧ୍ୟ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା।ଘଟଣାକୁ ଗୁରୁତ୍ୱ ଦେଇ ଧର୍ମଗଡ଼ ପୁଲିସ ତଦନ୍ତ କୁ ତ୍ୱରାନ୍ୱିତ କରିଥିଲା। ଅଳ୍ପ ସମୟ ମଧ୍ୟରେ ଦୁଇ ମହିଳା ସହଯୋଗୀଙ୍କୁ ଗିରଫ କରିବାକୁ ମାମଲାର ଏକ ବଡ଼ ସଫଳତା ବୋଲି ପୁଲିସ ମନେ କରୁଛି।

## ଲିଙ୍ଗରାଜଙ୍କୁ ବୃତ୍ତିଗତ ଓ ଯୁବ ବ୍ୟାପାର ସଂଯୋଜକ ଦାୟିତ୍ୱ

**ଛତ୍ରପୁର,୨୩।୭(ସଂଚାର ବ୍ୟୁରୋ):** ଭାରତୀୟ ଜନତା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ଗଞ୍ଜାମ ଜିଲ୍ଲା ସଭାପତି ଶ୍ରୀ ସରୋଜ ସାବତଙ୍କ ଅନୁମୋଦନ କ୍ରମେ ଗଞ୍ଜାମ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶ୍ରୀ ବି. ସୋମନାଥ ପାତ୍ର ନୂତନ ବିଜେପି ଯୁବମୋର୍ଚ୍ଚା ଟିମ୍‌ର ନାମ ଘୋଷଣା କରିଛନ୍ତି। ଏହି ନୂତନ କର୍ମକର୍ତ୍ତା ତାଲିକାରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଞ୍ଜାମ ବ୍ଲକ୍‌ର ପ୍ରଭାବଶାଳୀ ଯୁବନେତା ଲିଙ୍ଗରାଜ ମହାପାତ୍ରଙ୍କୁ ’ବୃତ୍ତିଗତ ଓ ଯୁବ ବ୍ୟାପାର ସଂଯୋଜକ’ ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରକାଶଯୋଗ୍ୟ ଯେ, ଲିଙ୍ଗରାଜ ମହାପାତ୍ର ପୂର୍ବରୁ ଛାତ୍ର ବିଜେଡିରେ ରହି ଜିଲ୍ଲାର ବିଭିନ୍ନ ପ୍ରମୁଖ ପଦପଦବୀ ସମ୍ଭାଳିବା ସହ ସଂଗଠନକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଅଞ୍ଚଳରେ ଜଣେ ସୁସଂଗଠକ, ସମାଜସେବୀ ଏବଂ ଲୋକପ୍ରିୟ ଯୁବନେତା ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ତାଙ୍କର ଏହି ଦକ୍ଷତା ଓ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଦଳ ତାଙ୍କୁ ଏହି ନୂତନ ଜିଲ୍ଲାସ୍ତରୀୟ ଦାୟିତ୍ୱ ଅର୍ପଣ କରିଛି। ଲିଙ୍ଗରାଜଙ୍କ ଦାୟିତ୍ୱ ପରେ ଅଞ୍ଚଳର ଯୁବବର୍ଗ ଓ କର୍ମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଥିବା ବେଳେ ବିଭିନ୍ନ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ମୁଖ୍ୟ ରାସ୍ତା ବେହାଲ: ପୁନଃନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

**ଝାରସୁଗୁଡ଼ା, ୨୩।୭ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲ୍ଲାର କିର୍ମିରା ବ୍ଲକ ଅନ୍ତର୍ଗତ ବାଗଡ଼ିହି ଗ୍ରାମର ମୁଖ୍ୟ ରାସ୍ତାର ଅବସ୍ଥା ଦିନକୁ ଦିନ ବେହାଲ ହୋଇପଡ଼ିଛି। ଦୀର୍ଘଦିନ ଧରି ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାର ପିଚୁ ଉଠିଯାଇ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ସାଧାରଣ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେଉଛି। ବିଶେଷକରି ବର୍ଷା ଦିନରେ ଖାଲଖମାରେ ପାଣି ଜମି ରହୁଥିବାରୁ ଦୁର୍ଘଟଣାର ଆଶଙ୍କା ବଢ଼ିଯାଇଛି। ସ୍କୁଲ୍ ରୁ ଯାଉଥିବା ଛାତ୍ରଛାତ୍ରୀ, ରୋଗୀଙ୍କୁ ହସ୍ପିଟାଲ ନେବା ଆଣିବା ସହ ସାଧାରଣ ଲୋକଙ୍କ ଦୈନନ୍ଦିନ ଯାତାୟାତରେ ନାନା ସମସ୍ୟା ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ସ୍ଥାୟୀ ମରାମତି ଏବଂ ଶୀଘ୍ର ପୁନଃନିର୍ମାଣ ପାଇଁ ବାଗଡ଼ିହି ଗ୍ରାମର ଗଙ୍ଗାଧର ରଥ, କୁନା ସେଟ୍, ମଳୟ ସାହୁଙ୍କ ସମେତ ବହୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି ଉଠାଇଛନ୍ତି। ଲୋକଙ୍କ ଦୈନନ୍ଦିନ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଅତିଶୀଘ୍ର ରାସ୍ତା କାମ ଆରମ୍ଭ କରିବାକୁ ସେମାନେ ଅନୁରୋଧ କରିଛନ୍ତି।

## ଆଇନ ଓ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ଆଇନ ସଚେତନତା ଶିବିର




**ସୁବର୍ଣ୍ଣପୁର, ୨୩।୭ (ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ଙ୍କ ଆଦେଶ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର ର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଶ୍ରୀ ଗିରିଜା ପ୍ରସାଦ ମହାପାତ୍ର ଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ହରଡ଼ଖୋଲ ଉଚ୍ଚ ବିଦ୍ୟାଳୟ ଠାରେ “କିଶୋର ନ୍ୟାୟ (ଯତ୍ନ ଏବଂ ସୁରକ୍ଷା) ଆଇନ ଏବଂ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ଆଇନ ” ବିଷୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିର ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଦେବାଶିଷ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଲକ୍ଷ୍ୟ ଏବଂ ଉଦେଶ୍ୟ ଏବଂ କିଶୋର ନ୍ୟାୟ (ଯତ୍ନ ଏବଂ ସୁରକ୍ଷା) ଆଇନ ଉପରେ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଦର ଉପ ଆରକ୍ଷୀ ଅଧିକ୍ଷକ ରେଣୁକା ସୁନା ଯୋଗ ଦେଇ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ଆଇନ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ ଓ ଶିଶୁ କଲ୍ୟାଣ ସମିତି, ସୁବର୍ଣ୍ଣପୁର ର ଅଧ୍ୟକ୍ଷ ଲିନା ବାବୁ ଏବଂ ଶିଶୁ କଲ୍ୟାଣ ସମିତି, ସୁବର୍ଣ୍ଣପୁର ର ସଦସ୍ୟ ରଂଜିତା ସାହୁ ଯୋଗ ଦେଇ କିଶୋର ନ୍ୟାୟ (ଯତ୍ନ ଏବଂ ସୁରକ୍ଷା) ଆଇନ ଏବଂ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ଆଇନ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ ଓ ସଭା ପ୍ରାରମ୍ଭରେ ହରଡ଼ଖୋଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରମେଶ କୁମାର ଦାସ ସମସ୍ତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ସଭା ଶେଷରେ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ସିଦ୍ଧାନ୍ତ କୁମାର ବାଘ, ବେଣୁଧର ମଲ୍ଲିକ ଏବଂ ରଞ୍ଜନ କୁମାର ଭୋଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## କୁଜଙ୍ଗ ଅଗ୍ନିଶମ ସେବା କେନ୍ଦ୍ରରେ ତ୍ରିନାଥ ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ପାଳିତ

**ପାରାଦ୍ୱୀପ,୨୩।୭(ସଂଚାର ବ୍ୟୁରୋ):** କୁଜଙ୍ଗ ଅଗ୍ନିଶମ ଓ ଜରୁରୀ କାଳୀନ ସେବା କେନ୍ଦ୍ର ରେ ଶ୍ରୀ ଶ୍ରୀ ତ୍ରିନାଥ ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ଭକ୍ତି ଓ ଶ୍ରଦ୍ଧାର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ଷ୍ଟେସନ ଅଫିସର ଶ୍ରୀ ବିଶ୍ୱଜିତ ରାଉତ, ମୁଖ୍ୟ ଆଗ୍ନିକ ଶ୍ରୀ ଦାରିଦ୍ର ଭଞ୍ଜନ ପରିଡା, ମଣ୍ଟୁ ମଲିକ, ରବୀନ୍ଦ୍ର କୁମାର ନାୟକ, ଶିବ ପ୍ରସାଦ ଭୋଳ, ବାବାଜୀ ଚରଣ ରାଉତ ଏବଂ ସ୍ମୃତି ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ପୂଜା ପରେ ସମସ୍ତ ଭକ୍ତମାନେ ଏକାଠି ବସି ପ୍ରସାଦ ସେବନ କରିଥିଲେ। ଅଞ୍ଚଳର ସୁରକ୍ଷା ଓ ଶାନ୍ତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥଲା।

### ବେତନଟୀରେ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା

## ସ୍ଥାୟୀ ସମାଧାନ ନହେବାରୁ ବଢୁଛି ଜନଅସନ୍ତୋଷ



**ବେତନଟୀ,୨୩।୭:(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକର ହେଡକ୍ୱାର୍ଟର ବେତନଟୀ ବଜାର ସମେତ ବାହାନାଡ଼ା ଗ୍ରାମାଞ୍ଚଳରେ ଦୀର୍ଘ ଦିନ ହେବ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ରଥଯାତ୍ରା ଓ ପରବର୍ତ୍ତୀ ସମୟରେ ବେତନଟୀ ହାଟ ଛକ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଗଢ଼ିଉଠିଥିବା ଅସ୍ଥାୟୀ ମାଉସୀ ମା’ ମନ୍ଦିରକୁ ଜଗତର ନାଥ ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ରାସ୍ତା ଉପରେ ଭସୁଥିବା ନର୍ଦ୍ଦମା ପାଣିରେ ଚାଲିଚାଲି ଯିବାକୁ ବାଧ୍ୟ ହେଉଛନ୍ତି। ଦୀର୍ଘବର୍ଷର ଅବହେଳା, ପ୍ରଶାସନିକ ସ୍ଥାଣୁତା ଏବଂ ସଫେଇ କାର୍ଯ୍ୟରେ ଅନିୟମିତତା ଯୋଗୁଁ ସମଗ୍ର ଅଞ୍ଚଳରେ ନାହିଁ ନଥିବା ସମସ୍ୟା ସୃଷ୍ଟି ହୋଇଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ପ୍ରାୟ ୨୫ ରୁ ୩୦ ବର୍ଷ ପୂର୍ବେ ବେତନଟୀ ବଜାର ଓ ସଂଲଗ୍ନ ଗ୍ରାମ୍ୟ ଅଞ୍ଚଳରେ ଜଳ ନିଷ୍କାସନ ପାଇଁ ଡ୍ରେନ୍‌ଗୁଡ଼ିକ ନିର୍ମାଣ କରାଯାଇଥିଲା। ତେବେ ଦୀର୍ଘ ବର୍ଷ ଧରି କୌଣସି ପୁନରୁଦ୍ଧାର କିମ୍ବା ରକ୍ଷଣାବେକ୍ଷଣ କରାଯାଇ ନଥିବାରୁ କେତେକ ସ୍ଥାନରେ ଡ୍ରେନ୍ ଭାଙ୍ଗିରୁଜି ଯାଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ମାଟି ଓ ଆବର୍ଜନା ଜମି ସମ୍ପୂର୍ଣ୍ଣ ପୋତି ହୋଇଯାଇଛି। ନିକଟ ଅତୀତରେ ବେତନଟୀ-ବଡ଼ସାହି ପୂର୍ତ୍ତ ବିଭାଗ ରାସ୍ତା ସହ ବିଭିନ୍ନ ଗ୍ରାମ୍ୟ ରାସ୍ତାର ଉଚ୍ଚତା ବୃଦ୍ଧି କରାଯାଇଥିଲେ ହେଁ, ନିର୍ମାଣକାରୀ ସଂସ୍ଥା ଡ୍ରେନ୍‌ଗୁଡ଼ିକର ମରାମତି ପ୍ରତି ଦୃଷ୍ଟି ଦେଇନଥିଲେ। ଏହାସହ ନିୟମିତ ସଫେଇ ଓ ସଚେତନତା ଅଭାବରୁ ଲୋକମାନେ ଆବର୍ଜନା ପକାଇବାରୁ ସ୍ଥିତି ଆହୁରି ଜଟିଳ ହୋଇଛି। ଅନ୍ୟପଟେ, ରାଜ୍ୟରେ ନୂତନ ସରକାର ଗଠନ ପରେ ତୃଣମୂଳ ସ୍ତରରେ ରାଜନୈତିକ ଏବଂ ପ୍ରଶାସନିକ ସମନ୍ୱୟର ଅଭାବ ଦେଖାଦେଇଥିବା ଅଭିଯୋଗ ହେଉଛି। ପଞ୍ଚାୟତ ପ୍ରତିନିଧି ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ଟାଣଓଟୋରା ଯୋଗୁଁ ଡ୍ରେନ୍ ସଫେଇ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।

SANCHAR
ସଂଚାର
ଶୁକ୍ରବାର ୨୪ ଜୁଲାଇ ୨୦୨୬
ସ୍ୱାସ୍ଥ୍ୟ




# ଯୋଗାସନ କଲେ ରକ୍ତ ସଞ୍ଚାଳନ ଠିକ୍‌ରେ ହୁଏ



**ଶୀତ ଋତୁରେ ଶାରୀରିକ କାର୍ଯ୍ୟକଳାପ ହ୍ରାସ ପାଏ। ଆମେ ଅଧିକାଂଶ ସମୟ ବସି କିମ୍ବା କମ୍ବଳ ତଳେ ଶୋଇ ରହିଥାଉ। ଏହା ରକ୍ତ ସଞ୍ଚାଳନକୁ ଧୀର କରିଦିଏ। ଏହା ବ୍ୟତୀତ, ଥଣ୍ଡା ପାଗ ରକ୍ତବାହୀ ନଳୀଗୁଡ଼ିକୁ ସଙ୍କୁଚିତ କରିଦିଏ, ଯାହା ରକ୍ତ ସଞ୍ଚାଳନକୁ ଆହୁରି ମନ୍ଥର କରିଦିଏ। କିନ୍ତୁ ପ୍ରତିଦିନ କିଛି ସରଳ ଯୋଗ ଆସନ ଅଭ୍ୟାସ କରି, ରକ୍ତ ସଞ୍ଚାଳନକୁ ପୁଣି ଉନ୍ନତ କରାଯାଇପାରିବ।**

**ତାଡାସନଃ** ଏହା ଏକ ଅତି ସରଳ ଯୋଗ ଆସନ ଯାହା ସାରା ଶରୀରରେ ରକ୍ତ ସଞ୍ଚାଳନକୁ ବୃଦ୍ଧି କରେ। ଏହା ଶରୀରର ପୋଷ୍ଚରରେ ମଧ୍ୟ ଉନ୍ନତି ଆଣିଥାଏ।

**ଶ୍ୱାନ ଆସନଃ** ଏହି ଆସନ ଶୀତକାଳୀନ ବିରୋଧାଭାସ ଭାବରେ ବିବେଚନା କରାଯାଏ। କାରଣ ଏହା ମୁଣ୍ଡ ଏବଂ ହୃଦୟକୁ ସୁସ୍ଥ ରଖେ। ଏହା ମୁଣ୍ଡର ରକ୍ତ ପ୍ରବାହ ବୃଦ୍ଧି କରେ ଏବଂ ଶୀତକାଳୀନ ଆଳସ୍ୟରୁ ମୁକ୍ତି ଦିଏ।

**ଭୁଜଙ୍ଗାସନଃ** ଛାତି ଏବଂ ଫୁସଫୁସ ଖୋଲିବା ପାଇଁ ଏହା ଏକ ଉତ୍କୃଷ୍ଟ ଆସନ। ଏହା ମେରୁଦଣ୍ଡକୁ ନମନୀୟ କରିଥାଏ ଏବଂ ଶ୍ୱାସକ୍ରିୟା ପ୍ରଣାଳୀକୁ ଶକ୍ତିଶାଳୀ କରିଥାଏ, ରକ୍ତରେ ଅମ୍ଳଜାନ ବୃଦ୍ଧି କରିଥାଏ।

**ବୀରଭଦ୍ରାସନଃ** ଏହି ଆସନ ଶରୀରରେ ଉଷ୍ମତା ସୃଷ୍ଟି କରେ, ଯାହା ଶୀତଦିନେ ଅତ୍ୟନ୍ତ ଜରୁରୀ। ଏହା ଗୋଡ଼ ଏବଂ ବାହୁର ମାଂସପେଶୀକୁ ସକ୍ରିୟ କରିଥାଏ ଏବଂ ହୃଦସ୍ପନ୍ଦନକୁ ସାମାନ୍ୟ ବୃଦ୍ଧି କରିଥାଏ, ଯାହା ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ।

**ସର୍ବାଙ୍ଗାସନଃ** ଏହି ଆସନ ସମଗ୍ର ଶରୀରର ସିଷ୍ଟମକୁ ପୁନଃସ୍ଥାପିତ କରେ। ଏହା ଗୁରୁତ୍ୱାକର୍ଷଣ ବିରୁଦ୍ଧରେ ଗୋଡରୁ ହୃଦୟ ଏବଂ ମସ୍ତିଷ୍କକୁ ରକ୍ତ ପଠାଏ, ରକ୍ତ ସଞ୍ଚାଳନ ଉନ୍ନତ କରେ ଏବଂ ଚର୍ମରେ ଚମକ ଆଣିଥାଏ।

# କୋଲେଷ୍ଟ୍ରୋଲ ପାଇଁ ଅଣ୍ଡା ଖାଇବା ମନା



କଥାରେ ଅଛି ‘ସନଣ୍ଡେ ହୋ ୟା ମନଣ୍ଡେ ରୋଜ୍ ଖାଓ ଅଣ୍ଡେ। କାରଣ ଅଣ୍ଡାକୁ ପ୍ରାୟ ଛୋଟ ଛୁଆଠାରୁ ଆରମ୍ଭ କରି ବଡ଼ ଲୋକମାନେ ମଧ୍ୟ ଖାଇବାକୁ ବହୁତ ପସନ୍ଦ କରିଥାନ୍ତି। ଏଥିସହ ହେଲଥ ଏକ୍ସପର୍ଟମାନେ ବି ଏହାକୁ ପ୍ରତିଦିନ ଖାଇବାକୁ ପରାମର୍ଶ ଦେଇଥାନ୍ତି। ଅଣ୍ଡା ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ। ଏଥିରେ ପ୍ରୋଟିନ୍, କ୍ୟାଲସିୟମ୍, ଫୋଲିକ୍ ଏସିଡ୍, ଆମିନୋ ଏସିଡ୍ ଏବଂ ଫସଫରସ୍ ଇତ୍ୟାଦି ପ୍ରଚୁର ପରିମାଣରେ ମିଳିଥାଏ, ଯାହା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ। ଅଣ୍ଡା ଖାଇବା ଦ୍ୱାରା ହାଡ ମଜବୁତ ହେବା ସହିତ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢିଥାଏ। ଯେଉଁମାନେ ସୁସ୍ଥ ଏବଂ ପ୍ରୋଟିନ୍ ଆବଶ୍ୟକ କରନ୍ତି ସେମାନଙ୍କ ପାଇଁ ଏହା ଖୁବ୍ ଲାଭଦାୟକ ହୋଇଥାଏ। କିନ୍ତୁ କଥାରେ ଅଛି ଅତି ଲେମ୍ବୁ ଚିପୁଡ଼ିଲେ ପିତା। ଠିକ ସେହି ପରି ଅଧିକ ଅଣ୍ଡା ଖାଇବାକୁ ମଧ୍ୟ ବାରଣ କରାଯାଇଛି। ଅଧିକ ଅଣ୍ଡା ଖାଇବା ଦ୍ୱାରା ବ୍ଲଡ ସୁଗାର ଲେବଲ ବଢ଼ାଇବା ସହିତ କ୍ୟାନ୍ସରର ସମ୍ଭାବନା ଥାଏ। ବାସ୍ତବରେ ଅଧିକ ଅଣ୍ଡା ଖାଇବା ଦ୍ୱାରା କଣ ହୁଏ ଆସନ୍ତୁ ଜାଣିବା।

କେଉଁମାନେ ଖାଇବେନି ଅଣ୍ଡାଃ ଅଣ୍ଡା ଖାଇଲେ କ୍ୟାନ୍ସର ହେବାର ସମ୍ଭାବନା ଥାଏ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଏବେ ଯାଏ ଏହାକୁ ନେଇ ସଠିକ ରିପୋର୍ଟ ସାମ୍ନାକୁ ଆସିନାହିଁ। ସେହି ଲୋକ ଅଣ୍ଡାର ଅତ୍ୟଧିକ ବ୍ୟବହାରରୁ ଦୂରେଇ ରହିବା ଉଚିତ୍, ଯେଉଁମାନଙ୍କର କିଡନୀ ସମସ୍ୟା ଥାଏ। ହାଇ କୋଲେଷ୍ଟ୍ରୋଲ ହାର୍ଟ ଆଟାକର ଗୋଟେ କାରଣ ବୋଲି କୁହାଯାଏ। ଅଣ୍ଡାରେ ଥିବା ପ୍ରୋଟିନ, ଫ୍ୟାଟ ଇତ୍ୟାଦି କୋଲେଷ୍ଟ୍ରୋଲକୁ ବଢ଼ାଇଥାଏ। ଯାହା ହାର୍ଟ ପାଇଁ କ୍ଷତିକାରକ ହୋଇଥାଏ। ତେଣୁ ଅଧିକା ଅଣ୍ଡା ଖାଇଲେ ଏହି ସମସ୍ୟା ସୃଷ୍ଟି ହୋଇପାରେ। ଡାଇବେଟିସ ରୋଗୀ ଅଣ୍ଡା ଖାଇବେ ନା ନାହିଁ। ଏହାକୁ ନେଇ ଅନେକ ଚର୍ଚ୍ଚା ହୁଏ। କିଛି ଡାକ୍ତର ଅଣ୍ଡା ନ ଖାଇବାକୁ କହିଥାନ୍ତି। କିନ୍ତୁ ଅଣ୍ଡା ଅଧିକ ଖାଇବା ଠିକ୍ ନୁହେଁ। ଯଦି ଆପଣ ଅଣ୍ଡା ଖାଇବାକୁ ଚାହୁଁଛନ୍ତି, ତେବେ ଥରେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ପରେ ହିଁ ଏହାକୁ ଖାଆନ୍ତୁ। କେହି କେହି କୁହନ୍ତି ଅଣ୍ଡା ଖାଇବା ଦ୍ୱାରା ମୋଟାପଣ ବଢ଼େ। କିନ୍ତୁ ଏହା ଭୁଲ। ଅଣ୍ଡାର କେସର ନ ଖାଇ ଧଳା ଅଂଶ ଖାଇଲେ ଦେହ ପାଇଁ ଭଲ ହୋଇଥାଏ। ଏହା ଖାଇବା ଦ୍ୱାରା ଅଧିକ ସମୟ ଯାଏ ପେଟ ଭର୍ତ୍ତି ହୋଇ ରହେ ଏବଂ ଭୋକ କମ୍ ହୁଏ।

ଏଥିସହ ଜାଣିରଖନ୍ତୁ ଯେ, ଅଣ୍ଡାର ପ୍ରକୃତି ଗରମ। ଯଦି ଆପଣଙ୍କର ଡାଇରିଆ ସମସ୍ୟା ଅଛି, ତେବେ ଭୁଲରେ ମଧ୍ୟ ଅଣ୍ଡା ଖାଆନ୍ତୁ ନାହିଁ। କାରଣ ଅଣ୍ଡା ଖାଇବା ଦ୍ୱାରା ପେଟ ଖରାପ ହୋଇପାରେ। ଅଣ୍ଡାର ଅତ୍ୟଧିକ ବ୍ୟବହାର ହେତୁ ଶରୀରର କୋଲେଷ୍ଟ୍ରଲ ସ୍ତର ବଢ଼ିଥାଏ। ତେଣୁ ଯେଉଁମାନଙ୍କର କୋଲେଷ୍ଟ୍ରଲ ସ୍ତର ଅଧିକ, ସେମାନେ ଏହାର ବ୍ୟବହାରରୁ ଦୂରେଇ ରହିବା ଉଚିତ୍। ବିଶେଷକରି ଅଣ୍ଡାର ହଳଦିଆ ଅଂଶ। ଯଦି ଆପଣ ଏହାକୁ ସେବନ କରନ୍ତି, ତେବେ ଏହା କୋଲେଷ୍ଟ୍ରଲର ସମସ୍ୟାକୁ ଆହୁରି ବଢ଼ାଇପାରେ। ଯଦି ଆପଣଙ୍କର ପାକସ୍ଥଳୀ ସମ୍ବନ୍ଧୀୟ ସମସ୍ୟା ଯେପରିକି ହଜମ, କୋଷ୍ଠକାଠିନ୍ୟ ଇତ୍ୟାଦି ଭଳି ଅସୁବିଧା ରହିଛି ତେବେ ଅଣ୍ଡା ଖାଇବାରୁ ଦୂରେଇ ରୁହନ୍ତୁ। ଏଥିସହ ଯଦି ଆପଣମାନଙ୍କର ଏହି ସମସ୍ୟା ହେଉଛି, ତେବେ ଅଣ୍ଡାରୁ ଦୂରେଇ ରୁହନ୍ତୁ।

# ଟିକେ କଥାରେ ରାଗିଯାଉଛନ୍ତି କି ?

ଯଦି ଆପଣ ଛୋଟ ଛୋଟ କଥାରେ ରାଗିଯାଉଛନ୍ତି, ତେବେ ହୋଇଯାଆନ୍ତୁ ସାବଧାନ, ନଚେତ୍ ଭୋଗିପାରନ୍ତି ଅନେକ ସମସ୍ୟା। ଯାହା ଆପଣ କେବେ ଭାବି ବି ନଥିବେ। ଏକ ଗବେଷଣାରୁ ଜଣାପଡିଛି ଯେ ମାତ୍ର ଆଠ ମିନିଟ୍ ତୀବ୍ର କ୍ରୋଧ ଶରୀରର ରକ୍ତବାହୀ ନଳୀକୁ ପ୍ରଭାବିତ କରିପାରେ। ବୈଜ୍ଞାନିକଙ୍କ ଅନୁଯାୟୀ, ଏହି ଅଳ୍ପ ସମୟର କ୍ରୋଧ ପରେ ରକ୍ତବାହୀ ନଳୀଗୁଡ଼ିକର ବିସ୍ତାର କ୍ଷମତା ପ୍ରାୟ ଅଧା ହ୍ରାସ ପାଇଥାଏ ଏବଂ ଏହି ପ୍ରଭାବ ପ୍ରାୟ ୪୦ ମିନିଟ୍ ପର୍ଯ୍ୟନ୍ତ ରହିଥାଏ। ଏହାର ଅର୍ଥ ହେଉଛି କ୍ରୋଧ କେବଳ ଏକ ଭାବପ୍ରବଣ ପ୍ରତିକ୍ରିୟା ନୁହେଁ ବରଂ ହୃଦୟ ପାଇଁ ଏକ ଶାରୀରିକ ବିପଦ ମଧ୍ୟ ସୃଷ୍ଟି କରିପାରେ। ତେବେ ଆସନ୍ତୁ ଜାଣିବା ଯେ ଏହା ଆପଣଙ୍କ ଶରୀରକୁ କିପରି ପ୍ରଭାବିତ କରେ। କ୍ରୋଧ ଅନ୍ୟ ନକାରାତ୍ମକ ଭାବନା ଅପେକ୍ଷା ହାର୍ଟ ଉପରେ ଭିନ୍ନ ଏବଂ ଅଧିକ ଶକ୍ତିଶାଳୀ ଭାବରେ ଚାପ ପକାଇଥାଏ।



ଯେତେବେଳେ ଆମେ କ୍ରୋଧିତ ହେଉ, ଶରୀରରେ କର୍ଟିସୋଲ ଏବଂ ଆଡ୍ରେନାଲିନ୍ ଭଳି ଚାପ ହରମୋନ୍ ଦ୍ରୁତ ଗତିରେ ବୃଦ୍ଧି ପାଏ। ଏହି ହରମୋନ୍ ଧମନୀଗୁଡ଼ିକର ଭିତର ଆବରଣକୁ ସଙ୍କୁଚିତ କରିଥାଏ, ଯାହା ରକ୍ତ ପ୍ରବାହକୁ ପ୍ରଭାବିତ କରିଥାଏ ଏବଂ ରକ୍ତଚାପ ବୃଦ୍ଧି କରିଥାଏ। ଅଧିକ ସମୟ ରାଗିବା ଦ୍ୱାରା, ଏହା ପ୍ଲାକ୍ ଜମା, ହୃଦଘାତ କିମ୍ବା ଷ୍ଟ୍ରୋକର ଆଶଙ୍କା ବଢ଼ାଇପାରେ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ କ୍ରୋଧକୁ ହାଲୁକା ଭାବରେ ନେବା ଭଲ ନୁହେଁ। ଯଦି ଜଣେ ବ୍ୟକ୍ତି ପ୍ରାୟତଃ ଚିଡ଼ିଚିଡ଼ା ହୁଅନ୍ତି କିମ୍ବା ଛୋଟ ଛୋଟ କଥାରେ କ୍ରୋଧିତ ହୁଅନ୍ତି, ତେବେ ତାଙ୍କୁ ଚାପ ପରିଚାଳନା କୌଶଳ ଗ୍ରହଣ କରିବା ଉଚିତ। ଗଭୀର ନିଶ୍ୱାସ ପ୍ରଶ୍ୱାସ, ନିୟମିତ ବ୍ୟାୟାମ, ଯୋଗ କିମ୍ବା ଧ୍ୟାନ ଭଳି କୌଶଳ ହୃଦୟକୁ ସୁରକ୍ଷା ଦେବାରେ ସାହାଯ୍ୟ କରିପାରେ। ଆବଶ୍ୟକ ହେଲେ, ପରାମର୍ଶଦାତା କିମ୍ବା ଚିକିତ୍ସକଙ୍କ ସହ କଥା ହେବା ମଧ୍ୟ ଲାଭଦାୟକ ହୋଇପାରେ।

# ଖାଲିପେଟରେ ସକାଳୁ ଖାଆନ୍ତୁ କଳାଜୀରା



ଭାରତ ମସଲାଯୁକ୍ତ ସମୃଦ୍ଧି ଦେଶ। ଯାହାର ଖାଦ୍ୟ-ପାନୀୟ ପାଇଁ ଭାରତ ଖୁବ୍ ପ୍ରସିଦ୍ଧ। ଭାରତୀୟ ଖାଦ୍ୟରେ ବ୍ୟବହାର ହେଉଥିବା ମସଲା କେବଳ ସ୍ୱାଦକୁ ବଢାଇ ନଥାଏ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। ଆମେ ରୋଷେଇରେ ବ୍ୟବହାର କରୁଥିବା ଅନେକ ମସଲା ଆମ ସ୍ୱାସ୍ଥ୍ୟ ଉପଯୋଗୀ ହୋଇଥାଏ। ରୋଷେଇ ଘରେ ଥିବା ଏହି ମସଲା ଖାଇବା ଦ୍ୱାରା ମେଦବହୁଳତା ହ୍ରାସ କରିବା ସହ ଡାଇବେଟିସ୍ ଏବଂ ବ୍ଲଡ ପ୍ରେସରକୁ ନିୟନ୍ତ୍ରଣରେ ରଖିଥାଏ। କଳାଜୀରା ଏପରି ଏକ ମସଲା ଯାହାକୁ ଔଷଧ ଭାବେ ବ୍ୟବହାର କରାଯାଇଥାଏ। କଳାଜୀରା ଦେଖିବାକୁ ଖୁବ୍ ଛୋଟ ହୋଇଥିଲେ ମଧ୍ୟ ଏହା ଆମକୁ ଅନେକ ଲାଭ ପ୍ରଦାନ କରିଥାଏ। ଆୟୁର୍ବେଦ ଅନୁସାରେ କଳାଜୀରା ଆମ ସୁସ୍ଥ ଶରୀର ପାଇଁ ମହୋଷଧି ଭାବେ କାମ କରେ। ଖାଲିପେଟରେ ଏହାକୁ ଖାଇବା ଦ୍ୱାରା ଆମ ଶରୀର ପାଇଁ ଅଧିକ ପ୍ରଭାବଶାଳୀ ହୋଇଥାଏ। ଏଥିରେ ଅନେକ ଗୁଣ ରହିଛି ଯାହା ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ। ତେବେ ଆସନ୍ତୁ ଏହା କେଉଁ ସବୁ ଲାଭ ପ୍ରଦାନ କରିଥାଏ ସେ ସମ୍ପର୍କରେ ଜାଣିବା।

**ଡାଇବେଟିସ୍ଃ** କଳାଜୀରାରେ ମଧୁମେହ ବିରୋଧୀ ଗୁଣ ରହିଛି। ଯାହା ଖାଇବା ଦ୍ୱାରା ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖିଥାଏ। ଏହା ଶରୀରରେ ଇନସୁଲିନର ସମ୍ବେଦନଶୀଳତାକୁ ବଢାଇଥାଏ। ତେଣୁ କଳାଜୀରା ଡାଇବେଟିସ୍ ପେସେଣ୍ଟଙ୍କ ପାଇଁ ବେଷ୍ଟ ହୋଇଥାଏ ବୋଲି ବିବେଚନା କରାଯାଏ।

**ଓଜନ ହ୍ରାସ କରେଃ** କଳାଜୀରାରେ ଥିବା ଗୁଣ ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଖାଲିପେଟରେ ଉଷୁମ ପାଣି ଏବଂ ମହୁ ସହିତ ଏହାକୁ ମିଶାଇ ଖାଇବା ଦ୍ୱାରା ଶରୀରରେ ଜମା ହୋଇ ରହିଥିବା ଅତିରିକ୍ତ ଚର୍ବି ହ୍ରାସ କରିଥାଏ।

**ହାର୍ଟ ଓ କୋଲେଷ୍ଟ୍ରୋଲ ପାଇଁ ଲାଭଦାୟକଃ** ଖରାପ କୋଲେଷ୍ଟ୍ରଲକୁ ହ୍ରାସ କରିବା ଏବଂ ଭଲ କୋଲେଷ୍ଟ୍ରଲକୁ ବୃଦ୍ଧି କରିବାରେ କଳାଜୀରା ସାହାଯ୍ୟ କରିଥାଏ। ଏଥିରେ ଓମେଗା ୩ ଫ୍ୟାଟି ଏସିଡ୍ ଥାଏ। ଯାହା ହାର୍ଟ ପାଇଁ ଲାଭଦାୟକ ହୋଇଥାଏ। ଏହାକୁ ନିୟମିତ ସେବନ କରିବା ଦ୍ୱାରା ହାର୍ଟ ଆଟାକ୍ ଭଳି ଆଶଙ୍କାକୁ କମାଇଥାଏ।

**କ୍ୟାନସରକୁ ରୋକେଃ** କଳାଜୀରାରେ କ୍ୟାନସର ରୋଗ ପ୍ରତିରୋଧୀ ଗୁଣ ରହିଛି। ଯାହା କ୍ୟାନସର କୋଷର ବୃଦ୍ଧିକୁ ରୋକିଥାଏ। ସକାଳେ ଖାଲିପେଟରେ କଳାଜୀରା ଖାଇବା ଦ୍ୱାରା ଶରୀର ଉପରେ ବହୁତ ପ୍ରଭାବଶାଳୀ ପ୍ରଭାବ ପଡିଥାଏ। ଏହା କ୍ୟାନସର ସହିତ ଲଢେଇ କରିବା ପାଇଁ ଖୁବ୍ ଉପଯୋଗୀ।

**ସ୍ମୃତି ଶକ୍ତିକୁ ବଢାଏଃ** କଳାଜୀରା ସେବନ ଏକଗ୍ରତା ବୃଦ୍ଧି କରିଥାଏ। କଳାଜିରାକୁ ମହୁ ସହିତ ସେବନ କରିବା ଦ୍ୱାରା ଆଲଜାଇମର ଭଳି ରୋଗର ଚିକିତ୍ସା ମଧ୍ୟ ହୋଇପାରେ। ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଭାଇରାଲ୍ ଗୁଣ ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ମଜବୁତ କରିଥାଏ। ଆସ୍ଥମା ଏବଂ ଦୀର୍ଘଦିନ ଧରି ଲାଗି ରହିଥିବା କାଶରୁ ଏହା ମୁକ୍ତି ମଧ୍ୟ ଦେଇଥାଏ। ଗ୍ୟାସ୍ ଓ କୋଷ୍ଠକାଠିନ୍ୟରେ ପୀଡିତ ଲୋକମାନଙ୍କ ପାଇଁ ଏହା ଉତ୍ତମ ବିକଳ୍ପ। ଏହାକୁ ନିୟମିତ ସେବନ କରନ୍ତୁ। ମାସକ ଭିତରେ ଏହାର ପ୍ରଭାବ ଦେଖିବାକୁ ପାଇବେ।

**କେଶ ଓ ଚର୍ମ ପାଇଁ ଲାଭକାରୀଃ** କଳାଜୀରାରେ ଥିବା ଗୁଣ ସ୍କିନ୍ ଏବଂ କେଶ ପାଇଁ ଲାଭକାରୀ ହୋଇଥାଏ। ଏହାର ତେଲ ପ୍ରସ୍ତୁତ କରି ଲଗାଇବା ଦ୍ୱାରା କେଶ ଝଡିବାରୁ ରୋକିବା ସହ କେଶ ମୂଳକୁ ମଜବୁତ କରିଥାଏ।

# ଔଷଧୀୟ ଗୁଣରେ ଭରପୂର ପାନମଧୁରୀ ଚା’

ଆମ ରୋଷେଇ ଘରେ ଏମିତି ଅନେକ କିଛି ଜିନିଷ ରହିଛି ଯାହା ଆମ ପାଇଁ ଖୁବ୍ ଲାଭଦାୟକ। ଅନେକ ରୋଷେଇ ସାମଗ୍ରୀ ଆମର ସ୍ୱାସ୍ଥ୍ୟଗତ ସମସ୍ୟାକୁ ଚୁଟକିରେ ଦୂର କରିଥାଏ। ସେହି ସବୁ ମଧ୍ୟରୁ ପାନମଧୁରୀ ଅନ୍ୟତମ। ପାନମଧୁରୀରେ ବହୁ ଔଷଧୀୟ ଗୁଣ ରହିଛି। ଯାହା ଆମ ଶରୀର ପାଇଁ ପ୍ରଭାବଶାଳୀ ହୋଇଥାଏ। ଆଚାରଠାରୁ ଆରମ୍ଭ କରି ମାଉଥ୍ ଫ୍ରେସନର୍ ଭାବେ ପାନମଧୁରୀ ଲୋକେ ଖାଇଥାନ୍ତି। ଯାହା ପାଟି ଦୁର୍ଗନ୍ଧଠାରୁ ଦୂରରେ ରଖେ। ଏଣୁ ପ୍ରାୟତଃ ସମସ୍ତେ ଏହାକୁ ବ୍ୟବହାର କରିଥାନ୍ତି। ପାନମଧୁରୀରେ କପର, ପୋଟାସିୟମ୍, କ୍ୟାଲସିୟମ୍, ଜିଙ୍କ୍, ମାଙ୍ଗାନିଜ୍, ଆଇରନ୍, ସେଲେନିୟମ୍, ମ୍ୟାଗ୍ନେସିୟମ୍ ସହ ଆଣ୍ଟି ଇନଫ୍ଲାମେଟୋରୀ, ଆଣ୍ଟି ମାଇକ୍ରୋବିୟଲ ଏବଂ ଆଣ୍ଟି ଅକ୍ସିଡେଣ୍ଟ ମଧ୍ୟ ପ୍ରଚୁର ପରିମାଣରେ ରହିଛି। ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ କରିଥାଏ। ସାଧାରଣତଃ ପାନମଧୁରୀ ଏବଂ ଏହାର ପାଣି ଲାଭକାରୀ ହୋଇଥାଏ ବୋଲି ଆମେ ଜାଣିଛେ। ସେହିପରି ଏହି ପାନମଧୁରୀର ଚା’ ମଧ୍ୟ ଆମ ଶରୀର ପାଇଁ ଫଳପ୍ରଦ ହୋଇଥାଏ। ବିଶେଷ କରି ଓଜନ କମାଇବାକୁ ଚାହୁଁଥିବା ଲୋକମାନେ ପାନମଧୁରୀର ଚା’ ପିଇପାରିବେ। ପାନମଧୁରୀ ଚା’ ଅନେକ ପେଟ ଜନିତ ସମସ୍ୟାକୁ ଦୂର କରିଥାଏ। ଏହା ଥକାପଣ ଭଳି ସମସ୍ୟାକୁ ମଧ୍ୟ ରୋକିବାରେ ସହାୟକ କରେ। ତେବେ ଆସନ୍ତୁ ଏହି ପାନମଧୁରୀ ଚା’ ପିଇବାର ଲାଭ ସମ୍ପର୍କରେ ଜାଣିବା।

**ପେଟ ଦରଜ ଏବଂ ଗ୍ୟାସରୁ ମୁକ୍ତିଃ** ପାନମଧୁରୀରେ ଆନେଥୋଲ ଭଳି ତତ୍ତ୍ୱ ରହିଛି। ଯାହା ପେଟ ମାଂସପେଶୀକୁ ଆରାମ ଦେଇଥାଏ। ଅନ୍ତନଳୀ ସମସ୍ୟାରୁ ମୁକ୍ତି କରିଥାଏ। ଖାଇବା ପରେ ଭାରୀ ଅନୁଭବ ହେଉଥିଲେ ଏହାକୁ ଆପଣମାନେ ଖାଇପାରିବେ। ମହିଳାମାନଙ୍କ ପିରିୟଡର୍ସ ପାଇଁ ଏହା ମଧ୍ୟ ଏକ ଉତ୍ତମ ଉପଚାର।

**ଥକ୍କାପଣ ଏବଂ ଆଳସ୍ୟ ଦୂର କରେଃ** ପାଚନ ପ୍ରକ୍ରିୟାରେ କୌଣସି ସମସ୍ୟା ଥିଲେ ପାନମଧୁରୀର ଚା’ ପିଅନ୍ତୁ। ପାନମହୁରୀ ଚା’ ପିଇବା ଦ୍ୱାରା ମେଟାବୋଲିଜିମ ବୃଦ୍ଧି ପାଇଥାଏ। ଯାହା ଆପଣଙ୍କୁ ତୁରନ୍ତ ଶକ୍ତି ପ୍ରଦାନ କରେ। ଥକ୍କାପଣ ଏବଂ ଆଳସ୍ୟ ଦୂର କରିବା ପାଇଁ ଖୁବ୍ ପ୍ରଭାବଶାଳୀ। ଏହା ଆଣ୍ଟିଅକ୍ସିଡାଣ୍ଟ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରି ଆପଣଙ୍କୁ ହାଲୁକା ଅନୁଭବ କରାଇଥାଏ।

**ଓଜନ ହ୍ରାସ କରେଃ** ବର୍ତ୍ତମାନ ସମୟରେ ୱେଟଲସ୍ ଉପରେ ସମସ୍ତେ ଗୁରୁତ୍ୱ ଦେଉଛନ୍ତି। ଯଦି ଆପଣ ଓଜନ କମାଇବାକୁ ଚାହାଁନ୍ତି ତେବେ ଏହି ସମସ୍ୟା ପାଇଁ ପାନମଧୁରୀ ଚା’ ବେଷ୍ଟ ହୋଇଥାଏ। ଯାହାକୁ ପିଇବା ଦ୍ୱାରା ଭୋକକୁ କମାଇଥାଏ। ଏଥିସହ ଅନାବଶ୍ୟକ କ୍ୟାଲୋରୀ ଗ୍ରହଣରୁ ମଧ୍ୟ ମୁକ୍ତି ଦେଇଥାଏ। ଯାହା ଶରୀରରୁ ବିଷାକ୍ତି ପଦାର୍ଥ ବାହାର କରି ଓଜନ କମ୍ କରିବାର ଯାତ୍ରାକୁ ସହଜ କରିଦେଇଥାଏ।

**ଶ୍ୱାସକ୍ରିୟାକୁ ଠିକ୍ ରଖେଃ** ପାନମହୁରିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଅଛି। ଯାହା ଫୁସଫୁସ ଏବଂ ଶ୍ୱାସକ୍ରିୟା ପାଇଁ ଭଲ ବୋଲି ପ୍ରମାଣିତ ହୋଇଛି। କଫ, କାଶ ହେବା ଦ୍ୱାରା ଶ୍ୱାସଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ଚା’ ପିଇବା ଫଳରେ ଏହି ସବୁ ସମସ୍ୟାରୁ ରକ୍ଷା କରିଥାଏ। ଏହା ଆସ୍ଥମା ଭଳି ସମସ୍ୟାରୁ ମଧ୍ୟ ଆରାମ ଦେଇଥାଏ।

**ସ୍କିନ୍ ସମସ୍ୟାରେ ଉନ୍ନତିଃ** ପାନମଧୁରୀ ଚା’ ଖାଲି ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ସ୍କିନ୍ ପାଇଁ ମଧ୍ୟ ବହୁ ଫଳପ୍ରଦ ହୋଇଥାଏ। ଯଦି ଆପଣଙ୍କର କିଛି ସ୍କିନ୍ ସମସ୍ୟା ଦେଖାଦେଉଛି ତେବେ ଆପଣ ନିଶ୍ଚିତ ଭାବରେ ଏହାକୁ ପିଇପାରିବେ । ଯାହା ଆପଣଙ୍କ ସ୍କିନ୍ ସମସ୍ୟାରୁ ଉପଶମ ଦେବ। ଉଜ୍ଜଳ ତ୍ୱଚା ପାଇଁ ପାନମଧୁରୀ ଚା’ ବେଶ୍ ଉପଯୋଗୀ। ଏହାକୁ ଖାଇବା ଦ୍ୱାରା ତ୍ୱଚାରେ ଜମା ହୋଇଥିବା ମଇଳାକୁ ବାହାର କରି ଚେହେରାରେ ଗ୍ଲୋ ଆଣିଥାଏ।



# ବ୍ୟବହାର ପୂର୍ବରୁ ଫାଟି ଆଁ କରିଛି ୫-ଟିରେ ନିର୍ମିତ କୋଠା



ଅନୁଗୋଳ,୨୩।୭(ସଂଚାର ବ୍ୟୁରୋ): ସରକାରୀ ସ୍କୁଲର ବିକଳ ଚିତ୍ର, ସେପଟେ ପ୍ରହସନ ପାଲଟିଛି ସରକାରଙ୍କ '୫ଟି' ରୂପାନ୍ତରୀକରଣ ଯୋଜନା । ଗୋଟିଏ ପଟେ ସ୍ମାର୍ଟ କ୍ଲାସର ରଙ୍ଗିନ ପିଲାଯାଉଥିବା ବେଳେ ଅନ୍ୟପଟେ ଦୀର୍ଘ ୪ ବର୍ଷରୁ ଅଧିକ ହେବ ୫ଟି କ୍ଲାସରୁମରେ ଝୁଲୁଛି ତାଲା । କେଉଁଠି ଭଙ୍ଗା ଚାଳିଆରେ ଗୋଷେଇ ହେଉଛି ତ ଆଉ କେଉଁଠି ପ୍ରଚଣ୍ଡ ଗରମରେ ବନ୍ଦିକୁ ବିଛଣା କରି ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। ଏଭଳି ଏକ ସାର୍ଙ୍ଗିକ ଚିତ୍ର ସାମ୍ନାକୁ ଆସିଛି ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡରୁ। ପାଲଲହଡ଼ା ଉପଖଣ୍ଡ ନମପସୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ। ୨୦୦୮ରୁ ହାଇସ୍କୁଲ ମାନ୍ୟତା ପାଇଥିବା ଏହି ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୨୩ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ୨୦୨୨ରେ ପ୍ରାୟ ୪୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଲା ୫ଟି ବିଲ୍ଡିଂ। ଏହି କୋଠାରେ ସ୍ମାର୍ଟ କ୍ଲାସ୍ ରୁମ୍‌ରେ ପାଠ ପଢ଼ିଆନ୍ତେ ନବମ ଓ ଦଶମ ଶ୍ରେଣୀ ପିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏହାର ଭର୍ଚୁଆଲ୍ ଉଦଘାଟନ ମଧ୍ୟ କରିଥିଲେ। ହେଲେ ଅତି ନିମ୍ନମାନର କାମ ଯୋଗୁଁ ବ୍ୟବହାର ପୂର୍ବରୁ କୋଠା ଫାଟି ଆଁ କରିଛି। ଦୁର୍ଘଟଣା ଆଶଙ୍କାରୁ ଏବାବତ ପାଇଁ ୨୦୨୨ ମାର୍ଚ୍ଚରୁ ଗାଁ ଲୋକ ଏଥିରେ ତାଲା ପକାଇ ଦେଇଛନ୍ତି। ଯାହା ଆଜି ପର୍ଯ୍ୟନ୍ତ ଖୋଲିନାହିଁ। ସେପଟେ ବିଦ୍ୟାଳୟରେ ବିଦ୍ୟୁତ ସଂଯୋଗ ବି ନାହିଁ। ଗରମରେ ବନ୍ଦିକୁ ବିଛଣା କରି ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି ପିଲା। ସମସ୍ୟା କେବଳ କ୍ଲାସରୁମରେ ସୀମିତ ନାହିଁ। ଏକ ଭଙ୍ଗା ଦଦରା ଚାଳିଆ ଘରେ ପିଲାଙ୍କ ପାଇଁ ପ୍ରସ୍ତୁତ ହେଉଛି ମଧ୍ୟାହ୍ନ ଭୋଜନ। ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଗାଁ ଲୋକ ଓ ଅଭିଭାବକ। ଜିଲ୍ଲା ପ୍ରଶାସନ ଓ ଗଣଶିକ୍ଷା ବିଭାଗ ତୁରନ୍ତ ଏହାର ସମାଧାନ ନକଲେ ଆଗାମୀ ଦିନରେ ଆନ୍ଦୋଳନର ଚେତାବନୀ ଦେଉଛନ୍ତି। ସରକାରୀ ଟଙ୍କା କିଭଳି ହରିଲୁଟ୍ ହେଉଛି ଏବଂ କୋମଳମତି ଶିଶୁଙ୍କ ଭବିଷ୍ୟତ ସହ କିଭଳି ଖେଳାଯାଉଛି, ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ନମପସୀ ସରକାରୀ ବିଦ୍ୟାଳୟ। ତୁରନ୍ତ ଛାତ୍ରଛାତ୍ରୀଙ୍କ ଏକ ସୁରକ୍ଷିତ ଶ୍ରେଣୀଗୃହ ଯୋଗାଇଦେବାକୁ ଦାବି ହୋଇଛି ।

# ବେଆଇନ ବାଲି ଗଦା ଉପରେ ପ୍ରଶାସନର ଚଢ଼ାଉ କେବେ ?



ତିର୍ତ୍ତୋଲ,୨୩।୭(ସଂଚାର ବ୍ୟୁରୋ): ପ୍ରଶାସନ ଧୋଇଆ ଅଞ୍ଚଳର ବେଆଇନି ବାଲିଗଦା ଗୁଡିକୁ ଜବତ କରିବା ପରେ ବାଲିମାଫିଆ ନୂତନ ଗୁପ୍ତ ସ୍ଥାନ ବାଛି ହଜାର ହଜାର ଟନ ବେଆଇନ ବାଲି ମହଜୁଦ ରଖିଛନ୍ତି, ଯାହା ପ୍ରଶାସନ ଟେର ପାଉନି। ତିର୍ତ୍ତୋଲ ତହସିଲି ଅନ୍ତର୍ଗତ ଗୋବିନ୍ଦିପୁର -ସରଣୀ ରାସ୍ତାର ଆବୁଆ ବଟ ମଠ ଠାରୁ ଅଲ୍ୟ ଗ୍ରାମକୁ ଯିବାରାସ୍ତା ର ମାତ୍ର ୮ ସହ ମିଟର ଦୂରରେ ସରକାରୀ ଗୋଚର ଜମିରେ ଜମା ହୋଇଛି ଏହି ଟନ ଟନ ବାଲି। ଚୋରା ବାଲି ମାଫିଆ ଙ୍କ ଉପରେ କୋଲର, ପୋର ଗଦେଇ ପଞ୍ଚାୟତ ରେ ଚୋରା ବାଲି ଗଦା ଉପରେ ଚଢାଉ ପରେ ତିର୍ତ୍ତୋଲର ଏହି ଅଞ୍ଚଳ କୁ ସୁରକ୍ଷିତ ମାନେ କରି ଟନ ଟନ ବାଲି ଖୋଲା ଆକାଶ ତଳେ ରଖା ଯାଇଛି। ଏହା କିଭଳି ରଖାଯାଇଛି ପ୍ରସାଶନ ଅଧିକାରୀ ଙ୍କ ସହ ହାତ ବାରିସ୍ ନା ତଳିଆ କର୍ମଚା ଙ୍କୁ ହାତ ଗୁଞ୍ଜା ଦେଇ ଦମ୍ଭରେ ଅଛନ୍ତି ମାଫିଆ ? ତିର୍ତ୍ତୋଲ ତହସିଲିଦାର ଓ ଜଗତସିଂହପୁର ଜିଲ୍ଲାପାଳ ଦୃଷ୍ଟି ପଡ଼ିଲେ ଏହିବାଲିର ରହସ୍ୟ ଓ ମାଲିକନା ଜଣାପଡ଼ିବ ସାଧାରଣ ରେ ଚର୍ଚ୍ଚା ହେଉଛି।

● ସହକାରୀ ଉଦ୍ୟାନରେ ୨୫ ଲକ୍ଷ

# ମୂଲ୍ୟର ଗୋଲାପ ବଗିଚା ଶ୍ରୀହୀନ!

ତିର୍ତ୍ତୋଲ,୨୩।୭(ସଂଚାର ବ୍ୟୁରୋ): ତିର୍ତ୍ତୋଲ ବ୍ଲକ ଗୋପିଆ କୁଦ ଠାରେ ଥିବା ଉଦ୍ୟାନ ବିଭାଗର ବାଙ୍ଗରା ନଡ଼ିଆ ଗବେଷଣା କେନ୍ଦ୍ରରେ ବିଭିର୍ଣ୍ଣ ଫଳ ବୃକ୍ଷକୁ ହଟାଇ ସେହିସ୍ଥାନରେ ନାନା ବେରଙ୍ଗର ଗୋଲାପ ଚାରା ଲଗେଇ ସୁନ୍ଦର ଗୋଲାପ ବଗିଚା ପ୍ରସ୍ତୁତ କରି ଜଗତସିଂହପୁର ଜିଲ୍ଲାରେ ଏକ ନମ୍ବର ହଟି କଲଚର ଫୁଲ ବଗିଚା ସୃଷ୍ଟି କରି ସହକାରୀ ଉଦ୍ୟନ ବିଭାଗ ବାହା ବାହା ନେବା ଉଦ୍ୟମ ଫସର ଫାଟି ଯାଇଛି ! ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ତିର୍ତ୍ତୋଲ ହଟି କଲଚର ଫାର୍ମ ମଧ୍ୟରେ ଥିବା ଗୋଲାପ ବଗିଚା ଶ୍ରୀହୀନ ଭଳି ଦେଖା ଯାଉଛି। ମିଳିଥିବା ସୂଚନା ଅନୁସାରେ ସରକାର ଙ୍କ ଜିଲ୍ଲା ଉଦ୍ୟନ ବିଭାଗ ପ୍ରାୟ ୨୫ ଲକ୍ଷ୍ୟ ଟଙ୍କା ବେୟ ଅଟକଳ ଦ୍ୱାରା ଚାରା କ୍ରୟ କରି ତିର୍ତ୍ତୋଲ ଫାର୍ମ କୁ ହସ୍ତାନ୍ତର କରିଥିଲେ, ଫାର୍ମ କର୍ତ୍ତୃପକ୍ଷ ଗୋଲାପ କିଆରି ପ୍ରସ୍ତୁତ କରିଥିଲେ ଅନେକ ଟଙ୍କା ବେୟ କରି ମାତ୍ର ଏବେ ଗୋଲାପ ବଗିଚା ଶ୍ରୀହୀନ ଦେଖାଯାଉଛି, ଶୁଣା ଯାଉଛି ଜଗତସିଂହପୁର ଉଦ୍ୟାନ ଜଣେ କରିତ୍ କର୍ମଚାରି ଏହି ଗୋଲାପ ଚାରା କିଣାରେ ସମ୍ପୃକ୍ତ ଅଛନ୍ତି ଯାହାକି କେଶ୍ ଟିକୁ ଚାପି ଦେବାକୁ ମଧ୍ୟ ଉଦ୍ୟମ ଆରମ୍ଭ କଲେଣି ! ଖାଲି ଗୋଲାପ ବଗିଚା ନୁହେଁ ଏକ ପ୍ରକାର ଦୟା ଆଲୁ ଚାରା ପାଇଁ ମଧ୍ୟ ୨୭ ଲକ୍ଷ୍ୟ ବେୟ କରାଯାଇଛି ! ହେଲେ



ଯତ୍ନ ଅଭାବରୁ ଦୟାଲୁ ଘାସ ବଣରେ ଲୁଚି ଗଲାଣି କଣ ଉତ୍ପାଦନ ହେବ ତାହା ଏବେ ବିଭାଗର ମହାଶୟ ଙ୍କୁ ଜଣା। ସେହିପରି ଉକ୍ତ ଫାର୍ମରେ, ଆମ୍ବ, ଲେମ୍ବୁ କଦଳୀ, ନଡ଼ିଆ, ବଗିଚାକୁ ହଟାଯାଇ ମନ୍ଦାର ବଗିଚା ପ୍ରସ୍ତୁତ କରାଯାଇଛି। ଅନେକ ସରକାରୀ ଅର୍ଥ ତିର୍ତ୍ତୋଲ ହାଟିକଲଚର ଫର୍ମରେ ବିନିଯୋଗ କରଯାଇଛି ୨୦୨୬ରେ କେତେ ଆୟ ଫୁଲ ବଗିଚାରୁ ସରକାର ପାଇବେ ଦେଖିବାକୁ ବାକି ରହିଲା।

# ପ୍ରାକ୍ତନ ବିଧାୟକଙ୍କ ରାସ୍ତାର ଅନୁସରଣ କଲେ ବର୍ତ୍ତମାନର ବିଧାୟକ



ବୈଶିଙ୍ଗା,୨୩।୭(ସଂଚାର ବ୍ୟୁରୋ): କେନ୍ଦୁଆ ପଞ୍ଚାୟତର ନୂତନ ଗୃହ ନିର୍ମାଣକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ଦୂର କରିବା ପାଇଁ ବର୍ତ୍ତମାନର ବିଧାୟକ ସନାତନ ବିଜୁଳି ନିଜେ ତା ୨୨.୧୧ .୨୪ ରିଖ ନୂତନ ଗୃହ ପାଇଁ ଯେଉଁ ସ୍ଥାନରେ ଶିଳାନ୍ୟାସ କରିଥିଲେ ସେ ସ୍ଥାନରେ ନ କରାଇ ଅନ୍ୟତ୍ର କରାଇବା ପାଇଁ ବେତନଟୀ ବିଡିଓ ଙ୍କ ଜରିଆରେ ଏକ ଗ୍ରାମସଭା ୨୪ ତାରିଖ ଶୁକ୍ରବାର ଡକାଇଛନ୍ତି। ଏହା ପୂର୍ବରୁ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର ଙ୍କ ନେତୃତ୍ୱରେ ଶତ୍ରୁଘନ ସିଂ ଙ୍କ ସମେତ ମୋହନପୁର, ଦଲଦଲି, ଚୁଆପଦା, ପଦ୍ମପୁର ଗ୍ରାମର କିଛି ଗ୍ରାମବାସୀ ଜିଲ୍ଲାପାଳ ଙ୍କୁ ଭେଟି ନୂତନ ସ୍ଥାନରେ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ଏହି ଗ୍ରାମସଭା କୁ ବିରୋଧ କରି କେନ୍ଦୁଆ ପଞ୍ଚାୟତର ଶତାଧିକ ଗ୍ରାମବାସୀ ଅସ୍ଥାୟୀ କାର୍ଯ୍ୟାଳୟ ସମ୍ମୁଖରେ ଆଜକୁ ସାତ ଦିନ ହେବ ଅହୋରାତ୍ର ଗଣଧାରଣା ରେ ବସିଛନ୍ତି। ତାଙ୍କର ଦାବି ହେଲା ଯେଉଁ ସ୍ଥାନରେ ଶିଳାନ୍ୟାସ କରାଯାଇଛି ସେହିଠାରେ ହିଁ ହେଉ। ଏଭଳି ଅଚଳାବସ୍ଥା ପାଇଁ ଦାୟୀ କିଏ ବୋଲି ଆଲୋଚନା ହେଉଛି।

# ଜଙ୍ଗଲ ଘେରା ଭୁତୁଗାଁକୁ ରାସ୍ତା ନିର୍ମାଣ କେବେ

● ଆଜିଯାଏ ଭଲ ରାସ୍ତା ନାହିଁ, ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ



କନ୍ଧମାଳ,୨୩।୭(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକର ଜାଲେଶ୍ ପଙ୍ଗା ଗ୍ରାମ ଅନ୍ତର୍ଗତ ଭୁତୁଗାଁ ଆଦିବାସୀ ଅଧ୍ୟୁଷିତ ଗାଁ କୁ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧାରୁ ବଞ୍ଚିତ ରହିଛି। ଜଙ୍ଗଲ ଘେରା ଏହି ଗାଁରେ ବାଘ, ଭାଲୁ ଭଳି ବନ୍ୟ ହିଂସ୍ର ଜନ୍ତୁଙ୍କ ଆତଙ୍କ ଥିବା ସତ୍ତ୍ୱେ ଗାଁକୁ ଯିବା ପାଇଁ ଏକ ଭଲ ରାସ୍ତା ମଧ୍ୟ ନାହିଁ। ପ୍ରାୟ ୨୫ରୁ ୩୦ଟି ପରିବାର ଏହି ଗାଁରେ ବସବାସ କରୁଥିବା ବେଳେ ଦୈନନ୍ଦିନ ଜୀବନରେ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଗାଁର ୬୦ରୁ ୭୦ ବର୍ଷ ବୟସର ବୃଦ୍ଧ ଓ ବୃଦ୍ଧାମାନେ ଭତ୍ତା ଟଙ୍କା ଆଣିବା ପାଇଁ ତୁମୁଡ଼ିବନ୍ଧକୁ ଯିବାକୁ ବାଧ୍ୟ ହେଉଛନ୍ତି। ସେହିପରି ରାସନ୍ ଚାଉଳ ଆଣିବା ପାଇଁ ମଧ୍ୟ ତୁମୁଡ଼ିବନ୍ଧ ଗାଁ ଉପରେ ନିର୍ଭର କରିବାକୁ ପଡୁଛି। ଛାତ୍ରଛାତ୍ରୀମାନେ ପାଠପଢ଼ା ପାଇଁ ଜାଲେଶ୍ ପଙ୍ଗାକୁ ଯାଉଥିବା ବେଳେ ଛୋଟ ଛୋଟ ଶିଶୁମାନଙ୍କୁ ଅଙ୍ଗନବାଡ଼ି ସେବା ପାଇଁ ଡ଼ଢଙ୍ଗ ଗାଁକୁ ଯିବାକୁ ପଡୁଛି। ଖରାପ ରାସ୍ତା ଯୋଗୁଁ ବର୍ଷାଦିନେ ଏହି ସମସ୍ୟା ଆହୁରି ଗୁରୁତର ହେଉଛି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଭୁତୁଗାଁ ଭଳି ଏକ ଆଦିବାସୀ ଗାଁରେ ସରକାର ଯୋଜନା ସାତ ସପନ ପାଲଟିଛି। ପ୍ରଶାସନିକ ଅବହେଳାକୁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମବାସୀମାନେ ଦୀର୍ଘ ଦିନ ଧରି ଭଲ ରାସ୍ତା ନିର୍ମାଣ ସହ ମୌଳିକ ସୁବିଧା ପ୍ରଦାନ କରିବା ନିମନ୍ତେ ଦାବି କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ହୋଇନାହିଁ। ଖବର ପ୍ରସାରଣ ପରେ ସରକାର ଓ ପ୍ରଶାସନ ଭୁତୁଗାଁ ପ୍ରତି ଦୃଷ୍ଟି ଦେଇ କେବେ ରାସ୍ତା ନିର୍ମାଣ କରିବେ, ତାହାକୁ ନେଇ ଗ୍ରାମବାସୀମାନେ ଅପେକ୍ଷାରେ ରହିଛନ୍ତି।

# ଲଗାଣ ବର୍ଷାରେ ଗଡ଼ିଲା ଗଛ, ଅଳ୍ପେକେ ବର୍ତ୍ତିଲେ ପରିବାର ଲୋକ

ନୀଳଗିରି,୨୩।୭(ସଂଚାର ବ୍ୟୁରୋ): ଦୀର୍ଘ୫ଦିନ ଧରି ନୀଳଗିରିର ଲାଗି ରହିଛି ଲଗାଣ ବର୍ଷା। ଫଳ ରେ ବିଭିନ୍ନ ସ୍ଥାନରେ ଛୋଟ, ବଡ଼ ଗଛ ଗଡ଼ିଆ ସହିତ ବିଲରେ ବିରାଟ ଘାଇ ସୃଷ୍ଟି ହୋଇଛି। ଏପରି ଅଘଟଣ ଗତକାଲି ବିଳମ୍ବିତ ରାତିରେନରଣପୁର ଗାଁ ରେଦେଖି ବାକୁ ମିଳିଛି।ସୂଚନାଯୋଗ୍ୟ ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ନରଣପୁର ଗାଁ ର ପୁଷ୍ପଲତା ରାଉତ(୪୫)ସମେତ ଝିଅ, ଜ୍ୱାଇଁ, ନାତି, ନାତୁଣୀ ଘରେ ଖାଇ ଶୋଇଥିବା ବେଳେ ରାତି୧ଘଟିକା ସମୟ ବିରାଟ କାୟ ଗଛ ଟି ଘର ପୂର୍ବ ପଟ ରେ ପଡ଼ିଥିଲା।ଏଥିରେ ପୁଷ୍ପଲତା ଙ୍କ ନିଦ ଭାଙ୍ଗିଯିବାରୁ ପରିବାର ଅନ୍ୟ ସଦସ୍ୟ ଙ୍କୁ ଧରି ଘରୁ ବାହାରି ଯାଇଥିଲେ।ଫଳରେ ଅଳ୍ପକେ ପରିବାର ଲୋକେ ମୃତ୍ୟୁ ମୁଖରୁ ବଞ୍ଚି ଯାଇଥିବା ଜଣାପଡ଼ିଛି। ଗଛ ଟି ଘର ଉପରେ ପଡ଼ିବା ଯୋଗୁଁ ପୂର୍ବ ପଟ ଟି ସମ୍ପୂର୍ଣ ଭାଙ୍ଗିଯାଇଛି।ଆଜି ଖବର ଓଡ୍ରାଫ, ଫାଇୟାର ଓ ରାଜସ୍ୱ ବିଭାଗ ପହଁଚି ଗଛ ଟି କାଟିବା ସହିତ କ୍ଷତିଗ୍ରସ୍ତ ପୁଷ୍ପଲତାକୁ ପଲିଥିନ ଦେଇଥିବାବେଳେ ସରକାର ନିୟମ ଅନୁଯାୟୀ ସାହାଯ୍ୟ ପାଇବେ ବୋଲି ବରମପୁରଆରଆଇ ଦୀପ୍ତି କାନ୍ତ ମଲ୍ଲିକ କହିଛନ୍ତି।



# ଭାରତୀୟ ମଜଦୁର ସଙ୍ଘର ପ୍ରତିଷ୍ଠା ଦିବସ ସମାରୋହ



କଳାହାଣ୍ଡି,୨୩।୭(ସଂଚାର ବ୍ୟୁରୋ): ରିଖ ଗୁରୁବାର ଦିନ ପୂର୍ତ୍ତ ବିଭାଗ ବଙ୍ଗଳା ନର୍ଲା ଠାରେ ଭାରତୀୟ ମଜଦୁର ସଂଘ ର ୭୨ ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ରେ କଳାହାଣ୍ଡି ଜିଲ୍ଲା ଆସିଷ୍ଟାଣ୍ଟ ଲେବର ଅଫିସର ଶ୍ରୀ ସନାତନ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେବକ୍ଷ ସହିତ ବିଶିଷ୍ଟ ସମାଜସେବୀ ପ୍ରଦୀପ ନାୟକ ଏବଂ ଭାରତୀୟ ମଜଦୁର ସଂଘ ର ରାଜ୍ୟ ସମ୍ପାଦକ ଶ୍ରୀ ବିଶ୍ୱରଂଜନ ସା ଯୋଗଦେଇଥିଲେ। ପ୍ରଥମେ ପୂର୍ତ୍ତ ବିଭାଗ ବଙ୍ଗଳା ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଭାରତୀୟ ମଜଦୁର ସଂଘ ୨୩ ଜୁଲାଇ ୧୯୫୫ ମସିହାରେ ପ୍ରତିଷ୍ଠା ହୋଇ ଆଜି ୭୨ ତମ ପ୍ରତିଷ୍ଠା ଦିବସ ପାଳନ କରୁଅଛି। ଭାରତ ବର୍ଷର ଏକ ନମ୍ବର ଶ୍ରମିକ ସଂଗଠନ ହେବାର ସଫଳତା ଶ୍ରୀ ବିଶ୍ୱରଂଜନ ସା ସମସ୍ତଙ୍କୁ ଉଦବୋଧନ ମାଧ୍ୟମରେ ଜଣେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ବିଭିନ୍ନ ଅଞ୍ଚଳର ନିର୍ମାଣ ଶ୍ରମିକ ମାନଙ୍କୁ ଶ୍ରମ କାର୍ଯ୍ୟାଳୟ କଳାହାଣ୍ଡି ତରଫରୁ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ତାପରେ ଏକ ଶୋଭାଯାତ୍ରା ମାଧ୍ୟମରେ ନଗର ପରିକ୍ରମା କରି ଗୋଷ୍ଠୀ ଉର୍ଣ୍ଣୟନ ଅଧିକାରୀ ନର୍ଲା ଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ପାଚିକା ସହୟିକା ମଜଦୁର ସଂଘ କଳାହାଣ୍ଡି ଜିଲ୍ଲା ସମ୍ପାଦିକା ବିମଳା ଗୌଡ଼, ନର୍ଲା ବ୍ଲକ ସଭାନେତ୍ରୀ ପ୍ରତିମା ଜାନି, ମଦନପୁର ରାମପୁର ବ୍ଲକ ସଭାନେତ୍ରୀ ସାବିତ୍ରୀ ମୁଣ୍ଡା, ଓଡିଶା କୃଷି ଏବଂ ଗ୍ରାମୀଣ ମଜଦୁର ସଂଘ ର ମଦନପୁର ରାମପୁର ବ୍ଲକ ସମ୍ପାଦକ ପ୍ରେମାନନ୍ଦ ମାଝୀ, ନର୍ଲା ବ୍ଲକ ସମ୍ପାଦକ ଅଭି ନାଗ, ଭାରତୀୟ ମଜଦୁର ସଂଘ ର ସନ୍ୟାସ ପ୍ରଧାନ, ଶୁଭ ଥାପା ଏବଂ ସି ଆର ପି ସଂଘ ର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ମହିଳା ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ, ଯୁକ୍ତ ୨ ଛାତ୍ରୀଙ୍କୁ ସ୍ୱାଗତ

ଭଞ୍ଜନଗର,୨୩।୭ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଭଞ୍ଜନଗରସ୍ଥ ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଗୁରୁବାର 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଯୁକ୍ତ ୨ ପ୍ରଥମ ବର୍ଷର ନୂତନ ଛାତ୍ରୀମାନଙ୍କୁ ମଧ୍ୟ କଲେଜ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ପୃଥକ୍ ପୃଥକ୍ ଭାବେ ଦୁଇଟି ସଭା ଆୟୋଜିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ପ୍ରଧାନ ଉଭୟ ସଭାରେ ଅଧ୍ୟକ୍ଷତା କରି ଶକ୍ତିଶ୍ରୀ ଯୋଜନାର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ନୂତନ ଛାତ୍ରୀମାନେ ଶୃଙ୍ଖଳିତ ଜୀବନ ବିତାଇବା ସହ ଉତ୍ତମ ପାଠପଢ଼ି ଭବିଷ୍ୟତରେ ଜଣେ ଭଲ ମଣିଷ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଶକ୍ତିଶ୍ରୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ଅଳକା ମଞ୍ଜରୀ ପଟ୍ଟନାୟକ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା ଓ ଅଧିକାର ପାଇଁ ଆଇନରେ ଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ଏହି ଯୋଜନା ମହିଳାମାନଙ୍କ ପାଇଁ ଏକ ବହୁପଯୋଗୀ ପଦକ୍ଷେପ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀଣୀ ଉର୍ମିଳା ପାଟଯୋଷୀ, ଷ୍ଟାଫ୍ କାଉନସିଲ୍ ସେକ୍ରେଟାରୀ ସନ୍ଧ୍ୟାରାଣୀ ପ୍ରଧାନ ଏବଂ ଏକାଡେମିକ୍ ବରସର ଡ. ସୁଶାନ୍ତ କୁମାର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଏସଏମସି ଗଠନକୁ ନେଇ ଅନିୟମିତତା ଅଭିଯୋଗ



ବାଲିକୁଦା,୨୩।୭ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅଧୀନସ୍ଥ ରାହାଣ ଗ୍ରାମ ପଞ୍ଚାୟତର ବସନ୍ତ ପାଟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବିଦ୍ୟାଳୟ ପରିଚାଳନା କମିଟି ଗଠନକୁ ନେଇ ଅନିୟମିତତା ଅଭିଯୋଗ ଉଠିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ନୂତନ ପରିଚାଳନା କମିଟି ଗଠନ ସମୟରେ ସରକାରୀ ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରାଯାଇ ଅନୁପସ୍ଥିତ ଥିବା କେତେକ ବ୍ୟକ୍ତିଙ୍କୁ କମିଟିର ସଦସ୍ୟ ଭାବେ ଚୟନ କରାଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ବାଲିକୁଦା ବ୍ଲକ ଶିକ୍ଷା ଅଧିକାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଯାଇଛି। ଏହାଛଡ଼ା ବିଦ୍ୟାଳୟରେ ମୋଟ ୨୨ ଜଣ ଛାତ୍ରଛାତ୍ରୀ ନାମ ନଥିଭୁକ୍ତ ଥିବାବେଳେ ପ୍ରତିଦିନ ପ୍ରକୃତରେ ମାତ୍ର ୪ରୁ ୫ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ରହୁଥିବା ଅଭିଯୋଗ କରାଯାଇଛି। କିନ୍ତୁ ଉପସ୍ଥାନ ଖାତାରେ ସମସ୍ତ ୨୨ ଜଣଙ୍କ ଉପସ୍ଥିତି ଦର୍ଶାଇ ମଧ୍ୟାହ୍ନ ଭୋଜନ ବାବଦରେ ଆସୁଥିବା ଅର୍ଥରେ ଅନିୟମିତତା କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ୱାର୍ଡ ସଭ୍ୟାଙ୍କ ସମେତ ସୁବୋଧ ବିଶ୍ୱାଳ, ପ୍ରକାଶ ପ୍ରଧାନ ପ୍ରମୁଖ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ବର୍ତ୍ତମାନର କମିଟିକୁ ବାତିଲ କରି ସରକାରୀ ନିୟମାନୁସାରେ ପୁନର୍ବାର କମିଟି ଗଠନ କରିବାକୁ ଦାବି ଜଣାଇଛନ୍ତି। ଅନ୍ୟପକ୍ଷରେ, ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ଦାସ ଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପୂର୍ଣ୍ଣ ସରକାରୀ ଗାଇଡ୍‌ଲାଇନ୍ ଅନୁସାରେ ଗଠନ କରାଯାଇଛି ଏବଂ ଏଥିରେ କୌଣସି ପ୍ରକାର ଅନିୟମିତତା କିମ୍ବା ଚଞ୍ଚକତା ହୋଇନାହିଁ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବାବେଳେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଏହାର ନିରପେକ୍ଷ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

# ମହାତ୍ମା ଗାନ୍ଧି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବୈଶିଙ୍ଗା,୨୩।୭(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଦିନ +୨ ପ୍ରଥମ ବର୍ଷ କଳା ଓ ବିଜ୍ଞାନ ପିଲାମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବରେ ଅଧ୍ୟକ୍ଷ ଇଂରାଜୀ ବିଭାଗର ବରିଷ୍ଠ ପ୍ରଧ୍ୟାପକ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ବେହେରା ପ୍ରାରମ୍ଭିକ ଭାଷଣ ପ୍ରଦାନ କରି କିପରି ଛାତ୍ରଛାତ୍ରୀ ନିଜକୁ ସଚେତନ ରଖି ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବେ, ଅଭିଭାବକ ମାନଙ୍କର ଆଶୀର୍ବାଦ ନେବେ, ନିଜର କର୍ମକୁ ଅଗ୍ରାଧିକାର ଦେଇ ନିଜର ଓ ବାପା ମା ଙ୍କର ସ୍ୱପ୍ନକୁ ସାକାର କରି ନିଜର ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରେରଣା ଦେବା ସହିତ ଅନୁଷ୍ଠାନରେ ଉପଯୁକ୍ତ ଶୈକ୍ଷିକ ପରିବେଶ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉପସ୍ଥିତ ଥିବା ବିଭିନ୍ନ ବିଭାଗୀୟ ପ୍ରାଧ୍ୟାପକ, ଅଧ୍ୟାପକ ଓ ଅଧ୍ୟାପିକା ନିଜ ନିଜର ପରିଚୟ ଏବଂ ଦାୟିତ୍ୱ ସମ୍ପର୍କରେ ସୂଚନା ଦେଇ ନିଜର ମନ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ଓ ଚାରିତ୍ରିକ ବିକାଶ ଏବଂ ଭବିଷ୍ୟତରେ ସଫଳତା ହାସଲ କରିବାପାଇଁ ପ୍ରେରଣା ଯୋଗେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନର ଅଧ୍ୟାପକ ବିଜୟ କୁମାର ତ୍ରିପାଠୀ ସଂଯୋଜନା କରିଥିବା ବେଳେ ଇତିହାସ ବିଭାଗର ଅଧ୍ୟାପକ ଡ଼ଃ ହରେକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସଭାକୁ ସଫଳ ରୂପାୟନ କରିଥିଲେ। ଶେଷରେ ନବାଗତ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ୮୦ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ବାରିପଦା,୨୩।୭ (ସଂଚାର ବ୍ୟୁରୋ): ଆଗାମୀ ୮୦ତମ ସ୍ୱାଧୀନତା ଦିବସର ଜିଲ୍ଲାସ୍ତରୀୟ ପାଳନକୁ ସୁଚାରୁ ଓ ସୁପରିଚାଳିତ ଭାବେ ଆୟୋଜନ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାଧୀନତା ଦିବସ ପାଳନ ସମ୍ପର୍କିତ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଓ ପ୍ରସ୍ତୁତି ଉପରେ ବିସ୍ତୃତ ସମୀକ୍ଷା କରାଯିବା ସହ ସମସ୍ତ ବିଭାଗକୁ ନିର୍ଦ୍ଧାରିତ ଦାୟିତ୍ୱ ସଫଳତାର ସହ ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା। ଚଳିତ ବର୍ଷ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସର ମୁଖ୍ୟ ସମାରୋହ ରିଜର୍ଭ ପୋଲିସ ପ୍ୟାରେଡ୍ ପଡ଼ିଆରେ ଅନୁଷ୍ଠିତ ହେବ। ସେହିଦିନ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ସଙ୍ଗୀତ ପରିବେଷଣ କରାଯାଇ ସହର



ପରିକ୍ରମା କରାଯିବ। ସକାଳ ୯.୧୫ ଘଟିକାରେ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିବେ। ସ୍ୱାଧୀନତା ଦିବସ ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ ଓ ସୃଜନଶୀଳ ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉତ୍କଳ ବାଳାଶ୍ରମ ଏବଂ ଅନ୍ୟାନ୍ୟ ଅନୁଷ୍ଠାନରେ ବିଭିନ୍ନ ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହଯୋଗରେ ଫଳ ବଣ୍ଟନ କରାଯିବ। ସେହିପରି ସନ୍ଧ୍ୟାରେ ଶହୀଦ ସ୍ମୃତି ଭବନ ପରିସରରେ ପୁରସ୍କାର ବିତରଣ ଉତ୍ସବ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ସୁବର୍ଣ୍ଣପୁର,୨୩।୭ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ରାମେଶ୍ୱର ଷ୍ଟାଡିଅମ ଠାରେ ଆୟୋଜନ ହେବାକୁ ଥିବା ଜିଲ୍ଲା ସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଡ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ-ଜିଲ୍ଲା ପରିଷଦ ଅଶ୍ୱିନୀ ମେହେର, ପୌର ପରିଷଦ ଅଧକ୍ଷା ଶ୍ରୀମତୀ ତାମସୀ ତାମସ୍ମିତା ନାଏକ, ଉପ ଜିଲ୍ଲାପାଳ ଡ ସୌମ୍ୟରୂପା ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଙ୍କ ସମେତ ପ୍ରମୁଖ ବିଭାଗୀୟ ଅଧିକାରୀ, ସମସ୍ତ ସ୍କୁଲ ଓ କଲେଜର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ସମାଜସେବୀ, ଶିକ୍ଷାବିତ, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମଚାରୀ ଉପସ୍ଥିତଥିଲେ। ଏହାକୁ କିପରି ମହାସମାରୋହରେ ପାଳନ କରାଯିବ ସେହି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରାତଃ ୪.୩୦ ମି. ସମୟରେ ସହରର ସବୁ ଅଞ୍ଚଳରେ ରାମଧୂନ ପରିବେଷଣ କରାଯିବ।

**ସିଙ୍ଗଲ ୱିଣ୍ଡୋ କମିଟି ବୈଠକରେ ଅବହେଳିତ କଳାହାଣ୍ଡି**

# କୁଆଡ଼େ ଗଲା ଟେକ୍ସଟାଇଲ ପାର୍କ ପ୍ରତିଶ୍ରୁତି



କେସିଙ୍ଗା,୨୩।୭(ସଂଚାର ବ୍ୟୁରୋ): ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କମିଟି ବୈଠକରେ କଳାହାଣ୍ଡି କୁ ବଡ଼ ପ୍ରକଳ୍ପ ରୁ ବଞ୍ଚିତ କରାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। କଳାହାଣ୍ଡି ଉତ୍ସବ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ର କପାର ମାନ ଓ ଉତ୍ପାଦନ କୁ ପ୍ରଶଂସା କରିବା ସହ ଜିଲ୍ଲାରେ ଏକ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ହେବ ବୋଲି ଘୋଷଣା କରି ଏହା ଦ୍ୱାରା ହଜାର ହଜାର ଲୋକ ଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଏହି ଘୋଷଣାକୁ କଳାହାଣ୍ଡି ବାସୀ ସ୍ୱାଗତ କରିଥିଲେ। ହେଲେ ଏବେ ସେହି ପ୍ରତିଶ୍ରୁତିର ବାସ୍ତବ ରୂପାୟନ କୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟ ପକ୍ଷରେ ଗତଥର ବଲାଙ୍ଗୀର ରେ ସୂତାକଳ ପାଇଁ ଘୋଷଣା କରିଥିବାବେଳେ ଏଥର ମଧ୍ୟ ପୋଷାକ ଉତ୍ପାଦନ ସମ୍ପର୍କିତ ପ୍ରକଳ୍ପ ପାଇଁ ଘୋଷଣା କରାଯାଇଛି। ନୂଆପଡ଼ା ରେ ଖାଇବା ତେଲ କାରଖାନା ପାଇଁ ପ୍ରକଳ୍ପ ଘୋଷଣା କରାଯାଇଛି। ହେଲେ କଳାହାଣ୍ଡିରେ ବହୁ ପରିମାଣ ରେ 'ଧଳା ସୁନା, କପା ଉତ୍ପାଦନ ହେଉଥିବା ସତ୍ତ୍ୱେ ବୟନଶିଳ୍ପ ପାଇଁ ଆବଶ୍ୟକ ଭିତ୍ତିଭୂମୀ ଥିବା ଏହି ଜିଲ୍ଲା କୁ କାହିଁକି ପ୍ରକଳ୍ପ ଦିଆଯାଉ ନାହିଁ ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଠିଛି। କେସିଙ୍ଗା ରେ ଅଧପନ୍ତରିଆ ହୋଇ ପଡ଼ିଥିବା ସୂତାକଳର ପୁନରୁଦ୍ଧାର୍ କରାଗଲେ କଳାହାଣ୍ଡି ଜିଲ୍ଲାରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। କେସିଙ୍ଗା ଅଞ୍ଚଳରେ ଶିଳ୍ପ ପାଇଁ ଆବଶ୍ୟକ ଜମି, ଜଳ, ସଡ଼କ, ରେଳ ଓ ବିମାନ ଯୋଗାଯୋଗ ଭଳି ଭିତ୍ତି ଭୂମି ଉପଲବ୍ଧ ଥିବାରୁ ଏଠାରେ ଏକ ବୃହତ୍ ଟେକ୍ସଟାଇଲ ପାର୍କ କରାଯାଇ ପାରିବ ବୋଲି ଲୋକେ ମତ ଦେଇଛନ୍ତି। ଏପରିକି ପୂର୍ବରୁ ଅଧିଗ୍ରହଣ ହୋଇଥିବା ଜମିରେ ଏକ ବଡ଼ ଟେକ୍ସଟାଇଲ୍ ପାର୍କ ସହ ଏହାକୁ ଆଧାର କରି ଅନେକ ସହଯୋଗୀ ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ। କଳାହାଣ୍ଡିରେ ଶିଳ୍ପ ପ୍ରତିଷ୍ଠାର ସମ୍ଭାବନା ଥିବା ସତ୍ତ୍ୱେ ଏ ଦିଗରେ ସରକାରଙ୍କ ଆବଶ୍ୟକ ଉଦ୍ୟମ ଦେଖାଯାଉଥିବା ଅଭିଯୋଗ ହୋଇଛି। ଶିଳ୍ପ ନିଯୁକ୍ତିର ଅଭାବରୁ ଜିଲ୍ଲାର ବହୁ ଲୋକ ଗୁଜୁରାଟ ସମେତ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବାବେଳେ ଟେକ୍ସଟାଇଲ୍ ଶିଳ୍ପ ପ୍ରତିଷ୍ଠା ହେଲେ ଏହି ସମସ୍ୟାରେ ଅନେକ ମାତ୍ରାରେ ସୁଧାର ଆସିପାରିବ ବୋଲି ପ୍ରକାଶ ପାଇଛି।